
# ଆମ ବିଚିତ୍ର ବିଶ୍ୱ

## ପଞ୍ଚମ ଶ୍ରେଣୀ

### ଆମ ଚତୁଃପାର୍ଶ୍ୱର ପୃଥିବୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର



ମୋ ନାମ:.........................................................

ମୋ ବାପାଙ୍କ ନାମ :.................................................

ମୋ ମା'ଙ୍କ ନାମ :..................................................

ମୋ ବିଦ୍ୟାଳୟର ନାମ:................................................

ମୋ ଶ୍ରେଣୀ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ନାମ :

.......................................................................

DRAFT

ମୋ ଗାଁ / ସାହିର ନାମ : ................................................



# ଆମ ବିଚିତ୍ର ବିଶ୍ୱ

## ପଞ୍ଚମ ଶ୍ରେଣୀ

## ଆମ ଚତୁଃପାର୍ଶ୍ୱର ପୃଥିବୀ

DRAFT

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# ଆମ ବିଚିତ୍ର ବିଶ୍ୱ

**ପଞ୍ଚମ ଶ୍ରେଣୀ**

**ଆମ ଚତୁଃପାର୍ଶ୍ୱର ପୃଥିବୀ**

ପରୀକ୍ଷାମୂଳକ ସଂସ୍କରଣ ୨୦୨୬

**ସମ୍ପାଦକ ମଣ୍ଡଳୀ :**
ଶ୍ରୀ ନିରଞ୍ଜନ ପାତ୍ର
ଶ୍ରୀ ରାଜକିଶୋର ପଣ୍ଡା
ଡ. ନମିତା ମହାପାତ୍ର
ଶ୍ରୀମତୀ ଦେବସ୍ମିତା ମହାରଥି
ଶ୍ରୀମତୀ କଳ୍ପନା ସାହୁ

**ସମୀକ୍ଷକ ମଣ୍ଡଳୀ :**
ଶ୍ରୀ ଉତ୍କଳ ରଞ୍ଜନ ମହାନ୍ତି
ଶ୍ରୀ ରାଜକିଶୋର ପଣ୍ଡା
ଶ୍ରୀ ଅମ୍ବିକା ପ୍ରସାଦ ଷଡ଼ଙ୍ଗୀ
ଡ. ନମିତା ମହାପାତ୍ର

**ସଂଯୋଜିକା :**
ଶ୍ରୀମତୀ ଚନ୍ଦ୍ରିକା ନାୟକ

**ବିଷୟ ବିଶେଷଜ୍ଞ :**
ଡଃ. କିଶୋର ଚନ୍ଦ୍ର ମହାନ୍ତି

**ମୁଖ୍ୟ ସଂଯୋଜିକା :**
ଡ. ସବିତା ସାହୁ

DRAFT

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :** **ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର**

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି-୨୦୨୦ରେ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ବିଦ୍ୟାଳୟ ଶିକ୍ଷାର ମୌଳିକ ପର୍ଯ୍ୟାୟ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ କରିବା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରେ । ଏହା ଶିକ୍ଷାର୍ଥୀମାନଙ୍କୁ କେବଳ ଆମ ଦେଶର ନୀତି ଏବଂ ସାମ୍ବିଧାନିକ ବ୍ୟବସ୍ଥାରେ ଥିବା ଅମୂଲ୍ୟ ସଂସ୍କାରଗୁଡ଼ିକ ଗ୍ରହଣ କରିବାରେ ସକ୍ଷମ କରେ ତାହା ନୁହେଁ, ବରଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ମୌଳିକ ଦକ୍ଷତାଗୁଡ଼ିକ ହାସଲ କରିବାରେ ସକ୍ଷମ କରେ । ଏହି ଭିତ୍ତିଭୂମି ସେମାନଙ୍କୁ ପ୍ରସ୍ତୁତି ପର୍ଯ୍ୟାୟରେ ଅଧିକ ଆହ୍ୱାନମୂଳକ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ କରେ ।

ପ୍ରସ୍ତୁତି ପର୍ଯ୍ୟାୟ (ଯାହାକି ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତିନି ବର୍ଷର ଅବଧି ଅଟେ), ମୌଳିକ ଓ ମଧ୍ୟ ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରେ । ଏହି ପର୍ଯ୍ୟାୟରେ ପ୍ରଦାନ କରାଯାଉଥିବା ଶିକ୍ଷା, ମୌଳିକ ପର୍ଯ୍ୟାୟର ଶୈକ୍ଷିକ ପନ୍ଥା ଆଧାରିତ । ଏହି ପର୍ଯ୍ୟାୟରେ କ୍ରୀଡ଼ାଭିତ୍ତିକ, ଆବିଷ୍କାରମୂଳକ ଏବଂ ଶିକ୍ଷଣ କାର୍ଯ୍ୟଭିତ୍ତିକ ପନ୍ଥାର ବ୍ୟବହାର ସହିତ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟପୁସ୍ତକ ତଥା ଔପଚାରିକ ଶ୍ରେଣୀଗୃହ ବ୍ୟବସ୍ଥା ସହ ପରିଚିତ କରାଯାଏ । ଏହି ପରିଚୟ ପାଠ୍ୟକ୍ରମ କ୍ଷେତ୍ରଗୁଡ଼ିକରେ ଏକ ଭିତ୍ତିଭୂମି ସ୍ଥାପନ କରିବା, ସାମଗ୍ରିକ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ପଢ଼ିବା, ଲେଖିବା, କହିବା, ଚିନ୍ତା କରିବା, ଚିତ୍ର ଆଙ୍କିବା, ଗୀତ ଗାଇବା ଓ ଖେଳିବା ମାଧ୍ୟମରେ ନିଜକୁ ଆବିଷ୍କାର କରିବାର ଲକ୍ଷ୍ୟ ରଖିଛି । ଏହି ବ୍ୟାପକ ପନ୍ଥା ଶାରୀରିକ ଶିକ୍ଷା, କଳା ଶିକ୍ଷା, ପରିବେଶ ଶିକ୍ଷା, ଭାଷା, ଗଣିତ, ମୌଳିକ ବିଜ୍ଞାନ ଓ ସାମାଜିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରେ ଏବଂ ଶିକ୍ଷାର୍ଥୀମାନଙ୍କୁ ଉଭୟ ବୌଦ୍ଧିକ- ସମ୍ବେଦନଶୀଳ ଏବଂ ଶାରୀରିକ-ଆବେଗିକ ସ୍ତରରେ ଉତ୍ତମ ରୂପେ ପ୍ରସ୍ତୁତିକୁ ନିଶ୍ଚିତ କରେ ଯାହାଫଳରେ ସେମାନେ ସହଜରେ ମଧ୍ୟ ପର୍ଯ୍ୟାୟକୁ ପ୍ରବେଶ କରିପାରିବେ ।

ଜାତୀୟ ଶିକ୍ଷାନୀତି-୨୦୨୦ର ଅନୁମୋଦନ କ୍ରମେ ପ୍ରସ୍ତୁତ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୨୩ ରେ ପ୍ରସ୍ତୁତି ପର୍ଯ୍ୟାୟରେ ଆମ ଚତୁଃପାର୍ଶ୍ୱର ପୃଥିବୀ ନାମକ ଏକ ନୂତନ ବିଷୟକୁ ସ୍ଥାନିତ କରାଯାଇଛି । ଏହି ବିଷୟର ଲକ୍ଷ୍ୟ ହେଉଛି- ଅଭିଜ୍ଞତା-ଭିତ୍ତିକ ପନ୍ଥା (ଯାହା ଶିକ୍ଷାର୍ଥୀମାନଙ୍କ ଅଭିଜ୍ଞତାକୁ ମଧ୍ୟପର୍ଯ୍ୟାୟରେ ପଢ଼ିବାକୁ ଥିବା ବିଭିନ୍ନ ବିଷୟର ମୌଳିକ ଧାରଣାଗୁଡ଼ିକ ସହ ସଂଯୋଗ କରିଥାଏ) ମାଧ୍ୟମରେ ପରିବେଶ ଶିକ୍ଷା ପ୍ରଦାନ କରିବା ।

"ଆମ ଚତୁଃପାର୍ଶ୍ୱର ପୃଥିବୀ" ବିଷୟର ପାଠ୍ୟପୁସ୍ତକ- "ଆମ ବିଚିତ୍ର ବିଶ୍ୱ", ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନର ଅଭିଜ୍ଞତାକୁ ବିଭିନ୍ନ ବିଷୟ କ୍ଷେତ୍ର ଯଥା ବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ପରିବେଶ ଶିକ୍ଷାର ମୌଳିକ ଧାରଣା ସହିତ ସଂଯୋଗ କରିବାରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ପରିବେଶ ପ୍ରତି ସେମାନଙ୍କର ସମ୍ବେଦନଶୀଳତା ବୃଦ୍ଧି କରିବା, ଗୋଷ୍ଠୀ ସଦସ୍ୟଙ୍କ ସହ ମିଶି କାର୍ଯ୍ୟ କରିବାର କୌଶଳର ବିକାଶ କରିବା ଏବଂ ବିଭିନ୍ନ ବୃତ୍ତି ପ୍ରତି ସକାରାତ୍ମକ ମନୋଭାବର ବିକାଶ କରିବା ଏହାର ଲକ୍ଷ୍ୟ ।

ଏନ୍‌ସିଏଫ୍- ଏଫ୍‌ଏସ୍- ୨୦୨୨ ଓ ଏନ୍‌ସିଏଫ୍- ଏସ୍‌ଇ-୨୦୨୩କୁ ଭିତ୍ତିକରି ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷା ପାଇଁ ଓଡ଼ିଶା ପାଠ୍ୟକ୍ରମ ରୂପରେଖ- ୨୦୨୫ ପ୍ରସ୍ତୁତ କରାଯାଇଛି ।

ଆମ ରାଜ୍ୟରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ- ୨୦୨୫ ଅନୁଯାୟୀ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି !

ଏହି ବିକାଶାତ୍ମକ ପର୍ଯ୍ୟାୟ ପାଇଁ ଆବଶ୍ୟକ ଧାରଣାଗତ ବୋଧଗମ୍ୟତା, ବିଶ୍ଳେଷଣାତ୍ମକ ଚିନ୍ତନ, ସୃଜନଶୀଳତା ଏବଂ ମୂଲ୍ୟବୋଧ ଓ ସ୍ୱଭାବ ଉପରେ ଏହି ପୁସ୍ତକ ଗୁରୁତ୍ୱ ଦିଏ । ଏଥିରେ ଅନ୍ତର୍ଭୁକ୍ତିକରଣ, ବହୁଭାଷିକତା, ଲିଙ୍ଗଗତ ସମାନତା, ସାଂସ୍କୃତିକ ଭିତ୍ତି, ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟା ଉପକରଣ ଏବଂ ବିଦ୍ୟାଳୟ-ଭିତ୍ତିକ ଆକଳନକୁ ସମନ୍ୱିତ କରିବା

ଭଳି କ୍ରସ୍-କଟିଙ୍ଗ ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରାଯାଇଛି । ତୃତୀୟ ଓ ଚତୁର୍ଥ ଶ୍ରେଣୀରେ, ଶିକ୍ଷାର୍ଥୀମାନେ ଆମ ସମାଜ, ଆମ ଚତୁଃପାର୍ଶ୍ୱର ଜୀବନ, ସ୍ୱାସ୍ଥ୍ୟ ଓ ସୁସ୍ଥତା, ଆମ ଚତୁଃପାର୍ଶ୍ୱର ବସ୍ତୁ ଓ ଆମ ପରିବେଶ ଏକକଗୁଡ଼ିକ ସହ ପରିଚିତ ହୋଇଥିଲେ । ପଞ୍ଚମ ଶ୍ରେଣୀ, ଯାହାକି ପ୍ରସ୍ତୁତି ପର୍ଯ୍ୟାୟର ଶେଷ ଶ୍ରେଣୀ, ଶିକ୍ଷାର୍ଥୀମାନଙ୍କୁ ମଧ୍ୟପର୍ଯ୍ୟାୟ ପାଇଁ ପୂର୍ଣ୍ଣ ଭାବରେ ପ୍ରସ୍ତୁତ କରିଥାଏ । ମଧ୍ୟ ପର୍ଯ୍ୟାୟରେ ବିଜ୍ଞାନ ଓ ସାମାଜିକ ବିଜ୍ଞାନକୁ ଅଲଗା ଅଲଗା ବିଷୟ ଭାବରେ ପଢ଼ିବା ପାଇଁ ପ୍ରସ୍ତୁତ କରିବାରେ ଏହି ପର୍ଯ୍ୟାୟରେ ଶିକ୍ଷାର୍ଥୀମାନଙ୍କର ଉକ୍ତ ବିଷୟଗୁଡ଼ିକରେ ଦୃଢ଼ ମୂଳଦୁଆ ସ୍ଥାପନ କରିଥାଏ । ପଞ୍ଚମ ଶ୍ରେଣୀର ଶିକ୍ଷାର୍ଥୀମାନେ ସମୃଦ୍ଧ ଭାରତ, ଗୋଦାବରୀ ନଦୀର ଉଦାହରଣ ମାଧ୍ୟମରେ ଜଳର ମୁଖ୍ୟ ଭୂମିକା, ଘରେ ଓ ବିଦ୍ୟାଳୟରେ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା, ଶିକ୍ଷାର୍ଥୀମାନଙ୍କର ଚାରିପାଖରେ ଥିବା ବିଭିନ୍ନ ବସ୍ତୁ, ପୃଥିବୀ, ଗ୍ରହ ଓ ଚାରିପାଖର ପରିବେଶ ସହ ପରିଚିତ ହେବେ । ବିଭିନ୍ନ ଅଞ୍ଚଳର ତଥା ବିଭିନ୍ନ ବର୍ଗର ଶିକ୍ଷାର୍ଥୀମାନଙ୍କର ବୟସ, ଅଭିଜ୍ଞତା, ଆଗ୍ରହ ଇତ୍ୟାଦିକୁ ଦୃଷ୍ଟିରେ ରଖି ବିଷୟବସ୍ତୁ ଓ ଶିକ୍ଷଣ ପ୍ରଣାଳୀ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକରେ ଭାରତର ବିଭିନ୍ନ କୌତୂହଳପୂର୍ଣ୍ଣ ପରମ୍ପରା, ସଂସ୍କୃତି ତଥା ସଫଳତା ବିଷୟରେ ବର୍ଣ୍ଣନା କରାଯାଇଛି ।

ଶିକ୍ଷାର୍ଥୀମାନଙ୍କର କୌତୂହଳପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେବା ଓ କେନ୍ଦ୍ରୀୟ ଶିକ୍ଷଣ ନୀତି ଆଧାରରେ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବାର ଆବଶ୍ୟକତା ଏହି ପର୍ଯ୍ୟାୟରେ ରହିଛି । "କ୍ରୀଡ଼ାଭିତ୍ତିକ" ପଦ୍ଧତି ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟା ଚାଲିବା ସମୟରେ ଶିକ୍ଷଣ– ଶିକ୍ଷାଦାନ ପାଇଁ ବ୍ୟବହୃତ ଖେଳଣା ଓ ଖେଳ ପ୍ରତି ଶିକ୍ଷାର୍ଥୀମାନେ ଆକର୍ଷିତ ହେବା ସହ ଏଥିରେ ସେମାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଇବା ଆବଶ୍ୟକ ।

ଯଦିଓ ଏହି ପାଠ୍ୟ ପୁସ୍ତକର ଗୁରୁତ୍ୱ ରହିଛି, ଶିକ୍ଷାର୍ଥୀମାନେ ଏହି ବିଷୟରେ ଅତିରିକ୍ତ ସମ୍ବଳ ଅନୁସନ୍ଧାନ କରିବା ଆବଶ୍ୟକ । ବିଦ୍ୟାଳୟର ପାଠାଗାର ଏହି ସମ୍ପ୍ରସାରିତ ଶିକ୍ଷଣକୁ ସହାୟତା ଯୋଗାଇବା ଉଚିତ ଏବଂ ଅଭିଭାବକ ଓ ଶିକ୍ଷକମାନେ ସେମାନଙ୍କର ପ୍ରୟାସକୁ ସମର୍ଥନ ଦେବା ଉଚିତ୍ ।

ଉପଯୁକ୍ତ ଶିକ୍ଷଣ ପରିବେଶ ଶିକ୍ଷାର୍ଥୀମାନଙ୍କୁ ଅଭିପ୍ରେରିତ କରେ, ସେମାନଙ୍କୁ ନିୟୋଜିତ କରେ ଏବଂ ଶିକ୍ଷଣ ପାଇଁ ଆବଶ୍ୟକ ଉତ୍ସୁକତା ଏବଂ ଆଗ୍ରହକୁ ବଜାୟ ରଖେ ।

ପ୍ରସ୍ତୁତି ପର୍ଯ୍ୟାୟର ସମସ୍ତ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ପାଇଁ ଏହି ପାଠ୍ୟପୁସ୍ତକକୁ ମୁଁ ଦୃଢ଼ ଭାବରେ ଅନୁମୋଦନ କରେ । ଏହି ପୁସ୍ତକର ପ୍ରସ୍ତୁତକର୍ତ୍ତା ଏନସିଇଆରଟି, ନୂଆ ଦିଲ୍ଲୀର ସମସ୍ତ ଶିକ୍ଷାବିତ୍‌ଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି । ଏଥି ସହିତ ଆମ ରାଜ୍ୟରେ ପାଠ୍ୟପୁସ୍ତକଗୁଡ଼ିକୁ ଅନୁବାଦ ଓ ପ୍ରାସଙ୍ଗିକ କରିଥିବା ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ, ଚିତ୍ରକର ଓ ଭାଷାବିତ୍‌ମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଖୁବ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ପାଠ୍ୟପୁସ୍ତକଟି ପ୍ରସ୍ତୁତ କରାଯାଇଛି । ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ପିଲାମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚିତ ସାହାଯ୍ୟ କରିବ ବୋଲି ଆଶା । ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ଏହାକୁ ଆହୁରି ସମୃଦ୍ଧ କରିବା ପାଇଁ ମୁଁ ଆପଣଙ୍କ ମତାମତ ଓ ପରାମର୍ଶକୁ ସ୍ୱାଗତ ଜଣାଉଛି ।

**(ମନୋଜ କୁମାର ପାଢ଼ୀ)**
ନିର୍ଦ୍ଦେଶକ
**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ**
**ରାଜ୍ୟ ଶିକ୍ଷା ଗବେଷଣା ଓ**
**ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଭୁବନେଶ୍ୱର**



# ପୁସ୍ତକ ବିଷୟରେ

ଜାତୀୟ ଶିକ୍ଷାନୀତି – ୨୦୨୦ ଆଧାରରେ ପ୍ରସ୍ତୁତ ବିଦ୍ୟାଳୟ ଶିକ୍ଷା ନିମନ୍ତେ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୨୩ ରେ ତୃତୀୟ ରୁ ପଞ୍ଚମ ଶ୍ରେଣୀ ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ "ଆମ ଚତୁଃପାର୍ଶ୍ୱର ପୃଥିବୀ" କୁ ଏକ କେନ୍ଦ୍ରୀୟ ପାଠ୍ୟକ୍ରମ ବିଷୟ ଭାବରେ ଚିହ୍ନଟ କରାଯାଇଛି । ବିଦ୍ୟାଳୟ ଶିକ୍ଷା ନିମନ୍ତେ ଜାତୀୟ ପାଠ୍ୟକ୍ରମ ରୂପରେଖ- ୨୦୨୩ ଅନୁଯାୟୀ ଏହାର ଲକ୍ଷ୍ୟ ହେଉଛି- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସେମାନଙ୍କ ନିକଟ ପରିବେଶ ବିଷୟରେ ସ୍ୱାଭାବିକ କୌତୂହଳ ସୃଷ୍ଟି କରିବା ଏବଂ ପ୍ରାକୃତିକ, ଭୌତିକ ଏବଂ ସାମାଜିକ ପରିବେଶ ବିଷୟରେ ଅଧିକ ସଂଗଠିତ ବୋଧଗମ୍ୟତା ହାସଲ କରିବାରେ ସାହାଯ୍ୟ କରିବା । ଉଭୟ ଦସ୍ତାବିଜର ଅନୁମୋଦନ କ୍ରମେ "ଆମ ଚତୁଃପାର୍ଶ୍ୱର ପୃଥିବୀ' ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି, ଯାହା ଶିକ୍ଷାର୍ଥୀମାନଙ୍କୁ ପର୍ଯ୍ୟବେକ୍ଷଣ, ପ୍ରଶ୍ନ ପଚାରିବା, ଅନୁସନ୍ଧାନ, ପ୍ରତିଫଳନାତ୍ମକ ଚିନ୍ତନ ଏବଂ ଭାବ ପ୍ରକାଶ କରିବାକୁ ଉତ୍ସାହିତ କରିବ । ଏହା ବିଜ୍ଞାନ, ସାମାଜିକ ବିଜ୍ଞାନ, ପରିବେଶ ଅଧ୍ୟୟନ ଏବଂ ମୌଳିକ ଓ ବୃତ୍ତିଗତ କୌଶଳଗୁଡ଼ିକୁ ସମନ୍ୱିତ କରେ, ଯାହା ଆନ୍ତଃ-ବିଭାଗୀୟ ଚିନ୍ତାଧାରା ଓ କାର୍ଯ୍ୟକୁ ପ୍ରୋତ୍ସାହିତ କରେ । ଏହି ପନ୍ଥା ମାଧ୍ୟମରେ ଶିକ୍ଷାର୍ଥୀମାନେ ସଂରଚନା ଓ ପ୍ରକ୍ରିୟାଗୁଡ଼ିକୁ  ତଥା ବ୍ୟକ୍ତି ଓ ପରିବେଶ, କାରଣ-ଫଳାଫଳ, ପରମ୍ପରା ଓ ପରିବର୍ତ୍ତନ ମଧ୍ୟରେ ଥିବା ସମ୍ପର୍କକୁ ଚିହ୍ନଟ କରିବା ଆରମ୍ଭ କରନ୍ତି ।

"ଆମ ଚତୁଃପାର୍ଶ୍ୱର ପୃଥିବୀ" ବିଷୟର ପଞ୍ଚମ ଶ୍ରେଣୀର ପାଠ୍ୟପୁସ୍ତକ- "ଆମ ବିଚିତ୍ର ବିଶ୍ୱ" ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ସ୍ଥାପିତ ମୂଳଦୁଆରୁ ଯାତ୍ରା ଜାରିରଖିଛି । ଶିକ୍ଷାର୍ଥୀମାନେ ପ୍ରସ୍ତୁତି ପର୍ଯ୍ୟାୟର ଅନ୍ତିମ ବର୍ଷରେ ପ୍ରବେଶ କରିବା ସହିତ ଏହି ପୁସ୍ତକ ଅଧିକ ସଂଗଠିତ ପାରସ୍ପରିକ ଶିକ୍ଷଣ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ଅନୁସନ୍ଧାନ, ପରୀକ୍ଷଣ, ଖେଳ ଓ ଆବିଷ୍କାରର ଅଭିଜ୍ଞତାକୁ ସୁଦୃଢ କରିଥାଏ । ପାଠ୍ୟପୁସ୍ତକଟି ପ୍ରକୃତି ପରିଭ୍ରମଣ, ପର୍ଯ୍ୟବେକ୍ଷଣ, ସାକ୍ଷାତକାର, ମଡେଲ୍ ପ୍ରସ୍ତୁତି, ପରୀକ୍ଷଣ ଓ ସର୍ବେକ୍ଷଣ ମାଧ୍ୟମରେ ଅଭିଜ୍ଞତାମୂଳକ ଶିକ୍ଷଣର ମୂଳନୀତିଗୁଡ଼ିକୁ ବିଚାରକୁ ନେଇଛି । ଶିକ୍ଷାର୍ଥୀମାନଙ୍କୁ ବୈଜ୍ଞାନିକ ପଦ୍ଧତିର ସୋପାନ ଯଥା- ପର୍ଯ୍ୟବେକ୍ଷଣ, ଅନୁମାନ, ପରୀକ୍ଷଣ ଏବଂ ସିଦ୍ଧାନ୍ତଗ୍ରହଣକୁ ପ୍ରୟୋଗ କରିବାରେ ଉତ୍ସାହିତ କରିଥାଏ । ଏପରି କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ପରିବେଶଗତ ସଚେତନତା, ଯୁକ୍ତିଯୁକ୍ତ ଚିନ୍ତନ, ସମାନୁଭୂତି ଏବଂ ଅନ୍ୟମାନଙ୍କ ପ୍ରତି ଦାୟିତ୍ୱବୋଧର ବିକାଶ ହୋଇଥାଏ ।

ସମଗ୍ର ଏବଂ ସମନ୍ୱିତ ଶିକ୍ଷଣ ମାଧ୍ୟମରେ ବୌଦ୍ଧିକ, ଆବେଗିକ ଓ ଶାରୀରିକ ସାମର୍ଥ୍ୟର ବିକାଶ କରିବା ସହ ଏହି ପାଠ୍ୟପୁସ୍ତକ ଶିକ୍ଷାର୍ଥୀକୈନ୍ଦ୍ରିକ, ଶିକ୍ଷଣ କାର୍ଯ୍ୟ-ସମୃଦ୍ଧ ଏବଂ ଅନୁସନ୍ଧାନ ଭିତ୍ତିକ ଶିକ୍ଷଣ ପଦ୍ଧତି ଅନୁସରଣ କରେ । ଏହା ନିକଟ ପରିବେଶରୁ ବ୍ୟାପକ ପ୍ରସଙ୍ଗ ଆଡକୁ କ୍ରମାଗତ ଅଗ୍ରଗତିକୁ ସମର୍ଥନ କରେ । ପରିବେଶର ଏହି ଅନୁସନ୍ଧାନ, ବିଦ୍ୟାଳୟ ଶିକ୍ଷା ନିମନ୍ତେ ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୨୩ ରେ ବର୍ଣ୍ଣିତ ପ୍ରସ୍ତୁତି

ପର୍ଯ୍ୟାୟପାଇଁ ଚିହ୍ନଟ ପାଠ୍ୟକ୍ରମ ଲକ୍ଷ୍ୟ ଆଧାରିତ ଦକ୍ଷତାର ବିକାଶ"ଆମ ଚତୁଃପାର୍ଶ୍ୱର ପୃଥିବୀ" ବିଷୟ ମାଧ୍ୟମରେ କରିବ ବୋଲି ଆଶା କରାଯାଏ । ବିଷୟବସ୍ତୁ ଓ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ପ୍ରସ୍ତୁତ କରିବା ସମୟରେ ଶିକ୍ଷାର୍ଥୀମାନଙ୍କୁ ପରିବେଶ ଅନୁସନ୍ଧାନର ବିବିଧ ଅଭିଜ୍ଞତା ପ୍ରଦାନ କରିବା ପାଇଁ ପ୍ରୟାସ କରାଯାଇଛି, ଯାହା ସେମାନଙ୍କୁ ବିଶ୍ୱରେ ପରସ୍ପର ନିର୍ଭରଶୀଳତାକୁ ହୃଦୟଙ୍ଗମ କରିବାରେ ଏବଂ ପରିବେଶଗତ ଓ ସାମାଜିକ ସମସ୍ୟାଗୁଡ଼ିକ ପ୍ରତି ସମ୍ବେଦନଶୀଳତାର ବିକାଶ କରିବାରେ ସାହାଯ୍ୟ କରିବ । ନିଜର ତଥା ଅନ୍ୟମାନଙ୍କର ସୁରକ୍ଷାର ଗୁରୁତ୍ୱ, ବିଭିନ୍ନ ପରିସ୍ଥିତିରେ ସେମାନଙ୍କର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ଚିହ୍ନଟ କରିବା ପାଇଁ ସମଗ୍ର ପୁସ୍ତକରେ ଧ୍ୟାନ ଦିଆଯାଇଛି । ପର୍ଯ୍ୟବେକ୍ଷଣ, ପରୀକ୍ଷଣ ଏବଂ ସାମାଜିକ ସର୍ବେକ୍ଷଣ ମାଧ୍ୟମରେ ତଥ୍ୟ ସଂଗ୍ରହ ଓ ତଥ୍ୟର ବିଶ୍ଳେଷଣ କରିବା ଦ୍ୱାରା ନିଶ୍ଚିତ ଭାବରେ ସେମାନଙ୍କ ମଧ୍ୟରେ ପ୍ରଶ୍ନ ପଚାରିବା ଓ ସମ୍ଭାବ୍ୟ ସମସ୍ୟା ସମାଧାନର ଦକ୍ଷତା ବିକାଶ ହୋଇପାରିବ । ଏହି ପୁସ୍ତକ ମଧ୍ୟ-ପର୍ଯ୍ୟାୟର ବିଭିନ୍ନ ବିଷୟରେ ଆଲୋଚନା କରାଯିବାକୁ ଥିବା ଧାରଣାଗୁଡ଼ିକର ମୌଳିକ ବୋଧଗମ୍ୟତା ପାଇଁ ସାହାଯ୍ୟ କରିବ । ଏହା ସହିତ ପୁସ୍ତକଟି ବିଶ୍ୱକୁ ଅନୁସନ୍ଧାନ କରିବାର ମାଧ୍ୟମ ଭାବରେ ମାନଚିତ୍ର ପଠନ ଏବଂ ବ୍ୟାଖ୍ୟାର ଅଭିଜ୍ଞତା ପ୍ରଦାନ କରିବ ।

ଏହି ପୁସ୍ତକରେ ଭାରତୀୟ ଜ୍ଞାନ ବ୍ୟବସ୍ଥାକୁ ସଂଗଠିତ ଭାବରେ ସମନ୍ୱିତ କରାଯାଇଛି, ଯାହା ଶିକ୍ଷାର୍ଥୀମାନଙ୍କୁ ସ୍ଥାନୀୟ ପ୍ରଥା, ହସ୍ତଶିଳ୍ପ, ଲୋକଗୀତ ଏବଂ ସମାଜର ବିଭିନ୍ନ ଗୋଷ୍ଠିର ଭାବଧାରାକୁ ଗୁରୁତ୍ୱ ପ୍ରଦାନ କରିବ । ଭାଷା, ଗଣିତ ଏବଂ କଳାକୁ ମଧ୍ୟ ଅନ୍ତଃବିଭାଗୀୟ କାର୍ଯ୍ୟ ମାଧ୍ୟମରେ ସ୍ୱାଭାବିକ ଭାବରେ ରଖାଯାଇଛି । ଅନ୍ତର୍ନିବେଶି ଏବଂ ବିବିଧତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଏହି ପୁସ୍ତକ ଭିନ୍ନ ଭିନ୍ନ ପରିବେଶରୁ ଆସିଥିବା ତଥା ଭିନ୍ନ ସାମର୍ଥ୍ୟ ଥିବା ଶିକ୍ଷାର୍ଥୀମାନଙ୍କୁ ସ୍ୱତନ୍ତ୍ର ଅଭିଜ୍ଞତା ପ୍ରଦାନ କରିବ । ଏହି ପୁସ୍ତକ ସମ୍ମିଳୀତ ଶିକ୍ଷଣକୁ ଉତ୍ସାହିତ କରେ, ବହୁଭାଷୀ ପ୍ରସଙ୍ଗକୁ ସମ୍ମାନ କରେ ଏବଂ ଯତ୍ନ, ସହଯୋଗ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରେ ।

ଏହି ପୁସ୍ତକରେ ୧୦ ଟି ପାଠ ରହିଛି ଯାହାକୁ ପାଞ୍ଚଟି ଏକକ (ଆମ ଚତୁଃପାର୍ଶ୍ୱର ଜୀବନ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ସମୃଦ୍ଧ ଭାରତ, ଆମ ଚତୁଃପାର୍ଶ୍ୱର ସାମଗ୍ରୀ, ଆମ ବିଚିତ୍ର ଗ୍ରହ)ରେ ସଂରଚନା କରାଯାଇଛି । ଏହି ପୁସ୍ତକ ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଜୀବନର ସମସ୍ୟା, ସ୍ଥାନୀୟ ଜ୍ଞାନ ବ୍ୟବସ୍ଥା ଏବଂ ଆମ ଦେଶର ବିବିଧ ସଂସ୍କୃତି ସହିତ ପରିଚିତ ହେବା ପାଇଁ ସୁଯୋଗ ସୃଷ୍ଟି କରେ । ପ୍ରତ୍ୟେକ ଏକକରେ ପ୍ରତ୍ୟାଶିତ ଦକ୍ଷତା ଓ ଧାରଣାଗୁଡ଼ିକୁ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି । ପ୍ରତ୍ୟେକ ପାଠରେ ବିଭିନ୍ନ ପନ୍ଥା ଅନୁସରଣ କରିବାପାଇଁ ଚେଷ୍ଟା କରାଯାଇଛି । ପାଠ-୧ : "ଜଳ ହିଁ ଜୀବନ"ରେ ଆମେ ଦାୟିତ୍ୱ ସମ୍ପନ୍ନ ହୋଇ ଜଳର କିପରି ଯଥୋଚିତ ବ୍ୟବହାର କରିବା ଏବଂ ପ୍ରକୃତିରେ ଏହାର ସନ୍ତୁଳନର ଗୁରୁତ୍ୱକୁ କାହାଣୀ ଆକାରରେ ବର୍ଣ୍ଣନା କରାଯାଇଛି । ଏହା ପରେ ପାଠ-୨ : "ଏକ ନଦୀର କାହାଣୀ" ଯାହା ଗୋଦାବରୀ ନଦୀର ଆତ୍ମଜୀବନୀ ସଦୃଶ ଲେଖାଯାଇଛି ଏବଂ ଏଥିରେ ପରିବେଶଗତ, ସାମାଜିକ ଓ ଅର୍ଥନୈତିକ ଦିଗଗୁଡ଼ିକ କିପରି ପରସ୍ପର ସହ ସମ୍ପର୍କିତ ତାହା



ଦର୍ଶାଯାଇଛି । ପାଠ-୩: "ଖାଦ୍ୟର ରହସ୍ୟ " ଏକ ଅନୁସନ୍ଧାନ-ଭିତ୍ତିକ ଶୈଳୀରେ ଉପସ୍ଥାପନ କରାଯାଇଛି ଯେଉଁଥିରେ ଆମେ ଖାଲି ଆଖିରେ ଦେଖିପାରୁନଥିବା ଜିନିଷଗୁଡ଼ିକ (ଉଦାହରଣ- ଅଣୁଜୀବ) ଉପରେ ଗୁରୁତ୍ୱ ଦିଆଯାଇଛି । ପାଠ-୪: "ଆମ ବିଦ୍ୟାଳୟ ଏକ ଆନନ୍ଦମୟ ସ୍ଥାନ" - ଗବେଷଣା, ଯୋଜନା ଏବଂ କାର୍ଯ୍ୟ ଉପରେ ଆଧାରିତ । ପାଠ-୫: "ଆମ ପ୍ରଗତିଶୀଳ ଦେଶ", ଆମ ଚାରିପାଖରେ ଥିବା ସାମଗ୍ରୀ ଯଥା- ମୁଦ୍ରା, ନୋଟ୍ ଇତ୍ୟାଦି ମାଧ୍ୟମରେ ଶିଖିବା ଉପରେ ଗୁରୁତ୍ୱ ଦେଇଛି । ପାଠ-୬ : "କେତେକ ଅନନ୍ୟ ସ୍ଥାନ" ଭାରତର ଅନନ୍ୟ ସ୍ଥାନଗୁଡ଼ିକ ଆବିଷ୍କାର କରିବା ବିଷୟରେ ଏକ ଭ୍ରମଣ କାହାଣୀ ଭାବରେ ରହିଛି, ଯେତେବେଳେକି ପାଠ-୭ ଓ ପାଠ-୮ ରେ ଶିକ୍ଷାର୍ଥୀମାନଙ୍କୁ ନିୟୋଜିତ କରିବା ପାଇଁ ବିଭିନ୍ନ କାର୍ଯ୍ୟ ଓ ପରୀକ୍ଷଣ ଦିଆଯାଇଛି । ପାଠ-୭ : "ଶକ୍ତି ଓ କାର୍ଯ୍ୟ" ଜିନିଷଗୁଡ଼ିକ କିପରି କାର୍ଯ୍ୟ କରେ ଏବଂ ପାଠ-୮; "ପୋଷାକ ପ୍ରସ୍ତୁତି" ଜିନିଷଗୁଡ଼ିକ କିପରି ତିଆରି ହୁଏ ଯାହା ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ଆଲୋଚନା କରାଯାଇଥିବା ବିଷୟବସ୍ତୁ ଆଧାରରେ ବର୍ଣ୍ଣନା କରାଯାଇଛି । ପାଠ-୯: "ପ୍ରକୃତିର ଧାରା'' ପାଠ ଶେଷରେ ଦିଆଯାଇଥିବା ପତ୍ରିକାରେ ପର୍ଯ୍ୟବେକ୍ଷଣ ଲିପିବଦ୍ଧ କରିବା ଉପରେ ଗୁରୁତ୍ୱ ଦିଏ । ପାଠ-୧୦: "ପୃଥିବୀ- ଆମ ବାସସ୍ଥାନ" କ୍ଷୁଦ୍ରଗଳ୍ପ ଆଧାରିତ, ଏହା ମାଧ୍ୟମରେ ପୃଥିବୀ ଏକ ବାସପୋଯୋଗୀ ଗ୍ରହ ବିଷୟରେ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ଏହି ପାଠରେ ଆମ ଚାରିପାଖର ପରିବେଶ ସହ ଆମେ କିପରି ସମ୍ପର୍କିତ ସେ ବିଷୟରେ ଗୁରୁତ୍ୱ ଦିଆଯାଇଛି । ସଂକ୍ଷେପରେ ଶିକ୍ଷାର୍ଥୀମାନେ ଆମ ଚାରିପାଖର ଦୁନିଆ, ଜିନିଷଗୁଡ଼ିକ କିପରି ତିଆରି ହୁଏ ଓ କେଉଁଠାରୁ ଆସେ, ସେଗୁଡ଼ିକର ଇତିହାସ, ଆମ ଚାରିପାଖର ଦୁନିଆ କିପରି ପରସ୍ପର ସହ ସମ୍ପର୍କିତ ଓ ଆମ ପ୍ରାଚୀନ ଭାରତୀୟ ଦର୍ଶନ- "ବସୁଧୈବ କୁଟୁମ୍ବକମ୍" (ସାରା ବିଶ୍ୱ ଗୋଟିଏ ପରିବାର) ଧାରଣାକୁ ବୁଝି ଏହାକୁ ବଜାୟ ରଖିବା ପାଇଁ ଆମେ କିପରି ଦାୟିତ୍ୱ ସମ୍ପନ୍ନ ହୋଇ କାର୍ଯ୍ୟ କରିବା ତାହା ହୃଦୟଙ୍ଗମ କରିବେ । ଏହି ପୁସ୍ତକ ଶିକ୍ଷାର୍ଥୀମାନଙ୍କୁ ବର୍ଷର ପ୍ରତ୍ୟେକ ତିନି ମାସରେ ସେମାନଙ୍କର ପର୍ଯ୍ୟବେକ୍ଷଣକୁ ଶେଷରେ ଦିଆଯାଇଥିବା ଋତୁକାଳୀନ ପତ୍ରିକାରେ ଲିପିବଦ୍ଧ କରିବା ପାଇଁ ସୁଯୋଗ ଦିଏ । ଏହି କାମ ପାଇଁ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ସହାୟତା ଦେବେ ।

ଚିନ୍ତନ ଭିତ୍ତିକ ଅଭ୍ୟାସ ପ୍ରଶ୍ନ, ପ୍ରକଳ୍ପ କାର୍ଯ୍ୟ, ଦଳଗତ କାର୍ଯ୍ୟ ଏବଂ ସୃଜନଶୀଳ ଅଭିବ୍ୟକ୍ତି ମାଧ୍ୟମରେ ମାନନିର୍ଦ୍ଧାରଣକୁ ଶିକ୍ଷଣ ପ୍ରକ୍ରିୟା ସହିତ ସମନ୍ୱିତ କରାଯାଇଛି । "ଆସ ଚିନ୍ତା କରିବା" ବିଭାଗଗୁଡ଼ିକ ଏନ୍ ସି ଏଫ୍-ଏସ୍ ଇରେ ଦିଆଯାଇଥିବା ଦକ୍ଷତା ସହିତ ସମନ୍ୱିତ ଏବଂ ଏହା ଶିକ୍ଷାର୍ଥୀମାନଙ୍କର ସ୍ୱ-ମାନନିର୍ଦ୍ଧାରଣରେ ସହାୟକ ହୁଏ । ପୁସ୍ତକରେ ଦିଆଯାଇଥିବା ପ୍ରଶ୍ନ ଶିକ୍ଷାର୍ଥୀମାନଙ୍କର ଜଟିଳ ଚିନ୍ତନର ବିକାଶ କରେ । ଶିକ୍ଷକ ସମସ୍ତ ପ୍ରଶ୍ନର ଉତ୍ତର ସିଧା ସଳଖ ନ କହି କେବଳ ଜଣେ ସହାୟକ ଭାବରେ କାର୍ଯ୍ୟ କରିବେ । ଶିକ୍ଷକଙ୍କୁ ପୁସ୍ତକରେ ଦିଆଯାଇଥିବା କାର୍ଯ୍ୟର ପରିବର୍ତ୍ତନ କରି ଏବଂ ବିଭିନ୍ନ ପ୍ରକାରର କାର୍ଯ୍ୟ କରାଇବା ସହ ଶ୍ରେଣୀରେ ଆଲୋଚନାକୁ ଆରମ୍ଭ କରିବା ପାଇଁ ଉତ୍ସାହିତ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ପୁସ୍ତକ ବହିର୍ଭୂତ ଓ

DRAFT



ମନକୁ ଆସୁଥିବା ପ୍ରଶ୍ନଗୁଡ଼ିକର ଉତ୍ତରର ଅନୁସନ୍ଧାନକୁ ଉତ୍ସାହିତ କରିବା ଓ ମୁକ୍ତ ଭାବରେ ଉତ୍ତର ଦେବାକୁ ଉତ୍ସାହିତ କରିବା । ଯଦି କେତେକ ପ୍ରଶ୍ନର ଉତ୍ତର ମିଳୁନାହିଁ ତେବେ ଏଗୁଡ଼ିକ ବିଷୟରେ ଆଲୋଚନା ହେବା ଆବଶ୍ୟକ ।

"ଶିକ୍ଷକଙ୍କ ପାଇଁ ସୂଚନା"- ଶ୍ରେଣୀଗୃହର ସମୃଦ୍ଧ ଅଲୋଚନାକୁ ଆଗେଇନେବାରେ ଏବଂ ବିଷୟ ବସ୍ତୁକୁ ସ୍ଥାନୀୟ ପରିପ୍ରେକ୍ଷୀରେ ଗ୍ରହଣ କରିବାରେ ସହାୟକ ହୁଏ । ଶିକ୍ଷକମାନେ ଯଥେଷ୍ଟ ଶିକ୍ଷଣ ସାମଗ୍ରୀ ଯଥା- ମାନଚିତ୍ର, ଗ୍ଲୋବ ଇତ୍ୟାଦିର ବ୍ୟବହାର କରିବା ଆବଶ୍ୟକ, ଯାହାର ଅନୁପସ୍ଥିତିରେ ଶିକ୍ଷଣ କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ହେବା ସହ ଶିକ୍ଷାର୍ଥୀମାନଙ୍କର ଦକ୍ଷତା ହାସଲ କରିବାରେ ଅସୁବିଧା ହେବାର ସମ୍ଭାବନା ସୃଷ୍ଟି କରେ ।

ପରିଶେଷରେ, "ଆମ ବିଚିତ୍ର ବିଶ୍ୱ", ଶିକ୍ଷଣରେ ଜୀବନ ବ୍ୟାପୀ କୌତୂହଳ ଓ ଆନନ୍ଦ ଜାଗ୍ରତ କରିବାର ଲକ୍ଷ୍ୟ ରଖିଛି ଯାହା ଶିକ୍ଷାର୍ଥୀମାନଙ୍କୁ ନିଜ ଜୀବନକୁ ଏକ ବୃହତ୍ତର, ପରସ୍ପର ସଂଯୁକ୍ତ ବିଶ୍ୱର ଅଂଶ ଭାବରେ ଦେଖିବାକୁ ସକ୍ଷମ କରିଥାଏ । ଏହା ଜୀବନ୍ତ ଅଭିଜ୍ଞତା ଓ ଅମୂର୍ତ୍ତ ଧାରଣା ମଧ୍ୟରେ, ସ୍ଥାନୀୟ ଓ ବିଶ୍ୱସ୍ତରୀୟ ମଧ୍ୟରେ ଏବଂ ଶିକ୍ଷଣ ଓ ଜୀବନ ମଧ୍ୟରେ ସେତୁ ଭାବରେ କାର୍ଯ୍ୟ କରେ । ପୁସ୍ତକଟି ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ଫଳପ୍ରଦ ଉପକରଣ ଭାବରେ ପ୍ରସ୍ତୁତ କରାଯାଇଛି । ପୁସ୍ତକଟି ଭାରତର ସମୃଦ୍ଧ ବିବିଧତା (ଯାହା ଆମର ସାମର୍ଥ୍ୟ) ପ୍ରତି ଗର୍ବର ଭାବନା ସୃଷ୍ଟି କରିବା ଲକ୍ଷ୍ୟ ରଖିଛି । ଏହି ପାଠ୍ୟପୁସ୍ତକ ଆଗାମୀ ବର୍ଷଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ଦକ୍ଷତାର ବିକାଶ କରିବା ପାଇଁ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିବ ।

DRAFT



# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ,
ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



DRAFT

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି, ନୂଆଦିଲ୍ଲୀ ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଓ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ ଏନ୍. ସି. ଇ. ଆର. ଟି, ନୂଆଦିଲ୍ଲୀ | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର, ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର | ସଦସ୍ୟ ସଚିବ |

DRAFT



# ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

DRAFT

# ଭାରତୀୟ ସମ୍ବିଧାନ

**ତୃତୀୟ ଭାଗ (ଧାରା ୧୨-୩୫)**

କେତେକ ବ୍ୟତିକ୍ରମ ଏବଂ ଯୁକ୍ତିସଙ୍ଗତ ପ୍ରତିବନ୍ଧକ ଅନୁଯାୟୀ କିଛି ସର୍ତ୍ତ
ଏଗୁଡ଼ିକର ଗ୍ୟାରେଣ୍ଟି ଦିଏ

## ମୌଳିକ ଅଧିକାର

**ସମାନତାର ଅଧିକାର**

- ଆଇନ ସମ୍ମୁଖରେ ଓ ଆଇନର ସମାନ ସଂରକ୍ଷଣ;
- ଧର୍ମ, ଜାତି, ବର୍ଣ୍ଣ, ଲିଙ୍ଗ କିମ୍ବା ଜନ୍ମସ୍ଥାନ ନିର୍ବିଶେଷରେ;
- ସାର୍ବଜନୀନ ନିଯୁକ୍ତିରେ ସୁଯୋଗ;
- ଅସ୍ପୃଶ୍ୟତା ଏବଂ ପଦବୀ ଉଚ୍ଛେଦ ଦ୍ୱାରା

**ସ୍ୱାଧୀନତାର ଅଧିକାର**

- ଅଭିବ୍ୟକ୍ତି, ସମାବେଶ, ସଂଘ, ଆନ୍ଦୋଳନ, ବାସସ୍ଥାନ ଏବଂ ବୃତ୍ତି;
- ଅପରାଧ ଜନିତ ଦୋଷୀ ପ୍ରମାଣିତ ହେବା ସମ୍ବନ୍ଧରେ କେତେକ ସୁରକ୍ଷା;
- ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା;
- ଛଅରୁ ଚଉଦ ବର୍ଷ ବୟସର ପିଲାମାନଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା;
- କେତେକ ମାମଲାରେ ଗିରଫଦାରୀ ଏବଂ ଅଟକ ରଖିବା ବିରୁଦ୍ଧରେ ସୁରକ୍ଷା ।

**ଶୋଷଣ ବିରୁଦ୍ଧରେ ଅଧିକାର**

- ମାନବକୁ ପଣ୍ୟରୂପେ ବ୍ୟବହାର ଏବଂ ବାଧ୍ୟତାମୂଳକ ଶ୍ରମ ନିଷେଧ;
- ବିପଦପୂର୍ଣ୍ଣ ସ୍ଥାନରେ ପିଲାମାନଙ୍କର ନିଯୁକ୍ତିକୁ ନିଷେଧ କରିବା।

**ଧର୍ମଗତ ଅଧିକାର**

- ବିବେକର ସ୍ୱାଧୀନତା ଏବଂ ଧର୍ମର ଅବାଧ ଅବଲମ୍ବନ, ଆଚରଣ ଏବଂ ପ୍ରଚାର
- ଧାର୍ମିକ ବ୍ୟାପାର ପରିଚାଳନାର ସ୍ୱାଧୀନତା;
- କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର ପ୍ରସାର ପାଇଁ କର ପ୍ରଦାନ କରିବାର ସ୍ୱାଧୀନତା;
- ରାଜ୍ୟ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଧାର୍ମିକ ଶିକ୍ଷା କିମ୍ବା ଧାର୍ମିକ ଉପାସନାରେ ଉପସ୍ଥିତ ରହିବାର ସ୍ୱାଧୀନତା ।

**ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର**

- ଯେକୌଣସି ସଂଖ୍ୟାଲଘୁ ବର୍ଗର ନାଗରିକଙ୍କର ସେମାନଙ୍କ ସଂସ୍କୃତି, ଭାଷା କିମ୍ବା ଲିପିକୁ ସଂରକ୍ଷଣ **କରିବାର ଅଧିକାର ।**
- ସଂଖ୍ୟାଲଘୁମାନେ ନିଜ ପସନ୍ଦର ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠା ଓ ପରିଚାଳନ କରିବାର ଅଧିକାର ।

ସାମ୍ବିଧାନିକ ପ୍ରତିକାରର ଅଧିକାର

- ଏହି ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଦେଶନାମା କିମ୍ବା ଆଦେଶ କିମ୍ବା ରିଟ୍ ଜାରି କରିବା ।



DRAFT



# ସୂଚୀପତ୍ର

DRAFT



**ଏକକ-୧ : ଆମ ଚତୁଃପାର୍ଶ୍ୱର ଜୀବନ**

| | | |
|---|---|---|
| ପାଠ-୧ : | ଜଳ ହିଁ ଜୀବନ | ୩ |
| ପାଠ-୨ : | ଏକ ନଦୀର କାହାଣୀ | ୨୧ |




**ଏକକ-୨ : ସ୍ୱାସ୍ଥ୍ୟ ଓ ସୁସ୍ଥତା**

| | | |
|---|---|---|
| ପାଠ-୩: | ଖାଦ୍ୟର ରହସ୍ୟ | ୪୦ |
| ପାଠ-୪ : | ଆମ ବିଦ୍ୟାଳୟ-ଏକ ଆନନ୍ଦମୟ ସ୍ଥାନ | ୫୫ |




**ଏକକ-୩: ସମୃଦ୍ଧ ଭାରତ**

| | | |
|---|---|---|
| ପାଠ-୫ : | ଆମ ପ୍ରଗତିଶୀଳ ଦେଶ | ୭୫ |
| ପାଠ-୬: | କେତେକ ଅନନ୍ୟ ସ୍ଥାନ | ୯୪ |




ଏକକ-୪ : ଆମ ଚତୁଃପାର୍ଶ୍ୱର ସାମଗ୍ରୀ

ପାଠ-୭ : ଶକ୍ତି ଓ କାର୍ଯ୍ୟ ୧୧୪

ପାଠ-୮ : ପୋଷାକ ପ୍ରସ୍ତୁତି ୧୩୧

ଏକକ-୫ : ଆମ ବିଚିତ୍ର ଗ୍ରହ

ପାଠ-୯ : ପ୍ରକୃତିର ଧାରା ୧୪୭

ପାଠ-୧୦ : ପୃଥିବୀ - ଆମ ବାସସ୍ଥାନ ୧୬୧




ଏକକ-୧


# ଆମ ଚତୁଃପାର୍ଶ୍ୱର ଜୀବନ

## ଏହି ଏକକ ସମ୍ପର୍କରେ...

ପ୍ରସ୍ତୁତି ପର୍ଯ୍ୟାୟର ଏହି ଏକକଟି ମନୁଷ୍ୟ, ପଶୁ, ପକ୍ଷୀ ଓ କୀଟ ପତଙ୍ଗଙ୍କର ବାସସ୍ଥାନ ଭାବରେ ପ୍ରକୃତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରେ । ତୃତୀୟ ଏବଂ ଚତୁର୍ଥ ଶ୍ରେଣୀର ଶିକ୍ଷାର୍ଥୀମାନେ ମୃତ୍ତିକା, ବାୟୁ, ଜଳ ଓ ସୂର୍ଯ୍ୟାଲୋକର ଉପସ୍ଥିତିରେ ବିଭିନ୍ନ ଭୂମିରୂପରେ ଜୀବମାନେ କିପରି ଜୀବନ ଧାରଣ କରନ୍ତି ତାହା ଜାଣିଛନ୍ତି ।

ପଞ୍ଚମ ଶ୍ରେଣୀରେ ଏହି ଏକକଟି ଜୀବନ ଏବଂ ପରିସଂସ୍ଥାପାଇଁ ଜଳର ଗୁରୁତ୍ୱକୁ ସୂଚିତ କରେ । ଜଳର ବିଭିନ୍ନ ଅବସ୍ଥା, ଗତି ଓ ଭୂମିକା ଦ୍ୱାରା ଭୂମିରୂପ ଗଠନ ସହିତ ଏହା କିପରି ପରିସ୍ଥାନର ସହାୟକ ତାହା ଦର୍ଶାଯାଇଛି । ଜୀବନ ଧାରଣ ପାଇଁ "ଜଳ" ଅନନ୍ୟ ଓ ଅପରିହାର୍ଯ୍ୟ ଏହା ବର୍ଣ୍ଣନା କରାଯାଇଛି ।

ଏଥିରେ ପ୍ରାକୃତିକ ପରିବେଶରେ ବାସ କରୁଥିବା ମନୁଷ୍ୟମାନଙ୍କର ଜୀବନଧାରଣର ଉଦାହରଣ ମଧ୍ୟ ଦିଆଯାଇଛି । ଜଙ୍ଗଲ ଏବଂ ଏହାର ଆଖପାଖରେ ମିଳୁଥିବା ସମ୍ବଳକୁ ବ୍ୟବହାର କରି ସେମାନେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଏହା ସେମାନଙ୍କର ଜୀବନ ଶୈଳୀ ଓ ସ୍ଥାନୀୟ ଅଞ୍ଚଳରୁ ଉପଲବ୍ଧ ସାମଗ୍ରୀ, ପ୍ରକୃତି କୋଳରେ ତାଙ୍କର ଆନନ୍ଦ ଏବଂ ସୃଜନଶୀଳ ଜୀବନ ଯାପନକୁ ପ୍ରତିଫଳିତ କରେ ।



## ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକରେ ଦୁଇଟି ପାଠ ରହିଛି । ପାଠ-୧ 'ଜଳ ହିଁ ଜୀବନ' ଏବଂ ପାଠ-୨ ଏକ ନଦୀର କାହାଣୀ । ଏହି ପାଠଗୁଡ଼ିକରେ ନିମ୍ନଲିଖିତ ମୁଖ୍ୟ ଧାରଣାଗୁଡ଼ିକ ରହିଛି ।

### ପାଠ-୧ : ଜଳ ହିଁ ଜୀବନ

- ଏହି ପାଠଟି ଶିକ୍ଷାର୍ଥୀମାନଙ୍କୁ ଜଳର ବିଭିନ୍ନ ଅବସ୍ଥା ଏବଂ ବିଭିନ୍ନ ଉତ୍ସ (ମଧୁର ଜଳ ଓ ଲୁଣି ଜଳ) ସହିତ ପରିଚିତ କରେ । ସମାଜର ବିଭିନ୍ନ କାର୍ଯ୍ୟରେ ଜଳର ବ୍ୟବହାରକୁ ମଧ୍ୟ ଆଲୋକପାତ କରେ । ଏହି ପାଠରେ "ଜଳଚକ୍ର"ରେ ଜଳର ବିଭିନ୍ନ ଅବସ୍ଥା ଓ ନିରନ୍ତର ଗତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଭୂମିରୂପର ପ୍ରକାର, ମଧୁର ଜଳ ପରିସଂସ୍ଥା ଏବଂ "ଜଳ ସଂରକ୍ଷଣ"ର ଆବଶ୍ୟକତାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି ।

### ପାଠ-୨ ଏକ ନଦୀର କାହାଣୀ


- ଏହି ପାଠରେ ଗୋଦାବରୀ ନଦୀର ଉତ୍ପତ୍ତି ସ୍ଥଳରୁ ମୁହାଣ ପର୍ଯ୍ୟନ୍ତର କାହାଣୀକୁ ବର୍ଣ୍ଣନା କରାଯାଇଛି । ମାନଚିତ୍ର, ଗଳ୍ପ ଏବଂ ଚିତ୍ର ମାଧ୍ୟମରେ ଗୋଦାବରୀର ଉପନଦୀ ଏବଂ ନଦୀରେ ରହୁଥିବା ଜଳଚର ଜୀବମାନଙ୍କ କଥା ରହିଛି । ଏହି ନଦୀ ଉପରେ ତିଆରି କରାଯାଇଥିବା ବନ୍ଧଗୁଡ଼ିକ ସହିତ ଶିକ୍ଷାର୍ଥୀଙ୍କୁ ପରିଚିତ କରାଯାଇଛି । ନଦୀଜଳ କିପରି ଦୂଷିତ ହୁଏ ତାହା ଶିକ୍ଷାର୍ଥୀମାନେ ଜାଣିବେ । ପରିସଂସ୍ଥା, ମନୁଷ୍ୟ ଏବଂ ସଂସ୍କୃତିକୁ ନଦୀ କିପରି ସହାୟତା ପ୍ରଦାନ କରେ ତାହା ଆଲୋକପାତ କରାଯାଇଛି । ଏହି ପାଠର ସମାପ୍ତି ପରେ ଶିକ୍ଷାର୍ଥୀମାନେ ଜୀବନ ପାଇଁ ଜଳ ଅପରିହାର୍ଯ୍ୟ ଏବଂ ଏହା ସୀମିତ ସମ୍ବଳ ହୋଇଥିବାରୁ ଜଳର ଉପଯୁକ୍ତ ବିନିଯୋଗର ଆବଶ୍ୟକତାକୁ ହୃଦୟଙ୍ଗମ କରିବେ ।





### ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତା

- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଘର କିମ୍ବା ବିଦ୍ୟାଳୟ ପାଖରେ ଥିବା ଜଳାଶୟ କଥା ଚିନ୍ତା କରିବାକୁ ଉତ୍ସାହିତ କରନ୍ତୁ । ଜଳାଶୟକୁ ଜଳ କେଉଁଠାରୁ ଆସେ ଏବଂ କେଉଁଠାକୁ ଯାଏ, ତାହା ଅନୁସନ୍ଧାନ କରିବାକୁ ପ୍ରେରଣା ଦିଅନ୍ତୁ ।
- ପାଠ-୧ରେ ଥିବା କାର୍ଯ୍ୟ-୬ ଦର୍ଶାଏ ଯେ, ନଦୀଗୁଡ଼ିକ କିପରି ଉଚ୍ଚଭୂମିରୁ ନିମ୍ନ ଭୂମିକୁ ପ୍ରବାହିତ ହୁଅନ୍ତି । ଭାରତର ମାନଚିତ୍ର ବ୍ୟବହାର କରି କେଉଁ ନଦୀ କେଉଁ ସମୁଦ୍ରରେ ମିଶେ ଏବଂ ଭୂମିରୂପ ଯଥା ପର୍ବତ କିପରି ନଦୀଗୁଡ଼ିକର ଗତିପଥ ନିର୍ଦ୍ଧାରଣ କରେ ତାହା ଅନୁସନ୍ଧାନ କରିବାକୁ ସୁଯୋଗ ଦିଅନ୍ତୁ ।
- ସେମାନଙ୍କର ବିଦ୍ୟାଳୟ କିମ୍ବା ଆଖପାଖରେ ବର୍ଷା ଜଳର ବ୍ୟବହାର ବିଷୟରେ ଆଲୋଚନା କରିବା ପରେ ସହର ଓ ଗ୍ରାମଗୁଡ଼ିକ ଜଳ ସଂଗ୍ରହ ପାଇଁ କି କି ଯୋଜନା କରୁଛନ୍ତି ତାହା ଆଲୋଚନା କରନ୍ତୁ ।
- ଆମ ଜୀବନରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ତାଲିକା କରିବାରେ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରନ୍ତୁ । ଏହାକୁ ଜଳ ଆବଣ୍ଟନ ଓ ସଂରକ୍ଷଣ କରିବାର ଧାରଣା ସହିତ ସମ୍ପର୍କିତ କରାନ୍ତୁ । ସେମାନଙ୍କ ଘରେ (କୁଣ୍ଡ, ଜଳଟାଙ୍କି, ପାତ୍ର ଇତ୍ୟାଦିରେ) ଜଳ କିପରି ସଞ୍ଚୟ କରାଯାଏ ଏବଂ ଏକ ବନ୍ଧ କିପରି ଏକ ବଡ଼ ଜଳ ସଂରକ୍ଷଣ ଏକକ ଭାବରେ କାର୍ଯ୍ୟ କରେ, ସେ ବିଷୟରେ ସେମାନଙ୍କୁ ଚିନ୍ତା କରିବାକୁ କୁହନ୍ତୁ ।
- ଜଳାଭାବ ଏବଂ ଜଳ ବହୁଳତା ବିଷୟରେ ଗଭୀର ଚିନ୍ତନ ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ଭୂମିକା ଅଭିନୟରେ ନିୟୋଜିତ କରାନ୍ତୁ ।
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ପିତାମାତା କିମ୍ବା ଜେଜେମାଆଙ୍କ ସହିତ ନଦୀ ସହିତ ଜଡ଼ିତ ପର୍ବପର୍ବାଣୀ, କାହାଣୀ କିମ୍ବା ସ୍ମୃତି ବିଷୟରେ ଆଲୋଚନା କରିବାକୁ ଉତ୍ସାହିତ କରାନ୍ତୁ । ଏହା ସେମାନଙ୍କୁ ନଦୀଗୁଡ଼ିକ କେବଳ ଭୌତିକ ଜିନିଷ ଭାବରେ ନୁହେଁ ବରଂ ସମାଜ ଏବଂ ସଂସ୍କୃତିର ଏକ ଅଂଶ ଭାବରେ ବୁଝିବାରେ ସାହାଯ୍ୟ କରେ ।



# ୧ ଜଳ ହିଁ ଜୀବନ

ବର୍ଷା ହେଉଥାଏ । ଗୁଡ୍ଡୁ ଝରକା ପାଖକୁ ଦଉଡ଼ିଗଲା, ଯେଉଁଠାରେ କାଚ ଉପରେ ଛୋଟ ଛୋଟ ବର୍ଷା ଟୋପା ଖସି ପଡୁଥିବାର ଜ୍ୟୋତି ପୂର୍ବରୁ ଦେଖୁଥିଲା । ଏହି ଜଳ କେଉଁଠାରୁ ଆସେ ଓ କୁଆଡ଼େ ଯାଏ ବୋଲି ଗୁଡ୍ଡୁ ପଚାରିଲା ।

ଆସ, ଜଳର ଗତିପଥକୁ ଅନୁସରଣ କରିବା ।

କିନ୍ତୁ ପ୍ରଥମେ ଆସ, ପୃଥିବୀରେ କେତେ ପରିମାଣର ଜଳ ଅଛି ଦେଖିବା ।

ଯଦିଓ ପୃଥିବୀ ପୃଷ୍ଠରେ ଅଧିକାଂଶ ଅଞ୍ଚଳ ଜଳରେ ପରିପୂର୍ଣ୍ଣ, ଅତି କମ୍ ପରିମାଣର ମଧୁର ଜଳକୁ ଛାଡ଼ିଦେଲେ ଅନ୍ୟ ସବୁ ଜଳ ଲୁଣିଆ ଅଟେ ।



ସମସ୍ତ ଜୀବଜନ୍ତୁ, ମନୁଷ୍ୟ, ପଶୁ, ପକ୍ଷୀ ଏବଂ ଉଦ୍ଭିଦ– ବଞ୍ଚିବା ପାଇଁ ମଧୁର ଜଳ ଉପରେ ନିର୍ଭର କରନ୍ତି ।

ଏହା ପାନୀୟ, କୃଷି କାର୍ଯ୍ୟ ଏବଂ ଦୈନନ୍ଦିନ କାର୍ଯ୍ୟ ନିର୍ବାହ ପାଇଁ ଅତ୍ୟନ୍ତ ଆବଶ୍ୟକ । ଅନେକ ଉଦ୍ଭିଦ ଏବଂ ପ୍ରାଣୀ ମଧ୍ୟ ମଧୁର ଜଳରେ ବାସ କରନ୍ତି । ଜଳ ବିନା ଜୀବନ ସମ୍ଭବ ନୁହେଁ ।

ଏବେ କଳ୍ପନା କର, ଯଦି ପୃଥିବୀର ସମସ୍ତ ଜଳ ଗୋଟିଏ ଗ୍ଲାସର ଜଳ ହୁଏ, ତେବେ ମଧୁର ଜଳର ପରିମାଣ କେବଳ ଏକ ଚାମଚ ଜଳ ହେବ ।



୨୦୦ ମି.ଲି. ଜଳ



୫ ମି.ଲି. ଜଳ

ବର୍ଷାଜଳ ସଂଗ୍ରହ ଏବଂ ଭୂମିତଳ ଜଳର ଭରଣା ନିମନ୍ତେ ରାଜସ୍ଥାନରେ ପାରମ୍ପରିକ ଛୋଟ ମାଟି ବନ୍ଧ ନିର୍ମିତ ହୁଏ ତାହାକୁ "ଯୋହଡ଼ସ" କୁହାଯାଏ ।

## ଆଲୋଚନା କର

୧. ତୁମେ କ'ଣ ଭାବୁଛ ଯେ ସମୁଦ୍ରରେ ଥିବା ଜଳକୁ ଆମେ ପିଇପାରିବା ?

୨. ସମୁଦ୍ର ଜଳକୁ କେଉଁ କେଉଁ କାମରେ ବ୍ୟବହାର କରାଯାଇପାରିବ ?

## ତୁମେ ଜାଣ କି ?



ଗୁଜରାଟର ଲୁଣିଆ ଅଞ୍ଚଳଗୁଡ଼ିକ ଏକ ବିସ୍ତୃତ ସମତଳ ଭୂମି, ଯେଉଁଠାରେ ସମୁଦ୍ର ଜଳକୁ ଶୁଖାଯାଇ ଲୁଣ ସଂଗ୍ରହ କରାଯାଏ । ଏହା ଭାରତର ସବୁଠାରୁ ବୃହତ ଲୁଣ ଉତ୍ପାଦନକାରୀ ଅଞ୍ଚଳ ମଧ୍ୟରୁ ଗୋଟିଏ । ଆମ ରାଜ୍ୟ ଓଡ଼ିଶାର ଗଞ୍ଜାମ ଜିଲ୍ଲାର "ହୁମ୍ମା"ଠାରେ ମଧ୍ୟ ଲୁଣ ସଂଗ୍ରହ କରାଯାଉଛି ।



DRAFT

## କାର୍ଯ୍ୟ-୧

ଆମେ କେଉଁଠାରୁ ମଧୁର ଜଳ ପାଇପାରିବା ? ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକରୁ ବିଭିନ୍ନ ମଧୁର ଜଳ ଉତ୍ସଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ନାମ ଲେଖ ।







________ ________ ________



**ଜଳର ଉତ୍ସ**



________ ________

________ ________ ________

ଜାମ୍ମୁ କାଶ୍ମୀରର ଉଲାର ହ୍ରଦ ଏସିଆର ସର୍ବବୃହତ୍ ମଧୁର ଜଳାଶୟ । ଏହା ନଦୀର ପ୍ରବାହକୁ ନିୟନ୍ତ୍ରଣ କରି ବନ୍ୟା ପ୍ରତିରୋଧ କରିବାରେ ସାହାଯ୍ୟ କରେ ।

ଜ୍ୟୋତି କୌତୂହଳୀ ହୋଇ କହିଲା, "ବାୟୁରେ ମଧ୍ୟ ଜଳ ଅଛି କି ? ଏବଂ ବରଫ ଜଳର ଏକ ରୂପ କି ?"

### ଜଳର ବିଭିନ୍ନ ଅବସ୍ଥା ରହିଛି ।

ଆମେ ପୂର୍ବରୁ ଜଳର ତରଳ (ଯଥା- ବର୍ଷା), କଠିନ (ଯଥା- ବରଫ) ଏବଂ ଗ୍ୟାସୀୟ (ଯଥା- ବାଷ୍ପ) ଅବସ୍ଥା ବିଷୟରେ ଜାଣିଛୁ ।

ଆସ, ଗୋଟିଏ ସରଳ କାର୍ଯ୍ୟ ମାଧ୍ୟମରେ ଏ ବିଷୟରେ ଅଧିକ ଜାଣିବା ।

## କାର୍ଯ୍ୟ-୨

ଗୋଟିଏ ଷ୍ଟିଲ ଗ୍ଲାସ୍ ନିଅ । ସେଥିରେ କେତୋଟି ବରଫ ଖଣ୍ଡ ପକାଅ । ଗ୍ଲାସ୍‌ର ବାହାର ପାଖରେ ସୃଷ୍ଟି ହେଉଥିବା ଛୋଟ ଛୋଟ ଜଳ ବିନ୍ଦୁଗୁଡ଼ିକୁ ଦେଖ ।



(କ) ଏହି ଜଳ ବିନ୍ଦୁଗୁଡ଼ିକ କେଉଁଠାରୁ ଆସିଲା ?

______________________

(ଖ) କିଛି ସମୟ ପାଇଁ ଗ୍ଲାସ୍‌ରେ ରହିବା ପରେ ବରଫ ଖଣ୍ଡଗୁଡ଼ିକର କି ପରିବର୍ତ୍ତନ ହେଲା ?

______________________

(ଗ) ଯଦି ଆମେ ଜଳକୁ ଗରମ କରିବା, ତେବେ କ'ଣ ହେବ ?



______________________

ଉପରୋକ୍ତ କାର୍ଯ୍ୟରେ ତୁମେ ଜଳର କେଉଁ କେଉଁ ଅବସ୍ଥା ଦେଖୁଛ ?

______________________

### ପରିବର୍ତ୍ତନଗୁଡ଼ିକୁ ଲକ୍ଷ୍ୟ କର

| କାର୍ଯ୍ୟ | ମୁଁ ଦେଖୁଛି |
| --- | --- |
| ବରଫ ତରଳିବା | |
| ଜଳ ଫୁଟିବା | |
| ତିନିଦିନ ଧରି ସୂର୍ଯ୍ୟକିରଣରେ ଥିବା ଜଳ | |


ଏହି ପରୀକ୍ଷଣରୁ ଆମେ ଜାଣିବାକୁ ପାଇଲୁ ଯେ ଜଳ, ବରଫ ଏବଂ ବାଷ୍ପରେ ପରିବର୍ତ୍ତନ ହୋଇପାରେ ଓ ଏହା ପୁଣି ତରଳ ଅବସ୍ଥାକୁ ଆସିପାରେ ।

**ଜଳ ଚକ୍ର**

ପ୍ରକୃତିରେ ଏପରି ପରିବର୍ତ୍ତନ କିପରି ଘଟେ, ତାହା ବୁଝିବା

## କାର୍ଯ୍ୟ-୩

- ଗୋଟିଏ ସ୍ୱଚ୍ଛ ଥଳୀ ନିଅ ।
- ଚିତ୍ରରେ ଦେଖାଯାଇଥିବା ପରି ଗୋଟିଏ ମାର୍କରରେ ସୂର୍ଯ୍ୟ, ମେଘ, ଗଛ ଚିତ୍ର କରି ତୀର ଚିହ୍ନ ଦିଅ ।
- ଏହାର ଏକ ତୃତୀୟାଂଶ ରଙ୍ଗୀନ୍ ଜଳରେ ପୂର୍ଣ୍ଣ କର ।
  (ସୂଚନା- ରଙ୍ଗ ପାଇଁ ନୀଳ କାଳି ରଙ୍ଗକୁ ବ୍ୟବହାର କରିପାରିବ ।)
- ଜଳ ବାହାରି ନ ଯିବାପାଇଁ ଥଳୀ ମୁହଁକୁ ଭଲଭାବେ ବନ୍ଦ କର ।
- ଏହାକୁ ସୂର୍ଯ୍ୟକିରଣରେ ରଖ ।
- କିଛି ଘଣ୍ଟା ପରେ ଥଳୀ ଭିତରେ ହେଉଥିବା ପରିବର୍ତ୍ତନଗୁଡ଼ିକୁ ଲକ୍ଷ୍ୟ କର ।




| ମୁଁ ଦେଖେ | ମୁଁ ଚକିତ ହୁଏ | ଏହାର କାରଣ |
|---|---|---|
| ଜଳ ଗରମ ହୁଏ | ଜଳ କିପରି ଗରମ ହୁଏ ? | ସୂର୍ଯ୍ୟ କିରଣ |
| ଥଳୀ ଭିତରେ ଜଳ ବୁନ୍ଦା ସୃଷ୍ଟି ହେଲା | | |
| | | |

ମଣିପୁରର "କେଇବୁଲ୍ ଲାମ୍‌ଜାଓ" ଜାତୀୟ ଉଦ୍ୟାନ ପୃଥିବୀରେ ଏକମାତ୍ର ଭାସମାନ ଜାତୀୟ ଉଦ୍ୟାନ ଅଟେ । ଏହା ବିପଦଗ୍ରସ୍ତ ସାଙ୍ଗାଇ ହରିଣ ଏବଂ ଭାସମାନ ଦ୍ୱୀପ (ଫୁମ୍‌ଡ଼ିସ୍) ପାଇଁ ପ୍ରସିଦ୍ଧ ।

ଉପରୋକ୍ତ କାର୍ଯ୍ୟରେ ତୁମେ ଦେଖୁଛ ସୂର୍ଯ୍ୟର ତାପ ଜଳକୁ ଜଳୀୟ ବାଷ୍ପରେ ପରିଣତ କରିଥାଏ । ଜଳୀୟ ବାଷ୍ପ ଥଣ୍ଡା ହୋଇ ଥଳୀ ଭିତରେ ଛୋଟ ଛୋଟ ଜଳ ବିନ୍ଦୁ ସୃଷ୍ଟି କରେ । ଏହି ଜଳ ବିନ୍ଦୁଗୁଡ଼ିକ ପୁଣି ତଳକୁ ଖସିପଡ଼େ ।

ସେହିପରି ପ୍ରକୃତିର ବିଭିନ୍ନ ଉତ୍ସ ଯଥା- ସମୁଦ୍ର, ନଦୀ ଇତ୍ୟାଦିର ଜଳକୁ ସୂର୍ଯ୍ୟତାପ ଜଳୀୟ ବାଷ୍ପରେ ପରିଣତ କରେ । ଜଳୀୟ ବାଷ୍ପ ମେଘ ସୃଷ୍ଟି କରେ ଯାହା ବର୍ଷା, ତୁଷାର ଓ କୁଆପଥର ଭାବରେ ତଳକୁ ଆସେ । ଏହି ଜଳ ପୁଣି ନଦୀ, ହ୍ରଦ ଏବଂ ସମୁଦ୍ରକୁ ଫେରିଯାଏ ।

ପ୍ରକୃତିରେ ଜଳର ଏହି ନିରନ୍ତର ବୃତ୍ତାକାର ଗତିକୁ "ଜଳଚକ୍ର" କୁହାଯାଏ ।



## ଭୂତଳ ଜଳ

ଆସ ଜାଣିବା, ଯେତେବେଳେ ବର୍ଷା ଜଳ ତଳକୁ ଆସିଯାଏ, ସେତେବେଳେ କ'ଣ ହୁଏ ।

## କାର୍ଯ୍ୟ - ୪

- ଗୋଟିଏ ସ୍ୱଚ୍ଛ ଗ୍ଲାସ୍ ନିଅ ।
- ଏହାର ଅଧା ପର୍ଯ୍ୟନ୍ତ ମାଟି ଭର୍ତ୍ତି କର ।
- ଚାମଚରେ ଧୀରେ ଧୀରେ ଜଳ ଢାଳ
- କ'ଣ ଘଟୁଛି ଦେଖ ।




ବର୍ଷା ହେଲେ, କିଛି ଜଳ ମାଟିରେ ଭେଦିଯାଏ । ଏହି ଜଳ ମାଟି ଓ ପଥର ସ୍ତର ଦେଇ ଭିତରକୁ ଚାଲିଯାଏ । ଗଭୀର ଭୂତଳରେ ଯେଉଁ ଜଳ ଜମାହୁଏ, ତାକୁ ଭୂତଳ ଜଳ କୁହାଯାଏ । ଆମେ ଆମର ବ୍ୟବହାର ପାଇଁ କୂପ, ନଳକୂପ କିମ୍ବା ବୋର୍‌ୱେଲ୍ ଖୋଳି ଏହି ଭୂତଳ ଜଳକୁ ପାଇଥାଉ ।

୧୮୨ ମିଟର ଉଚ୍ଚତା ବିଶିଷ୍ଟ ପୃଥିବୀର ସର୍ବୋଚ୍ଚ ପ୍ରତିମୂର୍ତ୍ତି "ଷ୍ଟାଚ୍ୟୁ ଅଫ୍ ୟୁନିଟି" ଭାରତରେ ଅବସ୍ଥିତ ।

## କାର୍ଯ୍ୟ - ୫

ଭୂତଳ ଜଳ ପୁନଃ ଭରଣା କରିବାରେ ଯେଉଁ ଚିତ୍ର ସାହାଯ୍ୟ କରିବ ବୋଲି ଭାବୁଛ, ଠିକ୍ ଚିହ୍ନ ଦେଇ ସୂଚିତ କର ।



କଂକ୍ରିଟ ରାସ୍ତା ☐



ସବୁଜ ଘାସ ଥିବା ବଗିଚା ☐



ସିମେଣ୍ଟ ଟାଇଲ ରାସ୍ତା ☐

ସହରର ସିମେଣ୍ଟ କରାଯାଇଥିବା ସ୍ଥାନଗୁଡ଼ିକରେ ବର୍ଷା ଜଳ ସହଜରେ ମାଟି ଭିତରକୁ ଯାଇପାରେ ନାହିଁ, ଯାହା ଭୂତଳ ଜଳ ପୁନଃଭରଣା ହେବାରେ ବାଧା ସୃଷ୍ଟି କରେ ।

### ତୁମେ ଜାଣ କି ?

ଖୋଲା ସ୍ଥାନମାନଙ୍କରେ ଜଳ ସହଜରେ ମାଟି ଭିତରକୁ ପ୍ରବେଶ କରିଥାଏ । ସୋକ୍‌ପିଟ୍, ପୋଖରୀ, ମଣିଷକୃତ ହ୍ରଦ ଏବଂ ଅଧିକ ବୃକ୍ଷରୋପଣ ବର୍ଷାଜଳକୁ ଭୂମି ତଳେ ପୁନର୍ବାର ଭରଣା ହେବାରେ ସାହାଯ୍ୟ କରେ ।





## ଭୂପୃଷ୍ଠ ଜଳ

ଭୂତଳ ଜଳ ପରି ନଦୀ, ପୋଖରୀ, ହ୍ରଦ ଇତ୍ୟାଦି ମଧୁର ଜଳର ପ୍ରାକୃତିକ ଉତ୍ସ ।

ତୁମେ କେବେ ଭାବିଛ କି, ନଦୀ କିପରି ପ୍ରବାହିତ ହୁଏ ?

ଗୋଟିଏ ନଦୀ ସାଧାରଣତଃ ପର୍ବତ ଉପରୁ ବାହାରି ସମତଳ ଭୂମିରେ ପ୍ରବାହିତ ହୁଏ । ଆସ, ଗୋଟିଏ କାର୍ଯ୍ୟ ମାଧ୍ୟମରେ ଏହାକୁ ବୁଝିବା ।

### କାର୍ଯ୍ୟ - ୬

**ଆବଶ୍ୟକ ସାମଗ୍ରୀ –** ପୁରୁଣା ଖବର କାଗଜ, ସୋରିଷ ମଞ୍ଜି କିମ୍ବା ଅନ୍ୟ କୌଣସି ଛୋଟ ମଞ୍ଜି ।

**ପ୍ରଣାଳୀ:**

- ଖବର କାଗଜ ଖଣ୍ଡେ ନେଇ ଏହାକୁ ହାତରେ ମୋଚା କରିଦିଅ ।
- ଆଉ ଖଣ୍ଡେ ଖବର କାଗଜ ନେଇ ଏହି ମୋଚାକୋଚା କାଗଜ ଉପରେ ରଖ ।
- କାଗଜକୁ ହାତରେ ସାମାନ୍ୟ ଚାପି ଗଡ଼ାଣିଆ କର ।
- ଏବେ ଧୀରେ ଧୀରେ ସୋରିଷ ମଞ୍ଜିକୁ ଗଡ଼ାଣିର ଉପର ମୁଣ୍ଡରୁ ଢାଳ ।
- ମଞ୍ଜିଗୁଡ଼ିକର ଗତିବିଧିକୁ ଲକ୍ଷ୍ୟ କର ।



୧. ସୋରିଷ ମଞ୍ଜିଗୁଡ଼ିକର ଗତିପଥ କିପରି ଥିଲା ?

_______________

୨. ସେଗୁଡ଼ିକ ସିଧା ସିଧା ଗଡୁଛନ୍ତି, ନା ବିଭିନ୍ନ ଦିଗରେ ବିଚ୍ଛୁରିତ ହୋଇଛନ୍ତି ?

_______________

୩. କିଛି କିଛି ସ୍ଥାନରେ ସେଗୁଡ଼ିକ ଏକାଠି ହେଉଛନ୍ତି କି ? ନଦୀ, ହ୍ରଦ ଇତ୍ୟାଦିରେ ଜଳ ଏକାଠି ହେବାପରି ସେଗୁଡ଼ିକ ଏକାଠି ହେଉଛନ୍ତି କି ?

ଜଳ ତା'ର ଗତିପଥରେ ଭୂମି ରୂପ ଅନୁସାରେ ପ୍ରବାହିତ ହୁଏ, କୋଉଠି ଅଟକିଯାଏ ତ କୋଉଠି ବଙ୍କେଇ ଯାଏ । ଜଳ ପ୍ରବାହ ଭୂମିରୂପକୁ ପରିବର୍ତ୍ତନ କରିପାରେ ।

ମହାରାଷ୍ଟ୍ରର ହିୱ୍ରାରେ ବଜାର ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମର ଏକ ପ୍ରକୃଷ୍ଟ ଉଦାହରଣ ଅଟେ । ଏହାର ଜଳ ପରିଚାଳନା ଏବଂ ବର୍ଷାଜଳ ଅମଳ ପାଇଁ ସ୍ଥାନୀୟ ଅଧିବାସୀମାନଙ୍କର ଯଥେଷ୍ଟ ଅବଦାନ ରହିଛି ।

## ଆଲୋଚନା କର

କାର୍ଯ୍ୟ-୬ ଆଧାରରେ କେତେକ ନଦୀ କିପରି ଆରବ ସାଗର ଆଡ଼କୁ ଓ କେତେକ ନଦୀ ବଙ୍ଗୋପ ସାଗର ଆଡ଼କୁ ପ୍ରବାହିତ ହୁଏ, ତାହା ଆଲୋଚନା କର ।

## ତୁମେ ଜାଣ କି ?

ରାଜସ୍ଥାନର ଆରାବଳୀ ପର୍ବତମାଳାରୁ ଉତ୍ପନ୍ନ ହୋଇଥିବା "ଲୁଣିନଦୀ" ଏକ ମାତ୍ର ଭାରତର ପ୍ରମୁଖ ନଦୀ, ଯାହା ସମୁଦ୍ରରେ ମିଶି ନାହିଁ ବରଂ ଏହା ଗୁଜରାଟର କଚ୍ଛର ରନ୍ନରେ ଥିବା ସନ୍ତସନ୍ତିଆ ଭୂମିରେ ମିଶିଯାଇଛି ।








*Map not to scale

**ଆମର ଜୀବନରେଖା** – ଭାରତର ନଦୀ

(ଭାରତର ଏହି ମାନଚିତ୍ରରେ ଆମ ଦେଶର କେତେକ ପ୍ରମୁଖ ନଦୀ ସୂଚିତ ହୋଇଛି ।)

## କାର୍ଯ୍ୟ - ୭


ନଦୀର ପ୍ରବାହକୁ ଲକ୍ଷ୍ୟ କର ।

ମାନଚିତ୍ରରେ ନଦୀଗୁଡ଼ିକ ବିଭିନ୍ନ ଦିଗରେ ପ୍ରବାହିତ ହେଉଥିବାର ତୁମେ ଦେଖିପାରିବ । କେତେକ ନଦୀ ବଙ୍ଗୋପସାଗର ଏବଂ ଆଉ କେତେକ ନଦୀ ଆରବ ସାଗର ଆଡ଼କୁ ପ୍ରବାହିତ ହେଉଅଛି ।

ସାରଣୀ ପୂରଣ କର ।

| ନଦୀର ନାମ | ବଙ୍ଗୋପସାଗର ଆଡ଼କୁ ଗତି କରେ | ଆରବ ସାଗର ଆଡ଼କୁ ଗତି କରେ |
|---|---|---|
| ଗୋଦାବରୀ | | |
| ନର୍ମଦା | | |
| ଗଙ୍ଗା | | |
| ମହାନଦୀ | | |
| | | |
| | | |

ଭାରତର ନୂଆ ଦିଲ୍ଲୀରେ ଥିବା ପ୍ରଥମ ଜଳ ସଂଗ୍ରହାଳୟ– ଜଳ ଶକ୍ତି ସଂଗ୍ରହାଳୟ ଜଳର ଐତିହ୍ୟ ଓ ଅଭିନବ ଉପାୟରେ ଜଳ ସଂରକ୍ଷଣ ପାଇଁ ଭାରତବାସୀଙ୍କୁ ଉତ୍ସାହିତ କରେ ।




**ଶିକ୍ଷକଙ୍କ ପାଇଁ ସୂଚନା**

ମାନଚିତ୍ରରେ ବଙ୍ଗୋପସାଗର କିମ୍ବା ଆରବ ସାଗର ଆଡ଼କୁ ନଦୀଗୁଡ଼ିକର ପ୍ରବାହ ପର୍ଯ୍ୟବେକ୍ଷଣ ଏବଂ ଚିହ୍ନଟ କରିବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବେ ।

## ଜଳରେ ଜୀବନ

ଗୁଡୁ ଦେଖିଲା ଯେ, ବିଦ୍ୟାଳୟ ପଡ଼ିଆ ପାଖରେ ଥିବା ପୋଖରୀ, ବର୍ଷା ଜଳରେ ପୂର୍ଣ୍ଣ ହୋଇଯାଇଛି । ସେ ଜ୍ୟୋତିକୁ ଡାକି କହିଲା, "ଆସ ଦେଖିବ" । ସେମାନେ ଛୋଟ ଛୋଟ ମାଛ ପହଁରୁଥିବାର ଏବଂ ପଦ୍ମପତ୍ର ଉପରେ ଛୋଟ ବେଙ୍ଗ ବସିଥିବାର ଦେଖିପାରିଲେ ।

ଜଳରେ ରହୁଥିବା ବିଭିନ୍ନ ପ୍ରକାରର ଉଦ୍ଭିଦ ଏବଂ ପ୍ରାଣୀ ଦେଖିବାକୁ କେତେ ଚମତ୍କାର ! ସେମାନେ ସ୍ଥଳଭାଗରେ ରହୁଥିବା ପ୍ରାଣୀଙ୍କଠାରୁ କିପରି ଭିନ୍ନ ?

ସ୍ଥଳଭାଗରେ ଥିବା ପ୍ରାଣୀ ଓ ଜଳ ଭାଗରେ ଥିବା ପ୍ରାଣୀଙ୍କ ବୈଶିଷ୍ଟ୍ୟ ବିଷୟରେ ସାଙ୍ଗମାନଙ୍କ ସହିତ ଆଲୋଚନା କରି ନିମ୍ନରେ ଦିଆଯାଇଥିବା ସାରଣୀ ପୂରଣ କର ।



| ସ୍ଥଳଚରପ୍ରାଣୀ | ଜଳଚର ପ୍ରାଣୀ |
|---|---|
| ଜଳରେ ଶ୍ୱାସକ୍ରିୟା କରିପାରିବେ ନାହିଁ । | ପହଁରିବା ପାଇଁ ପକ୍ଷ ଥାଏ । |
| | |
| | |
| | |
| | |
| | |

DRAFT




# ସୂଚନା ଫର୍ଦ୍ଦ



## କଙ୍କି

କ୍ଷିପ୍ର ବେଗରେ ଉଡ଼ନ୍ତି, ଜଳାଶୟ ନିକଟରେ ଅଣ୍ଡା ଦିଅନ୍ତି ଓ ମଶାଙ୍କୁ ଖାଆନ୍ତି ।



## ଜଳ ବିଛା

କଙ୍କଡ଼ା ଭଳି ଚିମୁଟା ସଦୃଶ ଗୋଡ଼ ଥିବା କୀଟ । ଜଳ ଭିତରେ ରହେ ଏବଂ ଲାଞ୍ଜ ନଳୀ ଦ୍ୱାରା ଶ୍ୱାସକ୍ରିୟା କରେ ।



## ବଗ

ଲମ୍ବା ଗୋଡ଼ ଥିବା ପକ୍ଷୀ । ମାଛ ଧରିବାପାଇଁ ସ୍ଥିର ହୋଇ ଠିଆ ହୁଅନ୍ତି ।



## ମଧୁର ଜଳ କଇଁଛ

ନରମ ଖୋଳ ଥିବା କଇଁଛ ଯାହା ପୋଖରୀ ଏବଂ ନଦୀରେ ରୁହନ୍ତି ।



## ଜଳ ସାପ

ଏକ ବିଷ ହୀନ ସାପ । ମାଛ ଏବଂ ବେଙ୍ଗ ଖାଏ ।



## ବେଣା ଗଛ

ପୋଖରୀ ହୁଡ଼ାରେ ହୁଏ । ଏହା ଲମ୍ବା ଘାସ ପରି ବଢ଼ିଥାଏ ।



## ପଦ୍ମ ଓ କଇଁ (ଭାସମାନ ମୂଳ)

ଫୁଲଗୁଡ଼ିକ ପାଣି ଉପରେ ଭାସେ । ମୂଳ ପୋଖରୀ ଶଯ୍ୟାରେ ରହିଥାଏ ।




## ବିଲାତି ଦଳ

ଏକ ଦ୍ରୁତ ବୃଦ୍ଧି ପାଉଥିବା ଉଦ୍ଭିଦ, ଯାହା ଜଳରେ ଭାସେ ଏବଂ ବୃଦ୍ଧି ପାଏ ।

## କାର୍ଯ୍ୟ - ୮

ତୁମ ଶିକ୍ଷକ କିମ୍ବା ପିତାମାତାଙ୍କ ସହିତ ପୋଖରୀ, ହ୍ରଦ କିମ୍ବା ଆକ୍ୱାରିୟମ୍ ପରି ସ୍ଥାନୀୟ ଜଳାଶୟ ପରିଦର୍ଶନ କର । ଜଳାଶୟ ଭିତରେ ଥିବା ଏବଂ ଚତୁଃପାର୍ଶ୍ୱର ଜୀବଜନ୍ତୁଙ୍କୁ ପର୍ଯ୍ୟବେକ୍ଷଣ କର ।

୧. ତୁମ ପର୍ଯ୍ୟବେକ୍ଷଣକୁ ଆଧାର କରି ନିମ୍ନ ସାରଣୀ ପୂରଣ କର ।

| ପଶୁପକ୍ଷୀଙ୍କ ନାମ | ପାଟି ବା ଥଣ୍ଟ | ଗୋଡ଼, ପାଦ, ପକ୍ଷ ଦ୍ୱାରା ଚଳନ | ଚିତ୍ର |
|---|---|---|---|
| ମାଛ | ଉପରକୁ ମୁହଁ କରିଥିବା ଗୋଲିଆ ପାଟି | ପକ୍ଷ |  |
| ବଗ | ଲମ୍ବା ଏବଂ ମୁନିଆଁ ଥଣ୍ଟ | ସରୁ ଗୋଡ଼ |  |
| | | | |
| | | | |
| | | | |

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସୂଚନା**

ସମସ୍ତ ସୁରକ୍ଷା ଓ ସତର୍କତା ଅବଲମ୍ବନ କରି ଶିକ୍ଷାର୍ଥୀମାନେ ବୟସ୍କମାନଙ୍କ ସହିତ ପରିଦର୍ଶନ କରିବା ନିଶ୍ଚିତ କରିବେ । ପରିଦର୍ଶନ ସମୟରେ କୌଣସି ଗଛଲତା କିମ୍ବା ପ୍ରାଣୀଙ୍କୁ ସ୍ପର୍ଶ କରି ବିରକ୍ତ ନ କରିବାକୁ ପରାମର୍ଶ ଦେବେ ।

୨. ପରିଦର୍ଶନ ସମୟରେ ତୁମେ ଦେଖୁଥିବା ଉଭିଦଗୁଡ଼ିକର ଚିତ୍ର ଆଙ୍କି ସେମାନଙ୍କର ନାମ ଓ ସ୍ଥାନୀୟ ନାମ ଲେଖ ।


| ବିଭିନ୍ନ ପ୍ରକାର ଉଭିଦ | ନାମ | ସ୍ଥାନୀୟ ନାମ |
|---|---|---|
| ଜଳ ଉପରେ ଭାସେ | କଇଁ | |
| ଜଳ ତଳେ ଥାଏ | | |
| ମୂଳ ଜଳ ତଳେ ଥାଏ<br>କିନ୍ତୁ ଉଭିଦ ଜଳ ଉପରେ ଦେଖାଯାଏ | | |

## କାର୍ଯ୍ୟ – ୯

୧. ଗୋଟିଏ କାଗଜ ନେଇ ତା ଉପରେ ଗୋଟିଏ ବୁନ୍ଦା ଜଳ ରଖ । ଏହାକୁ ଲକ୍ଷ୍ୟ କର ।

୨. କାଗଜ ଉପରେ କ୍ରେୟନ୍ ରଙ୍ଗ ଘସି ଦିଅ । ଏବେ ଏହା ଉପରେ ଗୋଟିଏ ବୁନ୍ଦା ଜଳ ରଖ । ତୁମେ କିଛି ପରିବର୍ତ୍ତନ ଦେଖିଲ କି ?





ତୁମ ପର୍ଯ୍ୟବେକ୍ଷଣ ଲେଖ ।

ପଦ୍ମ କଇଁ ପତ୍ରରେ ଥିବା ମହମ ପରି ତେଲିଆ / ଚିକ୍କଣ ଆବରଣ ସେମାନଙ୍କ ପତ୍ର ମଧ୍ୟକୁ ଅଧିକ ଜଳ ପ୍ରବେଶ କରିବାକୁ ଦେଇ ନ ଥାଏ । ଏହା ଗଛକୁ କ୍ଷତିରୁ ରକ୍ଷା କରି ସୁସ୍ଥ ରଖିବାରେ ସାହାଯ୍ୟ କରେ ।

## କାର୍ଯ୍ୟ - ୧୦

କିଏ କାହାକୁ ଖାଏ ? – ଏକ ନଦୀ ଖାଦ୍ୟ ଶୃଙ୍ଖଳ ଖେଳ ।

- ଶିକ୍ଷାର୍ଥୀମାନଙ୍କୁ ଛୋଟ କାଗଜ ଖଣ୍ଡେ ଲେଖାଏଁ ଦେବେ । ସେମାନେ ସେଥିରେ ନିଜ ମନ ପସନ୍ଦର ଜୀବର ନାମ ଲେଖିବେ । (ଯଥା– ଛୋଟ ମାଛ, ବଡ଼ ମାଛ, ବେଙ୍ଗ, ପକ୍ଷୀ, ମଣିଷ, କୁମ୍ଭୀର, ଓଟ ଇତ୍ୟାଦି)
- ଲେଖିଥିବା ଜୀବ କ'ଣ ଖାଆନ୍ତି ଓ ତାକୁ କିଏ ଖାଏ ସେ ବିଷୟରେ ଚିନ୍ତା କରିବାକୁ କହିବେ ।
- ଖାଦ୍ୟ ପାଇଁ ପରସ୍ପର ଉପରେ ନିର୍ଭର କରୁଥିବା ଜୀବମାନଙ୍କ ନାମ ଚିନ୍ତା କରିଥିବା ଶିକ୍ଷାର୍ଥୀମାନେ ଗୋଟିଏ ସୂତୁଳି ଦ୍ୱାରା ଯୋଡ଼ି ହେବେ ।
- ଯଦି ସେ ଭିତରୁ ଗୋଟିଏ ପଡେଇ ଯାଏ ବା ଉଡେଇ ଯାଏ, ତେବେ କ'ଣ ହେବ ଆଲୋଚନା କରିବେ । (ଉଦାହରଣ ସ୍ୱରୂପ– ଯଦି ସବୁ ମାଛ ଉଭାନ ହୋଇଯିବେ ତେବେ କ'ଣ ହେବ ?)

## ଜଳଜ ଉଦ୍ଭିଦର ପ୍ରକାର

ଏହି କାର୍ଯ୍ୟ ଦ୍ୱାରା ଆମେ ମଧୁର ଜଳ ପରିସ୍ଥାନରେ ବାସ କରୁଥିବା ଅନେକ ପ୍ରକାର ଉଦ୍ଭିଦ ଏବଂ ପ୍ରାଣୀମାନଙ୍କୁ ଜାଣିଲୁ । ଏହି ଜୀବଜନ୍ତୁମାନଙ୍କର ବିଶେଷ ବୈଶିଷ୍ଟ୍ୟ ରହିଛି । ଯେପରି ଭାସମାନ ପତ୍ର, ପକ୍ଷ କିମ୍ବା ଲମ୍ବା ମୂଳ ଯାହା ସେମାନଙ୍କୁ ଜଳରେ ବଞ୍ଚିବା ଏବଂ ବଢ଼ିବାରେ ସାହାଯ୍ୟ କରେ । ପୃଥିବୀରେ ଜୀବନ ଧାରଣ ପାଇଁ ମଧୁର ଜଳ କେତେ ଯେ ଗୁରୁତ୍ୱପୂର୍ଣ୍ଣ ଏହା ଆମକୁ ସୂଚାଇଥାଏ ।

ଏହି ପାଠରୁ ଆମେ ଶିଖିଲୁ ଯେ, ଜଳ ବିଭିନ୍ନ ଅବସ୍ଥାରେ ରହିଥାଏ ଯଥା– ବରଫ, ଜଳ ଏବଂ ବାଷ୍ପ । ଜଳଚକ୍ର ମାଧ୍ୟମରେ ବାୟୁ, ସ୍ଥଳ ଓ ଆକାଶରେ ଜଳ ତାର ବିଭିନ୍ନ ଅବସ୍ଥାର ପରିବର୍ତ୍ତନ କରି ଗତି କରେ । ଆମେ ମଧ୍ୟ ଅନୁସନ୍ଧାନ କଲୁ ଯେ, ଜଳଚର ଉଦ୍ଭିଦ ଓ ପ୍ରାଣୀମାନେ ଜଳ ଭିତରେ ଏବଂ ଏହାର ଚତୁଃପାର୍ଶ୍ୱରେ ବାସ କରନ୍ତି ।

## ଆସ, ଚିନ୍ତା କରିବା

୧. ସ୍ତମ୍ଭ ମିଳନ କର ।

| | |
|---|---|
| (i) ମହାସାଗର ଜଳ | (କ) ଜଳର କଠିନ ଅବସ୍ଥା |
| (ii) ତୁଷାର | (ଖ) ଜଳର ଗ୍ୟାସୀୟ ଅବସ୍ଥା |
| (iii) ବାଷ୍ପ | (ଗ) ପାନୀୟ ଯୋଗ୍ୟ ନୁହେଁ |
| (iv) ବର୍ଷାଜଳ | (ଘ) ମଧୁର ଜଳ |

୨. ପୃଥିବୀର ଅଧିକାଂଶ ଜଳ ପାନୀୟ କିମ୍ବା କୃଷି କାର୍ଯ୍ୟ ପାଇଁ ଉପଯୁକ୍ତ ନୁହେଁ କାହିଁକି ?


୩. ଜଳାଶୟ ନିକଟରେ ବହୁ ସଂଖ୍ୟକ ଜୀବ ବାସ କରନ୍ତି କାହିଁକି ?

୪. ଯଦି ତୁମ ଅଞ୍ଚଳରେ ଦୁଇ ବର୍ଷ ପର୍ଯ୍ୟନ୍ତ ବର୍ଷା ହେବ ନାହିଁ, ତେବେ କ'ଣ ହେବ ?

୫. ସହର ବା ଜଙ୍ଗଲ ମଧ୍ୟରୁ କେଉଁ ସ୍ଥାନରେ ବର୍ଷାଜଳ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସାହାଯ୍ୟ କରେ ଓ କାହିଁକି ?

୬. ତୁମେ ଘରେ କିମ୍ବା ବିଦ୍ୟାଳୟରେ ନୂଆ ଉପାୟରେ ଜଳ ସଂରକ୍ଷଣ ପାଇଁ ଏକ ନକ୍ସା ପ୍ରସ୍ତୁତ କରିପାରିବ କି ? ଏଥିରେ କ'ଣ କ'ଣ ରଖିବ ?

୭. ଆସ, କାଗଜ ଡାଙ୍ଗି ମାଛ ତିଆରି କରିବା ।





# ୨ ଏକ ନଦୀର କାହାଣୀ

## କେଉଁଠାରୁ ଆରମ୍ଭ ମୁଁ କେଉଁଠାରେ ଶେଷ

"ପାଦ ନାହିଁ ମୋର, ଯାଏ ବହୁ ଦୂର
ଜହ୍ନ ତାରା ତଳେ, କ୍ଷେତ ଜଙ୍ଗଲରେ
ଗଛକୁ ବଞ୍ଚାଇ, ତୁମ ତୃଷ୍ଣା ବି ହରଇ,
ପର୍ବତରୁ ବାହାରି ସାଗରେ ମିଶଇ ।"

ମୁଁ କିଏ ?

ହଁ, ମୁଁ ଏକ ନଦୀ ।

ମୁଁ ଗୋଦାବରୀ । ପଶ୍ଚିମଘାଟର ଉଚ୍ଚରେ ମହାରାଷ୍ଟ୍ରର ତ୍ରୟମ୍ବକେଶ୍ୱରରୁ ମୋର ଉତ୍ପତ୍ତି ।

ଯଦିଓ ମୁଁ ଏକ ଝରଣା ଭାବରେ ଆରମ୍ଭ ହୁଏ, ମୁଁ ଯେତେବେଳେ ଭୂମି ଦେଇ ଗତି କରେ, ବର୍ଷାଜଳ ଏବଂ ଅନ୍ୟ ଝରଣା ମୋ ସହିତ ମିଶିଯାଏ, ଏହା ମୋତେ ପ୍ରଶସ୍ତ ଏବଂ ଶକ୍ତିଶାଳୀ କରିଥାଏ । ଯୋଡ଼ି ହେଉଥିବା ଛୋଟ ଝରଣାଗୁଡ଼ିକ ହେଉଛି ମୋର ଶାଖାନଦୀ ।

ମୁଁ ବଙ୍ଗୋପସାଗରରେ ମିଶିବା ପୂର୍ବରୁ ୧ ୪ ୬ ୫ କିଲୋମିଟର ଯାତ୍ରା କରେ । ଗଙ୍ଗାନଦୀ ପରେ ମୁଁ ଭାରତର ଦ୍ୱିତୀୟ ଦୀର୍ଘତମ ନଦୀ । ଓଡ଼ିଶାର ଇନ୍ଦ୍ରାବତୀ ନଦୀ ମୋ ସହିତ ମିଶିଛି ।



DRAFT

ନିମ୍ନରେ ଦିଆଯାଇଥିବା ଚିତ୍ର ଦେଖି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

୧. ଗୋଦାବରୀ ନଦୀ କେଉଁ କେଉଁ ରାଜ୍ୟଦେଇ ପ୍ରବାହିତ ହୋଇଛି ?

---

୨. ଗୋଦାବରୀ ନଦୀରେ ତିଆରି କରାଯାଉଥିବା ଏକ ବନ୍ଧ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟର ନାମ ଲେଖ ।

---

୩. ଗୋଦାବରୀ ନଦୀର ଗତିପଥରେ ଅନ୍ୟ କେଉଁ ଛୋଟ ନଦୀ ଆସି ମିଶନ୍ତି ?

---



ରାମାୟଣ ଏବଂ ପୁରାଣରେ ମୋ ବିଷୟରେ ଅନେକ ଆକର୍ଷଣୀୟ କାହାଣୀ ରହିଛି । ମୋତେ "ଦକ୍ଷିଣ ଗଙ୍ଗା" ବୋଲି କୁହାଯାଏ, କାରଣ ମୁଁ ଦକ୍ଷିଣ ଭାରତରେ ପ୍ରବାହିତ ହୁଏ ଓ ମୋତେ ପବିତ୍ର ବିବେଚନା କରାଯାଏ ।

ମୋର ଉତ୍ପତ୍ତି ସ୍ଥଳ ନିକଟ ସ୍ଥାନ ଯଥା: - ନାସିକକୁ "ଗୋଦାବରୀ ପୁଷ୍କରମ୍" ଭଳି ବିଶେଷ କାର୍ଯ୍ୟକ୍ରମ ସମୟରେ ଚାରିଆଡୁ ଲୋକମାନେ ମୋର ପବିତ୍ର ଜଳରେ ବୁଡ଼ ପକାଇବା ପାଇଁ ଆସନ୍ତି ।



## ମୋ ଜୀବନ ଧାରା

ବର୍ଷସାରା ପ୍ରବାହିତ ହେଉଥିବାରୁ ମୁଁ ଏକ ଚିରସ୍ରୋତା ନଦୀ, କେତେକ ନଦୀ କେବଳ ବର୍ଷା ଋତୁରେ ବର୍ଷା ଜଳ ପାଇ ପ୍ରବାହିତ ହୁଅନ୍ତି, ଯେଉଁଥିପାଇଁ ସେମାନଙ୍କୁ ଋତୁକାଳୀନ ନଦୀ କୁହାଯାଏ ।

ବଣ୍ୟଜନ୍ତୁ ଯଥା: ବାଘ, କୁଟୁରା, ଭାରତୀୟ ବହୁରୂପୀ ଏଣ୍ଡୁଅ ଏବଂ ପ୍ରସିଦ୍ଧ ରକ୍ତ ଚନ୍ଦନ ଗଛରେ ପରିପୂର୍ଣ୍ଣ ଘଞ୍ଚ ଜଙ୍ଗଲ ମଧ୍ୟଦେଇ ମୁଁ ଗତିକରେ । ମୋ ପରି ମଧୁର ଜଳ ଉତ୍ସ ଅନେକ ଉଦ୍ଭିଦ ଏବଂ ପ୍ରାଣୀଙ୍କ ବାସସ୍ଥାନ, ଏହା ତୁମେ ପୂର୍ବ ପାଠରେ ପଢ଼ିଛ ।

ସମୁଦ୍ରରେ ମିଶିବା ସମୟରେ ମୁଁ ଅନେକ ଛୋଟ ଛୋଟ ଶାଖାରେ ବିଭକ୍ତ ହୋଇ ମୁହାଣ ଗଠନ କରେ । ମୋ ମଧୁର ଜଳ ସେଠାରେ ସମୁଦ୍ରର ଲୁଣିଜଳ ସହିତ ମିଶିଥାଏ ।

ଯେଉଁସ୍ଥାନରେ ମୋର ଯାତ୍ରା ଶେଷ ହୁଏ, ସେହି ସ୍ଥାନକୁ "କୋରିଙ୍ଗା ହେନ୍ତାଳ ବଣ" କୁହାଯାଏ ।



## ବିଭିନ୍ନ ଉପାୟରେ ଜୀବମାନଙ୍କୁ ମୋର ସହାୟତା

ପ୍ରାଚୀନ କାଳରୁ ଲୋକମାନେ ସର୍ବଦା ନଦୀ କିମ୍ବା ଜଳାଶୟ ନିକଟରେ ସେମାନଙ୍କର ଘର ତିଆରି କରି ଆସୁଛନ୍ତି । ଅନୁମାନ କରିପାରିବ, କାହିଁକି ?

---


---

ତୁମେ ଜାଣ କି, ମୁଁ ପ୍ରତିଦିନ ଲୋକମାନଙ୍କୁ କେତେ ଉପାୟରେ ସାହାଯ୍ୟ କରେ ? ମୁଁ ମୋ ଆଖପାଖରେ ଥିବା ଅନେକ ଗ୍ରାମବାସୀ ଓ ସହରବାସୀଙ୍କୁ ଜଳ ଯୋଗାଇଥାଏ ।

ସମସ୍ତ ଘର, ବିଦ୍ୟାଳୟ ଏବଂ କୃଷିକ୍ଷେତ୍ରରେ ବ୍ୟବହାର ପାଇଁ ମୁଁ ଜଳ ଯୋଗାଏ । ମୁଁ ଲୋକମାନଙ୍କୁ କେବଳ ପିଇବା, ରୋଷେଇ କରିବା ଏବଂ ଧୁଆ ଧୋଇରେ ସାହାଯ୍ୟ କରେ ନାହିଁ, ବରଂ ସେମାନଙ୍କ ଖାଦ୍ୟ ଉପାଦାନ ସହିତ କଳକାରଖାନାରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାରେ ମଧ୍ୟ ସାହାଯ୍ୟ କରେ । ମୋ ଦ୍ୱାରା ଅନେକ ବ୍ୟକ୍ତି ଜୀବିକା ନିର୍ବାହ ମଧ୍ୟ କରନ୍ତି ।

ମୋର ଜଳ ପାଇପ୍ ଏବଂ କେନାଲ୍ ଦ୍ୱାରା ଅନେକଙ୍କୁ ଯୋଗାଇ ଦିଆଯାଏ ।

ଭାରତର ଚେନାବ ନଦୀ ଉପରେ ଥିବା ଧନୁ ଆକାରର ରେଳ ପୋଲ ପୃଥିବୀରେ ସର୍ବୋଚ୍ଚ ପୋଲ ଭାବରେ ଜଣାଶୁଣା ।



**ପରିବେଶ ପର୍ଯ୍ୟଟନର** ଅର୍ଥ ହେଉଛି ଜଙ୍ଗଲ, ନଦୀ କିମ୍ବା ପର୍ବତ ଭଳି ପ୍ରାକୃତିକ ସ୍ଥାନଗୁଡ଼ିକୁ ପରିଦର୍ଶନ କରି ସେମାନଙ୍କର ସୌନ୍ଦର୍ଯ୍ୟ ଉପଭୋଗ କରିବା, ପଶୁପକ୍ଷୀମାନଙ୍କୁ ଲକ୍ଷ୍ୟ କରିବା ଏବଂ ପରିବେଶର କ୍ଷତି ନ କରି ପ୍ରକୃତି ସମ୍ବନ୍ଧରେ ଶିକ୍ଷାଲାଭ କରିବା ।

୧. ଗୋଦାବରୀ ନଦୀ ଉପରେ ଲୋକମାନେ ନିର୍ଭର କରୁଥିବା ତିନୋଟି କାର୍ଯ୍ୟ ଲେଖ ।

୨. ଗୋଦାବରୀ ନଦୀକୂଳବର୍ତ୍ତୀ ଅଞ୍ଚଳର ଲୋକମାନେ କେଉଁ କେଉଁ ବୃତ୍ତିରେ ନିୟୋଜିତ ?

୩. ଗୋଦାବରୀ ନଦୀ କୂଳରେ କେଉଁ କେଉଁ ଫସଲ ହେଉଥିବାର ଜାଣିଛ ?

______________________________________________

______________________________________________

୪. ତୁମ ଅଞ୍ଚଳରେ କେଉଁ ଫସଲ ଚାଷ କରାଯାଏ ? ଜଳସେଚନ ପାଇଁ ଜଳ କେଉଁଠାରୁ ଆସିଥାଏ ?

______________________________________________

______________________________________________

## କାର୍ଯ୍ୟ – ୧

ନଦୀଗୁଡ଼ିକ ଲୋକମାନଙ୍କୁ କିପରି ସାହାଯ୍ୟ କରେ, ତାହା ଦର୍ଶାଉଥିବା ଏକ ପୋଷ୍ଟର ତୁମ ଶ୍ରେଣୀଗୃହରେ ପ୍ରସ୍ତୁତ କର । ସେଥିରେ ଘର, କୃଷିକ୍ଷେତ୍ର, ଡଙ୍ଗା, ମତ୍ସ୍ୟଜୀବୀ ଇତ୍ୟାଦିର ଚିତ୍ର ଅନ୍ତର୍ଭୁକ୍ତ କର ।

## ମୋର ଜଳ ସଂରକ୍ଷଣ ଓ ଗତି ପରିବର୍ତ୍ତନ କରୁଥିବା ବନ୍ଧ

ତୁମେ ଜାଣ କି, ମୋ ଜଳକୁ ସଂରକ୍ଷଣ କରିବା ପାଇଁ ୯୦୦ରୁ ଅଧିକ ନଦୀ ବନ୍ଧ ଅଛି । ଲୋକମାନେ ବର୍ଷାଦିନ ବ୍ୟତୀତ ଅନ୍ୟ ଋତୁରେ ମଧ୍ୟ ପାନୀୟ ଜଳ, ଫସଲ ଉତ୍ପାଦନ ଏବଂ ବିଦ୍ୟୁତ୍ ଉତ୍ପାଦନ କରିବାରେ ଏହି ସଂରକ୍ଷିତ ଜଳକୁ ବ୍ୟବହାର କରୁଛନ୍ତି ।

କିନ୍ତୁ କେବେ ଭାବିଛ କି, ଯେତେବେଳେ ବନ୍ଧ ତିଆରି ହୁଏ, ମୋର ଅବସ୍ଥା କ'ଣ ହୁଏ ? ଜଙ୍ଗଲ, ପଶୁପକ୍ଷୀ ତଥା ମୋ ଆଖପାଖରେ ରହୁଥିବା ଲୋକଙ୍କର ଅବସ୍ଥା କ'ଣ ହୁଏ ?

"ନଦୀବନ୍ଧ" ଏକ ବିଶାଳ କାନ୍ଥ ପରି, ଯାହା ମୋର ଗତିପଥକୁ ଅବରୋଧ କରେ ଏବଂ "ଜଳ ଭଣ୍ଡାର" ନାମକ ଏକ ବଡ଼ ଜଳାଶୟରେ ଜଳ ସଂରକ୍ଷଣ କରେ । ଏହି ସଂରକ୍ଷିତ ଜଳ ଅନେକ ଲୋକଙ୍କୁ ସାହାଯ୍ୟ କଲେ ମଧ୍ୟ ବନ୍ଧ ନିର୍ମାଣ ପୂର୍ବରୁ ଯେଉଁସ୍ଥାନ ପଶୁପକ୍ଷୀ ଏବଂ ଲୋକଙ୍କର ବାସସ୍ଥାନ ଥାଏ, ତାହା ଜଳମଗ୍ନ ହୋଇଯାଏ । ବନ୍ଧ ନିର୍ମାଣ ଦ୍ୱାରା ଅନେକଙ୍କୁ ମଧ୍ୟ ନିଜ ବାସସ୍ଥାନ ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତରିତ ହେବାକୁ ପଡ଼ିଥାଏ ।



ଆସାମର ମଜୁଲି ଦ୍ୱୀପ ପୃଥିବୀର ସର୍ବବୃହତ୍ ନଦୀ ଦ୍ୱୀପ, ଯାହା ବ୍ରହ୍ମପୁତ୍ର ନଦୀଦ୍ୱାରା ଗଠିତ ହୋଇଛି ।

ତୁମେ ଜଳ ପାଇଁ କଳ ଖୋଲିଥାଅ । ମାତ୍ର ଏଥିପାଇଁ କେତେ ଯେ ପରିଶ୍ରମ ଓ ତ୍ୟାଗ କରାଯାଇଛି, ତାହା ତୁମେ କଳ୍ପନା ମଧ୍ୟ କରିପାରିବନି । ସେଥିପାଇଁ ଜଳକୁ ଯଥୋଚିତ ଭାବରେ ବ୍ୟବହାର କରିବା ଏବଂ ଏହାକୁ କେବେ ବି ଅପଚୟ ନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

### ଲେଖ

ନଦୀବନ୍ଧ ନିର୍ମାଣ ହେବାପରେ କେଉଁ ସବୁ ସମସ୍ୟା ହୋଇପାରେ ? ସେଗୁଡ଼ିକର ସମାଧାନ କିପରି କରାଯାଇପାରିବ ?

## ମୁଁ ପ୍ରଦୂଷିତ ହେବାର କାରଣ ଓ ତା'ର ପ୍ରଭାବ

ମୋ କୂଳ ପାଖରେ ଅଧିକ ଜନବସତି ଏବଂ କାରଖାନା ସ୍ଥାପନ ହେଉଥିବାରୁ ଅଳିଆ ଆବର୍ଜନା, ପ୍ଲାଷ୍ଟିକ୍ ଏବଂ ମଇଳା ଜଳ ମୋତେ ପ୍ରଦୂଷିତ କରୁଛି । ବେଳେବେଳେ ମୁଁ ଗନ୍ଧ ହୁଏ, କିମ୍ବା ଅପରିଷ୍କାର ଦେଖାଯାଏ । ତଥାପି ଲୋକମାନେ ମୋ ଜଳ ବ୍ୟବହାର କରନ୍ତି, ଯାହା ଦ୍ୱାରା ସେମାନେ ଅସୁସ୍ଥ ହୋଇପାରନ୍ତି । ମୋର ଇଚ୍ଛା ଯେ, ମୁଁ ସେମାନଙ୍କୁ ମୋତେ ସଫା ଏବଂ ଆବର୍ଜନା ମୁକ୍ତ ରଖିବାରେ ସାହାଯ୍ୟ କରିବାକୁ କହନ୍ତି ।



ଏହା କରିବାର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି– ପ୍ରଥମେ ପରିବେଶ ଅନୁକୂଳ ଦ୍ରବ୍ୟ ବ୍ୟବହାର କରି ବର୍ଜ୍ୟବସ୍ତୁ ଉତ୍ପାଦନକୁ ହ୍ରାସ କରିବା ।

ମୋ ଭିତରେ ରହୁଥିବା ମାଛ, କଇଁଛ ଇତ୍ୟାଦି ଏବଂ ଆଖପାଖରେ ରହୁଥିବା ପକ୍ଷୀମାନଙ୍କର ଅନ୍ୟ କୌଣସି ବାସସ୍ଥାନ ନାହିଁ । କ୍ରମଶଃ ସେମାନେ ଲୋପ ପାଇବାକୁ ଲାଗିଲେଣି, ଏହା ମୋତେ ବହୁତ ଦୁଃଖିତ କରୁଛି ।

## ଲେଖ

୧. ଆମେ ଯେଉଁ ପ୍ଲାଷ୍ଟିକ୍ ଖୋଳ ବା ମୁଣି ଇତ୍ୟାଦି ଅଳିଆଗୁଡ଼ିକୁ ଫିଙ୍ଗିଥାଉ ତାହା କେଉଁଠାରେ ଜମା ହୁଏ ?

---

୨. ତୁମ ଘରେ କି ପ୍ରକାରର ସାବୁନ୍, ସାମ୍ପୁ, କିମ୍ବା ଚଟାଣ ସଫା କରିବା ଦ୍ରବ୍ୟ (ପ୍ରାକୃତିକ କିମ୍ବା ବଜାରରୁ କିଣି) ବ୍ୟବହାର କରାଯାଏ ? ମଇଳା ଜଳ ସହିତ ଏହିସବୁ କେଉଁଠାକୁ ଯାଏ ?

---

---

## ଆଲୋଚନା କର

ତୁମ ପିତାମାତା କିମ୍ବା ବୟସ୍କମାନଙ୍କୁ ପଚାର ସେମାନେ ଯେତେବେଳେ ତୁମ ବୟସର ହୋଇଥିଲେ ସେତେବେଳେ ତୁମ ଘର ପାଖରେ ଥିବା ଜଳାଶୟର ଅବସ୍ଥା କିପରି ଥିଲା ? ବର୍ତ୍ତମାନ ସେହି ଜଳାଶୟର ଅବସ୍ଥା କିପରି ଅଛି ?



## କାର୍ଯ୍ୟ - ୨

ତୁମେ ଘର କିମ୍ବା ବିଦ୍ୟାଳୟର ଆବର୍ଜନା କୁଣ୍ଡରେ ଢାଳୁଥିବା ଆବର୍ଜନାଗୁଡ଼ିକର ତାଲିକା କର ।

ଏହି ଅଳିଆ ଆବର୍ଜନାଗୁଡ଼ିକୁ ଯଦି ନଦୀ ବା ପୋଖରୀରେ ପକାଇବ, ସେଇ ଜଳାଶୟର ଜଳକୁ ବ୍ୟବହାର କରୁଥିବା ପଶୁପକ୍ଷୀ, ବୃକ୍ଷଲତା ଓ ମଣିଷମାନେ କିପରି କ୍ଷତିଗ୍ରସ୍ତ ହେବେ ?

## କାର୍ଯ୍ୟ - ୩

ଦୁଇଟି ସଫା କାଚ ଗ୍ଲାସରେ ଜଳ ନିଅ । ଗୋଟିଏ ଗ୍ଲାସ୍‌ରେ ଗୋଟିଏ ଚାମଚ ଚିନି ଏବଂ ଅନ୍ୟଟିରେ ଗୋଟିଏ ଚାମଚ ଖାଇବା ତେଲ ମିଶାଅ । ଉଭୟକୁ ଭଲ ଭାବରେ ଗୋଳାଅ ଏବଂ ପର୍ଯ୍ୟବେକ୍ଷଣ କର ।

ତୁମେ କ'ଣ ଦେଖୁଛ ? କେଉଁ ଗ୍ଲାସର ଜଳ ସଫା ଦେଖାଯାଉଛି ?

ଏହି ପରୀକ୍ଷଣ ଆମକୁ ଦର୍ଶାଉଛି ଯେ, କିଛି ଜିନିଷ ଜଳରେ ଦ୍ରବୀଭୂତ ହୁଏ ଏବଂ କିଛି ହୁଏ ନାହିଁ । ତୁମେ ଏଭଳି ଜିନିଷଗୁଡ଼ିକର ତାଲିକା କରିପାରିବ କି ?

**ଜଳରେ ଦ୍ରବୀଭୂତ ହେଉଥିବା ଜିନିଷ ।**

ଜଳରେ ଦ୍ରବୀଭୂତ ହେଉ ନଥିବା ଜିନିଷ ।

---

---

---

ମୋ ପରି ନଦୀ ଜଳରେ ରାସାୟନିକ ପଦାର୍ଥ କିମ୍ବା ମଇଳା ସାବୁନ ଜଳ ଭଳି କ୍ଷତିକାରକ ଜିନିଷ ଦ୍ରବୀଭୂତ ହୋଇ ରହିଥାଇପାରେ । ତେଣୁ, ମୋର ଜଳ ସଫା ଦେଖାଗଲେ ମଧ୍ୟ ଏଥିରେ ଥିବା କ୍ଷତିକାରକ ଜିନିଷ ଜୀବଜନ୍ତୁଙ୍କର କ୍ଷତି କରିପାରେ ।

## କାର୍ଯ୍ୟ - ୪

ତଳେ ଦିଆଯାଇଥିବା ଚିତ୍ର ୨ଟିକୁ ଦେଖ । କେଉଁ ନଦୀର ଜଳ ସ୍ୱାସ୍ଥ୍ୟ ଉପଯୋଗୀ ଦେଖାଯାଉଛି ଓ କାହିଁକି ? ଜଳରେ ଏତେ ଗଛ କିପରି ବଢ଼ିଥାଏ ? ନଦୀରେ ଅତ୍ୟଧିକ ଗଛ ହେଲେ କ'ଣ ହୁଏ ବୋଲି ଭାବୁଛ ?



ନିର୍ମଳ ଜଳ ଥିବା ନଦୀ



ସବୁଜ ବୃକ୍ଷଲତା ଦ୍ୱାରା ଆଚ୍ଛାଦିତ ନଦୀ

DRAFT

ବେଳେବେଳେ ଫସଲରେ ଦିଆଯାଉଥିବା ସାର ମୋ ଜଳରେ ମିଶିଯାଏ । ଏହା ଗଛଲତା ଏବଂ ଅନ୍ୟାନ୍ୟ ଜଳଜ ଉଦ୍ଭିଦମାନଙ୍କର ଦ୍ରୁତ ବୃଦ୍ଧି କରାଇ ମୋ ପୃଷ୍ଠରେ ସବୁଜ ଚାଦର ପରି ଆସ୍ତରଣ ସୃଷ୍ଟି କରେ, ଯାହାଦ୍ୱାରା ମୋ ଭିତରେ ଥିବା ମାଛପରି ଜଳଚର ଜୀବମାନେ ଶ୍ୱାସରୁଦ୍ଧ ହୋଇଯାନ୍ତି । ଏହା ସହିତ ମୋର ଜଳ ଲୋକଙ୍କ ପିଇବା ପାଇଁ ଅନୁପଯୁକ୍ତ ହୋଇଯାଏ ।

ମୁଁ କହିବି ଯେ, ଅନେକ ଲୋକ ମୋର ଜଳକୁ ସଫା ରଖିବାକୁ ଚେଷ୍ଟା କରୁଛନ୍ତି । କିଛି ସ୍ଥାନରେ ଲୋକେ ମୋ ଜଳ ଦୂଷିତ ନ ହେବା ପାଇଁ କାର୍ଯ୍ୟ କରୁଛନ୍ତି ।

ତୁମର ପ୍ରତ୍ୟେକ ଛୋଟ ପଦକ୍ଷେପ ମୋତେ ନିର୍ମଳ ଏବଂ ଜୀବମାନଙ୍କୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ । ମୋ ଜଳକୁ ସଫା ରଖିବାପାଇଁ ପ୍ରୟାସ କରାଯାଉଥିବା ଦେଖି ମୁଁ ଖୁସି ।

### ତୁମେ ଜାଣ କି ?

"ନମାମି ଗଙ୍ଗେ" କାର୍ଯ୍ୟକ୍ରମ ଗଙ୍ଗାନଦୀକୁ ସଫା କରିବାରେ ସାହାଯ୍ୟ କରୁଛି । ଯାହା ଜନସାଧାରଣ, ମାଛ ଏବଂ ପକ୍ଷୀମାନଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ହେବ ।

### ଲେଖ

ତୁମ ନିଜ ଆଖପାଖରେ ଥିବା ଜଳାଶୟର ସୁରକ୍ଷା ପାଇଁ ୩ଟି ପଦକ୍ଷେପ ଲେଖ ।

୧. ____________________

୨. ____________________

୩. ____________________

## ଯେତେବେଳେ ଏକ ନଦୀରେ ବନ୍ୟା ଆସେ....

ଅଧିକାଂଶ ସମୟରେ ମୁଁ ଧୀରେ ଧୀରେ ପ୍ରବାହିତ ହୋଇ ମୋ ଚାରିପାଖର ଜୀବଜଗତକୁ ସାହାଯ୍ୟ କରେ । କିନ୍ତୁ, ମୁଁ ଶକ୍ତିଶାଳୀ ବୋଲି କେବେ ଭୁଲେ ନାହିଁ । ଯେତେବେଳେ ଅତ୍ୟଧିକ ବର୍ଷା ହୁଏ, ମୁଁ ପ୍ରସାରିତ ହୁଏ ଏବଂ ଦ୍ରୁତ ତଥା ଗଭୀର ହୋଇ ବିଶାଳ ଆକାର ଧାରଣ କରେ । ଏହି ସମୟରେ ମୁଁ ହିଂସ୍ର ରୂପରେ ଗର୍ଜନ କରି ଦ୍ରୁତ ଗତିରେ ଭୂଇଁରେ ଏପରି ମାଡ଼ିଯାଏ ଯେ କେହି କେବେ କଳ୍ପନା କରିପାରି ନଥିବେ । ସେହି ସମୟରେ ମୁଁ କୂଳ ଲଙ୍ଘନ କରି ବିସ୍ତୃତ ଅଞ୍ଚଳରେ ପ୍ରବାହିତ ହେବାରେ ନିଜକୁ ରୋକିପାରେ ନାହିଁ ।

ଯେତେବେଳେ ଅତ୍ୟଧିକ ବର୍ଷା ହୁଏ, ସମସ୍ତ ଜଳ ମୋ ଭିତରକୁ ପଶିଯାଏ ଏବଂ ମୋର ବନ୍ୟାଜଳରେ ଘର, ଜମି ଏବଂ ରାସ୍ତାଘାଟ ବୁଡ଼ିଯାଏ, ଯାହାଦ୍ୱାରା ବହୁ ଧନଜୀବନ ନଷ୍ଟହୁଏ । ଘର ଛାଡ଼ି ଅନେକ ଲୋକ ଏବଂ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ପଡ଼ିଥାଏ ।




## କାର୍ଯ୍ୟ - ୫

**'ସ୍ତମ୍ଭ' ମେଳ କର ।**

ଗୋଟିଏ ସମସ୍ୟାର ଏକାଧିକ ପ୍ରଭାବ ଥାଇପାରେ ।

| ବନ୍ୟା ସମସ୍ୟା | ପ୍ରଭାବ |
|---|---|
| (୧) ଗୋଳିଆ ଜଳ | (କ) ଲୋକଙ୍କ ପାଇଁ ଆଶ୍ରୟ ସ୍ଥଳ |
| (୨) ରାସ୍ତାଘାଟ ନଷ୍ଟ | (ଖ) ନିରାପଦ ପାନୀୟ ଜଳ |
| (୩) ଫସଲ ନଷ୍ଟ | (ଗ) ଶିକ୍ଷଣ |
| (୪) ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ | (ଘ) ଯାତାୟତ ଏବଂ ଗମନାଗମନ |
| (୫) ରୋଗ ବ୍ୟାପିବା | (ଙ) ଆଲୋକ, ପଙ୍ଖା ଓ ଫୋନ |
| (୬) ଘର ଭାଙ୍ଗିବା | (ଚ) ଲୋକଙ୍କ ସ୍ୱାସ୍ଥ୍ୟ |
| (୭) ବିଦ୍ୟାଳୟ ବନ୍ଦ | (ଛ) ଖାଦ୍ୟ ଯୋଗାଣ |

## କାର୍ଯ୍ୟ - ୬

# ବନ୍ୟା ସମୟର ସତର୍କତା

### ବନ୍ୟା ପୂର୍ବରୁ



ଆଞ୍ଚଳିକ ଖବର ଜାଣି ସବୁବେଳେ ସତର୍କ ରୁହ



ଜରୁରୀକାଳୀନ ପରିସ୍ଥିତି ପାଇଁ ଗୋଟିଏ ବ୍ୟାଗ୍‌ରେ କିଛି ଶୁଖିଲା ଖାଦ୍ୟ, ଔଷଧ ଓ ଟର୍ଚ୍ଚ ରଖ ।



ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ବୁଝ ଓ ନିରାପଦ ବିକଳ୍ପ ପଥ ବାଛ ।




ବନ୍ୟାଜଳ ଆସିବା ପୂର୍ବରୁ ସୁରକ୍ଷିତ ସ୍ଥାନକୁ ଚାଲିଯାଅ ।



ବନ୍ୟା ପ୍ରବଣ ଅଞ୍ଚଳରେ ଘରେ ଜରୁରୀକାଳୀନ ଜିନିଷ, ଯଥା- ବାଲି ବସ୍ତା, ସିଢ଼ି, ଦଉଡ଼ି ଇତ୍ୟାଦି ରଖ ।

### ବନ୍ୟା ସମୟରେ



ବିଦ୍ୟୁତ୍ ପ୍ରବାହ ବିଚ୍ଛିନ୍ନ ଏବଂ ଇନ୍ଧନ ଗ୍ୟାସ ସିଲିଣ୍ଡର ସ୍ୱିଚ୍ ବି ବନ୍ଦ କରିଦିଅ ।




ବନ୍ୟା ସମୟରେ ଜଳ ଭିତରକୁ ଯାଅ ନାହିଁ କିମ୍ବା ଡ଼ିଅଁ ନାହିଁ ।



ଉଚ୍ଚ ସ୍ଥାନରେ ଯାଇ ଆଶ୍ରୟ ନିଅ ।



ସ୍ଥାନାନ୍ତର ସମ୍ବନ୍ଧୀୟ ସୂଚନାକୁ ପାଳନ କର ।



ଗାଈଗୋରୁଙ୍କୁ ନିରାପଦ ସ୍ଥାନକୁ ନେଇଯାଅ ।

### ବନ୍ୟା ପରେ



ବନ୍ୟାଜଳ ନିକଟକୁ ଯାଅନାହିଁ କିମ୍ବା ପହଁର ନାହିଁ ।



ବୈଦ୍ୟୁତିକ ତାରକୁ ଛୁଅଁ ନାହିଁ ।



ନିରାପଦ ଘୋଷଣା ନ ହେବା ପର୍ଯ୍ୟନ୍ତ ନିଜ ଘର କିମ୍ବା ବନ୍ୟା ଅଞ୍ଚଳକୁ ଯାଅ ନାହିଁ ।



ନିଜେ ସୁରକ୍ଷିତ ଅଛ ବୋଲି ପରିବାର ସଦସ୍ୟଙ୍କୁ ଜଣାଅ ।



ବନ୍ୟାପରେ ଘରକୁ ଫେରି ଘର, ଆଖପାଖ ଅଞ୍ଚଳକୁ ରୋଗ ଏବଂ ସଂକ୍ରମଣ ମୁକ୍ତ ରଖ ।

## କାର୍ଯ୍ୟ - ୭

କାର୍ଯ୍ୟ-୬ ରେ ଦିଆଯାଇଥିବା ବନ୍ୟା ସତର୍କତାପୂର୍ଣ୍ଣ ସୂଚନାଗୁଡ଼ିକୁ ପଢ଼ ଓ ତୁମ ଗ୍ରାମର ସରପଞ୍ଚ କିମ୍ବା ନଗରର ପୌରପରିଷଦ ସଦସ୍ୟଙ୍କର ଭୂମିକା ଗ୍ରହଣ କରି ଅଭିନୟ କର ।

ତୁମେ କି କି ପଦକ୍ଷେପ ନେବ, ତାହା ଆଲୋଚନା କର ।

- ବନ୍ୟା ନିୟନ୍ତ୍ରଣ ।
- ବନ୍ୟାଞ୍ଚଳରେ ହୋଇଥିବା କ୍ଷୟକ୍ଷତି ନିୟନ୍ତ୍ରଣ ।
- ବୟସ୍କ ଏବଂ ଦିବ୍ୟାଙ୍ଗମାନଙ୍କୁ ସୁରକ୍ଷା ପ୍ରଦାନ ।
- ଗୃହପାଳିତ ପଶୁମାନଙ୍କୁ ସୁରକ୍ଷା ପ୍ରଦାନ ।

**ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ଜରୁରୀକାଳୀନ ଜିନିଷ ରଖିବା କିଟ୍ ପ୍ରସ୍ତୁତ କର ।**



## ଯେତେବେଳେ ନଦୀ ଶୁଖିଯାଏ...

ଯେତେବେଳେ ମୁଁ କିଛି ଅଞ୍ଚଳରେ ବନ୍ୟା କରେ, ଲୋକମାନେ ବହୁତ ବ୍ୟସ୍ତ ହୁଅନ୍ତି, କିନ୍ତୁ ଯେତେବେଳେ ମୁଁ ଶୁଖିଯାଏ, ଏହା ମଧ୍ୟ ଲୋକମାନଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥାଏ ।

ବିନା ଜଳରେ ଗୋଟିଏ ଦିନ- ଟିକେ ଚିନ୍ତା କର । ସହଜ ନୁହେଁ । ଠିକ୍ ତ ?

୧. ଯଦି ତୁମ ଘରେ ଦିନ ସାରା ଜଳ ନ ଥାଏ, ତେବେ ତୁମେ କ'ଣ କରିବ ?

________________________________________

________________________________________

୨. ଯଦି ଗୋଟିଏ ସପ୍ତାହ ପାଇଁ ଜଳ ନଥାଏ, ତେବେ କ'ଣ ହେବ ? ତୁମେ କିପରି ଗାଧୋଇବ, ପିଇବ, ରୋଷେଇ କରିବ କିମ୍ବା ପରିଷ୍କାର-ପରିଚ୍ଛନ୍ନ କରିବ ? ତୁମେ ଜଳ ଆଣିବା ପାଇଁ କେଉଁ ସ୍ଥାନକୁ ଯିବ ?

________________________________________

________________________________________

ଯେତେବେଳେ ବହୁତ ଦିନ ଧରି ଜଳ ମିଳେ ନାହିଁ, ସେତେବେଳେ ଲୋକମାନଙ୍କୁ ଘର ଛାଡ଼ି ଜଳ ମିଳୁଥିବା ସ୍ଥାନକୁ ଯିବାକୁ ପଡ଼ିଥାଏ । କେବଳ ମଣିଷମାନଙ୍କ ପାଇଁ ନୁହେଁ, ପଶୁପକ୍ଷୀମାନଙ୍କୁ ମଧ୍ୟ ସମାନ କଷ୍ଟ ହୁଏ । ସୌଭାଗ୍ୟବଶତଃ ସେହିମାନଙ୍କ ପାଇଁ ମୁଁ ସବୁବେଳେ ଜଳ ଦିଏ ଏବଂ ବର୍ଷସାରା ପ୍ରବାହିତ ହେଉଥାଏ । ତେଣୁ ମୁଁ ସବୁବେଳେ ସମସ୍ତଙ୍କର ଯତ୍ନନେବା ଜାରି ରଖିପାରେ ।

### ତୁମେ ଜାଣ କି ?

୨୦୧୯ ମସିହାରେ ଚେନ୍ନାଇର ଜଳଭଣ୍ଡାର ଶୁଖିଯିବାରୁ ତାଙ୍କୁ ଅନ୍ୟ ଜିଲ୍ଲାରୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଜଳଯୋଗାଣ କରିବାକୁ ପଡ଼ିଥିଲା । ଅପରପକ୍ଷରେ ୨୦୨୨ ମସିହାରେ ବେଙ୍ଗାଲୁରୁରେ ପ୍ରବଳ ବର୍ଷା ହୋଇ ଘରେ ଏବଂ ରାସ୍ତାଘାଟରେ ଜଳ ମାଡ଼ି ଯାଇଥିଲା । ଏହା ଦର୍ଶାଉଛି ଯେ, ଜଳାଭାବ ଏବଂ ଜଳ ବହୁଳତା ଜୀବନକୁ ପ୍ରଭାବିତ କରେ । ତେଣୁ କଥାରେ ଅଛି, "ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ ।"



କିଛି ସ୍ଥାନରେ ଲୋକମାନେ ଜଳ ଏ.ଟି.ଏମ୍. ବ୍ୟବହାର କରନ୍ତି । ଯାହା, ଏକ ସ୍ୱତନ୍ତ୍ର ମେସିନ୍ । ଏଥିରେ କାର୍ଡ଼ କିମ୍ବା ମୁଦ୍ରା ପକାଇଲେ ବିଶୁଦ୍ଧ ପାନୀୟ ଜଳ ବାହାରିଥାଏ । ଏହି ପଦକ୍ଷେପଗୁଡ଼ିକ ଆମକୁ ଜଳକୁ ବିଜ୍ଞ ଭାବରେ ବ୍ୟବହାର କରି ଭବିଷ୍ୟତ ପାଇଁ ଏହାକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ ।

"ଜାତୀୟ ଜଳ ମିଶନ" ସାରା ଭାରତର ଲୋକମାନଙ୍କୁ ଜଳର ଯଥୋଚିତ ବ୍ୟବହାର ଓ ପରିଚାଳନା କରିବାରେ ସାହାଯ୍ୟ କରିବାପାଇଁ କାର୍ଯ୍ୟ କରେ ।

ମୋ କାହାଣୀ ଶୁଣୁଥିବା ପାଇଁ ଧନ୍ୟବାଦ୍ । କିନ୍ତୁ ମୋତେ ମଧ୍ୟ ତୁମର ସାହାଯ୍ୟ ଦରକାର । ଯେତେବେଳେ ତୁମେ ଜଳ ସଂରକ୍ଷଣ କର, ବୃକ୍ଷ ରୋପଣ କର କିମ୍ବା ମୋ ଜଳ ଦୂଷିତ ହେବାକୁ ଦିଅ ନାହିଁ, ସେତେବେଳେ ମୁଁ ଜାଣେ ଯେ, ତୁମେ ମୋତେ ଭଲ ପାଉଛ । ମନେରଖ ଛୋଟଛୋଟ କାର୍ଯ୍ୟ ମଧ୍ୟ ବଡ଼ ପରିବର୍ତ୍ତନ ଆଣିପାରେ ।

ତୁମେ ସମସ୍ତେ ପ୍ରତିଦିନ ଛୋଟ ଛୋଟ କାର୍ଯ୍ୟ କରି ଜଳ ସଞ୍ଚୟ କରିପାରିବ ।

- ଆବଶ୍ୟକତା ଅନୁସାରେ ଜଳ ବ୍ୟବହାର କର ଓ ନଷ୍ଟ ହେବାକୁ ଦିଅ ନାହିଁ ।
- ଦାନ୍ତ ଘଷିବା ସମୟରେ ଜଳ ଟ୍ୟାପ୍ ବନ୍ଦ କରିଦିଅ ।
- ପାନୀୟ ଜଳକୁ ନଷ୍ଟ କରନାହିଁ ।
- ଜଳ ଟ୍ୟାପ୍ ଲିକ୍ ଥିଲେ ସଜାଡ଼ିବାପାଇଁ ବୟସ୍କଙ୍କ ସହାୟତା ନିଅ ।
- ଫଳ ଓ ପନିପରିବା ଧୁଆଜଳକୁ ନଷ୍ଟ ନକରି ଗଛରେ ଦେଇ ପୁନଃ ବ୍ୟବହାର କର ।
- ସାଙ୍ଗସାଥୀ ଓ ପରିବାରର ସମସ୍ତଙ୍କୁ ଜଳ ସଂରକ୍ଷଣ କରିବାକୁ ମଧ୍ୟ ପ୍ରବର୍ତ୍ତାଅ ।
- ମନେରଖ, ପ୍ରତି ଜଳ ବୁନ୍ଦା ଆମ ପାଇଁ ମୂଲ୍ୟବାନ ।

## ଆସ, ଚିନ୍ତା କରିବା

୧. କେଉଁ କେଉଁ ନଦୀ ଆମ ରାଜ୍ୟ ମଧ୍ୟରେ ପ୍ରବାହିତ ହେଉଛି ?

(କ) ସେମାନଙ୍କୁ ଆମେ କେଉଁ କେଉଁ କାର୍ଯ୍ୟରେ ବ୍ୟବହାର କରୁ ?

(ଖ) ସେମାନଙ୍କ ଉପରେ ବନ୍ଧ ବନ୍ଧାଯାଇଛି କି ?

୨. ପିତାମାତା କିମ୍ବା ଜେଜେମା, ଜେଜେବାପାଙ୍କୁ ତୁମ ଅଞ୍ଚଳର କୌଣସି ନଦୀର କାହାଣୀ କିମ୍ବା ନଦୀ ସମ୍ବନ୍ଧୀୟ ପର୍ବପର୍ବାଣୀ କଥା କହିବାକୁ କୁହ । ସେହି କଥାକୁ ଶ୍ରେଣୀରେ ଉପସ୍ଥାପନ କର ।

୩. ପରିବାରର ଜଣେ ବୟସ୍କଙ୍କୁ ପଚାର ।

(କ) ସେ ଛୋଟ ଥିବାବେଳେ ନଦୀର ଅବସ୍ଥା କ'ଣ ଥିଲା ?

(ଖ) ସେହି ସମୟରୁ ଆଜିପର୍ଯ୍ୟନ୍ତ କ'ଣ ସବୁ ପରିବର୍ତ୍ତନ ହୋଇଛି ?

୪. ପୂର୍ବେ ଲୋକମାନେ ନଦୀକୂଳିଆ ଅଞ୍ଚଳରେ ଗ୍ରାମ ବା ସହର ସ୍ଥାପନ କରୁଥିଲେ କାହିଁକି ? ଆଗଭଳି ବର୍ତ୍ତମାନ ମଧ୍ୟ ନଦୀ ଆମ ପାଇଁ ସେହିପରି ଗୁରୁତ୍ୱପୂର୍ଣ୍ଣ କି ?

୫. ଯଦି ତୁମ ଗ୍ରାମ କିମ୍ବା ସହର ପାଖରେ ଥିବା ନଦୀର ସୁରକ୍ଷା ପାଇଁ ନୂଆ ନିୟମ କରିବ, ତେବେ ସେଗୁଡ଼ିକ କ'ଣ ହେବ ?

୬. କେତେବେଳେ ତୁମେ ଜଳ ନଷ୍ଟ କରିଛ, ସେ କଥା ଭାବ । ସେତେବେଳେ ଆଉ କ'ଣ କରିଥିଲେ ଜଳ ସଂରକ୍ଷଣ କରିପାରିଥାନ୍ତ ?

୭. ଦୈନନ୍ଦିନ ବ୍ୟବହୃତ ସାମଗ୍ରୀକୁ ବ୍ୟବହାର କରି ସରଳ ଜଳଛଣା ଯନ୍ତ୍ରଟିଏ ପ୍ରସ୍ତୁତ କରିପାରିବ କି ? ସେଥିରେ କ'ଣ କ'ଣ ରଖିବ ଓ କାହିଁକି ?

୮. ଗୋଟିଏ ନଦୀ କୂଳରେ ନୂତନ ସହରର ପରିକଳ୍ପନା କର । ଏଥିପାଇଁ କେଉଁସବୁ ପଦକ୍ଷେପ ନେବ ?

(କ) ନଦୀକୁ ପରିଷ୍କାର ରଖିବାରେ ।

(ଖ) ପ୍ରବଳ ବର୍ଷା ସମୟରେ ବନ୍ୟା ନିୟନ୍ତ୍ରଣ କରିବାରେ ।

(ଗ) ଗ୍ରୀଷ୍ମ ଋତୁରେ ମଧ୍ୟ ସବୁବେଳେ ସମସ୍ତଙ୍କ ପାଇଁ ଯଥେଷ୍ଟ ଜଳ ମିଳିବା ନିଶ୍ଚିତ କରିବାରେ ।

ଗଙ୍ଗା ନଦୀର ଡଲଫିନ୍, ଭାରତର ଜାତୀୟ ଜଳଚର ଜୀବ ଯେ କି ଦେଖିପାରେ ନାହିଁ ଏବଂ ଜଳରେ ବାଟ ଖୋଜିବାରେ ଧ୍ୱନି ବ୍ୟବହାର କରେ ।

एकक-୨

# ସ୍ୱାସ୍ଥ୍ୟ ଓ ସୁସ୍ଥତା

## ଏହି ଏକକ ସମ୍ପର୍କରେ...

ଏହି ଏକକଟି ପ୍ରସ୍ତୁତି ପର୍ଯ୍ୟାୟରେ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ, ସୁଷମ ଖାଦ୍ୟର ଗୁରୁତ୍ୱ, ସ୍ୱାସ୍ଥ୍ୟରକ୍ଷା ଏବଂ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ ନିୟମିତ ବ୍ୟାୟାମ ଓ ବିଶ୍ରାମ ନେବା ସମ୍ପର୍କରେ ପରିଚିତ କରାଏ । ଶିକ୍ଷାର୍ଥୀମାନଙ୍କୁ ଋତୁ ଅନୁଯାୟୀ ପାରମ୍ପରିକ କୃଷିପ୍ରଣାଳୀ ଏବଂ ସାଂସ୍କୃତିକ ଅଭ୍ୟାସଗୁଡ଼ିକ କିପରି ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ସହାୟତା କରେ, ତାହା ମଧ୍ୟ ଜଣାଏ ।

ପଞ୍ଚମ ଶ୍ରେଣୀର ଏହି ଏକକଟି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟକଳାପଗୁଡ଼ିକ ବ୍ୟକ୍ତିଗତ ଓ ସାମୂହିକ ସୁସ୍ଥତା ବଜାୟ ରଖିବାରେ କିପରି ସାହାଯ୍ୟ କରେ ତାହା ସୂଚାଇଥାଏ । ଶିକ୍ଷାର୍ଥୀମାନେ ଖାଦ୍ୟ ପଦାର୍ଥର ଯତ୍ନ ନେବା ଶିଖିବେ ଏବଂ ପାରମ୍ପରିକ ଭାରତୀୟ ଖାଦ୍ୟ ସଂରକ୍ଷଣ ପ୍ରଣାଳୀକୁ ଅନୁସନ୍ଧାନ କରିବେ । ଖାଦ୍ୟର ନିରାପତ୍ତା ପାଇଁ ଉପକାରୀ ଅଣୁଜୀବମାନଙ୍କର ଭୂମିକା ଓ ପାରମ୍ପରିକ ଅଭ୍ୟାସଗୁଡ଼ିକୁ ମଧ୍ୟ ସେମାନେ ଜାଣିବେ ।

ଏହି ଏକକଟି ଆହୁରି ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସେମାନଙ୍କର ଗୃହ ଓ ଚତୁଃପାର୍ଶ୍ୱର ଯତ୍ନ ନେବାକୁ ଉତ୍ସାହିତ କରେ । ସେମାନେ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ ଏବଂ ଉତ୍ତମ ଅଭ୍ୟାସ ମାଧ୍ୟମରେ କିପରି ସେମାନଙ୍କର ବିଦ୍ୟାଳୟକୁ ଗୋଟିଏ ସବୁଜ, ସ୍ୱଚ୍ଛ ଏବଂ ଅଧିକ ଆନନ୍ଦମୟ ସ୍ଥାନରେ ପରିଣତ କରିହେବ ତାହା ଶିଖିବେ ।



## ଶିକ୍ଷକଙ୍କ ପାଇଁ ସୂଚନା


୧. ଏହି ଏକକଟି ଦୁଇଟି ପାଠକୁ ନେଇ ଗଠିତ । ପାଠ ୩ "ଖାଦ୍ୟର ରହସ୍ୟ" ଏବଂ ପାଠ ୪ "ଆମ ବିଦ୍ୟାଳୟ- ଏକ ଆନନ୍ଦମୟ ସ୍ଥାନ" ।

**ପାଠ-୩ : ଖାଦ୍ୟର ରହସ୍ୟ**

- ଏହି ପାଠରେ ଅଣୁଜୀବମାନଙ୍କ ଦ୍ୱାରା ଖାଦ୍ୟ କିପରି ନଷ୍ଟ ହୁଏ ଏବଂ କେତେକ ଖାଦ୍ୟ ଅଧିକ ସମୟ ପର୍ଯ୍ୟନ୍ତ ସତେଜ ରହିବାର କାରଣ ସମ୍ପର୍କରେ ଦିଶା ଅନୁସନ୍ଧାନ କରୁଛି । ଖାଦ୍ୟ ସଂରକ୍ଷଣର ବୈଜ୍ଞାନିକ କାରଣ, ସଂରକ୍ଷଣର ବିଭିନ୍ନ ପ୍ରଣାଳୀ ଏବଂ ସେମାନଙ୍କର ସାଂସ୍କୃତିକ ଗୁରୁତ୍ୱକୁ ମଧ୍ୟ ଏଥିରେ ସ୍ଥାନ ଦିଆଯାଇଛି । ଏହି ପାଠରେ ଉପକାରୀ ଅଣୁଜୀବମାନଙ୍କର ଭୂମିକା, ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଇଛି ।

**ପାଠ ୪ : ଆମ ବିଦ୍ୟାଳୟ- ଏକ ଆନନ୍ଦମୟ ସ୍ଥାନ**

- ଏକ ସୁନ୍ଦର ସବୁଜିମାଭରା ବିଦ୍ୟାଳୟ- ବିଦ୍ୟାଳୟକୁ ଶିକ୍ଷାର୍ଥୀ, ଶିକ୍ଷକ ଏବଂ ପରିବେଶର ଯତ୍ନ ନେଉଥିବା ଏକ ସ୍ୱଚ୍ଛ ନିରାପଦ ସ୍ଥାନ ଭାବରେ ଏହି ପାଠଟି ପରିଚିତ କରାଏ । ଏକ ସୁନ୍ଦର ବିଦ୍ୟାଳୟ ପରିବେଶ ସୃଷ୍ଟି କରିବାରେ ସହାନୁଭୂତିଶୀଳ ମନୋଭାବ, ସମ୍ମାନ ଏବଂ ସକରାତ୍ମକ ଆଚରଣର ଗୁରୁତ୍ୱ ଶିଖିବା ସହିତ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ ଏବଂ ବୃକ୍ଷରୋପଣ ମାଧ୍ୟମରେ ସେମାନଙ୍କ ବିଦ୍ୟାଳୟର ଉନ୍ନତି ଉପରେ ଚିନ୍ତନ କରିବାପାଇଁ ଏହି ପାଠରେ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରାଯାଇଛି ।






### ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତା

- ସକ୍ରିୟ ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣକୁ ଉତ୍ସାହିତ କରନ୍ତୁ । ଶିକ୍ଷାର୍ଥୀମାନେ ପାଉଥିବା ଫଳାଫଳଗୁଡ଼ିକୁ ଗୋଟିଏ ଅନୁସନ୍ଧାନ ଖାତାରେ ଲିପିବଦ୍ଧ କରିବାପାଇଁ ସାହାଯ୍ୟ କରନ୍ତୁ ।
- ପରିବାରର ଖାଦ୍ୟ ଅଭ୍ୟାସ କିମ୍ବା ସଂରକ୍ଷଣ ପ୍ରଣାଳୀ ଆଧାରିତ ବ୍ୟକ୍ତିଗତ ଅନୁଭୂତି କିମ୍ବା ଛୋଟ ଦଳଗତ ଆଲୋଚନା କରି ଅଭିଜ୍ଞତା ବର୍ଣ୍ଣନା କରିବାପାଇଁ ଶିକ୍ଷାର୍ଥୀମାନଙ୍କୁ ସହାୟତା କରନ୍ତୁ ।
- ଖାଦ୍ୟ ସଂରକ୍ଷଣ ସମ୍ପର୍କିତ ଯେକୌଣସି ସ୍ଥାନୀୟ କିମ୍ବା ପାରମ୍ପରିକ ପ୍ରଣାଳୀକୁ ଅନୁସନ୍ଧାନ କରି ଅଭିଜ୍ଞତା ଆଲୋଚନା କରିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ ।
- ବାସ୍ତବ ବସ୍ତୁ ଓ ବିଦ୍ୟାଳୟ ପରିସର (ଯେପରି ରୋଷେଇ ଘର, ବଗିଚା କିମ୍ବା ଖୋଲା ସ୍ଥାନ)କୁ ଶିକ୍ଷଣ ସ୍ଥାନ ଭାବରେ ବ୍ୟବହାର କରନ୍ତୁ ।
- ଖାଦ୍ୟ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଗୋଷ୍ଠୀରେ ପ୍ରଚଳିତ ଅଭ୍ୟାସଗୁଡ଼ିକ ବିଷୟରେ ଜାଣିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ବୟସ୍କ ବ୍ୟକ୍ତି, ରୋଷେୟା ଏବଂ ପୁନଃଚକ୍ରଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ କିମ୍ବା ସ୍ଥାନୀୟ ବିକ୍ରେତାଙ୍କ ସହ ଆଲୋଚନା କରିବାର ବ୍ୟବସ୍ଥା କରନ୍ତୁ ।
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଖାଦ୍ୟ ଅଭ୍ୟାସ, ସ୍ୱାସ୍ଥ୍ୟ ପାଇଁ ଅଣୁଜୀବମାନଙ୍କର ଭୂମିକା ଏବଂ ଏହି ଧାରଣାଗୁଡ଼ିକ କିପରି ପରିବେଶର ସ୍ଥିତାବସ୍ଥା ସହିତ ଜଡ଼ିତ ସେ ବିଷୟରେ ଚିନ୍ତା କରିବାକୁ ପ୍ରେରଣା ଦିଅନ୍ତୁ ।

DRAFT



# ୩ ଖାଦ୍ୟର ରହସ୍ୟ

## ନଷ୍ଟ ହୋଇଥିବା ଖାଦ୍ୟ

### ଟିଫିନ୍ ବାକ୍ସରେ ରହିଯାଇଥିବା ଖାଦ୍ୟ

ଏହା ଏକ ଖରାଦିନର ସୋମବାର ସକାଳ ଥିଲା । ଏକ କୌତୁହଳୀ ଝିଅ ଦିଶା ସବୁବେଳେ ତା' ଚତୁଃପାର୍ଶ୍ୱରେ ଥିବା ଜିନିଷଗୁଡ଼ିକୁ ଅନୁସନ୍ଧାନ କରିବାକୁ ଆଗ୍ରହ ପ୍ରକାଶ କରେ । ଗତ ଶୁକ୍ରବାର ଦିନ ବିଦ୍ୟାଳୟରେ ଛାଡ଼ି ଯାଇଥିବା ଜଳଖିଆ ବାକ୍ସଟି ସେ ପାଇଲା । ତିନି ଦିନ ପୂର୍ବରୁ ସେଥିରେ ରହି ଯାଇଥିବା ପ୍ରିୟ ଖାଦ୍ୟ ପାଉଁରୁଟି କଥା ତା'ର ମନେ ପଡ଼ିଲା । ଯେତେବେଳେ ସେ ବାକ୍ସଟି ଖୋଲିଲା, ସେଥିରୁ ଏକ ଦୁର୍ଗନ୍ଧ ବାହାରିଲା । ତା'ର ସ୍ୱାଦିଷ୍ଟ ପାଉଁରୁଟିରେ ମଧ୍ୟ କିଛି ରଙ୍ଗୀନ ଦାଗ ଥିଲା । ସେ ଆଶ୍ଚର୍ଯ୍ୟ ହୋଇ କହିଲା ମୋ ପାଉଁରୁଟିର କ'ଣ ହେଲା ? ଏହା ଦିଶା ପାଇଁ ଖୁବ୍ ରହସ୍ୟମୟ ଥିଲା ।

ଏହାର କାରଣ କ'ଣ ଖୋଜିବାକୁ ଦିଶା ଆଗ୍ରହ ପ୍ରକାଶ କଲା । ଅନୁସନ୍ଧାନୀ ଦିଶା ବର୍ତ୍ତମାନ ତା ଚତୁଃପାର୍ଶ୍ୱର ଦୁନିଆର ରହସ୍ୟଗୁଡ଼ିକୁ ସମାଧାନ କରିବାକୁ ପ୍ରସ୍ତୁତ ହେଲା । ଖାଦ୍ୟ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଦିଶା ଖାଦ୍ୟ ବିଷୟରେ ଅନୁସନ୍ଧାନ ଆରମ୍ଭ କଲା ।



## ରହସ୍ୟ - ୧ : ମୋ ପାଉଁରୁଟି କ'ଣ ପାଇଁ ନଷ୍ଟ ହେଲା ?

ଘରେ ପହଞ୍ଚିବା ମାତ୍ରେ, ଦିଶା ଅଷ୍ଟମ ଶ୍ରେଣୀରେ ପଢୁଥିବା ତା'ର ବଡ଼ଭାଇ ଆଦିତ୍ୟ ପାଖକୁ ଦୌଡ଼ିଗଲା ଏବଂ ପଚାରିଲା "ଭାଇ, ପାଉଁରୁଟିରେ ଏହି ରଙ୍ଗୀନ ଦାଗଗୁଡ଼ିକ କ'ଣ ? ଏହା ଦୁର୍ଗନ୍ଧ ହେଉଛି କାହିଁକି ?"

ଭାଇ ହସି କରି ଚାହିଁଲେ ଓ କହିଲେ, "ସେଗୁଡ଼ିକ ଫିମ୍ପି । ଏହି କ୍ଷୁଦ୍ର ଜୀବମାନଙ୍କୁ ଅଣୁଜୀବ କୁହାଯାଏ, ଯେଉଁଗୁଡ଼ିକ ତୋର ଖାଦ୍ୟରେ ବୃଦ୍ଧି ହୋଇ ଖାଦ୍ୟକୁ ଏପରି ପରିବର୍ତ୍ତନ କରିଛନ୍ତି ।"

ଦିଶା ପ୍ରଶ୍ନକଲା, "ଅଣୁଜୀବ, ସେଗୁଡ଼ିକ କ'ଣ କ୍ଷୁଦ୍ର ଉକୁଣି ପରି ?"

ଭାଇ କହିଲେ "ଆହୁରି କ୍ଷୁଦ୍ର । ସେମାନେ ଆମ ଚାରିପାଖରେ ସବୁଆଡ଼େ ଅଛନ୍ତି, ମାତ୍ର ଏତେ କ୍ଷୁଦ୍ର ଯେ ସେମାନଙ୍କୁ ଦେଖିବା ପାଇଁ ତୁମକୁ ଅଣୁବୀକ୍ଷଣ ଯନ୍ତ୍ର ବ୍ୟବହାର କରିବାକୁ ପଡ଼ିବ । ସେମାନେ ବିଭିନ୍ନ ଜିନିଷ ଉପରେ ବଢ଼ିଥାଆନ୍ତି ଓ ସେଥିରେ ପରିବର୍ତ୍ତନ ଆଣିଥାଆନ୍ତି । କିଛି ଅଣୁଜୀବ ଆମକୁ ଦହି ପ୍ରସ୍ତୁତ କରିବାରେ ଏବଂ କିଛି ଆମର ଖାଦ୍ୟ ହଜମ କରିବାରେ ମଧ୍ୟ ସାହାଯ୍ୟ କରନ୍ତି ।

ସେମାନେ ପାଉଁରୁଟି ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ସ୍ୱାଦ ଓ ବାସ୍ନା ପରିବର୍ତ୍ତନ କରିଦିଅନ୍ତି । ଆମେ ଏହି ଫିମ୍ପିକୁ ଦେଖିପାରୁଛୁ ଯେହେତୁ ଏହା ହଜାର ହଜାର ଫିମ୍ପିମାନଙ୍କର ଏକ ଦଳ ବା କଲୋନୀକୁ ନେଇ ଗଠିତ ହୋଇଛି ।"



ଦିଶା ବଡ଼ ବଡ଼ ଆଖି କରି କୌତୁହଳରେ ଚାହିଁଲା, ସେ ସଙ୍ଗେ ସଙ୍ଗେ ତା'ର ଖାତାରେ ଏଗୁଡ଼ିକ ଲେଖିଲା ।

### ଫଳାଫଳ - ୧

ଅଣୁଜୀବ – ଆମ ଚତୁଃପାର୍ଶ୍ୱରେ ଥିବା ମୃତ୍ତିକା, ବାୟୁ, ଜଳ, ଉଦ୍ଭିଦ, ପ୍ରାଣୀ ଏବଂ ଆମ ଶରୀର ଭିତରେ ମଧ୍ୟ ଦେଖାଯାଆନ୍ତି ।

### ଚିନ୍ତା କର

ତୁମର କେବେ ପେଟ ଖରାପ ହୋଇଛି କି ? ଏହାର କାରଣ କ'ଣ ହୋଇପାରେ ତୁମେ ଜାଣିଛ କି ? ତୁମେ କେବେ ଭୁଲ୍‌ବଶତଃ ନଷ୍ଟ ହୋଇଯାଇଥିବା ଖାଦ୍ୟ ଖାଇଦେଇଥିଲ କି ? ତୁମ ଶରୀର ଅସୁସ୍ଥ ହୋଇଥିଲା କି ? ଯଦି ହଁ, ତେବେ ସୁସ୍ଥ ହେବାପାଇଁ ତୁମେ କ'ଣ କରିଥିଲ ? ଶ୍ରେଣୀରେ ତୁମର ଅଭିଜ୍ଞତାକୁ ବର୍ଣ୍ଣନା କର ।

### ରହସ୍ୟ-୨ : କିଛି ଖାଦ୍ୟ ଶୀଘ୍ର ନଷ୍ଟ ହୋଇଯାଏ କାହିଁକି ?



ଦିନେ ଅପରାହ୍ଣରେ ବିଲେଇ ପାଇଁ ଦୁଇଦିନ ପୂର୍ବରୁ ଅଗଣାରେ ରଖାଯାଇଥିବା ପିଠାଟିକୁ ଦିଶା ଦେଖିଲା । ଏଥିରେ କିଛି ରଙ୍ଗୀନ୍ ଦାଗ ଥିଲା । କିନ୍ତୁ ଦୁଇମାସ ପୂର୍ବରୁ ତା'ର ଜେଜେମା ପ୍ରସ୍ତୁତ କରିଥିବା ଆଚାର ଏବେ ମଧ୍ୟ ନଷ୍ଟ ହୋଇନଥିଲା ଏବଂ ସୁସ୍ୱାଦୁ ଥିଲା କାରଣ ସେଥିରେ ତେଲ ମିଶାଯାଇଥିଲା । "ଆଶ୍ଚର୍ଯ୍ୟ", ଦିଶା ଗୁଣୁଗୁଣୁ ହୋଇ କହିଲା, କେତେକ ଖାଦ୍ୟ ଶୀଘ୍ର ନଷ୍ଟ ହୋଇଯାଏ ଏବଂ କେତେକ ଖାଦ୍ୟ ବହୁତ ସମୟ ପର୍ଯ୍ୟନ୍ତ ଭଲ ରହେ କାହିଁକି ?

### ଲେଖ

ଖାଦ୍ୟ ନଷ୍ଟ ହେବାର କାରଣ କ'ଣ ହୋଇପାରେ ବୋଲି ତୁମେ ଭାବୁଛ ?

ଦିଶା ତା ଭାଇ ପାଖକୁ ଫେରିଗଲା ଏବଂ ପଚାରିଲା, "ଏହି ଅଣୁଜୀବମାନଙ୍କର ବୃଦ୍ଧି ପାଇଁ କ'ଣ ଆବଶ୍ୟକ ?

ଭାଇ ଉତ୍ତର ଦେଲେ – "ଅଣୁଜୀବମାନଙ୍କର ବୃଦ୍ଧି ପାଇଁ ଆର୍ଦ୍ରତା, ବାୟୁ ଏବଂ ଉପଯୁକ୍ତ ତାପମାତ୍ରା ଆବଶ୍ୟକ । ଏଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏର ଅନୁପସ୍ଥିତିରେ ଏମାନଙ୍କ ବୃଦ୍ଧିକୁ ଆମେ ରୋକିପାରିବା । ପ୍ରତ୍ୟେକ ଜୀବ ବଞ୍ଚିବା ପାଇଁ ବାୟୁ ଓ ଜଳ ଆବଶ୍ୟକ କରନ୍ତି ।"

ପୃଥିବୀରେ କଦଳୀ ଉତ୍ପାଦନରେ ସର୍ବବୃହତ୍ ରାଷ୍ଟ୍ରମାନଙ୍କ ମଧ୍ୟରୁ ଭାରତ ଅନ୍ୟତମ ।

### ଫଳାଫଳ-୨

ଆମ୍ଭେମାନେ ଅଣୁଜୀବମାନଙ୍କୁ ଜଳ ଓ ବାୟୁ ଠାରୁ ଦୂରେଇ ରଖିବା ଉଚିତ୍ ।

## ଖାଦ୍ୟ ସଂରକ୍ଷଣ

### ରହସ୍ୟ-୩: ଆମେ ଆମର ଖାଦ୍ୟକୁ ନଷ୍ଟ ହେବାରୁ କିପରି ରକ୍ଷା କରିପାରିବା ?

ସନ୍ଧାନୀ ଦିଶା ଘରେ ଉତ୍ତର ଖୋଜିବା ପାଇଁ ନିଷ୍ପତ୍ତି ନେଲା ।

### ଆସ ପର୍ଯ୍ୟବେକ୍ଷଣ କରିବା

**ଶୁଖାଇବା ଏବଂ ଶୁଷ୍କ ରଖିବା**

ଦିଶା ତା'ର ମା ଏବଂ ବାପାଙ୍କୁ ଏକ ମସିଣା ଉପରେ ଖରାରେ ଲଙ୍କା ଶୁଖାଉଥିବାର ଦେଖିଲା । ସେ ପଚାରିଲା, ମା ତୁମେ ଏଗୁଡ଼ିକୁ କାହିଁକି ଶୁଖାଉଛ ? ମାଆ ଉତ୍ତର ଦେଲେ– "ଲଙ୍କା ଗୁଣ୍ଡ ପ୍ରସ୍ତୁତ କରିବା ପାଇଁ । ଏହା ଏକ ବର୍ଷ ରହିବ ।"



ଫଳାଫଳ-୩

ଖରାରେ ଶୁଖାଇବା ଦ୍ୱାରା ଲଙ୍କାରୁ ଜଳୀୟଅଂଶ ଦୂର ହୁଏ । ଜଳୀୟ ଅଂଶ ବିନା ଅଣୁଜୀବମାନଙ୍କର ବୃଦ୍ଧି ହୁଏ ନାହିଁ ।

## ଆସ ଲେଖିବା



ନଷ୍ଟ ନହୋଇ ବର୍ଷସାରା ରହିବାପାଇଁ ଅନ୍ୟ କେଉଁ ଜିନିଷଗୁଡ଼ିକ ଖରାରେ ଶୁଖାଯାଏ ?

---

## କାର୍ଯ୍ୟ- ୧

ଆମ୍ବରୁ କେଉଁ ଜିନିଷ ତିଆରି କରି ତାହାକୁ ଅଧିକ ସମୟ ପାଇଁ ବ୍ୟବହାର କରାଯାଇପାରିବ । ତଳେ ଦିଆଯାଇଥିବା ସ୍ଥାନରେ ସେମାନଙ୍କର ନାମ ଲେଖ ।

ଆଚାର



## କାର୍ଯ୍ୟ-୨

୧. ଏକ ଟମାଟୋ ନିଅ ଏବଂ ଏହାକୁ ପତଳା କରି କାଟ ।

୨. ଟମାଟୋର ଖଣ୍ଡଗୁଡ଼ିକୁ ଖରା ପଡୁଥିବା ଏକ ସ୍ଥାନରେ ଏକ ଟ୍ରେରେ ରଖ ।

୩. କିଛିଦିନ ପରେ ଟମାଟୋର ତୁମେ କ'ଣ ପରିବର୍ତ୍ତନ ଲକ୍ଷ୍ୟ କଲ ?

ଟମାଟୋ ଭଳି ଜିନିଷଗୁଡ଼ିକୁ ସଂରକ୍ଷଣ କରିବାର କୌଣସି ଉପାୟ ତୁମେ ଚିନ୍ତା କରିପାରୁଛ କି ?

ଅଧିକାଂଶ ପାରମ୍ପରିକ ଭାରତୀୟ ଥାଳିଗୁଡ଼ିକ ସୁଷମ ଖାଦ୍ୟ ସମ୍ପନ୍ନ ।

### ଆସ ପର୍ଯ୍ୟବେକ୍ଷଣ କରିବା

**ଆଚାର ପ୍ରସ୍ତୁତି ଓ ତେଲ ମିଶ୍ରଣ**

ରୋଷେଇ ଘରେ ଦିଶାର ଜେଜେମା କଞ୍ଚା ଆମ୍ବରେ ପ୍ରସ୍ତୁତ ଆଚାର ଥିବା ଏକ ଜାର୍‌ରେ ସୋରିଷ ତେଲ ଢାଳୁଥିଲେ । ଆଚାରରେ କାହିଁକି ତେଲ ମିଶାଯାଏ ?" ଦିଶା ଉତ୍ସାହରସହ ପଚାରିଲା ।

ଜେଜେମା ବୁଝାଇଲେ, "ତେଲ, ପାତ୍ର ମଧ୍ୟରେ ବାୟୁ ପ୍ରବେଶକୁ ରୋକି ଆଚାରକୁ ସୁରକ୍ଷିତ ରଖେ ।"

**ଫଳାଫଳ-୪**

ତେଲ ବାୟୁ ପ୍ରବେଶକୁ ରୋକି ଅଣୁଜୀବଙ୍କ ବୃଦ୍ଧିକୁ ନିୟନ୍ତ୍ରଣ କରିଥାଏ ।

## ଆଲୋଚନା

ଯଦି ତେଲ ମିଶାଯାଇ ନଥାନ୍ତା, ତେବେ ଏହି ଆଚାରର କ'ଣ ହୋଇଥାନ୍ତା ?

### ଆସ ପର୍ଯ୍ୟବେକ୍ଷଣ କରିବା

**ଶୀତଳୀକରଣ**

ପରଦିନ ସକାଳେ ଦିଶା ଫ୍ରିଜ୍ ଖୋଲିଲା । କ୍ଷୀର, ପନିପରିବା, ଲହୁଣୀ ଏବଂ ଏକ କେକ୍ ଏହା ଭିତରେ ରଖାଯାଇଥିଲା ।

ଫ୍ରିଜ୍ ତାପମାତ୍ରାକୁ କମାଇ ଅତ୍ୟଧିକ ଥଣ୍ଡା କରିଦିଏ, ଯାହା ଅଣୁଜୀବମାନଙ୍କର ବୃଦ୍ଧିକୁ ରୋକିଥାଏ ବୋଲି ବାପା ବୁଝାଇଲେ ।

**ଫଳାଫଳ-୫**

ତାପମାତ୍ରା ହ୍ରାସ ଅଣୁଜୀବମାନଙ୍କ ବୃଦ୍ଧିକୁ ନିୟନ୍ତ୍ରଣ କରେ ।

### ତୁମେ ଜାଣିଛ କି ?

**ଥଣ୍ଡା ରଖିବା ପାଇଁ ମାଟିପାତ୍ର**

ଆମେମାନେ ଜଳକୁ ଥଣ୍ଡା ରଖିବା ପାଇଁ ମାଟିପାତ୍ର (ମାଠିଆ) ବ୍ୟବହାର କରୁ ।

ଲହୁଣୀକୁ କାହିଁକି ଫ୍ରିଜ୍‌ରେ ରଖିବା ଆବଶ୍ୟକ ହୋଇଥାଏ, କିନ୍ତୁ ଘିଅକୁ ସେଥିରେ ରଖାଯାଏ ନାହିଁ ?

**ସୂଚନା** – ଘରେ କିପରି ଲହୁଣୀ ଓ ଘିଅ ପ୍ରସ୍ତୁତ ହୁଏ ପଚାରି ବୁଝ ।

ଖାଦ୍ୟ ସଂରକ୍ଷଣ କରିବାର ଅନେକ ଉପାୟ ଅଛି । ଦିଶାର ଜେଜେବାପା ତାକୁ କହିଥିଲେ ଯେ ସେମାନେ ଖାଦ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖିବା ପାଇଁ ଲୁଣ, ଚିନି ଓ ଗୋଲମରିଚ ଇତ୍ୟାଦି ବ୍ୟବହାର କରୁଥିଲେ । ଆମେମାନେ ଆଜି ମଧ୍ୟ ଏହି ପ୍ରଣାଳୀଗୁଡ଼ିକୁ ବ୍ୟବହାର କରୁଛୁ ।



୧. ଲହୁଣୀକୁ ଗରମ କରାଯାଏ

୨. ଲହୁଣୀରୁ ଜଳ ଅଲଗା ହୁଏ

୩. ଜଳ ବାଷ୍ପୀଭୂତ ହୁଏ

୪. ଘିଅ ପ୍ରସ୍ତୁତ ହୁଏ

### କାର୍ଯ୍ୟ-୩

ଘରେ ବୟସ୍କମାନଙ୍କୁ ତୁମ ପରିବାରରେ ଖାଦ୍ୟ ସଂରକ୍ଷଣ ଅଭ୍ୟାସ ବିଷୟରେ ପଚାରି ବୁଝ । ଅତିକମ୍‌ରେ ଏହିପରି ଗୋଟିଏ ଅଭ୍ୟାସ ଲେଖ ।





### ଫଳାଫଳ-୬

ଖାଦ୍ୟ ସଂରକ୍ଷଣ କରିବାର ଅନେକ ଉପାୟ ରହିଛି ।

#### ତୁମେ ଜାଣିଛ କି ?

'ଗୋଲମରିଚ' ଆମ ଘରେ ଏକ ସାଧାରଣ ମସଲା । ଅତୀତରେ ଗୋଲମରିଚ, ମସଲା ଭାବରେ ଏତେ ଲୋକପ୍ରିୟ ହୋଇଥିଲା ଯେ ଭାସ୍କୋଡ଼ାଗାମା ଏହାକୁ ଭାରତରୁ ସଂଗ୍ରହ କରିବା ପାଇଁ ସମୁଦ୍ର ପାରି ହୋଇ ଆସିଥିଲେ ।



ଭାଇ ଦିଶାକୁ କହିଲେ ଯେ ଖାଦ୍ୟ ପ୍ରସ୍ତୁତ ହେଉଥିବା କାରଖାନାଗୁଡ଼ିକରେ ଖାଦ୍ୟକୁ ଅଣୁଜୀବମୁକ୍ତ କରିବାପାଇଁ ବାୟୁରୁଦ୍ଧ ପାତ୍ର ଏବଂ ପ୍ୟାକେଟ୍ ମଧ୍ୟରେ ରଖି ସଂରକ୍ଷଣ କରାଯାଏ ।

#### ତୁମେ ଜାଣିଛ କି ?

ମନୁଷ୍ୟମାନଙ୍କ ବହୁ ପୂର୍ବରୁ କୀଟପତଙ୍ଗମାନେ ଖାଦ୍ୟ ସଂରକ୍ଷଣ କରୁଥିଲେ । ବିରୁଡ଼ି ତା'ର ଲାର୍ଭା ପାଇଁ ଖାଦ୍ୟ ସଂରକ୍ଷଣ କରିଥାଏ ।





### ଇଡ଼ଲି କିପରି ତିଆରି ହୁଏ ?

ଦିଶା ତା'ର ମାଆଙ୍କୁ ଘରେ ଇଡ୍‌ଲି ତିଆରି କରୁଥିବାର ଦେଖିଲା । ତୁମେ କହିପାରିବ କି ଇଡ୍‌ଲି କିପରି ତଆରି ହୁଏ ? କ'ଣ ଏପରି ଅଛି ଯାହା ଇଡ୍‌ଲିକୁ ଫୁଲାଇ ଦିଏ ? ତୁମେ ଜାଣିଛ କି ଏହା କ'ଣ ?



### ଫଳାଫଳ-୭

ବାୟୁରେ ଥିବା ଅଣୁଜୀବ ଇଡ଼ଲିକୁ ଫୁଲାଇବାରେ ସାହାଯ୍ୟ କରନ୍ତି ।

### ବଦହଜମି ଓ ଘରୋଇ ଉପଚାର

ମେଳାରେ ଖାଦ୍ୟ ଖାଇବା ପରେ ଆଦିତ୍ୟ ଭାଇଙ୍କର ପେଟ ଖରାପ ହୋଇଛି ।

### ? ଚିନ୍ତା କର

ତୁମର କେବେ ପେଟ ଖରାପ, ବାନ୍ତି କିମ୍ବା ବଦହଜମି ହୋଇଛି କି ? ତୁମେ ଏଇଥିପାଇଁ କୌଣସି ଘରୋଇ ଉପଚାର କରିଥିଲ କି ? ତୁମକୁ ଦିଆଯାଇଥିବା ଘରୋଇ ଉପଚାର ବିଷୟରେ ଲେଖ ।

ପେଟ ଖରାପ ପାଇଁ ତୁମର ପିତାମାତା ତୁମକୁ ଦହି କିମ୍ବା ଏଥିରୁ ତିଆରି ଘୋଳଦହି ଭଳି କୌଣସି ଜିନିଷ ଦେଇଛନ୍ତି କି ? ଦହିରେ ଥିବା ଅଣୁଜୀବ ପାକସ୍ଥଳୀର ଉପକାରୀ ଅଣୁଜୀବମାନଙ୍କ ସହ ମିଶି ହଜମ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି । ଯଦି ସମସ୍ୟା ଗୁରୁତର ହୁଏ ତେବେ ତୁମକୁ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ସେବନ କରିବାକୁ ପଡ଼ିପାରେ ।

### ଫଳାଫଳ-୮

ବେଳେବେଳେ ଖରାପ ଖାଦ୍ୟ ଅଭ୍ୟାସ ମଧ୍ୟ ବଦହଜମିର କାରଣ ହୋଇପାରେ । ଦିଶାର ନୋଟ୍‌ବୁକ୍ ଅନେକ ଫଳାଫଳରେ ପୂର୍ଣ୍ଣ ହୋଇଯାଇଥିଲା ।

## ମୋର ଖାଦ୍ୟ, ମୋର ଗର୍ବ

ଅନୁସନ୍ଧାନ ସମୟରେ, ଦିଶା ଜାଣିବାକୁ ପାଇଲା ଯେ ଖାଦ୍ୟ ସମ୍ପର୍କିତ ଅନେକ ପାରମ୍ପରିକ ଅଭ୍ୟାସ ପରିବାରର ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଯାଇଥାଏ ।

ସେ ଅନୁସନ୍ଧାନ କରିଥିବା ତଥ୍ୟଗୁଡ଼ିକୁ ନେଇ "ମୋର ଖାଦ୍ୟ ମୋର ଗର୍ବ" ଡାଇରି ପ୍ରସ୍ତୁତ କଲା । ଆସ, ଦିଶା ଡାଇରୀରେ ସ୍ଥାନ ପାଇଥିବା କେତେକ ନୂତନ ତଥ୍ୟଗୁଡ଼ିକୁ ଦେଖିବା ଏବଂ ସେଗୁଡ଼ିକୁ ପୂରଣ କରିବାରେ ସାହାଯ୍ୟ କରିବା ।





## ପରିବା ହାଟ ଭ୍ରମଣ

ଜେଜେବାପା ପ୍ରତିଦିନ ପରିବା ହାଟକୁ ଯାଆନ୍ତି । ସେ ସତେଜ ଫଳ ଓ ପନିପରିବା କିଣନ୍ତି । ତାଙ୍କ ସହ ପରିବା ହାଟରେ ବୁଲିବା ଖୁବ୍ ମଜାଦାର । ଦିଶା ଦେଖିଲା ଜେଜେବାପା ବଜାରରେ ଫଳ କିମ୍ବା ପନିପରିବା କିଣିବା ପୂର୍ବରୁ କିପରି ଭଲଭାବରେ ପରଖି ନେଉଥିଲେ ।

ଭାରତର ପୂର୍ବାଞ୍ଚଳରେ ବାଉଁଶକୁ ଘର ତିଆରି ଏବଂ ଜାଳେଣି କାର୍ଯ୍ୟରେ ବ୍ୟବହାର କରାଯାଏ । ବାଉଁଶ କରଡ଼ିରେ ମଧ୍ୟ ସୁଆଦିଆ ତରକାରୀ ପ୍ରସ୍ତୁତ ହୁଏ ।

### କାର୍ଯ୍ୟ-୪

ତୁମେ କେବେ ତୁମ ପରିବାରର ବୟସ୍କମାନଙ୍କ ସହ ପନିପରିବା ଓ ଫଳ କିଣିବାକୁ ଯାଇଛ କି ? ଏପରି ଭ୍ରମଣ ସମୟରେ, ବୟସ୍କମାନେ ବଜାରରେ ଫଳ ଓ ପନିପରିବା କିପରି ବାଛନ୍ତି ତାହା ଲକ୍ଷ୍ୟ କର ।

ତୁମର କିଣାବିକା କାର୍ଯ୍ୟକ୍ରମରୁ ଶିଖିଥିବା ଗୋଟିଏ ଜିନିଷ ଫଳାଫଳ-୯ ଶୀର୍ଷକରେ ଲେଖ, ଯେପରି ଦିଶା ଲେଖିଥିବ ।

## ଋତୁକାଳୀନ ଫଳ ଖାଇବାର ଆନନ୍ଦ

ବର୍ଷା ହେଉଥିଲା । ଘରକୁ ଯିବା ବାଟରେ ବାପା ଲିଚୁକୋଳି କିଣିଲେ । ଦିଶା ଅତି ଆନନ୍ଦିତ ହୋଇ କହିଲା, "ପ୍ରାୟ ଗୋଟିଏ ବର୍ଷ ପରେ ସ୍ୱାଦିଷ୍ଟ ଲିଚୁକୋଳି ମିଳିଲା" । ବାପା କହିଲେ ଲିଚୁ ଏକ ଋତୁକାଳୀନ ଫଳ ତେଣୁ ଆମକୁ ଏଥିପାଇଁ ଅପେକ୍ଷା କରିବାକୁ ପଡ଼ିବ ।



ଯେତେବେଳେ ସମସ୍ତେ ଲିଚୁ କୋଳିର ଚୋପା ଛଡ଼ାଇଲେ ଏବଂ ଏହି ସ୍ୱାଦିଷ୍ଟ ଫଳକୁ ନିଜ ନିଜ ମଧ୍ୟରେ ବାଣ୍ଟିଲେ, ସେତେବେଳେ ଦିଶା ସମସ୍ତଙ୍କ ମୁହଁରେ ଖୁସିର ଭାବ ଦେଖିପାରିଲା ।

ବାପା ପୁଣି କହିଲେ କିନ୍ତୁ ଆମ ଅଞ୍ଚଳର ଆମ୍ବ ସହ କେହି ସମାନ ହେବେ ନାହିଁ କାରଣ ସେଗୁଡ଼ିକ ଖୁବ୍ ସତେଜ ଓ ଆମକୁ ସହଜରେ ମିଳିଥାଏ ।





**ଫଳାଫଳ-୯**

ଫଳଗୁଡ଼ିକୁ ସେମାନଙ୍କର ଋତୁ ଅନୁସାରେ ଖାଇଲେ, ଅଧିକ ସ୍ୱାଦିଷ୍ଟ ଲାଗେ । ଋତୁକାଳୀନ ଫଳଗୁଡ଼ିକ ପାଇଁ ଅପେକ୍ଷା କରିବାର ମଜା ନିଆରା ।

### ଲେଖ

ତୁମ ଅଞ୍ଚଳର ତିନୋଟି ଋତୁକାଳୀନ ଫଳ କିମ୍ବା ପନିପରିବାର ନାମ ଲେଖ । ଉଦାହରଣ ଶୀତଦିନରେ ଅଁଳା ଏବଂ ଖରାଦିନରେ ଜାମୁକୋଳି ।

---

---

## ଠିକ୍ ଭାବରେ ଚୋବାଇ ଖାଅ -

### ଅନୁସନ୍ଧାନ : ତୁମ ପାଟି ଭିତରେ ଖାଦ୍ୟର କି ପରିବର୍ତ୍ତନ ହୁଏ ?

ସନ୍ଧାନୀ ଦିଶା ଏ ପର୍ଯ୍ୟନ୍ତ ରହସ୍ୟଗୁଡ଼ିକୁ ସମାଧାନ କରିପାରି ନାହିଁ । "ଆମେ ଖାଦ୍ୟ ଖାଇବା ପରେ କ'ଣ ହୁଏ ?" ସେ ଆଶ୍ଚର୍ଯ୍ୟ ହୋଇ କହିଲା । ସେ ଦର୍ପଣକୁ ଚାହିଁ ପାଟିକୁ ଅଧିକ ଖୋଲିଲା ଏବଂ କହିଲା ଆହାଃ, ହାଃ....

### କାର୍ଯ୍ୟ-୫

ତୁମେ ଯାହା ଖାଉଛ, ତାକୁ ଛୋଟ ଛୋଟ ଖଣ୍ଡରେ ପରିଣତ କରି ନରମ କରିବା ପର୍ଯ୍ୟନ୍ତ ଠିକ୍ ଭାବରେ ଚୋବାଇବାକୁ ଚେଷ୍ଟା କର । ପ୍ରତ୍ୟେକ ଜିନିଷକୁ ଖଣ୍ଡ ଖଣ୍ଡ କରିବା ଏବଂ ଚୋବାଇବା ପାଇଁ ତୁମେ କେଉଁ ଦାନ୍ତ ବ୍ୟବହାର କଲ ? ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଥିବା ଚିତ୍ରକୁ ଦେଖ ଓ ସେଗୁଡ଼ିକର ନାମକରଣ କର ।

---

---






## ଦାନ୍ତ ଓ ଚୋବାଇବା ପ୍ରକ୍ରିୟା

ଭାଇ କହିଲେ, ଆମର ବିଭିନ୍ନ ପ୍ରକାରର ଦାନ୍ତ ଅଛି– ଯଥା କାଟିବା ପାଇଁ କର୍ତ୍ତନ ଦାନ୍ତ, ଚିରିବା ପାଇଁ ଶ୍ୱାନ ଦାନ୍ତ, ଗୁଣ୍ଡ କରିବା ପାଇଁ ଚର୍ବଣ ଦାନ୍ତ ଏବଂ ପେଷିବା ପାଇଁ ପେଷଣ ଦାନ୍ତ ରହିଛି ।

> ସାଧାରଣତଃ ଭାରତର ଲୋକମାନେ ହାତ ସାହାଯ୍ୟରେ ଖାଆନ୍ତି । ଏହା ସେମାନଙ୍କୁ ଖାଦ୍ୟର ପ୍ରକାର ବିଷୟରେ ଏବଂ ଖାଦ୍ୟ ହଜମ ପାଇଁ ପାକସ୍ଥଳୀକୁ ପ୍ରସ୍ତୁତ ରଖିବାରେ ସାହାଯ୍ୟ କରେ ।




ଦାନ୍ତର ପ୍ରକାର

ଦିଶା ଆଶ୍ଚର୍ଯ୍ୟ ହୋଇ ଭାବିଲା ଖାଦ୍ୟକୁ ବହୁତ ସମୟ ଧରି ଚୋବାଇଲେ ଅଧିକ ଲାଳ କ୍ଷରଣ ହୁଏ କି ?

---

ସେ କହିଲା, "ଠିକ୍ ଭାବରେ ଚୋବାଇବା ଦ୍ୱାରା ଲାଳ କ୍ଷରଣ ହୁଏ ଯାହା ଖାଦ୍ୟ ହଜମରେ ସାହାଯ୍ୟ କରେ ।"

### ଫଳାଫଳ-୧୦

ଖାଦ୍ୟକୁ ଠିକ୍ ଭାବରେ ଚୋବାଇ ଖାଇବା ଦ୍ୱାରା ଖାଦ୍ୟ ଛୋଟ ଛୋଟ ଖଣ୍ଡରେ ପରିଣତ ହୁଏ ଓ ଲାଳ ବାହାରି ହଜମରେ ସାହାଯ୍ୟ କରେ ।

### ଫଳାଫଳ - ୧୧

ବିଭିନ୍ନ ପ୍ରକାର ଦାନ୍ତର କାର୍ଯ୍ୟ ଭିନ୍ନଭିନ୍ନ ।

## ମୁଖଗହ୍ୱର ପରିଚ୍ଛନ୍ନତା

ଦିଶାର ଦାନ୍ତ ବିନ୍ଧା ହେଉଥିଲା । ସେ ତା ପିତାମାତାଙ୍କ ସହ ଦନ୍ତ ଚିକିତ୍ସକଙ୍କ ପାଖକୁ ଯାଇଥିଲା । ଡାକ୍ତର ତା'ର ଦାନ୍ତରେ ଏକ ଗାତ ଦେଖିବାକୁ ପାଇଲେ ଏବଂ ଏହାର ଚିକିତ୍ସା କଲେ ।

ଡାକ୍ତର ଉପଦେଶ ଦେଇ କହିଲେ, "ଖାଇବା ପରେ ପାଟି କୁଳି କରିବ, ନିୟମିତ ଦାନ୍ତ ଘଷିବ ଏବଂ କମ୍ ମିଠା ଖାଇବ ।"

### ଫଳାଫଳ - ୧୨

ମୁଖଗହ୍ୱରର ପରିଚ୍ଛନ୍ନତା ଗୁରୁତ୍ୱପୂର୍ଣ୍ଣ ଅଟେ । ଦାନ୍ତର ପରୀକ୍ଷା ପାଇଁ କିମ୍ବା ଦାନ୍ତରେ ଅନୁଭବ କରୁଥିବା କୌଣସି ଯନ୍ତ୍ରଣା ପାଇଁ ତୁମେ ଜଣେ ଦାନ୍ତ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ୍ ।

## ଶ୍ୱାସରୁଦ୍ଧ ଜନିତ ବିପଦ

ରାତି ଭୋଜନ ସମୟରେ ମା ସତର୍କ କରାଇ କହିଲେ, "ତୁମର ଖାଦ୍ୟକୁ ତରତର ହୋଇ ଗିଳିଦିଅ ନାହିଁ । ଠିକ୍ ଭାବରେ ଖାଦ୍ୟକୁ ଚୋବାଇ ଧୀରେ ଧୀରେ ଖାଅ ।"

### ଫଳାଫଳ - ୧୩

ଖାଇବା ସମୟରେ ଶ୍ୱାସରୁଦ୍ଧ ନହେବା ପାଇଁ ମୁଁ ଧୀରେ ଧୀରେ ଖାଦ୍ୟକୁ ଖାଇବା ଉଚିତ୍ ।

**ଶିକ୍ଷକଙ୍କ ପାଇଁ ସୂଚନା**

ପାଟିରେ ଅଳ୍ପ ପରିମାଣର ଖାଦ୍ୟ ପୂର୍ଣ୍ଣ କରିବା ଏବଂ ଗିଳିବା ପୂର୍ବରୁ ଏହାକୁ ଭଲ ଭାବରେ ଚୋବାଇବା ଉପରେ ଶିକ୍ଷାର୍ଥୀମାନଙ୍କର ଧ୍ୟାନ ଆକର୍ଷଣକୁ ଶିକ୍ଷକ ସୁନିଶ୍ଚିତ କରାଇବେ । ଏହା ସହ ପାଟିରେ ଖାଦ୍ୟ ଥିବା ସମୟରେ କଥା ନ କହିବା କିମ୍ବା ନ ହସିବା ପାଇଁ ପରାମର୍ଶ ଦେବେ ।





## ଲେଖ

ଖାଦ୍ୟ ଖାଇବା ସମୟରେ ଶ୍ୱାସରୁଦ୍ଧ ନ ହେବାପାଇଁ ତୁମେ କ'ଣ କରିବ ?

## ଆମ ଶରୀରରେ ଖାଦ୍ୟ

### ଅନ୍ତିମ ଫଳାଫଳ

କିଛି ଅଣୁଜୀବ ଆମ ଖାଦ୍ୟକୁ ନଷ୍ଟ କରୁଥିବାବେଳେ ଆଉ କିଛି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିରେ ସାହାଯ୍ୟ କରନ୍ତି । ସେମାନେ ମଧ୍ୟ ଆମକୁ ଖାଦ୍ୟ ହଜମରେ ସାହାଯ୍ୟ କରନ୍ତି ।

ଶେଷରେ ଖାଦ୍ୟ ସମ୍ବନ୍ଧୀୟ ସବୁ ରହସ୍ୟର ସମାଧାନ ହୋଇଗଲା । ଠିକ୍ ଭାବରେ ଖାଅ, ଠିକ୍ ଉପାୟରେ ସଂରକ୍ଷଣ ଓ ଗଚ୍ଛିତ କରି ରଖ, ଖାଦ୍ୟକୁ ଭଲ ଭାବରେ ଚୋବାଅ ଏବଂ ଉପକାରୀ ଅଣୁଜୀବମାନଙ୍କୁ ଧନ୍ୟବାଦ ଦିଅ ।

ସବୁ ରହସ୍ୟର ସମାଧାନ ହୋଇଗଲା । ଅନୁସନ୍ଧାନୀ ଦିଶା ଖୁସିରେ ତା'ର ଖାତାକୁ ବନ୍ଦକଲା ।

ବାସି ପଖାଳ ଓ କାଞ୍ଜି ଭଳି ଖାଦ୍ୟ ଭାରତର ଓଡ଼ିଶା ଭଳି କେତେକ ସ୍ଥାନରେ ଖିଆଯାଏ । ଏହା ଉପକାରୀ ଅଣୁଜୀବରେ ଭରପୂର ଏବଂ ଶରୀରକୁ ଥଣ୍ଡା ରଖେ ।

## ଆସ ଚିନ୍ତା କରିବା

୧. କେତେକ ଖାଦ୍ୟଦ୍ରବ୍ୟ କିଛି ସପ୍ତାହ ଧରି ଭଲ ରହୁଥିବାବେଳେ ଆଉ କେତେକ ଖାଦ୍ୟଦ୍ରବ୍ୟ ଖୁବ୍ କମ୍ ଦିନରେ ନଷ୍ଟ ହୋଇଯାଏ କାହିଁକି ?

୨. ତୁମେ ଦୁଇଦିନ ପାଇଁ ଏକ କ୍ଷେତ୍ର ପରିଭ୍ରମଣରେ ଯାଇଛ । ସାଙ୍ଗରେ ନେବାପାଇଁ ପାଞ୍ଚଟି ଖାଦ୍ୟସାମଗ୍ରୀର ତାଲିକା କର । ସେଗୁଡ଼ିକ ନଷ୍ଟ ନହେବାପାଇଁ ତୁମେ କ'ଣ କରିବ ?

୩. ଯଦି ଖାଦ୍ୟ ସଂରକ୍ଷଣ କରାଯାଇ ନପାରିବ ତେବେ କ'ଣ ହେବ ? ଖାଦ୍ୟ ସଂରକ୍ଷଣ ବିନା ଏକ ବିଶ୍ୱର କଳ୍ପନା କର ଏବଂ ଏହାର ପରିଣାମ ବିଷୟରେ ଆଲୋଚନା କର ।



## ୪. ନିମ୍ନଲିଖିତ ତଥ୍ୟଗୁଡ଼ିକୁ ମେଳ କର ।

'କ' ସ୍ତମ୍ଭରେ ଥିବା ଖାଦ୍ୟ ସାମଗ୍ରୀକୁ କେଉଁ ଉପାୟରେ ସଂରକ୍ଷଣ କରି 'ଖ' ସ୍ତମ୍ଭରେ ଥିବା ଉତ୍ପାଦ ମିଳିବ ତାହା ଲେଖ ।

| ସାମଗ୍ରୀ | ସଂରକ୍ଷଣର ପଦ୍ଧତି | ଉତ୍ପାଦ |
|---|---|---|
| ଆମ୍ବ | ଖରାରେ ଶୁଖାଇବା | ଆମ୍ବୁଲ |
| ପାମ୍ପଡ଼ | ଖରାରେ ଶୁଖାଇବା | ଶୁଖିଲା ପାମ୍ପଡ଼ |
| ବିଭିନ୍ନ ଫଳ | | ଜେଲି/ଜାମ୍ |
| ଲେମ୍ବୁ | | ଲେମ୍ବୁ ଆଚାର |
| ବଟର୍ (ଲହୁଣୀ) | | ଘିଅ |
| ବଟା ବିରି | | ବଡ଼ି |
| ଲଙ୍କା | | ଲଙ୍କାଗୁଣ୍ଡ |
| ମାଛ | | ଶୁଖୁଆ |








# ୪ ଆମ ବିଦ୍ୟାଳୟ - ଏକ ଆନନ୍ଦମୟ ସ୍ଥାନ

DRAFT

## ସବୁଜ ବିଦ୍ୟାଳୟ :

ଆଶା ଓ ମୋହିତ୍ ଏକାଠି ବିଦ୍ୟାଳୟକୁ ଯାଉଥିଲେ । ଆଶା ପଚାରିଲା– "ତୁମେ ବିଦ୍ୟାଳୟକୁ ଯିବାକୁ ପସନ୍ଦ କର କି ?" ମୋହିତ୍ ଖୁସିରେ ହସି କହିଲା, "ମୁଁ ବିଦ୍ୟାଳୟକୁ ଭଲପାଏ । ଏହା ହେଉଛି ଏକ ସ୍ଥାନ ଯେଉଁଠାରେ ମୁଁ ପ୍ରତିଦିନ ମୋର ବନ୍ଧୁମାନଙ୍କୁ ଦେଖେ, ବିଭିନ୍ନ ପ୍ରକାର ଖେଳ ଖେଳେ ଏବଂ ନୂଆ ଜିନିଷ ଶିଖିବାକୁ ପାଏ । ଏହା ମୋର ପ୍ରିୟ ସ୍ଥାନ ।"

ଆମ ବିଦ୍ୟାଳୟ ଏପରି ଏକ ସ୍ଥାନ ଯେଉଁଠାରେ ଆମେ ସୁରକ୍ଷିତ ରହୁ ଏବଂ ଆମର ଯତ୍ନ ନିଆଯାଏ । ଏଠାରେ ଆମେ ବହୁତ କିଛି ଶିକ୍ଷା କରୁ ।

ଆଶା କହିଲା, "ମୋ ବିଦ୍ୟାଳୟ ଆମକୁ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ଯତ୍ନ ନେବା ଶିଖାଏ । ମୁଁ ମୋର ବିଦ୍ୟାଳୟକୁ ଏକ ସବୁଜ ବିଦ୍ୟାଳୟ ଭଳି ଉନ୍ନତ କରିବାକୁ ଚାହୁଁଛି" ।

ମୋହିତ୍ ପଚାରିଲା– ଏକ ସବୁଜ ବିଦ୍ୟାଳୟ କ'ଣ ?

ଆଶା କହିଲା– "ମୋ ଭାଇ ମୋତେ ଥରେ କହିଥିଲେ, ସବୁଜ ବିଦ୍ୟାଳୟ ହେଉଛି ଏକ ବିଦ୍ୟାଳୟ ଯେଉଁଠାରେ ଆମେ ବର୍ଜ୍ୟବସ୍ତୁ ପରିଚାଳନା କରୁ, ଜଳ ସଞ୍ଚୟ କରୁ, ସାବଧାନତାର ସହ ବିଦ୍ୟୁତ୍ ବ୍ୟବହାର କରୁ ଏବଂ ଅଧିକ ଗଛ ଲଗାଇ ସେଗୁଡ଼ିକର ଯତ୍ନ ନେଇ ବିଦ୍ୟାଳୟ ହତାକୁ ସବୁଜ କରିଥାଉ ।"

ଆଶା ଓ ମୋହିତ ସେମାନଙ୍କର ଅନୁଭୂତିକୁ ସହପାଠୀଙ୍କ ସହିତ ଆଲୋଚନା କଲେ । ସମସ୍ତେ ଆଗ୍ରହୀ ହୋଇ ପଚାରିଲେ, "ଆମ ବିଦ୍ୟାଳୟଟି କିପରି ? ଆମେ କ'ଣ ଏହାକୁ ମଧ୍ୟ ଏକ ସବୁଜ ବିଦ୍ୟାଳୟରେ ପରିଣତ କରିପାରିବା ?"

ଅନୁପମ୍ ସାର୍ ଯିଏ କି "ଆମ ଚତୁଃପାର୍ଶ୍ୱରେ ପୃଥିବୀ" ବିଷୟକୁ ସେମାନଙ୍କୁ ପଢ଼ାନ୍ତି, କହିଲେ, "ମୁଁ ତୁମର ଆଲୋଚନା ଶୁଣି ଖୁସିହେଲି । ମୁଁ ଜାଣିବାକୁ ଚାହୁଁଛି ଏହି କାର୍ଯ୍ୟକୁ ତୁମେ କିପରି ଆରମ୍ଭ କରିବ ?"

ଆଶା ତା'ର ସହପାଠୀଙ୍କ ସହ ନିଜର ମତାମତ ଆଲୋଚନା କଲା । "ଆସ, ଆମେ ଆମ ବିଦ୍ୟାଳୟକୁ ଭଲଭାବରେ ନିରୀକ୍ଷଣ କରିବା ଏବଂ ଆମ ବିଦ୍ୟାଳୟକୁ ଏକ ଆନନ୍ଦଦାୟକ, ସୁରକ୍ଷିତ ଓ ସବୁଜ ବିଦ୍ୟାଳୟ କରିବାପାଇଁ କ'ଣ କ'ଣ କରିପାରିବା ତାହା ସ୍ଥିର କରିବା ।"

## ତୁମେ ଜାଣିଛ କି ?

"ସ୍ୱଚ୍ଛ ଭାରତ", "ସ୍ୱଚ୍ଛ ବିଦ୍ୟାଳୟ" ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା "ସ୍ୱଚ୍ଛ ଭାରତ ମିଶନ"ର ଏକ ଅଂଶ । ଏହା ବିଦ୍ୟାଳୟଗୁଡ଼ିକୁ ସମସ୍ତଙ୍କ ପାଇଁ ସଫା ଓ ସ୍ୱାସ୍ଥ୍ୟ ଉପଯୋଗୀ ରଖିବା ଉପରେ ଆଲୋକପାତ କରେ । ଏଥିରେ ସ୍ୱଚ୍ଛ ଶୌଚାଳୟ, ନିରାପଦ ପାନୀୟ ଜଳ, ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍ୱଚ୍ଛତା ଶିକ୍ଷା ଅନ୍ତର୍ଭୁକ୍ତ । ପ୍ରତ୍ୟେକ ଶିଶୁର ଏକ ସ୍ୱଚ୍ଛ ଓ ସୁରକ୍ଷିତ ପରିବେଶରେ ଶିକ୍ଷାଗ୍ରହଣ କରିବାର ଅଧିକାର ରହିଛି ।

## କାର୍ଯ୍ୟ-୧

ତୁମ ବିଦ୍ୟାଳୟ ଚାରିପଟେ ବୁଲିଆସ ଏବଂ ବିଦ୍ୟାଳୟ ମୁଖ୍ୟ କୋଠା, ଖେଳପଡ଼ିଆ, ବଗିଚା, ଜଳଟାଙ୍କି ଏବଂ ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକୁ ନେଇ ଏକ ମାନଚିତ୍ର ତିଆରି କର । ବିଦ୍ୟାଳୟ ମୁଖ୍ୟ ଫାଟକ ଏବଂ ବିଦ୍ୟାଳୟ ଗୃହକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ମଧ୍ୟ ମାନଚିତ୍ରରେ ସ୍ଥାନିତ କରିବାକୁ ଭୁଲ ନାହିଁ ।

## ଆସ ଲେଖିବା

୧. ମୋ ବିଦ୍ୟାଳୟ ବିଷୟରେ ପ୍ରକୃତରେ ମୋତେ କ'ଣ ଭଲ ଲାଗେ ?

୨. ମୁଁ କିପରି ମୋ ବିଦ୍ୟାଳୟକୁ "ସବୁଜ ବିଦ୍ୟାଳୟ" କରିପାରିବି ?

୩. ବିଦ୍ୟାଳୟରେ କିଛି ଅସୁବିଧା ହେଲେ, ମୁଁ କାହା ସହ ଆଲୋଚନା କରିବି କିମ୍ବା କାହାକୁ ଜଣାଇବି ?


**ବିଦ୍ୟାଳୟ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କର ।**

ତୁମେ ଏବଂ ତୁମର ସହପାଠୀମାନେ "ବିଦ୍ୟାଳୟ ଅନୁସନ୍ଧାନ ଦଳ" ଗଠନ କରିପାରିବ । ତୁମ ଦଳଗୁଡ଼ିକର ନାମ ବାଛିବା ପାଇଁ ନିମ୍ନରେ କେତେକ ଉଦାହରଣ ଦିଆଯାଇଛି ।

- ଜଳ ଜଗୁଆଳୀ
- ବିଦ୍ୟୁତ୍ ସଞ୍ଚୟକାରୀ
- ବର୍ଜ୍ୟବସ୍ତୁ ପରିଚାଳନାକାରୀ
- ସବୁଜ ଅଭିଭାବକ
- ଟ୍ରାଫିକ ନିୟନ୍ତ୍ରକ

ଅନୁସନ୍ଧାନ ଆରମ୍ଭ କରିବା ପୂର୍ବରୁ ପ୍ରତ୍ୟେକ ଦଳ କ'ଣ କ'ଣ ପର୍ଯ୍ୟବେକ୍ଷଣ କରିବେ ତାହା ସ୍ଥିର କରାଯିବ ।





ଏଠାରେ କିଛି **ଉଦାହରଣ** ଦିଆଯାଇଛି ।

### ବିଦ୍ୟୁତ୍ ସଞ୍ଚୟକାରୀ

- ବ୍ୟବହାର ହେଉନଥିବା ସମୟରେ ବିଦ୍ୟୁତ୍ ବଲ୍‌ବ ଓ ପଙ୍ଖା ଚାଲୁରହିଛି କି ?
- ଶ୍ରେଣୀଗୃହଗୁଡ଼ିକରେ ଯଥେଷ୍ଟ ସୂର୍ଯ୍ୟାଲୋକ ପଡୁଛି କି ?
- ବିଦ୍ୟାଳୟର କେଉଁ ସ୍ଥାନଗୁଡ଼ିକରେ ଦିନବେଳା ସବୁଠାରୁ ଅଧିକ ଗରମ ବା ଅଧିକ ଥଣ୍ଡା ଅନୁଭୂତ ହୁଏ ?

### ସବୁଜ ଅଭିଭାବକ

- ବିଦ୍ୟାଳୟରେ କିଛି ବୃକ୍ଷ କିମ୍ବା ଉଦ୍ଭିଦ ଅଛି କି ?
- କିଏ ସେମାନଙ୍କର ଯତ୍ନ ନିଅନ୍ତି ?
- ଆମେ କେଉଁ ସ୍ଥାନରେ ଅଧିକ ବୃକ୍ଷରୋପଣ କରିପାରିବା ?
- ଏହି ସ୍ଥାନଗୁଡ଼ିକୁ ପକ୍ଷୀ କିମ୍ବା ପ୍ରଜାପତି ଆସନ୍ତି କି ?
- ବିଦ୍ୟାଳୟରେ ଏକ କମ୍ପୋଷ୍ଟ ପିଟ୍ ଅଛି କି ?

### ଜଳ ଜଗୁଆଳୀ

- ବିଦ୍ୟାଳୟ କଳଗୁଡ଼ିକରୁ ଜଳ ଲିକ୍ ହେଉଛି କି ?
- ସେଥିରୁ ଜଳ ନଷ୍ଟ ହେଉଛି କି ?
- ଜଳଟାଙ୍କିଗୁଡ଼ିକ ସଫା ଅଛି କି ଏବଂ ସେଥିରେ ଘୋଡ଼ଣୀ ଅଛି କି ?
- ମଶାମାନେ ବଂଶ ବିସ୍ତାର କରିବାପାଇଁ କୌଣସି ସନ୍ତସନ୍ତିଆ ସ୍ଥାନ ଅଛି କି ?

### ଟ୍ରାଫିକ ନିୟନ୍ତ୍ରକ

- ପିଲାମାନେ ବିଦ୍ୟାଳୟକୁ ଆସିବା ଓ ଯିବା ସମୟରେ ବିଦ୍ୟାଳୟ ଫାଟକ ବାହାରେ ପରିସ୍ଥିତି କିପରି ଥାଏ ?
- ବିଦ୍ୟାଳୟ ନିକଟରେ ପିଲାମାନେ ରାସ୍ତା ପାରି ହେବାପାଇଁ କୌଣସି ପାଦଚଲା ରାସ୍ତା ରହିଛି କି ?
- ବିଦ୍ୟାଳୟ ସମ୍ମୁଖରେ ଯାନବାହନ-ଗୁଡ଼ିକ ଦ୍ରୁତ ଗତିରେ ଯାତାୟତ କରେ କି ?

### ବର୍ଜ୍ୟବସ୍ତୁ ପରିଚାଳନାକାରୀ

- ତୁମେ କେଉଁଠାରେ ଆବର୍ଜନା ପଡ଼ିଥିବାର ଦେଖ ? ସେଗୁଡ଼ିକ କେଉଁ ପ୍ରକାରର ?
- ବିଦ୍ୟାଳୟରେ ପର୍ଯ୍ୟାପ୍ତ ଡଷ୍ଟବିନ୍ ଅଛି କି ?
- ଶିକ୍ଷାର୍ଥୀମାନେ ଏହି ଡଷ୍ଟବିନ୍ ବ୍ୟବହାର କରନ୍ତି କି ? ହଁ, ବା ନା, କାହିଁକି ?
- ବର୍ଜ୍ୟ ଖାଦ୍ୟ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ପାଇଁ ପୃଥକ୍ ପୃଥକ୍ ଡଷ୍ଟବିନ୍ ଅଛି କି ?

ଘରକୁ ଥଣ୍ଡା ରଖିବାପାଇଁ ଓ କୀଟପତଙ୍ଗଠାରୁ ଦୂରେଇ ରହିବା ପାଇଁ ଅନେକ ଗ୍ରାମବାସୀ ଘରର ଚଟାଣକୁ ମାଟି ଓ ଗୋବରରେ ଲିପି ସଫା ରଖନ୍ତି ।





ତୁମେ ତୁମର ଅନୁସନ୍ଧାନ ସମାପ୍ତ କରିବା ପରେ ଏକତ୍ରିତ ହୋଇ ତା'ର ଫଳାଫଳକୁ ଶ୍ରେଣୀରେ ଆଲୋଚନା କର ।

୧. ତୁମେ କ'ଣ ଜାଣିବାକୁ ପାଇଲ ?

୨. ତୁମକୁ ଚିନ୍ତିତ କରିବା ଭଳି କିଛି ଫଳାଫଳ ଥିଲା କି ?

୩. ତୁମକୁ କିଛି ଆଶ୍ଚର୍ଯ୍ୟ ଲାଗିଲା କି ? ଏହା କ'ଣ ଥିଲା ?

୪. କେଉଁ କାର୍ଯ୍ୟ ତୁମକୁ ଗର୍ବ ଅନୁଭବ କରାଇଲା ?

ଆସ, ଆମେ ଅନୁସନ୍ଧାନ କରିବାକୁ ଚେଷ୍ଟା କରିଥିବା ପ୍ରତ୍ୟେକ ଜିନିଷ ବିଷୟରେ ଅଧିକ ବୁଝିବା ।

**ବର୍ଜ୍ୟବସ୍ତୁ ପରିଚାଳନା**

ଆମେ କେବଳ ଆବଶ୍ୟକତା ଅନୁଯାୟୀ ଜିନିଷ ବ୍ୟବହାର କରି, ଜିନିଷଗୁଡ଼ିକୁ ପୁନଃ ବ୍ୟବହାର କରି, ଏବଂ ଉପଯୋଗୀ ଜିନିଷଗୁଡ଼ିକୁ ନ ଫୋପାଡ଼ି ବର୍ଜ୍ୟବସ୍ତୁର ଅପଚୟକୁ ହ୍ରାସ କରିପାରିବା । ଯଦିଓ କେତେକ ବର୍ଜ୍ୟବସ୍ତୁ ଯଥା ଫଳ ଓ ପନିପରିବା ଚୋପା, ବଳକା ଖାଦ୍ୟ ଏବଂ କାଗଜ ଭଳି ଅନ୍ୟ କେତେକ ଆବର୍ଜନା ମଧ୍ୟ ରହିଥାଇପାରେ । ଆମେ ପୂର୍ବଶ୍ରେଣୀରେ ଆବର୍ଜନାର ସୁପରିଚାଳନା କରି ଆମର ପରିବେଶକୁ ସଫା ରଖିବା ପାଇଁ ଶୁଖିଲା ଏବଂ ଓଦା ଭାବରେ ଆବର୍ଜନାର ବର୍ଗୀକରଣ କରିବାର ଗୁରୁତ୍ୱ ବିଷୟରେ ଶିଖିଛୁ ।

## ? ଆସ ଲେଖିବା


ନିମ୍ନଲିଖିତ ଆବର୍ଜନା ପାଇଁ ଡଷ୍ଟବିନ୍‌ର ରଙ୍ଗର ନାମ କହିପାରିବ କି ?

ଶୁଖିଲା ଆବର୍ଜନା______________ ଓଦା ଆବର୍ଜନା______________ ।

ତୁମେ କେବେ ଲକ୍ଷ୍ୟ କରିଛ କି ପୁରୁଣା ଖବରକାଗଜ ଭଳି ଜିନିଷଗୁଡ଼ିକୁ କେବେ ବି ଏହି ଡଷ୍ଟବିନ୍ ଗୁଡ଼ିକରେ ପକାଯାଏ ନାହିଁ ? ସେଗୁଡ଼ିକ ସାଧାରଣତଃ ଅଲଗା ରଖାଯାଇ ପୁନଃଚକ୍ରଣ ପାଇଁ ବର୍ଜ୍ୟ ସଂଗ୍ରହକାରୀଙ୍କୁ (କବାଡ଼ିଆ) ଦିଆଯାଏ । ବିଭିନ୍ନ ବର୍ଜ୍ୟସଂଗ୍ରହକାରୀ ଭିନ୍ନଭିନ୍ନ ଜିନିଷ ସଂଗ୍ରହ କରନ୍ତି । ତୁମ ଅଞ୍ଚଳରେ ବିଭିନ୍ନ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କୁ କ'ଣ କୁହାଯାଏ ? ପ୍ରତ୍ୟେକ କ'ଣ ସଂଗ୍ରହ କରନ୍ତି ତାହା ଜାଣିବାକୁ ଚେଷ୍ଟା କର ।

DRAFT







## ଆସ ଲେଖିବା

୧. ତୁମ ବିଦ୍ୟାଳୟରୁ କେଉଁ ଜିନିଷ ପୁନଃଚକ୍ରଣ ପାଇଁ ପଠାଯାଏ ?

---

୨. ତୁମ ପିତାମାତାଙ୍କୁ ପଚାରିବୁଝ ଓ ଦେଖ କବାଡ଼ିଆକୁ ଦେବାପାଇଁ କିଛି ଜିନିଷ ସେମାନେ ଅଲଗା କରି ରଖିଛନ୍ତି କି ? ସେଗୁଡ଼ିକ କ'ଣ ?

---

## ଆସ ଖୋଜିବା

ତୁମ ଶିକ୍ଷକଙ୍କ ସହାୟତାରେ ତୁମ ଶ୍ରେଣୀଗୃହକୁ ଜଣେ କବାଡ଼ିଆଙ୍କୁ ଆମନ୍ତ୍ରଣ କର ଏବଂ ତାଙ୍କୁ ତାଙ୍କ କାର୍ଯ୍ୟ ବିଷୟରେ ପଚାରି ବୁଝ । ଏହି ଜିନିଷଗୁଡ଼ିକ କେଉଁଠାକୁ ଯାଏ ଏବଂ ସେଗୁଡ଼ିକୁ କିପରି ପୁନଃବ୍ୟବହାର କିମ୍ବା ପୁନଃଚକ୍ରଣ କରାଯାଇପାରିବ ତାହା ଜାଣିବା କୌତୁହଳପ୍ରଦ ହେବ ।

**ଶିକ୍ଷକଙ୍କ ପାଇଁ ସୂଚନା**

ପୁନଃଚକ୍ରଣ ପ୍ରକ୍ରିୟା ବିଷୟରେ ବିଶଦ ଭାବରେ ଆଲୋଚନା କରନ୍ତୁ । କାଗଜର ପୁନଃଚକ୍ରଣ ବିଷୟରେ ଚତୁର୍ଥ ଶ୍ରେଣୀରେ ଥିବା କାର୍ଯ୍ୟଗୁଡ଼ିକ ମନେପକାଇ ଦିଅନ୍ତୁ । ଏହା ସହିତ ଶିକ୍ଷାର୍ଥୀମାନଙ୍କ ମନରେ ଶ୍ରମ ପ୍ରତି ମର୍ଯ୍ୟାଦା ସୃଷ୍ଟି କରି କବାଡ଼ିଆ ଏବଂ ପରିମଳ କର୍ମଚାରୀଙ୍କ ଅବଦାନ ବିଷୟରେ ଚିନ୍ତା କରିବାକୁ ଉତ୍ସାହିତ କରନ୍ତୁ ।





## କାର୍ଯ୍ୟ-୨

### ପୃଥକୀକରଣ ଖେଳ

ତଳେ ଦିଆଯାଇଥିବା ବିଭିନ୍ନ ଜିନିଷର ନାମ କିମ୍ବା ଚିତ୍ର ଥିବା ୩୦-୪୦ଟି କାଗଜ ଚିଟ୍ ତିଆରି କର । ତୁମ ବିଦ୍ୟାଳୟ କିମ୍ବା ଘର ଚାରିପାଖରେ ଯାହା ଦେଖୁଛ ତାହା ଉପରେ ଆଧାର କରି ତାଲିକାରେ ଅଧିକ ଜିନିଷ ଲେଖିପାରିବ ।

ତିନୋଟି ଖାଲି ବାକ୍ସ ନିଅ ଏବଂ ସେଗୁଡ଼ିକୁ ନାମକରଣ କର- ଓଦା ବର୍ଜ୍ୟବସ୍ତୁ ପାଇଁ ସବୁଜ, ଶୁଖିଲା ବର୍ଜ୍ୟବସ୍ତୁ ପାଇଁ ନୀଳ ଏବଂ ତୃତୀୟଟି "ପୁନଃଚକ୍ରଣ ଯୋଗ୍ୟ ପଦାର୍ଥ" ଭାବରେ ନାମିତ କରାଯାଇପାରିବ ।

ଗୋଟିଏ ପରେ ଗୋଟିଏ ଚିଟ୍ ଉଠାଅ ଏବଂ ତାକୁ ଠିକ୍ ବାକ୍ସରେ ପକାଅ । ସମସ୍ତ ଚିଟ୍ ବାକ୍ସରେ ରଖିବା ପରେ ପ୍ରତ୍ୟେକ ବାକ୍ସରେ ଠିକ୍ ଭାବରେ ଚିଟ୍‌ଗୁଡ଼ିକ ରଖାଯାଇଛି କି ନାହିଁ ଆଲୋଚନା କର ।




ଏବେ ଓଦା ବର୍ଜ୍ୟବସ୍ତୁର କ'ଣ ହୁଏ ତାହା ଜାଣିବା ।



ଉଷୁମ କ୍ଷୀରରେ ଏକ ଚାମଚ ପୁରୁଣା ଦହି ମିଶାଇ ଦହି ପ୍ରସ୍ତୁତ କରାଯାଏ । ଏଥିରେ କୌଣସି ମେସିନ୍‌ର ବ୍ୟବହାର କରାଯାଏ ନାହିଁ । ଏହା କେବଳ ଅଣୁଜୀବ ଦ୍ୱାରା ସମ୍ଭବ ହୁଏ ।

ଓଦା ବର୍ଜ୍ୟବସ୍ତୁର ପରିଚାଳନା କିପରି କରାଯାଏ ?

୧. ତୁମ ବିଦ୍ୟାଳୟରେ

---

୨. ତୁମ ଘରେ

---

## ଆଲୋଚନା କର

୧. ଯଦି ଆମେ ଆବର୍ଜନାକୁ ପୃଥକ୍ ନ କରିବା ତେବେ କ'ଣ ହେବ ?

୨. ପରିମଳ କର୍ମଚାରୀଙ୍କ କାମକୁ ସହଜ ଓ ସୁରକ୍ଷିତ କରିବାପାଇଁ ଆମେ କ'ଣ କରିପାରିବା ? ତୁମ ଶ୍ରେଣୀକୁ ଜଣେ ପରିମଳ କର୍ମଚାରୀଙ୍କୁ ନିମନ୍ତ୍ରଣ କରିବାକୁ ଶିକ୍ଷକଙ୍କୁ କୁହ । ସେମାନେ କ'ଣ କରନ୍ତି ? ସେମାନେ କେଉଁ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ଆମେ କିପରି ବର୍ଜ୍ୟବସ୍ତୁ ପରିଚାଳନାରେ ଉପଯୁକ୍ତ ଭୂମିକା ଗ୍ରହଣ କରିପାରିବା, ତାହା ସେମାନଙ୍କ ସହିତ ଆଲୋଚନା କର ।

## ଆସ, ଥଣ୍ଡା ସ୍ଥାନ ଦେଖିବା

ତୁମେ କେବେ ଚିନ୍ତା କରିଛ କି କେତେକ କୋଠରୀରେ ଅନ୍ୟ କୋଠରୀ ତୁଳନାରେ କାହିଁକି କମ ଗରମ ଅନୁଭୂତ ହୁଏ । ଆସ ଏହାକୁ ଜାଣିବା ଓ କ'ଣ ପାଇଁ ତାହା ଥଣ୍ଡା ରହେ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ।

ଗଛ ଛାଇରେ ଥିବା ଏବଂ ଝରକା ଦେଇ ବାୟୁ ଚଳପ୍ରଚଳ ହେଉଥିବା ଶ୍ରେଣୀଗୃହଗୁଡ଼ିକରେ ତାପମାତ୍ରାର ଫରକ୍ ଥାଏ । ଧଳାରଙ୍ଗ ହୋଇଥିବା ଛାତ ମଧ୍ୟ ଥଣ୍ଡା ଲାଗେ କାରଣ ଏହା ସୂର୍ଯ୍ୟଙ୍କ ଉତ୍ତାପକୁ ପ୍ରତିଫଳିତ କରେ । ଅନ୍ୟ ପକ୍ଷରେ ଏକ କଳା ରଙ୍ଗର ପୃଷ୍ଠ ତାପ ଶୋଷଣ କରେ ଓ ଗରମ ଲାଗେ ।

## କାର୍ଯ୍ୟ-୩

ଦୁଇଟି ଟାଇଲ୍ କିମ୍ବା ଦୁଇଟି ପଥର ନିଅ, ଗୋଟିକୁ କଳା ଏବଂ ଅନ୍ୟଟିକୁ ଧଳା ରଙ୍ଗ ଦିଅ । ସେଗୁଡ଼ିକୁ ଖରାରେ ରଖ । କିଛି ସମୟ ପରେ, ପ୍ରତ୍ୟେକକୁ ସ୍ପର୍ଶ କର ଏବଂ ସେମାନଙ୍କର ତାପମାତ୍ରାରେ ପାର୍ଥକ୍ୟ ଅନୁଭବ କର ।

ତୁମକୁ କେଉଁଟି ଥଣ୍ଡା ଲାଗିଲା ?

## ଆସ ଲେଖିବା

ଯଦି ତୁମର ବିଦ୍ୟାଳୟ କିମ୍ବା ଘରର ଛାତକୁ ଧଳାରଙ୍ଗ କରାଯାଏ, ତେବେ କ'ଣ ହେବ ?

## ଆଲୋଚନା କର

ଯଦି ତୁମ ଅଞ୍ଚଳରେ ଗରମ ଅନୁଭୂତ ହେଉଛି, ଏହାକୁ ଥଣ୍ଡା ରଖିବାପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ ?

ପିଇବା ପାଣିକୁ ଥଣ୍ଡା ରଖିବା ପାଇଁ ମାଟିପାତ୍ର ବ୍ୟବହାର କରାଯାଏ । ଏହା ଏକ ସୁନ୍ଦର ପରିକଳ୍ପନା ଯେଉଁଥିରେ ବିଦ୍ୟୁତ୍ ଶକ୍ତି ବ୍ୟବହାର ହୁଏ ନାହିଁ ।

### ପ୍ରତି ଜଳବୁନ୍ଦା ମୂଲ୍ୟବାନ

ପ୍ରତିଦିନ ବିଭିନ୍ନ କାର୍ଯ୍ୟପାଇଁ ଆମେ ସମସ୍ତେ ଜଳ ଆବଶ୍ୟକ କରୁ । ଜଳ ଏକ ଅମୂଲ୍ୟ ସମ୍ପଦ । କିନ୍ତୁ ଆମେ ଏହାକୁ ଠିକ୍ ଭାବରେ ବ୍ୟବହାର କରୁ କି ?



ତୁମ ବିଦ୍ୟାଳୟର ବିଭିନ୍ନ ସ୍ଥାନରେ ଥିବା ପାଣିକଳଗୁଡ଼ିକରୁ ଟୋପା ଟୋପା ହୋଇ ପାଣି ପଡୁଥିବାର ଦେଖିଥିବ । କିନ୍ତୁ ତୁମେ କେବେ ଭାବିଛ କି ଟୋପା ଟୋପା ହୋଇ କେତେ ପାଣି ନଷ୍ଟ ହୋଇପାରେ ? ଏକ ଛୋଟ ଛିଦ୍ର ମଧ୍ୟ ସମୟକ୍ରମେ ବହୁତ ଜଳ ନଷ୍ଟ କରିପାରେ । ଆସ ଜାଣିବା କିପରି ?

## କାର୍ଯ୍ୟ-୪

ଗୋଟିଏ ପାଣିକଳରୁ କିମ୍ବା ଗୋଟିଏ ପାଣି ଭର୍ତ୍ତି ବୋତଲର ଛିଦ୍ର ମଧ୍ୟଦେଇ ପଡୁଥିବା ଟୋପା ଟୋପା ପାଣିକୁ ଲକ୍ଷ୍ୟ କର । ଏବେ ସେହି ଟୋପା ଟୋପା ହୋଇ ପଡୁଥିବା ପାଣିକୁ ଏକ ଗ୍ଲାସ୍‌ରେ ସଂଗ୍ରହ କର ଏବଂ ଗ୍ଲାସ୍‌ଟି ପୂରଣ ହେବାକୁ କେତେ ସମୟ ଲାଗିଲା ତାକୁ ଠିକ୍ ଭାବରେ ଟିପି ରଖ ।

ଗୋଟିଏ ଗ୍ଲାସ୍ ପୂରଣ ପାଇଁ ଲାଗୁଥିବା ସମୟ । ____________________

ଗୋଟିଏ ଦିନରେ କେତେ ଗ୍ଲାସ୍ ପାଣି ପୂର୍ଣ୍ଣ ହେଲା ?

____________________

ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଯେ, ଆମ ଅଜାଣତରେ କେତେ ପରିମାଣର ପାଣି ବୋହିଯାଇ ନଷ୍ଟ ହେଉଛି ।

## ଆଲୋଚନା କର

୧. ପାଣିର ଅପଚୟ ରୋକିବା ପାଇଁ ଆମେ ଆମ ବିଦ୍ୟାଳୟରେ କିଛି ସରଳ କାର୍ଯ୍ୟ କରିପାରିବା କି ?

୨. ତୁମେ ବିଦ୍ୟାଳୟରେ କିମ୍ବା ଘରେ ବର୍ଷାଜଳକୁ କିପରି ସଂଗ୍ରହ କର ଓ ବ୍ୟବହାର କର ?

DRAFT

## ତୁମେ ଜାଣିଛ କି ?

"ଜଳ ଶକ୍ତି ଅଭିଯାନ" ହେଉଛି ଜଳ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଏକ ଅଭିଯାନ । ଏହା ଲୋକଙ୍କୁ ଗଛ ଲଗାଇବା, ବର୍ଷାଜଳ ସଂରକ୍ଷଣ କରିବା ଏବଂ ଜଳର ଯଥୋଚିତ ବ୍ୟବହାର କରିବାପାଇଁ ଉତ୍ସାହିତ କରେ । ବିଦ୍ୟାଳୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ପାଣିକଳରେ ଥିବା ଛିଦ୍ର ବନ୍ଦ କରିବା, ବର୍ଷାଜଳ ସଂଗ୍ରହ କରିବା ଏବଂ ଜଳର ଉତ୍ତମ ବ୍ୟବହାର ସମ୍ପର୍କରେ ଶିକ୍ଷା ଦେଇଥାଏ । ଶିକ୍ଷଣ ଏବଂ ଛୋଟ ଛୋଟ କାର୍ଯ୍ୟ ମାଧ୍ୟମରେ, ବିଦ୍ୟାଳୟ ଜଳସମ୍ପଦର ସୁରକ୍ଷା କରିବାରେ ସାହାଯ୍ୟ କରିପାରିବ ଏବଂ ଜଳ ସଂରକ୍ଷଣ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଶିଖାଇପାରିବ ।





## ଆମ ଚତୁଃପାର୍ଶ୍ୱର ସବୁଜିମା




'ଲଦାଖ'ରେ ଶିକ୍ଷାର୍ଥୀମାନଙ୍କ ସହାୟତାରେ ବିଦ୍ୟାଳୟରେ ବରଫକୁ ଜମାକରି "ଉଚ୍ଚ ବରଫ ସ୍ତୁପ" ତିଆରି କରାଯାଏ ଯାହା ଗ୍ରୀଷ୍ମଋତୁରେ ଧୀରେ ଧୀରେ ତରଳି ବିଦ୍ୟାଳୟର ବଗିଚାକୁ ପାଣି ଯୋଗାଏ ।

### ଆସ ଲେଖିବା

୧. ତୁମ ବିଦ୍ୟାଳୟ ହତା କିମ୍ବା ପାଖରେ ଥିବା ଗଛଗୁଡ଼ିକର ନାମ ଲେଖ ।

______________________________

୨. ତୁମ ବିଦ୍ୟାଳୟ ହତାରେ ଥିବା ବୃକ୍ଷଲତାରେ କେଉଁ ପକ୍ଷୀ ଏବଂ କୀଟପତଙ୍ଗ ଦେଖୁଛ ଲେଖ ।

______________________________

ବୃକ୍ଷ ହେଉଛି ଅନେକ ଜୀବଙ୍କ ବାସସ୍ଥଳୀ । ଏହା ବାୟୁକୁ ବିଶୁଦ୍ଧ ରଖେ, ଛାୟାପ୍ରଦାନ କରେ, ପକ୍ଷୀ ଓ କୀଟପତଙ୍ଗମାନଙ୍କୁ ଖାଦ୍ୟ ଯୋଗାଇଥାଏ ଏବଂ ଚାରିପାଖକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ ।

ଆସ ଖୋଜିବା

## କାର୍ଯ୍ୟ-୫

୧. ଦୁଇଟି ଗ୍ଲାସ୍‌ରେ ଜଳ ନିଅ । ତୁମ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଥର୍ମୋମିଟର ବ୍ୟବହାର କରି ଜଳର ତାପମାତ୍ରା ମାପ । ତୁମର ତଥ୍ୟକୁ ଲେଖି ରଖ ।

୨. ସେହି ଦୁଇଟି ଗ୍ଲାସ୍ ମଧ୍ୟରୁ ଗୋଟିଏକୁ ଗଛ ତଳେ ଏବଂ ଅନ୍ୟଟିକୁ ଖରାରେ ରଖ । ଗୋଟିଏ ଘଣ୍ଟା ପରେ, ପୁଣି ଥରେ ଜଳର ତାପମାତ୍ରା ମାପ । ତୁମର ତଥ୍ୟକୁ ଲିପିବଦ୍ଧ କର ।

| ଜଳର ତାପମାତ୍ରା | ଆରମ୍ଭରେ | ଏକ ଘଣ୍ଟା ପରେ |
|---|---|---|
| ଗଛ ତଳେ | | |
| ଖରାରେ | | |

ଏହି ପାଠ୍ୟାଙ୍କଗୁଡ଼ିକ କ'ଣ ସୂଚାଏ ?

୩. ତୁମ ଶିକ୍ଷକଙ୍କ ସହାୟତାରେ ପକ୍ଷୀ ଏବଂ ପ୍ରଜାପତିମାନଙ୍କୁ ଆକର୍ଷିତ କରୁଥିବା ଗଛଲତାଗୁଡ଼ିକର ନାମ ଜାଣିବାକୁ ଚେଷ୍ଟା କର । ତୁମ ବିଦ୍ୟାଳୟରେ ଏକ ପ୍ରଜାପତି ଉଦ୍ୟାନ ତିଆରି କରିବାକୁ ପ୍ରୟାସ କର ।

ଆଶା, ମୋହିତ ଏବଂ ଅନ୍ୟ ପିଲାମାନେ ସେମାନଙ୍କ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟରେ ଯୋଗଦାନ କରି ଖୁସି ଅନୁଭବ କଲେ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜଳ ସଂରକ୍ଷଣ ବିଷୟରେ ମଧ୍ୟ ଶିକ୍ଷା ଲାଭ କଲେ । ବିଦ୍ୟାଳୟ ପ୍ରାର୍ଥନା ସଭା ସମୟରେ ସେମାନଙ୍କର ଶ୍ରେଣୀକୁ ପ୍ରଶଂସା ମିଳିଥିଲା ।

ସେମାନଙ୍କର ବିଦ୍ୟାଳୟକୁ "ସର୍ବୋତ୍ତମ ସବୁଜ ବିଦ୍ୟାଳୟ" ରୂପେ ପରିଣତ କରିବାର ସ୍ୱପ୍ନ ସେମାନଙ୍କୁ ତାଙ୍କର ଗୋଷ୍ଠୀ ଓ ସମାଜର ସମସ୍ୟା ବିଷୟରେ ଚିନ୍ତା କରିବାକୁ ଉତ୍ସାହିତ କରିଥିଲା । ସେମାନେ ଶିକ୍ଷାର୍ଥୀ ହିସାବରେ ଅନୁଭବ କଲେ ଯେ, ଜୀବନର ଜଟିଳ ସମସ୍ୟାଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବାରେ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ।

ଥୋମାସ୍, ସଡ଼କ ଦୁର୍ଘଟଣା ସମସ୍ୟା ବିଷୟରେ କହିଲା । ଗୋଟିଏ ଦିନ ବିଦ୍ୟାଳୟରୁ ଘରକୁ ଫେରିବା ସମୟରେ ସେ ଏହି ଦୁର୍ଘଟଣା ଦେଖିଥିଲା ।



DRAFT

ମୋହିତ୍ କହିଲା, "ମୁଁ ଭାବୁଛି ଲୋକମାନେ ଟ୍ରାଫିକ୍ ନିୟମ ପାଳନ କରନ୍ତି ନାହିଁ, ଆମେ ଆମ ପୂର୍ବ ଶ୍ରେଣୀରେ ଏହା ବିଷୟରେ ପଢ଼ିଛୁ ।"

ମୋହିତ୍ ଯାହା କହିଲା ସେ ବିଷୟରେ ତୁମେ କ'ଣ ଭାବୁଛ ?

## ଟ୍ରାଫିକ ସଙ୍କେତ



ଲୋକମାନେ ଟ୍ରାଫିକ୍ ନିୟମକୁ ଠିକ୍ ଭାବରେ ପାଳନ କରୁ ନଥିବାରୁ ରାସ୍ତାରେ ଅନେକ ଦୁର୍ଘଟଣା ଘଟେ । ଆମେ ନିୟମଗୁଡ଼ିକୁ ଜାଣିବା ଓ ପାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

### ? ଆସ ଲେଖିବା

୧. ଅତି କମ୍‌ରେ ତିନୋଟି ଟ୍ରାଫିକ୍ ନିୟମ ଖୋଜି ଲେଖ ।

_______________________________________________

_______________________________________________

_______________________________________________

୨. ତୁମେ ବିଦ୍ୟାଳୟ ଫାଟକ ପାଖରେ କ'ଣ ଦେଖିଛ, ସେ ବିଷୟରେ ଚିନ୍ତା କର ଏବଂ ଲେଖ ।

_______________________________________________

_______________________________________________

_______________________________________________

ଏବେ ଛୋଟ ଛୋଟ ଦଳ ହୋଇ ବିଦ୍ୟାଳୟ ଫାଟକ ପାଇଁ ଏକ ସୂଚନା ଫଳକ ପ୍ରସ୍ତୁତ କର । ତୁମର ସୂଚନା ଗାଡ଼ିଚାଳକ, ଅଭିଭାବକ କିମ୍ବା ଶିକ୍ଷାର୍ଥୀମାନଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେବା ଉଚିତ୍ ଯାହା ସେହି ଅଞ୍ଚଳକୁ ସୁରକ୍ଷିତ ରଖିବାରେ ସହାୟକ ହେବ ।

ତୁମେ ସରଳ ଶବ୍ଦ, ଚିତ୍ର ଓ ସଙ୍କେତ ବ୍ୟବହାର କରିପାରିବ ।

DRAFT





ଏଠାରେ ତୁମର ଟ୍ରାଫିକ୍ ସୂଚନା ଫଳକଟି ତିଆରି କର ।

## ଆଲୋଚନା କର

ସୂଚନା ଫଳକ ତିଆରି କରିବା ବ୍ୟତୀତ ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଆଉ କ'ଣ ବ୍ୟବସ୍ଥା କରିପାରିବ ?

ମୋହିତର ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ଉପରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ଏହି ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ ।

### ଅଗ୍ନି ନିରାପତ୍ତା




ନିଆଁ ଭଳି ବିପଦରୁ କିପରି ସୁରକ୍ଷିତ ରହିବ, ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦିଓ ଏହା ପ୍ରାୟତଃ ଘଟେ ନାହିଁ, ସେଥିପାଇଁ ସତର୍କ ରହିବା ଦ୍ୱାରା ସମସ୍ତେ ନିରାପଦ ଏବଂ ଅଧିକ ଆତ୍ମବିଶ୍ୱାସୀ ହୋଇପାରିବେ ।



## ଆସ ଲେଖିବା

୧. ତୁମ ବିଦ୍ୟାଳୟରେ କେଉଁଠାରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି ?

୨. ଅଗ୍ନିକାଣ୍ଡଜନିତ କୌଣସି ଘଟଣା ଘଟିଲେ, ବିଦ୍ୟାଳୟରେ ତୁମେ କେଉଁଠି ଏକତ୍ରିତ ହେବ ?

୩. ଯଦି ନିଆଁ ଲାଗିଯାଏ କିମ୍ବା ପୋଡ଼ା ଗନ୍ଧ ହୁଏ ତେବେ ତୁମେ କ'ଣ କରିବ ?


---

## ଆସ, ଚିନ୍ତା କରିବା

ଶିକ୍ଷକଙ୍କ ସହାୟତାରେ, ଏକ ଅଗ୍ନି ନିରାପତ୍ତା "ଡ୍ରିଲ"ର ଅଭ୍ୟାସ କର ।

୧. ତୁରନ୍ତ ନିକଟସ୍ଥ ପ୍ରସ୍ଥାନ ସ୍ଥାନକୁ ଧୈର୍ଯ୍ୟର ସହ ଯାଅ । ଭୟଭୀତ ହୁଅନାହିଁ କିମ୍ବା ଦୌଡ଼ାଦୌଡ଼ି କର ନାହିଁ ।





୨. ଧୂଆଁଳିଆ ଦିଶୁଥିବା ସ୍ଥାନର ତଳେ ମୁହଁକୁ ଘୋଡ଼ାଇ ପରିଷ୍କାର ବାୟୁ ପାଇବାପାଇଁ ଗୁରୁଣ୍ଡି କରି ଯାଅ ।

୩. ବନ୍ଦଥିବା କୋଠରୀ କିମ୍ବା ଶୌଚାଳୟରେ ଲୁଚ ନାହିଁ ।





୪. ଯଦି ସୁରକ୍ଷିତ ମନେକରୁଛ, ତେବେ ଅନ୍ୟମାନଙ୍କୁ ସାହାଯ୍ୟ କର, କିନ୍ତୁ ଥରେ ଯଦି ବାହାରକୁ ଆସିଯାଇଛ, କେବେହେଲେ ନିଆଁ ଲାଗିଥିବା ଘର ଭିତରକୁ ଯାଅନାହିଁ ।

୫. ନିରାପଦ ଆଶ୍ରୟସ୍ଥଳକୁ ଯାଅ ଏବଂ ଦଳରେ ଏକାଠି ରୁହ ।





୬. ନିରାପଦ ଆଶ୍ରୟସ୍ଥଳରେ ପହଞ୍ଚିବା ପରେ ଯଦି କେହି ନିଖୋଜ ଅଛନ୍ତି କିମ୍ବା ଆହତ ହୋଇଛନ୍ତି ତେବେ ତୁରନ୍ତ ନିଆଁଲିଭା କର୍ମଚାରୀ କିମ୍ବା ଶିକ୍ଷକଙ୍କୁ ଜଣାଅ ।





## ଆମେ କ'ଣ କରିପାରିବା

ଯେପରି ଆମେ ସୁସ୍ଥ ଓ ଆନନ୍ଦ ଅନୁଭବ କରିବା ପାଇଁ ନିରାପତ୍ତା, ଯତ୍ନ ଏବଂ ସମ୍ମାନ ଆବଶ୍ୟକ କରୁ ସେହିପରି ଆମେ ବିଦ୍ୟାଳୟରେ, ଗୃହରେ କିମ୍ବା ସର୍ବସାଧାରଣ ସ୍ଥାନରେ ଅନ୍ୟମାନଙ୍କ ସହିତ କିପରି ବ୍ୟବହାର କରିବା, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଆମର ବ୍ୟବହାର, ଏହି ସ୍ଥାନଗୁଡ଼ିକୁ ଶାନ୍ତିପୂର୍ଣ୍ଣ ଏବଂ ସ୍ୱାଗତଯୋଗ୍ୟ କିମ୍ବା ଅଶାନ୍ତ ଏବଂ ଅସ୍ୱସ୍ତିକର କରିପାରେ । ଆସ କିଛି ଦୈନନ୍ଦିନ ପରିସ୍ଥିତି ଉପରେ ନଜର ପକାଇବା ଯାହା ଦ୍ୱାରା କେଉଁଟି ଠିକ୍ ଏବଂ କେଉଁଟି ଠିକ୍ ନୁହେଁ ସେ ବିଷୟରେ ଚିନ୍ତା କରିବା ।

### କାର୍ଯ୍ୟ-୬

ଛୋଟ ଛୋଟ ଦଳରେ ତଳେ ଦିଆଯାଇଥିବା ପରିସ୍ଥିତି ବିଷୟରେ ଆଲୋଚନା କର । ପ୍ରତ୍ୟେକ ଦଳ ଗୋଟିଏ ଗୋଟିଏ ପରିସ୍ଥିତି ବିଷୟରେ ଆଲୋଚନା କରିବେ । ପ୍ରତ୍ୟେକ ଦଳରୁ ଜଣେ ଶିକ୍ଷାର୍ଥୀ ଶ୍ରେଣୀରେ ନିଜର ଧାରଣାଗୁଡ଼ିକୁ କହିବେ ।

୧. ପାଣିକଳ ପାଖରେ ହୋଇଥିବା ଧାଡ଼ିରେ ଦୁଇଜଣ ଛାତ୍ର ଠେଲାଠେଲି ଓ ଡିଆଁ ଡେଇଁ କରୁଥିବା ବେଳେ ଅନ୍ୟମାନେ ସେଠାରେ ଧାଡ଼ିରେ ଅପେକ୍ଷା କରିଛନ୍ତି ।

୨. ଜଣେ ଛାତ୍ର ଶ୍ରେଣୀଗୃହର ବେଞ୍ଚରେ ମାର୍କର ସାହାଯ୍ୟରେ ଏଣୁତେଣୁ ଗାରଉଛି । ଅନ୍ୟ ଏକ ପିଲା ଦେଖୁଛି କିନ୍ତୁ କିଛି କହୁନାହିଁ ।

୩. ଖେଳ ପଡ଼ିଆରେ କେହି ଜଣେ ଜରି ଖୋଳ ଫିଙ୍ଗୁଛି । ଗୋଟିଏ ଛୋଟ ଶ୍ରେଣୀର ପିଲା ମଧ୍ୟ ସେହିଭଳି କରିବା ଶିଖୁଛି ।

୪. ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରକୁ ଚିଡ଼ାଇ ତା'ର ମଜା ନେଉଛି ।

୫. ପାର୍କ ଭଳି ଏକ ସର୍ବସାଧାରଣ ସ୍ଥାନରେ ଗୋଟିଏ ଦଳ ଶିକ୍ଷାର୍ଥୀ ପାଟିତୁଣ୍ଡ କରୁଛନ୍ତି ଏବଂ ନିକଟରେ ଯୋଗାସନ କରୁଥିବା ଏକ ଦଳକୁ ବିରକ୍ତ କରୁଛନ୍ତି ।

ପ୍ରତ୍ୟେକ ଦଳ ଆଲୋଚନା କରିବେ ।

୧. ଯଦି ତୁମେ ଏହିପରି ପରିସ୍ଥିତିର ସମ୍ମୁଖୀନ ହେବ, ତେବେ ତୁମେ କ'ଣ କରିବ ?

୨. ଏହିପରି ଘଟଣା ରୋକିବା ପାଇଁ ତୁମେ କ'ଣ ପଦକ୍ଷେପ ନେଇପାରିବ ?

ଆମର ବ୍ୟବହାର ଆମ ପ୍ରକୃତିକୁ ଦର୍ଶାଇଥାଏ । ସମ୍ମାନ ଓ ଦୟା କେବଳ ଦୁଇଟି ଶବ୍ଦ ନୁହେଁ । ଆମେ କୌଣସି କାର୍ଯ୍ୟ ପାଇଁ ଆମର ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା, ମଧୁର କଥା

DRAFT





କହିବା, ଅନ୍ୟମାନଙ୍କୁ ସାହାଯ୍ୟ କରିବା ଓ ଆମର ଅଞ୍ଚଳକୁ ସଫା ରଖିପାରିବା ଭଳି କାର୍ଯ୍ୟ କରି ଏହି ଗୁଣକୁ ଦର୍ଶାଇପାରିବା । ଆମର ନମ୍ର ଓ ଭଦ୍ର ବ୍ୟବହାର ସମସ୍ତଙ୍କୁ ଖୁସି ଦିଏ ।

ଜଳ ସଂରକ୍ଷଣ ଓ ଏହାର ଯଥୋଚିତ ବ୍ୟବହାର, ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା, ବିଦ୍ୟାଳୟକୁ ଥଣ୍ଡା ରଖିବା ଏବଂ ଆମ ଚାରିପାଖର ସ୍ଥାନ, ଗଛଲତା ଓ ମନୁଷ୍ୟମାନଙ୍କର ଯତ୍ନ ନେଇ ଆମେ ଆମ ବିଦ୍ୟାଳୟକୁ ଏକ ଆନନ୍ଦମୟ ସ୍ଥାନ କରିବାପାଇଁ ଅନେକ ଉପାୟ ଅନୁସନ୍ଧାନରୁ ଜାଣିଲୁ । ଆସ, ଆମେ ସମସ୍ତେ ହାତ ମିଳାଇ ଆମ ବିଦ୍ୟାଳୟକୁ ଆମର ନିଜସ୍ୱ ଆନନ୍ଦମୟ ସ୍ଥାନରେ ପରିଣତ କରିବା ।

## ଆସ, ଚିନ୍ତା କରିବା

୧. ତୁମ ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହ ମଧ୍ୟରୁ କେଉଁଟି ସର୍ବୋତ୍ତମ ଓ କାହିଁକି ?

୨. ଏକ ଖୁସି ଗଛ ତିଆରି କର ।

କାନ୍ଥ କିମ୍ବା ଚାର୍ଟ ପେପର୍‌ରେ ଅନେକ ଡାଳ ଥିବା ଏକ ବଡ଼ ଗଛର ଚିତ୍ର ଅଙ୍କନ କର । ଏଥିରେ ପ୍ରତ୍ୟେକ ଛାତ୍ର ଏକ କାର୍ଯ୍ୟ ଲେଖାଥିବା ଗୋଟିଏ ଲେଖାଏଁ ପତ୍ର ଆଙ୍କି ଯୋଡ଼ିବେ, ଯେଉଁ କାର୍ଯ୍ୟଗୁଡ଼ିକ ବିଦ୍ୟାଳୟକୁ ଏକ ଖୁସିର ସ୍ଥାନରେ ପରିଣତ କରିବ ।

(ଉଦାହରଣ ସ୍ୱରୂପ– ଅନ୍ୟକୁ ଅଭିବାଦନ ଜଣାଇବା, ବିଦ୍ୟୁତ୍ ସ୍ୱିଚ୍ ବନ୍ଦ କରିବା, ସବୁ ସ୍ଥାନକୁ ସମସ୍ତେ ବ୍ୟବହାର କରିବା, ଇତ୍ୟାଦି)

୩. ନିଜର ଭାବନାକୁ ଅନ୍ୟମାନଙ୍କ ସହିତ ଆଲୋଚନା କରିବା ଉତ୍ସାହ ଜନକ ହୋଇଥାଏ । "ମୋ ବିଦ୍ୟାଳୟ ମୋର ଆନନ୍ଦମୟ ସ୍ଥାନ" ଉପରେ ତୁମ ଶିକ୍ଷକଙ୍କୁ ଏକ ଚିଠି ଲେଖ ।

୪. ତୁମର ଘର, ପଡୋଶୀ ଏବଂ ସମାଜକୁ ଏକ ଆନନ୍ଦମୟ ସ୍ଥାନରେ ପରିଣତ କରିବା ପାଇଁ ତୁମେ କେଉଁ ସବୁ କାର୍ଯ୍ୟ କରିପାରିବ ? ସେଥିମଧ୍ୟରୁ ଯେକୌଣସି ଗୋଟିଏକୁ ବିସ୍ତୃତ ଭାବରେ ଲେଖ ।

୫. ଅନ୍ୟଜଣେ ଛାତ୍ର /ବ୍ୟକ୍ତିର ଦୃଷ୍ଟିକୋଣରୁ ବିଦ୍ୟାଳୟରେ ଗୋଟିଏ ଦିନକୁ ପରିକଳ୍ପନା କର । ନିମ୍ନଲିଖିତ ମଧ୍ୟରୁ ଗୋଟିଏ ବାଛ

- ଜଣେ ଛାତ୍ର ଯିଏ ହ୍ୱିଲ୍‌ଚେୟାର ବ୍ୟବହାର କରି ବିଦ୍ୟାଳୟକୁ ଆସେ ।
- ଜଣେ ଛାତ୍ର ଯିଏ ଭିନ୍ନ ମାତୃଭାଷାରେ କଥାବାର୍ତ୍ତା କରେ ।
- ବିଦ୍ୟାଳୟରେ ପରିମଳ କର୍ମଚାରୀ ଭାବରେ ଯେ କାର୍ଯ୍ୟ କରନ୍ତି ।

ସେମାନଙ୍କର ଦୃଷ୍ଟିକୋଣରୁ କିଛି ତଥ୍ୟ ନିଜ ଡାଇରୀରେ ଲେଖ । ସେମାନେ କ'ଣ ଅନୁଭବ କରନ୍ତି ? କେଉଁଟି ସେମାନଙ୍କ ପାଇଁ କଠିନ କିମ୍ବା ସହଜ ଥିଲା ? କେଉଁଟି ସେମାନଙ୍କୁ ଆନନ୍ଦ ଦେଲା କିମ୍ବା ବ୍ୟଥିତ କଲା ?

୬. ଗୋଟିଏ ଦିନ ପାଇଁ ପ୍ରଧାନଶିକ୍ଷକ ହୋଇ, ତୁମ ବିଦ୍ୟାଳୟରେ ଖୁସି, ସୁରକ୍ଷା ଏବଂ ସବୁଜିମା ବୃଦ୍ଧି କରିବା ପାଇଁ ତୁମେ କେଉଁ ତିନୋଟି କାର୍ଯ୍ୟ କରିବ ?

DRAFT





୭. ଚାରି / ପାଞ୍ଚଜଣିଆ ଦଳରେ ନିମ୍ନଲିଖିତ କାର୍ଯ୍ୟ ପ୍ରଦର୍ଶନ କର ।

- ଜଣେ ଛାତ୍ର ଏକ କଠିନ ପରିସ୍ଥିତିରେ ଦୟାଭାବ ପ୍ରଦର୍ଶନ କରୁଛି ।
- ଗୋଟିଏ ଦଳ ବିଦ୍ୟାଳୟରେ ଜଳ ଅପଚୟ ସମସ୍ୟାର ସମାଧାନ କରୁଛନ୍ତି ।
- ଲାଜକୁଳା ସ୍ୱଭାବର ଜଣେ ସହପାଠୀକୁ ସାହାଯ୍ୟ କରୁଥିବା ଜଣେ ଛାତ୍ରର ଅନୁଭୂତି ।

ପ୍ରତ୍ୟେକ ଭୂମିକା ନିର୍ବାହ ପରେ, ଶ୍ରେଣୀକୁ ପଚାର ତୁମେ କ'ଣ ଦେଖିଲ ? କେଉଁଟି ପ୍ରେରଣାଦାୟକ କାର୍ଯ୍ୟ ଥିଲା ? ଏହା ବାସ୍ତବ ଜୀବନରେ ଘଟିପାରେ କି ?

୮. "ମୋ ସ୍ୱପ୍ନର ବିଦ୍ୟାଳୟ" ଉପରେ ତୁମର ପ୍ରାର୍ଥନା ସଭାରେ ଗୋଟିଏ ମିନିଟ୍‌ର ଭାଷଣ ରଖ । ଏହା ଅନ୍ୟ ବିଦ୍ୟାଳୟଠାରୁ କିପରି ସ୍ୱତନ୍ତ୍ର ? କିଏ ଏହାକୁ ସେହିପରି ସ୍ୱତନ୍ତ୍ର କରିବାରେ ସାହାଯ୍ୟ କରେ ଏବଂ ପ୍ରତ୍ୟେକ ଛାତ୍ର କ'ଣ କରିପାରିବେ ତାହା ଉଲ୍ଲେଖ କର ।

୯. ପାଞ୍ଚ ଜଣ ଛାତ୍ର ଓ ଜଣେ ଶିକ୍ଷକଙ୍କୁ ପଚାରି ଏକ ସର୍ଭେ କର ।

(କ) କେଉଁ ପାଞ୍ଚଟି ଜିନିଷ ସେମାନଙ୍କୁ ବିଦ୍ୟାଳୟରେ ଖୁସି କରାଏ ?

(ଖ) କେଉଁ ଗୋଟିଏ ଜିନିଷର ଉନ୍ନତିକରଣ କରାଯାଇପାରିବ ?

(ଗ) ଆଜି ସେମାନେ କେଉଁ ଗୋଟିଏ ଭଲ ଜିନିଷ ଦେଖିଲେ ?

ତୁମ ନିର୍ଯ୍ୟାସଗୁଡ଼ିକୁ ଲିପିବଦ୍ଧ କର ଓ ଶ୍ରେଣୀରେ ଉପସ୍ଥାପନ କର । ତୁମେ ଅନ୍ୟମାନଙ୍କ ଠାରୁ କ'ଣ ଶିଖିଲ ?




DRAFT

ଏକକ-୩

# ସମୃଦ୍ଧ ଭାରତ

## ଏହି ଏକକ ସମ୍ପର୍କରେ...

ତୃତୀୟ ଏବଂ ଚତୁର୍ଥ ଶ୍ରେଣୀର ଏହି ଏକକ ଶିକ୍ଷାର୍ଥୀମାନଙ୍କୁ ଘର ଏବଂ ସମାଜ ସହିତ ପରିଚିତ କରାଇଛି । ପଞ୍ଚମ ଶ୍ରେଣୀରେ ଏହା ସେମାନଙ୍କୁ ବିଭିନ୍ନ ବୃହତ୍ ସାମାଜିକ ବୈଶିଷ୍ଟ୍ୟ ସହିତ ପରିଚିତ କରାଇବ ଏବଂ ଦେଶର ଅନନ୍ୟ ସୌନ୍ଦର୍ଯ୍ୟ ଓ ସମୃଦ୍ଧ ବିବିଧତା ସଂପର୍କରେ ଅନୁସନ୍ଧାନ କରିବାକୁ ସହାୟକ ହେବ । ଏହା ସୂଚିତ କରେ ଯେ, ବିବିଧତାପୂର୍ଣ୍ଣ ଆମ ଦେଶ ଏକ ସାଧାରଣ ଲକ୍ଷ୍ୟ, ବିଶ୍ୱାସ ଓ ଭାବର ଆଦାନ ପ୍ରଦାନକୁ ନେଇ ଏକତାର ଭାବ ପ୍ରତିପାଦିତ କରୁଛି ଏବଂ ଅର୍ଥପୂର୍ଣ୍ଣ ବିକାଶ ପ୍ରଦର୍ଶନ କରି ବିଶ୍ୱପାଇଁ ଉଦାହରଣ ସୃଷ୍ଟି କରିଛି ।

"ବସୁଧୈବ କୁଟୁମ୍ବକମ୍"ର ଭାବ ହେଉଛି ପାରମ୍ପରିକ ଭାରତୀୟ ବିଶ୍ୱାସ, ଯାହାକି ସାମାଜିକ-ସାଂସ୍କୃତିକ ଅଭ୍ୟାସରେ ପ୍ରତିଫଳିତ ହୁଏ ।

ଭାରତ ହେଉଛି ବିଭିନ୍ନ ବର୍ଣ୍ଣ, ଭାଷା, ସଙ୍ଗୀତ ଏବଂ କାହାଣୀର ଏକ ଦେଶ । ଯେଉଁଠାରେ ବିଭିନ୍ନ ପରମ୍ପରା, ଭୂମିରୂପ ଓ ଲୋକମାନେ ସମ୍ମିଳିତ ହୁଅନ୍ତି । ଏଠାରେ ବିଦ୍ୟାଳୟର ଉତ୍ସବଠାରୁ ଆରମ୍ଭ କରି ସାମୁଦ୍ରିକ ପ୍ରବାଳ ଓ ହେନ୍ତାଳବଣ ଏବଂ ଭାରତୀୟ ମୁଦ୍ରାରୁ ଜାତୀୟ ପ୍ରତୀକ ପର୍ଯ୍ୟନ୍ତ ପ୍ରକୃତି, ସଂସ୍କୃତି ଏବଂ ଦୈନନ୍ଦିନ ଜୀବନ କିପରି ଗଭୀର ଭାବରେ ଜଡ଼ିତ, ତାହା ଆମେ ଦେଖିଥାଉ । ଏହି ଯାତ୍ରା ଆମକୁ ଆମ ଚାରିପାଖର ସମୃଦ୍ଧି ଏବଂ ଆମ ଘର ସହିତ ବାନ୍ଧି ରଖିଥିବା ସହଭାଗିତାକୁ ଆବିଷ୍କାର କରିବାରେ ସହାୟକ ହୁଏ ।



## ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକରେ ଦୁଇଟି ପାଠ ଅଛି । ପାଠ- ୫ : ଆମର ପ୍ରଗତିଶୀଳ ଦେଶ ଓ ପାଠ- ୬ : କେତେକ ଅନନ୍ୟ ସ୍ଥାନ

### ପାଠ ୫ : ଆମର ପ୍ରଗତିଶୀଳ ଦେଶ

- ଏହିପାଠ ବିଦ୍ୟାଳୟରେ ଗଣତନ୍ତ୍ର ଦିବସପାଳନ, ଜାତୀୟ ସଂକେତ, ମୁଦ୍ରା /ନୋଟ, ଭାଷା, ପୋଷାକ, ନୃତ୍ୟ, ସଂଗୀତ ଏବଂ ମୂଲ୍ୟବୋଧର ଭାଗିଦାରିତା ମାଧ୍ୟମରେ ଭାରତର ପ୍ରଗତି ଏବଂ ବିବିଧତା ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଏ । ଏହା ଶିକ୍ଷାର୍ଥୀମାନଙ୍କୁ ଭାରତ ଏକ ଅନନ୍ୟ ଦେଶର କାରଣ ଜାଣିବାକୁ ଉତ୍ସାହିତ କରେ ଏବଂ ତତ୍ ସହିତ ଏକତା ଓ ଏକତ୍ୱ ଭାବରେ ବାନ୍ଧି ରଖି ସମସ୍ତଙ୍କୁ ଏକାଠି କରିଥାଏ ।

### ପାଠ-୬ : କେତେକ ଅନନ୍ୟ ସ୍ଥାନ

- କେତେକ ଅନନ୍ୟ ସ୍ଥାନ ଶିକ୍ଷାର୍ଥୀମାନଙ୍କୁ ଭାରତର ବିବିଧ ପରିବେଶ ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକୁ ଏକ ଭ୍ରମଣରେ ନେଇଯାଏ । ଭ୍ରମଣ ମାଧ୍ୟମରେ ଶିକ୍ଷାର୍ଥୀମାନେ ଭୂଭାଗର ପ୍ରାକୃତିକ ଦୃଶ୍ୟ, ବିରଳ ଓ ସ୍ଥାନୀୟ ପ୍ରଜାତି, ପାରମ୍ପରିକ ଜ୍ଞାନ ଏବଂ ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ଗଭୀର ସଂପର୍କ ସବୁକୁ ଅନୁସନ୍ଧାନ କରନ୍ତି । ଏହି ପାଠଟି ଜିଜ୍ଞାସୁ ମନୋଭାବ, ପରିବେଶ ପ୍ରତି ଯତ୍ନ ଏବଂ ଭାରତର ପ୍ରାକୃତିକ ଓ ସାଂସ୍କୃତିକ ସମୃଦ୍ଧିର ସ୍ୱୀକୃତିକୁ ଉତ୍ସାହିତ କରେ ।





### ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ସହାୟତା

- ଏହି ପାଠଟି ଶିକ୍ଷାର୍ଥୀମାନଙ୍କର ଦୈନନ୍ଦିନ ଜୀବନ ସହ ଭାରତର ବଡ଼ ବଡ଼ କାହାଣୀକୁ ସଂଯୋଗ କରିବାପାଇଁ ସହାୟକ ହେବ ।
- ସ୍ଥାନୀୟ ବିବିଧତା- ଭାଷା, ବସ୍ତ୍ର, ଉତ୍ସବ ଓ ଖାଦ୍ୟର ପର୍ଯ୍ୟବେକ୍ଷଣ ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବେ ।
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଘର ଏବଂ ବିଦ୍ୟାଳୟକୁ ଭାରତର ଏକ ଅନନ୍ୟ ସ୍ଥାନଭାବେ ଚିନ୍ତା କରିବାକୁ ଉତ୍ସାହିତ କରିବେ ।
- ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ସଂଯୋଗକୁ ଅନୁସନ୍ଧାନ କରିବା ପାଇଁ ସ୍ଥାନୀୟ ଉଦ୍ୟାନ, ବଜାର, ନଦୀ ଓ ସାମାଜିକ ସ୍ଥାନ ଇତ୍ୟାଦି ଭ୍ରମଣ କରିବା, ଶିକ୍ଷାର୍ଥୀମାନଙ୍କର ଚତୁଃପାର୍ଶ୍ୱ ମଧ୍ୟ ଅନନ୍ୟ ମୂଲ୍ୟବାନ କାହାଣୀରେ ପରିପୂର୍ଣ୍ଣ ଏହା ଜଣାଇବାରେ ସହାୟକ ହେବେ ।
- ନିର୍ଦ୍ଦିଷ୍ଟ ସ୍ଥାନରେ କେତେକ ପ୍ରାଣୀ ଓ ପରମ୍ପରା ତିଷ୍ଠି ରହିବାର କାରଣଗୁଡ଼ିକୁ ଆଲୋଚନା କରାଇବେ । ଲୋକମାନଙ୍କର ନିରାପତ୍ତା ପାଇଁ ପାଳଭୂତ ଦ୍ୱାରା ପାରମ୍ପରିକ ପଦ୍ଧତିରେ ପକ୍ଷୀମାନଙ୍କୁ କିପରି କ୍ଷତି ନ କରି ଘଉଡ଼ା ଯାଏ, ତାହା ଜାଣିବାରେ ଶିକ୍ଷାର୍ଥୀଙ୍କୁ ସହାୟତା କରିବେ । ନିଜ ଚାରିପାଖରେ ଏହିଭଳି ଉଦାହରଣ ସବୁକୁ ଅନୁସନ୍ଧାନ କରିବାପାଇଁ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବେ ।

DRAFT



# ୫ ଆମ ପ୍ରଗତିଶୀଳ ଦେଶ

## ବିଦ୍ୟାଳୟରେ ଏକ ବିଶେଷ ଦିନ

ସେଦିନ ଥିଲା ଜାନୁୟାରୀ ୨୬ । ଆମର ସାଧାରଣତନ୍ତ୍ର ଦିବସ । ଆମେ ସେଦିନ ଶୀଘ୍ର ବିଦ୍ୟାଳୟରେ ପହଞ୍ଚିଲୁ ଏବଂ ଆମେ ସମସ୍ତେ ପତାକା ସ୍ତମ୍ଭ ପାଖରେ ଧାଡ଼ିରେ ଠିଆ ହେଲୁ । ପତାକାଟି ଭଙ୍ଗା ହୋଇ ସ୍ତମ୍ଭ ଉପରେ ବନ୍ଧା ହୋଇଥିଲା । ପତାକା ସ୍ତମ୍ଭର ଚାରିପଟେ ଥିବା ପିଣ୍ଡିଟି ଫୁଲରେ ସୁନ୍ଦର ଭାବରେ ସଜା ଯାଇଥିଲା ।

ଆମ ପ୍ରଧାନ ଶିକ୍ଷକ ପତାକାର ରଶି ଟାଣିଲେ ଏବଂ ଆମର ତ୍ରିରଙ୍ଗା ପତାକା, ଡ୍ରମ୍ ବାଦ୍ୟ ଓ ସମସ୍ତଙ୍କ କରତାଳିର ତାଳରେ ଉଡ଼ିଲା । ଆମେ ଏକାଠି ଉଚ୍ଚସ୍ୱରରେ ଗର୍ବ ଓ ଏକତାର ସହିତ ଜାତୀୟ ସଙ୍ଗୀତ ଗାନ କଲୁ ।

DRAFT

### ତୁମେ ଜାଣ କି ?


ଆମ ଜାତୀୟ ପତାକାର ଉପର ଭାଗରେ ଥିବା କମଳା ରଙ୍ଗ ଶକ୍ତି ଓ ସାହସକୁ, ମଝିରେ ଥିବା ଧଳାରଙ୍ଗ ସତ୍ୟ ଓ ଶାନ୍ତିକୁ ଏବଂ କେନ୍ଦ୍ରରେ ଥିବା ନୀଳ ରଙ୍ଗର ଅଶୋକଚକ୍ର କର୍ତ୍ତବ୍ୟକୁ ଦର୍ଶାଏ । ତଳେ ଥିବା ସବୁଜ ରଙ୍ଗ ବିକାଶ ଓ ସମୃଦ୍ଧିକୁ ଦର୍ଶାଇଥାଏ ।



# ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପାଳନ

## ଲେଖ

୧. ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ତୁମ ବିଦ୍ୟାଳୟରେ କେଉଁ କେଉଁ ବିଶେଷ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୁଏ ?



୨. ଆମେ ଏହିଦିନ ଏକାଠି ହୋଇ ଜାତୀୟ ସଂଗୀତ ଗାନ କରୁ । ଜାତୀୟ ସଂଗୀତରେ ଉଲ୍ଲେଖ ହୋଇଥିବା କେତେକ ନଦୀ ଏବଂ ପର୍ବତମାଳାର ନାମ ତୁମେ କହିପାରିବ କି ? ତଳେ ଦିଆଯାଇଥିବା ସାରଣୀ ପୂରଣ କର ।

| ନଦୀର ନାମ | ପର୍ବତମାଳାର ନାମ |
| --- | --- |
| | |

୩. ସାଧାରଣତନ୍ତ୍ର ଦିବସରେ ତୁମେମାନେ କେଉଁ କେଉଁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଭଲପାଅ ?




DRAFT

୪. ତୁମେମାନେ କେବେ ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସର ପରେଡ୍ ଦୂରଦର୍ଶନ ମାଧ୍ୟମରେ ଦେଖିଛ କି ? ଏଥିରେ ତୁମକୁ ଅଧିକ କ'ଣ ପସନ୍ଦ ଆସିଥିଲା ?

## କାର୍ଯ୍ୟ-୧

ତୁମ ରାଜ୍ୟର ପ୍ରଜ୍ଞାପନ ମେଢ଼ଗୁଡ଼ିକ ବିଷୟରେ ଆଲୋଚନା କର ଏବଂ ସେଥିରେ ପ୍ରଦର୍ଶିତ ଭିନ୍ନ ଭିନ୍ନ ଦୃଶ୍ୟର ତାଲିକା କର । ଏହାର ଏକ ପୋଷ୍ଟର କିମ୍ବା ମଡେଲ ତିଆରି କର ।



ଆମେ ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ୍ ଦେଖିବାର ମଜା ନେଇଥିଲୁ– ଆକାଶରେ ଉଡୁଥିବା ଯୁଦ୍ଧ ବିମାନ, ରାଜ୍ୟର ପ୍ରଜ୍ଞାପନ ମେଢ଼ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ପରେଡ୍‌ରେ ଭାରତୀୟ ପ୍ରତିରକ୍ଷା ବାହିନୀ– ସ୍ଥଳସେନା, ନୌସେନା, ବାୟୁସେନା, ଅର୍ଦ୍ଧ ସାମରିକ ବାହିନୀ ଏବଂ ଅନ୍ୟାନ୍ୟ ବିଭାଗର ବାହିନୀଙ୍କ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା । ଆମେ ଶିକ୍ଷକଙ୍କୁ ପଚାରିଲୁ, ଜାନୁଆରୀ ୨୬ରେ କାହିଁକି ସାଧାରଣତନ୍ତ୍ର ଦିବସ ପାଳନ କରାଯାଏ ?





## ତୁମେ ଜାଣିଛ କି ?

୧ ୯ ୪ ୭ ମସିହା ଅଗଷ୍ଟ ୧ ୫ ତାରିଖରେ ଭାରତ ସ୍ୱାଧୀନ ହୋଇଥିଲା । ଏହା ପୂର୍ବରୁ ଆମ ନିଷ୍ପତ୍ତି ନେବାରେ ଆମର ଅଧିକାର ନଥିଲା । ଅନେକ ବୀର ପୁରୁଷ ଭାରତକୁ ସ୍ୱାଧୀନ କରିବା ପାଇଁ କଠିନ ସଂଘର୍ଷ କରିଥିଲେ । ଆମେ ପ୍ରତିବର୍ଷ ସେମାନଙ୍କ ଅବଦାନକୁ ମନେ ପକାଇ ଏହି ଦିନ ସ୍ୱାଧୀନତା ଦିବସ ପାଳନ କରୁ ।

"ଆମେ ସ୍ୱାଧୀନତା ଦିବସ ଆନନ୍ଦର ସହିତ ପାଳନ କରୁ । ଏହି ଦିନ ଆମ ଦେଶ ସ୍ୱାଧୀନ ହୋଇଥିଲା । ପ୍ରିୟା ପଚାରିଲା– ଏହାର ଅର୍ଥ କ'ଣ ସମସ୍ତେ ଯାହା ଚାହିଁବେ ତାହା କରିପାରିବେ ?" ଶିକ୍ଷକ କହିଲେ- "କଳ୍ପନା କର ଯଦି କୌଣସି ନିୟମ ନଥାନ୍ତା ତେବେ କ'ଣ ହୋଇଥାନ୍ତା ?" ସେହିପରି ଏକ ଦେଶ ଶୃଙ୍ଖଳିତ ଭାବରେ ଚାଲିବା ପାଇଁ ଏବଂ ସମସ୍ତଙ୍କୁ ସୁରକ୍ଷିତ ଓ ଖୁସିରେ ରଖିବା ପାଇଁ ନିୟମାବଳୀ ଆବଶ୍ୟକ । ତେଣୁ ଆମେ ଆମ ଦେଶ ପାଇଁ ଏକ ଯୋଜନା ଓ ନିୟମାବଳୀ ପ୍ରସ୍ତୁତ କଲୁ । ୧ ୯ ୫ ୦ ମସିହା ଜାନୁଆରୀ ୨ ୬ରେ ଆମେ "ସମ୍ବିଧାନ" ନାମକ ଏକ ବିଶେଷ ନିୟମାବଳୀ ପୁସ୍ତକକୁ ଅନୁସରଣ କରିବାକୁ ନିଷ୍ପତ୍ତି ନେଇଥିଲୁ । ଏହି କାରଣରୁ ଆମେ ପ୍ରତିବର୍ଷ ୨ ୬-ଜାନୁଆରୀକୁ ଭାରତର ଗଣତନ୍ତ୍ର ଦିବସ ବା ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରୁ ।

DRAFT

## ଲେଖ

୧. ତୁମ ବିଦ୍ୟାଳୟରେ ସ୍ୱାଧୀନତା ଦିବସରେ କି କି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ।

## କାର୍ଯ୍ୟ-୨

ତୁମ ବିଦ୍ୟାଳୟରେ ପାଳନ କରାଯାଉଥିବା ପାଞ୍ଚଟି ନିୟମ ଲେଖ । ଯଦି ତୁମେ ଆଉ ଗୋଟିଏ ନୂତନ ନିୟମ ତିଆରି କର, ତେବେ ତାହା କ'ଣ ହେବ ?

**ଶିକ୍ଷକଙ୍କ ପାଇଁ ସୂଚନା**

ଶିକ୍ଷକ ଆମ ରାଜ୍ୟ ପ୍ରଜ୍ଞାପନ ମେଢ଼ର ପୋଷ୍ଟର କିମ୍ବା ମଡେଲ ତିଆରି କରିବାରେ ସମସ୍ତ ଶିକ୍ଷାର୍ଥୀଙ୍କୁ ନିୟୋଜିତ କରିବେ ।





ଆମେ ଭାରତ ବିଷୟରେ ଅଧିକ ଜାଣିବାକୁ ଚାହୁଁଥିଲୁ । ଶିକ୍ଷକ ପଚାରିଲେ, "ତୁମେ କେବେ ଆମ ଦେଶର ମୁଦ୍ରା /ନୋଟ ଦେଖିଛ କି ?"

## ମୁଦ୍ରା / ନୋଟ୍ ଭିତରେ ଭାରତକୁ ଖୋଜ

### କାର୍ଯ୍ୟ-୩







ଯେକୌଣସି ଭାରତୀୟ ମୁଦ୍ରା /ନୋଟ୍ ନିଅ ଏବଂ ତାହାକୁ ଭଲଭାବରେ ପର୍ଯ୍ୟବେକ୍ଷଣ କର । ତା'ପରେ ନିମ୍ନରେ ଦିଆଯାଇଥିବା ସାରଣୀ ପୂରଣ କର ।

| କ'ଣ ପର୍ଯ୍ୟବେକ୍ଷଣ କରିବା | ତୁମେ କ'ଣ ପାଇଲ |
|---|---|
| ନୋଟ୍‌ର ମୂଲ୍ୟ | |
| ନୋଟ୍‌ର ରଙ୍ଗ | |
| ଭାଷାଗୁଡ଼ିକର ସଂଖ୍ୟା | |
| ନୋଟ୍‌ରେ ଲେଖାଯାଇଥିବା ଭାଷା ଓ ସେଗୁଡ଼ିକର କ୍ରମ | |
| କୀର୍ତ୍ତିରାଜିର ନାମ | |
| ନୋଟ୍‌ରେ ଦେଖାଯାଉଥିବା ସଂକେତ | |
| ସେଥିରେ ଥିବା ପ୍ରାଣୀଙ୍କର ପ୍ରତିଛବି | |
| ନୋଟ୍ ଉପରେ ଥିବା ଯେକୌଣସି ବାର୍ତ୍ତା | |
| ଅନ୍ୟ କିଛି | |

ଶିକ୍ଷକ ନୋଟ୍‌ଟିଏ ଆମ ଆଗରେ ଧରି କହିଲେ "ନୋଟ୍‌ରେ ଥିବା ଛବିକୁ ଦେଖ । ତୁମେ ଅନୁମାନ କରିପାରୁଛ କି ଏହି ନୋଟ୍‌ରେ କାହାର ଛବି ଅଛି ?" ଆମେ ସମସ୍ତେ ଏକ ସ୍ୱରରେ କହିଲୁ "ମହାତ୍ମାଗାନ୍ଧୀ" । ତା'ପରେ ସେ ପଚାରିଲେ "ତୁମେ ଜାଣ କି ପ୍ରତ୍ୟେକ ନୋଟ୍‌ରେ ପ୍ରକୃତରେ ତାଙ୍କର ଦୁଇଟି ଛବି ଅଛି ? ନୋଟ୍‌କୁ ଆଲୋକ ପାଖରେ ଧରି ଦେଖ । ତୁମେ କ'ଣ ଦେଖୁଛ ?"

ଆମେ ସମସ୍ତେ ଆଲୋକରେ ନୋଟ୍‌ଟିକୁ ଦେଖିଲୁ । ଗାନ୍ଧୀଙ୍କର ଏକ ଛୋଟ ଛବି ଦେଖି ଆମେ ଆଶ୍ଚର୍ଯ୍ୟ ହୋଇଗଲୁ । ଯାହା ଆମେ ପୂର୍ବରୁ କେବେ ଦେଖିନଥିଲୁ ।

"ମୁଦ୍ରା / ନୋଟ୍ ଉପରେ ତୁମେ ଛୋଟ ଗୋଲ୍ ଚଷମା ଦେଖିଲ କି ?"

ଏହି ଚଷମାଟି ହେଉଛି ଏକ ଦେଶବ୍ୟାପୀ ଅଭିଯାନର ପ୍ରତୀକ । ଯାହାକୁ "ସ୍ୱଚ୍ଛ ଭାରତ ଅଭିଯାନ" କୁହାଯାଏ । ଏହି ପ୍ରତୀକଟି ଗାନ୍ଧିଜୀଙ୍କ ଚଷମା ଉପରେ ଆଧାରିତ ।

ଯେତେବେଳେ ଆମେ ଆମ ଶିକ୍ଷକଙ୍କୁ ପଚାରିଲୁ ଯେ, ଏହା କାହିଁକି ଏମିତି କରାଯାଇଛି ? ସେ କହିଲେ, ପ୍ରତ୍ୟେକ ବ୍ୟକ୍ତି ନିଜ ଚାରିପାଖକୁ ସଫା ରଖିବାପାଇଁ ଗାନ୍ଧିଜୀ ଅଧିକ ପ୍ରାଧାନ୍ୟ ଦେଉଥିଲେ । ତାଙ୍କ ଆଶ୍ରମରେ ରହୁଥିବା ଲୋକମାନେ ସ୍ୱଚ୍ଛତାର କଠୋର ନିୟମ ପାଳନ କରୁଥିଲେ ।

**ତୁମେ ଜାଣ କି ?**

ମୁଦ୍ରା/ନୋଟ୍‌ରେ ଆଂଶିକ ଉପରକୁ ଉଠିଥିବା ଛାପାଚିହ୍ନ ଏବଂ ପ୍ରତୀକଗୁଡ଼ିକ ଦୃଷ୍ଟିହୀନ ଲୋକଙ୍କୁ ନୋଟ୍ ଚିହ୍ନିବାରେ ସାହାଯ୍ୟ କରିବା ନିମନ୍ତେ ଥାଏ । ସେମାନେ 'ମନି ଆପ୍' ମାଧ୍ୟମରେ ମୁଦ୍ରା/ନୋଟ୍‌ଗୁଡ଼ିକର କମ୍ପନ ଅନୁଭବ କରି ଓ ଶୁଣି ବିଭିନ୍ନ ମୁଦ୍ରା /ନୋଟ୍‌ଗୁଡ଼ିକୁ ଚିହ୍ନଟ କରିଥାନ୍ତି ।

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସୂଚନା**

ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାର୍ଥୀମାନଙ୍କୁ ସ୍ୱାଧୀନତା ସଂଗ୍ରାମ ସହିତ ପରିଚିତ କରାଇବେ ।



ଏକ ବୃତ୍ତାକାର ପିଣ୍ଡି ଉପରେ ଠିଆ ହୋଇଥିବା ତିନୋଟି ସିଂହକୁ ଭଲ ଭାବରେ ଦେଖ । ଏହା ହେଉଛି ଭାରତର ଜାତୀୟ ସଂକେତ – ଯାହା ଶକ୍ତି, ସାହସ ଓ ଆତ୍ମବିଶ୍ୱାସର ପ୍ରତୀକ । ସିଂହମାନଙ୍କ ତଳେ ତୁମେ ଅଶୋକ ଚକ୍ର ମଧ୍ୟ ଦେଖିପାରିବ । ତୁମେ ଏହାକୁ ଅନେକ ସ୍ଥାନରେ ଏବଂ ବିଭିନ୍ନ ନଥିପତ୍ରରେ ମଧ୍ୟ ଦେଖିପାରିବ । ଏହା ତମ ଆଧାରକାର୍ଡ଼ରେ ମଧ୍ୟ ରହିଛି ।

### ତୁମେ ଜାଣ କି ?

ବହୁଦିନ ପୂର୍ବେ ଭାରତର ବିସ୍ତୃତ ଅଞ୍ଚଳରେ ସିଂହମାନେ ମୁକ୍ତ ଭାବରେ ବିଚରଣ କରୁଥିଲେ । ବର୍ତ୍ତମାନ ଏହି ସିଂହମାନେ କେବଳ ଗୁଜୁରାଟର ଗିର୍ ଜଙ୍ଗଲରେ ଦେଖାଯାଆନ୍ତି । ପ୍ରାୟ ୧୫୦ ବର୍ଷ ପୂର୍ବେ ସେମାନଙ୍କ ସଂଖ୍ୟା ମାତ୍ର କିଛି ଡଜନ ମଧ୍ୟରେ ସୀମିତ ଥିଲା । ଆମ ଦେଶରେ ସିଂହ ସଂରକ୍ଷଣ ପାଇଁ ବହୁତ ପ୍ରୟାସ କରାଯାଇଛି ଏବଂ ଏହା ଗର୍ବର ବିଷୟ ଯେ, ଆଜି ଭାରତର ଜଙ୍ଗଲଗୁଡ଼ିକରେ ଶହ ଶହ ସିଂହ ଅଛନ୍ତି ।

### କାର୍ଯ୍ୟ-୪

ତୁମ ବିଦ୍ୟାଳୟ ପାଇଁ ଏକ ପ୍ରତୀକର ପରିକଳ୍ପନା କର । ଏହାକୁ ସ୍ୱତନ୍ତ୍ର କରିବାପାଇଁ ତୁମେ ଚାହୁଁଥିବା ବାର୍ତ୍ତାକୁ ପ୍ରତୀକ, ଶବ୍ଦ, ଆକୃତି ଏବଂ ରଙ୍ଗ ମାଧ୍ୟମରେ କିପରି କରିବ, ସେ ବିଷୟରେ ଚିନ୍ତା କର ।

## ସଙ୍କେତ ଯାହା ସୂଚାଇଥାଏ ।

ଆମେ କିଏ ଏବଂ ଭାରତର ନାଗରିକ ହିସାବରେ ଆମେ କାହିଁକି ଗର୍ବିତ, ତାହା ପ୍ରତୀକ ପରି ଆମର ଜାତୀୟ ସଂକେତଗୁଡ଼ିକ ଆମକୁ ମନେ ପକାଇ ଦେଇଥାଏ ।

## ଲେଖ

ନିମ୍ନରେ ଦିଆଯାଇଥିବା "ଧନ୍ଦାଗୁଡ଼ିକ" ପଢ଼ ଏବଂ ଭାରତର ଜାତୀୟ ସଙ୍କେତଗୁଡ଼ିକୁ ଅନୁମାନ କର ।

| | |
|---|---|
| କମଳା ରଙ୍ଗର ପୋଷାକ ପିନ୍ଧେ ମୁଁ, ତହିଁ ଟଣା କଳାଗାର ।<br>ନିର୍ଭୟରେ ବୁଲେ ଘଞ୍ଚ ଜଙ୍ଗଲରେ, କାହାକୁ ନଥାଏ ଡର ।<br>ଶାସନରେ ମୋର ବଣ ରାଇଜଟା ଗର୍ଜନରେ ଉଠେ ଥରି ।<br>କିଏ ମୁଁ ବଲ୍ଆ, ଜାତୀୟ ପଶୁଟି କୁହ ଅନୁମାନ କରି ।<br>____________________<br>ଭାରତର ଜାତୀୟ ପଶୁ | ବରଷା କାଳରେ ସକାଳ ଆଲୋକେ ଦେଖ ତୁମେ ମୋର ନାଚ ।<br>କେତେ ମନଲୋଭା ଦେଖାଯାଏ ମୋର ସବୁଜ ଓ ନୀଳ ପୁଚ୍ଛ ।<br>ମଥାରେ ମୁକୁଟ ପାଉଥାଏ ଶୋଭା ଡେଙ୍ଗା ମୁହିଁ ନୁହେଁ ଖଞ୍ଜା ।<br>ତୁମେ ଦେଖିଦେଲେ ପୁଲକିତ ହୁଅ ଯେବେ ମୁଁ ନଚାଏ ଲାଞ୍ଜ ।<br>କୁହ ମୁଁ କିଏ ?<br>ଠିକ୍ ଉତ୍ତରଟି ଯିଏ କହିବ, ବୁଦ୍ଧିମାନ ପିଲା ସିଏ ହୋଇବ ।<br>____________________<br>ଭାରତର ଜାତୀୟ ପକ୍ଷୀ |

## ଆଲୋଚନା କର

ଯଦି ଆମକୁ ଆମ ଦେଶ ପାଇଁ ଏକ ଜାତୀୟ ଫଳ ବାଛିବାକୁ ପଡ଼େ, ତେବେ ତୁମେ କେଉଁ ଫଳ ଲେଖିବ ଓ କାହିଁକି ?

## ଖୋଜି ବାହାର କର

ରାଜ୍ୟଗୁଡ଼ିକର ମଧ୍ୟ କିଛି ସଙ୍କେତ ଅଛି । ତୁମ ଶିକ୍ଷକଙ୍କ ସାହାଯ୍ୟରେ ତୁମ ରାଜ୍ୟର ନିମ୍ନଲିଖିତ ସଙ୍କେତଗୁଡ଼ିକ ଖୋଜ ।

ରାଜ୍ୟ ପଶୁ : __________ ରାଜ୍ୟ ପକ୍ଷୀ : __________

ରାଜ୍ୟ ବୃକ୍ଷ : __________ ରାଜ୍ୟ ଫୁଲ : __________

DRAFT





## ଅଙ୍କନ କର

ତୁମ ବିଦ୍ୟାଳୟ ପାଖରେ ଗୋଟିଏ ଗଛ, ପକ୍ଷୀ, ପଶୁ, ଫୁଲ କିମ୍ବା ବସ୍ତୁ ଚିହ୍ନଟ କର । ତୁମ ବିଦ୍ୟାଳୟର ସଙ୍କେତ ଭାବରେ ଗୋଟିକୁ ବାଛ । ଏହାର ଚିତ୍ର ଆଙ୍କି ଏହା କାହିଁକି ତୁମ ବିଦ୍ୟାଳୟର ସଙ୍କେତ ହୋଇପାରେ ସେ ବିଷୟରେ ଗୋଟିଏ ଧାଡ଼ି ଲେଖ ।

## ଆମ ସମୃଦ୍ଧ ସଂସ୍କୃତି

ଏକ ମୁଦ୍ରା/ନୋଟ୍‌କୁ ଭଲଭାବରେ ଦେଖିବାପରେ ଆମେ ଜାଣିପାରିଲୁ ଯେ, ଭାରତରେ ଅନେକ ଭାଷାଭାଷୀର ଲୋକ ବାସ କରନ୍ତି । ପ୍ରତ୍ୟେକ ଭାଷା ତାର ନିଜସ୍ୱ ଇତିହାସ, ସଂଗୀତ ଓ କାହାଣୀରେ ସମୃଦ୍ଧ । ଆମ ଦେଶରେ ପ୍ରାୟ ହଜାରରୁ ଅଧିକ ଭାଷାରେ ଲୋକେ କଥାବାର୍ତ୍ତା କରନ୍ତି ।

## କାର୍ଯ୍ୟ-୫

୧. ତୁମ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କର ଆଞ୍ଚଳିକ କଥିତ ଭାଷାଗୁଡ଼ିକର ନାମଲେଖ ।

୨. ଏକ ନିର୍ଦ୍ଦିଷ୍ଟ ଶବ୍ଦ ବାଛ (ଉଦାହରଣସ୍ୱରୂପ ଆମ୍ବ) ଏବଂ ବିଭିନ୍ନ ଭାଷାରେ ଏହାକୁ କ'ଣ କୁହାଯାଏ ଶିଖି ମଜାନିଅ ।





| ଭାଷାର ନାମ | ଏହା କିପରି କୁହାଯାଏ ? |
|---|---|
| ଓଡ଼ିଆ | ଆମ୍ବ |
| ତେଲଗୁ | |
| ମରାଠୀ | |
| ବଙ୍ଗାଳୀ | |
| ହିନ୍ଦୀ | |
| | |
| | |
| | |
| | |

ଗୁଜୁରାଟର ନରେନ୍ଦ୍ର ମୋଦି ଷ୍ଟାଡ଼ିୟମ୍ ହେଉଛି ବିଶ୍ୱର ସର୍ବବୃହତ୍ ଷ୍ଟାଡ଼ିୟମ୍ ଯେଉଁଠାରେ ୧,୩୨,୦୦୦ ଦର୍ଶକ ବସିପାରିବେ ।

ଆମ ଦେଶରେ ଲୋକମାନେ ବିଭିନ୍ନ ଭାଷା କୁହନ୍ତି । ସମସ୍ତେ ନିଜ ଅଞ୍ଚଳର ସ୍ୱତନ୍ତ୍ର ଖାଦ୍ୟ, ବସ୍ତ୍ର, ସଙ୍ଗୀତ ଓ ନୃତ୍ୟକୁ ଉପଭୋଗ କରନ୍ତି ।

### ତୁମେ ଜାଣ କି ?

ମୋବାଇଲ୍‌ରେ ଏପରି ବ୍ୟବସ୍ଥା ବା ପ୍ରୟୋଗ ଅଛି ଯାହା ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରିପାରିବ । ଆମେ ଏହାକୁ ବ୍ୟବହାର କରି ଅନେକ ଭାଷା ଶିଖିପାରିବା ଏବଂ ବୁଝିପାରିବା ।





ଆସ ଏକ ଉଦ୍ୟାନ ଏବଂ ଜଙ୍ଗଲ ବିଷୟରେ ଚିନ୍ତା କରିବା ।



ବଗିଚାଗୁଡ଼ିକରେ ବିଭିନ୍ନ ପ୍ରକାରର ଗଛଲତା ଥାଏ । ଜଳ ଦେଇ ସେମାନଙ୍କର ନିରନ୍ତର ଯତ୍ନ ନେବା ଆବଶ୍ୟକ । ଜଙ୍ଗଲରେ ଅନେକ ପ୍ରକାର ଉଦ୍ଭିଦ, ଗଛଲତା, ପଶୁପକ୍ଷୀ ଏବଂ କୀଟପତଙ୍ଗ ଥା'ନ୍ତି । ଏଥିରେ ବିବିଧତା ଅଧିକ ଥାଏ । ବିଚିତ୍ର କଥା ହେଉଛି ଜଙ୍ଗଲରେ ସମସ୍ତ ଉଦ୍ଭିଦ, ଗଛଲତା, ପଶୁ ଏବଂ ପକ୍ଷୀ କେବଳ ନିଜର ଯତ୍ନ ନିଅନ୍ତି ନାହିଁ ବରଂ ଜଙ୍ଗଲକୁ ଅଧିକ ଶକ୍ତିଶାଳୀ ଓ ସୁନ୍ଦର କରିଥାନ୍ତି ।

ଜଙ୍ଗଲ ପରି ବିଭିନ୍ନ ସ୍ଥାନର ବିବିଧତା ମଧ୍ୟ ଆମ ଦେଶକୁ ଅଧିକ ଶକ୍ତିଶାଳୀ ଏବଂ ସ୍ୱାବଲମ୍ବୀ କରିଥାଏ ।

## ବିଭିନ୍ନ ସ୍ଥାନର ବିବିଧତା

ଆମ ଦେଶରେ ଆମେ କେତେ ପ୍ରକାରର ପଗଡ଼ି/ଟୋପି ଦେଖୁ ଚିନ୍ତା କର । ରାଜସ୍ଥାନରେ ପୁରୁଷମାନେ "ରଙ୍ଗୀନ ସାଫା" କିମ୍ବା 'ପଗଡ଼ି' ପିନ୍ଧନ୍ତି । ହିମାଚଳ ପ୍ରଦେଶରେ ଲୋକମାନେ ଟୋପି ପିନ୍ଧନ୍ତି । ଟୋପି/ପଗଡ଼ି ଦେଖି ଆମେ କହିପାରିବା ଯେ ସେ କେଉଁଠାରୁ ଆସିଛନ୍ତି, କେଉଁଥିରେ ବିଶ୍ୱାସ କରନ୍ତି କିମ୍ବା କିପରି ଜୀବିକା ନିର୍ବାହ କରନ୍ତି । ବିଶେଷ କରି ଆମ ଦେଶର ଅନେକ ରାଜ୍ୟରେ ବିବାହ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ ଉତ୍ସବରେ ଟୋପି/ପଗଡ଼ି ହେଉଛି ପରମ୍ପରା, ସମ୍ମାନ ଏବଂ ସାଂସ୍କୃତିକ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ।

ତୁମେ କେତୋଟି ପଗଡ଼ି/ଟୋପିର ନାମ କହିପାରିବ କି ?



---

---

## କାର୍ଯ୍ୟ-୬

- ଛୋଟ ଛୋଟ ଦଳରେ ଏକ ଓଢ଼ଣୀ କିମ୍ବା ମଫଲର ନେଇ ସେଥିରେ ଏକ ପାରମ୍ପରିକ ପଗଡ଼ି/ଟୋପି ପ୍ରସ୍ତୁତ କର ।
- ବର୍ଜ୍ୟ ସାମଗ୍ରୀ ବ୍ୟବହାର କରି ଏକ ପଗଡ଼ି/ଟୋପି ତିଆରି କର ।

## ତୁମେ ଜାଣ କି ?

ଗରମ, ଥଣ୍ଡା, କିମ୍ବା ଅନ୍ୟାନ୍ୟ ଆଘାତରୁ ସୁରକ୍ଷା ପାଇଁ ମୁଣ୍ଡରେ ପଗଡ଼ି ପିନ୍ଧାଯାଏ । ସୈନିକ, ନିର୍ମାଣଶ୍ରମିକ ଏବଂ ଖଣି, ସୁଡ଼ଙ୍ଗରେ କାମ କରୁଥିବା ଲୋକମାନେ କାର୍ଯ୍ୟ କରିବା ସମୟରେ ହେଲମେଟ୍ ପିନ୍ଧିଥା'ନ୍ତି ଓ ଏହା ସେମାନଙ୍କୁ ଆଘାତରୁ ରକ୍ଷା କରେ । ମୋଟର ସାଇକେଲ ଚାଳକ ଓ ସାଇକେଲ ଚାଳକମାନେ ସୁରକ୍ଷାପାଇଁ ହେଲମେଟ୍ ପିନ୍ଧନ୍ତି, ଯାହା ମୁଣ୍ଡରେ ଗଭୀର ଆଘାତକୁ ରୋକିବାରେ ସାହାଯ୍ୟ କରେ । ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ଏବଂ ଆମେ ଦୁଇ ଚକିଆ ଯାନ ଚଳାଉଥିବା ସମୟରେ ହେଲମେଟ୍ ପିନ୍ଧିବା ଆବଶ୍ୟକ ।



ଭାରତର ୟୁପିଆଇ, ବିଶ୍ୱର ସର୍ବବୃହତ ଡିଜିଟାଲ ଦେୟ ପଦ୍ଧତି । ଏହାକୁ ଗ୍ରହଣ କରିବା ପାଇଁ ଅନ୍ୟ ଦେଶକୁ ଉତ୍ସାହିତ କରାଯାଉଛି ।



ସମୃଦ୍ଧ ଭାରତର ଆଉ ଏକ ଦିଗ ହେଉଛି ଏହାର ବିଭିନ୍ନ କଳା ଯେଉଁଥିରେ ସଂଗୀତ ଏବଂ ନୃତ୍ୟ ଅନ୍ତର୍ଭୁକ୍ତ, ଯାହାକି ଉତ୍ସବ ପାଳନ କରିବା, ପ୍ରାର୍ଥନା କରିବା, କାହାଣୀ କହିବା ଏବଂ ଲୋକଙ୍କୁ ଏକତ୍ରିତ କରିବାର ମାଧ୍ୟମ । ଦେଶର ବିଭିନ୍ନ ସ୍ଥାନରେ ବ୍ୟବହୃତ ହେଉଥିବା ସରଳ ବାଦ୍ୟଯନ୍ତ୍ର ଡ୍ରମ ମଧ୍ୟ ବିଭିନ୍ନ ଆକୃତିର ହୋଇଥାଏ ଏବଂ ଏହାର ଶବ୍ଦ ଭିନ୍ନ ଭିନ୍ନ ହୋଇଥାଏ । ପ୍ରତ୍ୟେକ ଡ୍ରମର ନିଜସ୍ୱ ତାଳ ଓ ଶବ୍ଦ ଅଛି । ସ୍ଥାନୀୟ ସଂସ୍କୃତି, ପରମ୍ପରା ଏବଂ ସାମଗ୍ରୀ ଅନୁଯାୟୀ ଏହାର ଆକୃତି ଭିନ୍ନ ହୋଇଥାଏ ।

**ବିଭିନ୍ନ ବାଦ୍ୟଯନ୍ତ୍ରର ଚିତ୍ର**



ପଖାଓ୍ୱଜ


ଧାମା



ଖଞ୍ଜଣି



ଢୋଲ


ମୃଦଙ୍ଗ


ଢୋଲକ


ଡାବିଲ୍


ଇଡ଼ାକା


ଖୋଲ


ନାଗରା


ତାବଲା

**ଶିକ୍ଷକଙ୍କ ପାଇଁ ସୂଚନା**

ବିଭିନ୍ନ ପ୍ରକାର ସଂଗୀତ ଓ ନୃତ୍ୟ ପରିବେଷଣ କରି ଏବଂ ନୃତ୍ୟକଳା, ବାଦ୍ୟଯନ୍ତ୍ର ଇତ୍ୟାଦି ଚିହ୍ନଟ କରିବାରେ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରାଇବେ ।





ସେହିପରି, ଆମେ ବିଭିନ୍ନ ପ୍ରକାର ସଂଗୀତ ପାଇଁ ଭିନ୍ନ ଭିନ୍ନ ବାଦ୍ୟଯନ୍ତ୍ର ବ୍ୟବହାର କରିଥାଉ । ଏହାର କିଛି ଉଦାହରଣ ହେଉଛି- ଓଡ଼ିଶୀ ସଙ୍ଗୀତରେ ହାର୍‌ମୋନିୟମ୍ ଓ ତାବ୍‌ଲା । କର୍ଣ୍ଣାଟକୀ ସଙ୍ଗୀତରେ ମୃଦଙ୍ଗ, ହିନ୍ଦୁସ୍ତାନୀ ସଙ୍ଗୀତରେ ସୀତାର ଏବଂ ସେହେନାଇ ଇତ୍ୟାଦି । ଆମର ବିଭିନ୍ନ ପ୍ରକାର ନୃତ୍ୟ ଅଛି ଯାହାକି ଭିନ୍ନ ଭିନ୍ନ ରାଜ୍ୟରୁ ଉତ୍ପନ୍ନ ହୋଇଛି ।

## କାର୍ଯ୍ୟ-୭

ତୁମ ଶିକ୍ଷକଙ୍କ ମାର୍ଗଦର୍ଶନରେ ଭାରତର ମାନଚିତ୍ରରେ ସେହି ରାଜ୍ୟଗୁଡ଼ିକ ଚିହ୍ନଟ କର ଯେଉଁଠାରୁ ଏହି ନୃତ୍ୟ ଶୈଳୀଗୁଡ଼ିକର ଉତ୍ପନ୍ନ ହୋଇଛି ତାହା ଦର୍ଶାଅ ।



## ଲେଖ

୧. ତୁମେ କେଉଁ କେଉଁ ପାରମ୍ପରିକ ଭାରତୀୟ ବାଦ୍ୟଯନ୍ତ୍ର ବିଷୟରେ ଜାଣିଛ ?

୨. ସ୍ଥାନୀୟ ଭାବରେ ଉପଲବ୍ଧ ସାମଗ୍ରୀରୁ ଏକ ବାଦ୍ୟଯନ୍ତ୍ର ତିଆରି କରିବାକୁ ଚେଷ୍ଟା କର ।

## ଏକତ୍ୱର ଭାବ

ଭାରତ ହେଉଛି ଏକତ୍ୱର ଭାବର ଏକ ଉଜ୍ଜ୍ୱଳ ଉଦାହରଣ । ଆମର ଭାଷା, ଧର୍ମ, ପୋଷାକ ଏବଂ ପରମ୍ପରା ବିବିଧତାରେ ସମୃଦ୍ଧ । ଆମେମାନେ ଏକାଠି ରହୁ, ପରସ୍ପରକୁ ସାହାଯ୍ୟ ଓ ସମର୍ଥନ କରୁ ।

ଭାରତର ପ୍ରତ୍ୟେକ ଅଞ୍ଚଳ ଆମକୁ ଏକ ଅନନ୍ୟ କାହାଣୀ କହେ, ଯାହା ଏକତାର ସୂତ୍ରରେ ପରସ୍ପରକୁ ବାନ୍ଧିଥାଏ । ଏହି ସମ୍ପର୍କର ସୂତ୍ରଗୁଡ଼ିକ ଏକାଠି ହୋଇ ଗୋଟିଏ ଦୃଢ଼, ସୃଜନଶୀଳ, ଶକ୍ତିଶାଳୀ, ରଙ୍ଗୀନ ଓ ଜୀବନ୍ତ ଡୋରୀରେ ପରିଣତ ହୋଇଛି ।

ଆୟୁର୍ବେଦ, ଯୋଗ ଓ ପ୍ରାଣାୟମ ଭଳି ଆମର ଏକ ଉନ୍ନତ ଐତିହ୍ୟ, ସଂସ୍କୃତି ଓ ଅଭ୍ୟାସ ରହିଛି । ଆମର ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଗକୁ ରହିଛି । ବୈଜ୍ଞାନିକମାନେ ରକେଟ ଉତ୍କ୍ଷେପଣ କରୁଛନ୍ତି । ଚାଷୀମାନେ ଉତ୍ତମ ଫସଲ ଉତ୍ପାଦନ ପାଇଁ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରୁଛନ୍ତି ଏବଂ ପିଲାମାନେ ନୃତ୍ୟ, ସଙ୍ଗୀତ ସହିତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଶିଖୁଛନ୍ତି ।



ଆମେ ଦ୍ରୁତଗାମୀ ଟ୍ରେନରେ ଯାତ୍ରା କରୁ । ଗୋଟିଏ ସ୍ପର୍ଶରେ ଆମେ ଡିଜିଟାଲ ପେମେଣ୍ଟ (ମୋବାଇଲ/ଲାପଟପ ମାଧ୍ୟମରେ ଟଙ୍କା ପଠେଇବା) କରୁ ଏବଂ ଦେଶ ବିଦେଶରେ ଥିବା ବନ୍ଧୁ, ପରିବାର ସହିତ ମାତ୍ର କିଛି ସେକେଣ୍ଡ ମଧ୍ୟରେ ଯୋଗାଯୋଗ କରିପାରୁ । ଏହି ଆଧୁନିକ ପରିବର୍ତ୍ତନଗୁଡ଼ିକ ପୁରୁଣା ମାନଦଣ୍ଡକୁ ନ ବଦଳେଇ ଏଥିରେ ନୂତନତ୍ୱ ଆଣିଥା'ନ୍ତି ।

ଭାରତର ଗର୍ବିତ ନାଗରିକ ଭାବରେ ଆମ ସମସ୍ତଙ୍କୁ ଆମର ସମୃଦ୍ଧ ଏବଂ ସୁନ୍ଦର ଦେଶର ଯତ୍ନ ନେବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବା ଉଚିତ ।

## ଆସ, ଚିନ୍ତା କରିବା

୧. ଯଦି ତୁମେ ଆଉ ଗୋଟିଏ ଭାରତୀୟ ଭାଷା ଶିଖିପାରିବ, ତେବେ କେଉଁ ଭାଷାଟିକୁ ବାଛିବ ଓ କାହିଁକି ?

୨. ତୁମେ ବିଭିନ୍ନ ମୁଦ୍ରା / ନୋଟ୍‌ରେ କେଉଁକେଉଁ କୀର୍ତ୍ତିରାଜି ଦେଖୁଛ ଏକ ସାରଣୀ ତିଆରି କର ।

| ମୁଦ୍ରା / ନୋଟ୍‌ର ନାମ | କୀର୍ତ୍ତିରାଜି | ରାଜ୍ୟର ନାମ |
|---|---|---|
| ଟ. ୧୦ | କୋଣାର୍କର ସୂର୍ଯ୍ୟମନ୍ଦିର | ଓଡ଼ିଶା |
| ଟ. ୨୦ | | |
| ଟ. ୫୦ | | |
| ଟ. ୧୦୦ | | |
| ଟ. ୨୦୦ | | |
| ଟ. ୫୦୦ | | |

୩. ନିମ୍ନରେ ଦିଆଯାଇଥିବା ଚିତ୍ର ମଧ୍ୟରୁ ଭାରତୀୟ ମୁଦ୍ରାର ସଙ୍କେତକୁ ଚିହ୍ନଟ କର । ଅନ୍ୟ କେଉଁ ଦେଶର ମୁଦ୍ରାର ସଙ୍କେତକୁ ତୁମେ ଚିହ୍ନଟ କରି ପାରିବ ।

€ $ ₽ ₹ ¥ ¥ £ £

୪. ୧୦ ଟଙ୍କିଆ ନୋଟ୍‌ରେ ତୁମେ କେଉଁ ପଶୁଗୁଡ଼ିକ ଦେଖୁଛ ?

୫. ତୁମେ ତୁମର ବିଦ୍ୟାଳୟରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଭାରତର କେତେଜଣ ମହାନ୍ ବ୍ୟକ୍ତିଙ୍କ ଫଟୋ ଦେଖିଥିବ । ତଳେ ଦେଖାଯାଇଥିବା ଏହି ମହାନ ପୁରୁଷ ଏବଂ ମହିଳାଙ୍କ ନାମ ଚିହ୍ନଟ କର ଏବଂ ସେମାନଙ୍କ ଅବଦାନ ବିଷୟରେ ଲେଖ ।

୬. **ଦଳଗତ କାର୍ଯ୍ୟ:** ଦେଶ ପାଇଁ ଅବଦାନ ଥିବା ତମ ସ୍ଥାନୀୟ ଅଞ୍ଚଳ କିମ୍ବା ରାଜ୍ୟର ଲୋକଙ୍କ ବିଷୟରେ ବୟସ୍କ ଲୋକଙ୍କଠାରୁ ପଚାରି ବୁଝ ଏବଂ ଏଥିରୁ କ'ଣ ଶିଖିଲ ଶ୍ରେଣୀ ଗୃହରେ ବର୍ଣ୍ଣନା କର ।



୭. **ପ୍ରକଳ୍ପ: ସାଂସ୍କୃତିକ ମେଳା**

ଭାରତର ସମୃଦ୍ଧ ବିବିଧତାକୁ ପାଳନ କର, ଯେଉଁଠାରେ ପ୍ରତ୍ୟେକ ରାଜ୍ୟ ନିଜର ଗୌରବର କାହାଣୀ କୁହନ୍ତି ।

- ଶ୍ରେଣୀକୁ ବିଭିନ୍ନ ଦଳରେ ବିଭକ୍ତ କର ।
- ପ୍ରତ୍ୟେକ ଦଳକୁ ଭାରତର ଭିନ୍ନ ଭିନ୍ନ ରାଜ୍ୟ ନାମରେ ନାମିତ କର ।
- ପ୍ରତ୍ୟେକ ଦଳ ସେମାନଙ୍କର ନିର୍ଦ୍ଧାରିତ ରାଜ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସେମାନଙ୍କର ପାରମ୍ପରିକ ପୋଷାକ, ଲୋକପ୍ରିୟ ଖାଦ୍ୟ, ପର୍ବପର୍ବାଣୀ, ଭାଷା, ନୃତ୍ୟ କିମ୍ବା ସଂଗୀତ ଉପରେ ଏକ ବିବରଣୀ ପ୍ରସ୍ତୁତ କରି ଉପସ୍ଥାପନ କରିବେ ।

ତୁମେ ନିର୍ଦ୍ଧାରିତ ରାଜ୍ୟର ପୋଷ୍ଟର, ଫ୍ଲାସ୍‌କାର୍ଡ ଇତ୍ୟାଦି ପ୍ରସ୍ତୁତ କରିପାରିବ ।

- ଶ୍ରେଣୀରେ ଏକ ସାଂସ୍କୃତିକ ମେଳା ଆୟୋଜନ କର । ପ୍ରତ୍ୟେକ ଦଳ ନିଜସ୍ୱ ରାଜ୍ୟର ବୁଥ ସ୍ଥାପନ କରିପାରିବେ । ଶିକ୍ଷାର୍ଥୀମାନେ ପାଳି କରି ଅନ୍ୟ ବୁଥ୍ ପରିଦର୍ଶନ କରିପାରିବେ ଏବଂ ପ୍ରତ୍ୟେକ ରାଜ୍ୟ ବିଷୟରେ ଶିଖିବେ ।
- ମେଳା ସରିବା ପରେ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କର ।
  - ପ୍ରତ୍ୟେକ ରାଜ୍ୟରୁ ତୁମେ କେଉଁ ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକ ପାଇଲ ?
  - ରାଜ୍ୟମାନଙ୍କ ମଧ୍ୟରେ କି କି ସମାନତା ପାଇଲ ?





# ୬ କେତେକ ଅନନ୍ୟ ସ୍ଥାନ

ଶାନ୍ତିର ବାପା ମାଆ ସେମାନଙ୍କ ଗ୍ରୀଷ୍ମଛୁଟି ପାଇଁ ଯୋଜନା କରିବାରେ ଅଧିକ ବ୍ୟସ୍ତ ଥିବା ପରି ମନେ ହେଉଥିଲା । ଶାନ୍ତି ପଚାରିଲା – "ଆମେ କ'ଣ ଏ ବର୍ଷ କିଛି ଭିନ୍ନ ଯୋଜନା କରିବା କି ?" "ହୁଏତ ଆମେ ଗୋଟିଏ ସ୍ଥାନରେ ରହିବା ଅପେକ୍ଷା ଅନେକଗୁଡ଼ିଏ ସ୍ଥାନକୁ ଯାଇ ପାରିବା । ମୁଁ ଏବେ ବଡ଼ ହେଉଥିବାରୁ ଆମ ଦେଶର ଅଧିକ ସ୍ଥାନ ଦେଖିବାକୁ ଚାହୁଁଛି ।"

ବାପା ଏବଂ ମାଆ ହସି ହସି କହିଲେ "ଶାନ୍ତି, ତୋର ଇଚ୍ଛା ହୁଏତ ପୂରଣ ହୋଇପାରେ । ଏଥର ଆମର ବଡ଼ ଯୋଜନା ଅଛି, ଭାରତର ଦକ୍ଷିଣ ପ୍ରାନ୍ତରୁ ଆରମ୍ଭ କରି କେତେକ ଭିନ୍ନ ସ୍ଥାନକୁ ଯାତ୍ରା କରିବା ।"

DRAFT



ଶାନ୍ତି ପଚାରିଲା, "କନ୍ୟାକୁମାରୀ ଠାରୁ ?"
ବାପା କହିଲେ- ନା, ଶାନ୍ତି !

**ଖୋଜି ଦେଖ**

ଭାରତର ଦକ୍ଷିଣ ପ୍ରାନ୍ତରେ ଥିବା ସ୍ଥାନକୁ ମାନଚିତ୍ରରେ ଦେଖ । ଶାନ୍ତି ମାନଚିତ୍ରରୁ ଜାଣିପାରିଲା ଯେ, "ଇନ୍ଦିରା ପଏଣ୍ଟ" ହେଉଛି ଭାରତର ଦକ୍ଷିଣ ପ୍ରାନ୍ତ । ଏହା ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ନାମରେ ଜଣାଶୁଣା, ଯାହା, ଅନେକ ଦ୍ୱୀପର ସମାହାର ।

**ତୁମେ ଜାଣିଛ କି ?**

ଏକ ଦ୍ୱୀପ ହେଉଛି ଏକ ସ୍ଥଳଭାଗ, ଯାହାର ଚାରିପାଖ ଜଳଦ୍ୱାରା ଘେରି ରହିଥାଏ । ଭାରତର ଚାରିପାଖରେ ସମୁଦ୍ରରେ ହଜାରରୁ ଅଧିକ ଦ୍ୱୀପ ରହିଛି ।



ବିଶ୍ୱର ସମୁଦାୟ ବାଘସଂଖ୍ୟାର ୭୫% ବାଘ ଭାରତରେ ଦେଖାଯାନ୍ତି ।

**ଖୋଜି ଦେଖ**

୧. କେଉଁ ସମୁଦ୍ରରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଅବସ୍ଥିତ ?

___


୨. ତୁମେ ଜାଣିଥିବା ଅନ୍ୟ ଦ୍ୱୀପପୁଞ୍ଜର ନାମ ଲେଖ ।

___

## ଭାରତର ଦ୍ୱୀପପୁଞ୍ଜ

ସେମାନେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ରାଜଧାନୀ ବିଜୟା-ପୁରମରୁ ଯାତ୍ରା ଆରମ୍ଭ କରିଥିଲେ । ସେମାନଙ୍କ ସ୍ଥାନୀୟ ଗାଇଡ ରାଣୀ ସେମାନଙ୍କୁ ଜଙ୍ଗଲ ମଧ୍ୟ ଦେଇ ନେଇ ଯାଇଥିଲେ ।





ରାଣୀ କହିଲେ -

"ଅନେକ ଅନନ୍ୟ ଗଛ କେବଳ ଏହି ଦ୍ୱୀପପୁଞ୍ଜରେ ଦେଖାଯାଏ ।" ଗଛର ମୂଳରୁ ବଡ଼ ବଡ଼ ଚେରମାନ ବାହାରି ଚାରିଆଡ଼କୁ ବିସ୍ତାରିତ ହୋଇ ଗଛକୁ ଦୃଢ଼ ଭାବରେ ଧରି ରଖିଥିବା ଦେଖି ଶାନ୍ତି ଆଶ୍ଚର୍ଯ୍ୟ ହେଲା ।

## କାର୍ଯ୍ୟ-୧



ଏକ ଆୟତାକାର ଖବରକାଗଜ କିମ୍ବା ବ୍ୟବହୃତ କାଗଜ ନିଅ ଏବଂ ଏହାକୁ ଗୁଡ଼ାଇ ଏକ ସରୁ ନଳୀ ତିଆରି କର । ଧାରଗୁଡ଼ିକରେ ଅଠା ଲଗାଅ ଯେପରିକି ଏହା ଖୋଲିବ ନାହିଁ । ତା'ପରେ ଏହାକୁ ଏକ ସମତଳ ପୃଷ୍ଠରେ ଠିଆ କରାଇ ରଖ ।

ଏହା ଠିଆ ହୋଇ ରହୁଛି କି ?



ବର୍ତ୍ତମାନ ଅନ୍ୟ ଏକ ମୋଟା କାଗଜରୁ ୩-୪ଟି ଛୋଟ ତ୍ରିଭୁଜ ଆକୃତି କାଟ । କାଗଜନଳୀ ତଳ ଭାଗରେ ସମାନ ଭାଗରେ ତ୍ରିଭୁଜ ଖଣ୍ଡଗୁଡ଼ିକ ଅଠା ଦ୍ୱାରା ଲଗାଅ ।

ତା'ପରେ କାଗଜ ନଳୀକୁ ଏକ ସମତଳ ପୃଷ୍ଠରେ ପୁନର୍ବାର ଠିଆ କରି ରଖ । ଏବେ ଏହା ସିଧା ଠିଆ ହୋଇ ରହୁଛି କି ?

ଯେପିରି, ତ୍ରିଭୁଜାକୃତି କାଗଜ ମୂଳ କାଗଜ ନଳୀକୁ ସିଧା ଠିଆ ହେବାରେ ସହାୟକ ହେଲା, ସେହିପରି ଗଛକୁ ସିଧା ଠିଆ କରି ରଖିବାରେ ମୂଳ ସାହାଯ୍ୟ କରେ ।

ପ୍ରକୃତିର ନିଜସ୍ୱ ସର୍ବୋତ୍ତମ ଡିଜାଇନ ରହିଥାଏ ।

ରାଣୀ କହିଲେ, "ଏଠାକାର ଜଙ୍ଗଲଗୁଡ଼ିକ ଅନେକ ପ୍ରାଣୀ, ରଙ୍ଗବେରଙ୍ଗ ପକ୍ଷୀ, ପ୍ରଜାପତି ଏବଂ କୀଟପତଙ୍ଗଙ୍କ ବାସସ୍ଥଳୀ ଭାବରେ ଅନନ୍ୟ । ଆଣ୍ଡାମାନର "କାଠ କପୋତ" (ଉଡ୍ ପିଜିଅନ୍) ଏବଂ "କୋଚିଲାଖାଇ" (ହର୍ଣ୍ଣ ବିଲ୍) ପରି ପକ୍ଷୀମାନେ କେବଳ ଏଠାରେ ଦେଖାଯାନ୍ତି । ଏଗୁଡ଼ିକ ଏହି ଜଙ୍ଗଲର ବିଶେଷତ୍ୱ ଏବଂ ଏମାନଙ୍କୁ ଆମେ ସୁରକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।"



ଆଣ୍ଡାମାନର ହର୍ଣ୍ଣବିଲ୍



ଆଣ୍ଡାମାନର କାଠକପୋତ

ମେସିନ ଓ ସାର ବ୍ୟବହାର ନକରି ଅରୁଣାଚଳ ପ୍ରଦେଶର 'ଅପାତାନୀ' ଜନଜାତିମାନେ ଗୋଟିଏ ଜମିରେ ଏକତ୍ର ଧାନ ଓ ମାଛ ଚାଷ କରନ୍ତି ।

ତୁମେ କାହିଁକି ଭାବୁଛ ଯେ କେତେକ ପକ୍ଷୀ ଓ ପ୍ରାଣୀ କେବଳ ଏହି ଦ୍ୱୀପପୁଞ୍ଜରେ ହିଁ ଦେଖାଯାଆନ୍ତି ?

---

ତା'ପରେ ସେମାନେ ଡଙ୍ଗା ସାହାଯ୍ୟରେ ନିକଟସ୍ଥ ଦ୍ୱୀପପୁଞ୍ଜକୁ ଗଲେ ।

ପ୍ରଥମେ ସୁରକ୍ଷା

### ନିରାପଦ ସତର୍କ ସୂଚନା

ଦ୍ୱୀପପୁଞ୍ଜକୁ ଯିବାପାଇଁ ଡଙ୍ଗାରେ ଚଢ଼ିବା ପୂର୍ବରୁ ସେମାନଙ୍କୁ ସତର୍କ ସୂଚନା ଦିଆଯାଇଥିଲା । ତୁମେ ସନ୍ତରଣ ଜାଣିଥିଲେ ମଧ୍ୟ ନିରାପଦ ରହିବାପାଇଁ "ଲାଇଫ ଜ୍ୟାକେଟ" ପିନ୍ଧିବା ଉଚିତ । ଯଦି ତୁମେ ଜଳରେ ପଡ଼ିଯାଅ ତେବେ "ଲାଇଫ୍ ଜ୍ୟାକେଟ୍" ତୁମକୁ ଜଳରେ ଭାସମାନ ଅବସ୍ଥାରେ ରଖିବ ।



DRAFT

## ଲେଖ

୧. ତୁମ ପସନ୍ଦର ମାଛ କିମ୍ବା ଅନ୍ୟ ସାମୁଦ୍ରିକ ଜୀବର ଚିତ୍ର ଆଙ୍କ କିମ୍ବା ତା ବିଷୟରେ ଲେଖ ।

୨. ସମୁଦ୍ରରେ ମିଳୁଥିବା ଅତି କମ୍‌ରେ ତିନୋଟି ଜୀବନ୍ତ ପ୍ରାଣୀର ନାମ ଲେଖ ।

______________________________

ରାଣୀ ସେମାନଙ୍କୁ "ସାମୁଦ୍ରିକ ବ୍ୟାଖ୍ୟା କେନ୍ଦ୍ର"କୁ ନେଇଗଲେ । ଚିତ୍ର, ମଡେଲ ଏବଂ ସୂଚନା ମାଧ୍ୟମରେ ସେମାନେ ଶିଖିଲେ ଯେ, କ୍ଷୁଦ୍ର ପ୍ରବାଳ ଅନେକ ପ୍ରାଣୀଙ୍କୁ କିପରି ଆଶ୍ରୟ ଦିଅନ୍ତି । ସାମୁଦ୍ରିକ ଜୀବମାନେ କେବଳ ସମୁଦ୍ର ପାଇଁ ନୁହେଁ, ବରଂ ସମଗ୍ର ପୃଥିବୀ ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ତାହା ଦେଖିବାକୁ ପାଇଲେ ।

## ଆଲୋଚନା କର

୧. ସମୁଦ୍ରରେ ଜୀବନ, ଜଙ୍ଗଲର ଜୀବନ ପରି ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ କାହିଁକି ଭାବୁଛ ?

୨. ସାମୁଦ୍ରିକ ପ୍ରବାଳ, ମାଛ ଓ ଅନ୍ୟାନ୍ୟ ସମୁଦ୍ର ପ୍ରାଣୀଙ୍କୁ କିପରି ସାହାଯ୍ୟ କରେ ବୋଲି ତୁମେ ଭାବୁଛ ?

ସେହି ସ୍ଥାନ ଛାଡ଼ିବା ପୂର୍ବରୁ ସେମାନେ "ଉତ୍ତର ସେଣ୍ଟିନେଲ୍ ଦ୍ୱୀପପୁଞ୍ଜ" ବିଷୟରେ ଶୁଣିଥିଲେ । ରାଣୀ ଆମକୁ କହିଲେ- "ଏଠାରେ ଲୋକମାନେ ପ୍ରାଚୀନ ଶିକାରୀମାନଙ୍କ ପରି ଜୀବନ ଯାପନ କରନ୍ତି । ସେ ପୁଣି କହିଲେ- "ଭ୍ରମଣକାରୀ ଆସନ୍ତୁ ବୋଲି ସେମାନେ ଚାହାନ୍ତି ନାହିଁ । ତେଣୁ କାହାକୁ ସେଠାକୁ ଯିବାକୁ ଅନୁମତି ମିଳେ ନାହିଁ ।" ୨୦୦୪ ମସିହାରେ ଏହି ଅଞ୍ଚଳରେ ସୁନାମି ଆସିଥିଲା । ମାତ୍ର ସେମାନେ ବଞ୍ଚି ଯାଇଥିଲେ । ସମ୍ଭବତଃ ପବନ, ସମୁଦ୍ରର ଗତି ଏବଂ ପ୍ରାଣୀଙ୍କ ଆଚରଣରେ ପରିବର୍ତ୍ତନ ଭଳି ପ୍ରକୃତିର ସଂକେତ ଦେଖି ସେମାନେ ରକ୍ଷା ପାଇଯାଇଥିଲେ । ପ୍ରକୃତି ସହିତ ସେମାନଙ୍କର ଗଭୀର ସମ୍ପର୍କ ହୁଏତ ସେମାନଙ୍କୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଇପାରେ ।

## ଆଲୋଚନା କର

ସେମାନଙ୍କ ଜ୍ଞାନ "ଉତ୍ତର ସେଣ୍ଟିନେଲ୍ ଦ୍ୱୀପ"ର ଲୋକମାନଙ୍କୁ କିପରି ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥିବ ବୋଲି ତୁମେ ଭାବୁଛ ?

**ଶିକ୍ଷକଙ୍କ ପାଇଁ ସୂଚନା**

ସମୁଦ୍ରରେ ଦେଖାଯାଉଥିବା ରଙ୍ଗୀନ ପ୍ରବାଳଗୁଡ଼ିକୁ ଚିତ୍ର ମାଧ୍ୟମରେ ଶିକ୍ଷକ ବର୍ଣ୍ଣନା କରିବେ ।

ଏହି ଯାତ୍ରା ପୂର୍ବରୁ, ଶାନ୍ତି କେବଳ ଟେଲିଭିଜନରେ ଦ୍ୱୀପପୁଞ୍ଜ ଦେଖିଥିଲା । ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ପରିଦର୍ଶନ କରିବା ପରେ ସେ ବହୁତ କିଛି ଶିଖିଲା । ଦ୍ୱୀପପୁଞ୍ଜଗୁଡ଼ିକ ବୈଚିତ୍ର୍ୟରେ ପରିପୂର୍ଣ୍ଣ ଏବଂ ସେଗୁଡ଼ିକୁ ଆମେ ଯତ୍ନ ଓ ସମ୍ମାନ କରିବାର ଆବଶ୍ୟକତା ରହିଛି ।

ମାଆ କହିଲେ ଯେ, ସେମାନେ ବିଜୟାପୁରମରୁ ଜାହାଜରେ କୋଲକାତା ଯିବେ ଏବଂ ସେଠାରୁ ସୁନ୍ଦରବନ ଯିବେ ।

ମାଆ କହିଲେ- "ସୁନ୍ଦରବନ ଏକ ଭିନ୍ନ ପ୍ରକାରର ଜଙ୍ଗଲ, ଯାହା ତୁମେ କେବେ ଦେଖିନାହଁ ।" ଏହା ଶାନ୍ତି ମନରେ ଏତେ କୌତୁହଳ ସୃଷ୍ଟି କଲା ଯେ ସେ ସେଠାକୁ ଯିବାପାଇଁ ବ୍ୟଗ୍ର ହେଲା ।

## ସୁନ୍ଦରବନ : ହେନ୍ତାଳ ବଣର ଗନ୍ତାଘର

କୋଲକତାରେ କିଛି ସମୟ ରହିବା ପରେ ସେମାନେ ସୁନ୍ଦରବନରେ ପହଞ୍ଚିଲେ, ଯାହା ବିଶ୍ୱର ସର୍ବବୃହତ୍ ହେନ୍ତାଳ ବଣ । ଗଙ୍ଗାନଦୀର ମୁହାଣରେ ଏହି ବଣ ଦେଖାଯାଇଥାଏ । ଏହାର ଭୂମି ସନ୍ତସନ୍ତିଆ ଓ ଲୁଣିଆ । ବିଶେଷତଃ ହେନ୍ତାଳ ଗଛଗୁଡ଼ିକ ଏହି ଆର୍ଦ୍ର ଓ ଲୁଣିଆ ଭୂମିରେ ବଢ଼ିଥାନ୍ତି ।

ଓଡ଼ିଶାର କେଉଁସ୍ଥାନରେ ହେନ୍ତାଳ ବଣ ଅଛି ପଚାରି ବୁଝ ।

### ଲେଖ

୧. ହେନ୍ତାଳ ବଣରେ ତୁମେ କ'ଣ ଦେଖ ?

ସେଠାରେ ରହୁଥିବା ତିନୋଟି ଜୀବର ନାମ ଲେଖ ।

---

୨. ଏହି ଜଙ୍ଗଲଟି ଅନ୍ୟ ଜଙ୍ଗଲଠାରୁ କିପରି ଭିନ୍ନ ବୋଲି ତୁମେ ଭାବୁଛ ?


---

ଶାନ୍ତି ପଚାରିଲା – ବାପା ! ଜଳଉପରେ ବାହାରିଥିବା ସେହି ଛୋଟ ଛୋଟ କାଠି ଭଳି ଜିନିଷଗୁଡ଼ିକ କ'ଣ ?





ସେ ଉତ୍ତର ଦେଲେ- "ସେଗୁଡ଼ିକ ହେନ୍ତାଳ ଗଛଗୁଡ଼ିକର ଚେର ଯାହା ସେମାନଙ୍କୁ ସନ୍ତସନ୍ତିଆ ଓ ଲୁଣିଆ ଜଳରେ ଶ୍ୱାସକ୍ରିୟା କରିବାରେ ସାହାଯ୍ୟ କରେ ।"



ହେନ୍ତାଳ ଗଛଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ । କାରଣ ଏହାର ଚେର ମାଟିକୁ ଏକତ୍ର ଜାବୁଡ଼ି ଧରି ରଖେ ଏବଂ ଜୁଆର ପ୍ରଭାବରେ କୂଳର ମୃତ୍ତିକା କ୍ଷୟକୁ ରକ୍ଷା କରେ । ଏଠାରେ ଅନେକ ଲୋକ ଜଙ୍ଗଲ ନିକଟରେ ରୁହନ୍ତି ଏବଂ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଏହା ଉପରେ ନିର୍ଭର କରନ୍ତି । ପିଢ଼ି ପରେ ପିଢ଼ି ଧରି ସେମାନେ ପ୍ରକୃତି ସହିତ ସମନ୍ୱୟ ରଖି ଆସୁଛନ୍ତି ।

## ଲେଖ

ସୁନ୍ଦରବନର ଲୋକମାନେ କିଭଳି ଭାବରେ ହେନ୍ତାଳ ବଣ ଉପରେ ନିର୍ଭର କରନ୍ତି ?

ସୁନ୍ଦରବନରେ ସ୍ଥଳଚର, ଜଳଚର ଏବଂ ବନ୍ୟପ୍ରାଣୀ ସମସ୍ତେ ଏକତ୍ର ବାସ କରୁଥିବା ପରି ମନେ ହେଉଥିଲା । ସୁନ୍ଦରବନ ପରି ହେନ୍ତାଳ ବଣ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ।

### ଆଲୋଚନା କର

ସୁନ୍ଦରବନ ଭଳି ସ୍ଥାନଗୁଡ଼ିକର ଯତ୍ନ ନେବା କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ଭାବୁଛ ?

### ଆସ ଖୋଜିବା

ନିଜ ଚାରିପାଖକୁ ଦେଖ । ସେହି ଅଞ୍ଚଳରେ ଜୀବନ ଧାରଣ କରିବାପାଇଁ ଜୀବମାନଙ୍କର କୌଣସି ବିଶେଷତ୍ୱ ଅଛି ବୋଲି ତୁମେ ଭାବୁଛ କି ? ସେଗୁଡ଼ିକ କ'ଣ ?

ଶାନ୍ତି ଆଶ୍ଚର୍ଯ୍ୟ ହୋଇ ପଚାରିଲା- "କେତେଜଣ କାହିଁକି ମୁହଁ ପଛପଟେ ମୁଖା ପିନ୍ଧିଥାନ୍ତି ।"

ବାପା କହିଲେ- "ମୁଁ ଶୁଣିଛି ଯେ, ବାଘମାନେ ଶିକାରକୁ ପଛପଟୁ ଆକ୍ରମଣ କରନ୍ତି । ସେମାନେ ଏହି ମୁଖାଦେଖି ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ।"

## ଉତ୍ତର-ପୂର୍ବ ଭାରତ: ସବୁଜ ପାହାଡ଼ ଓ ମହାନ ପରମ୍ପରା

ସୁନ୍ଦରବନ ଛାଡ଼ିବା ପରେ ଶାନ୍ତି ଓ ତାଙ୍କ ପରିବାର ଭାରତର ଉତ୍ତର-ପୂର୍ବ ଆଡ଼କୁ ଯାତ୍ରା ଆରମ୍ଭ କଲେ । ବାପା ପଚାରିଲେ- "ଆମେ ଯାହାକୁ ଉତ୍ତର ପୂର୍ବ ଭାରତ କହୁ, "ସିକିମ ସହିତ ସାତଟି ରାଜ୍ୟକୁ ସାତ ଭଉଣୀ କୁହାଯାଏ ବୋଲି ତୁମେ ଜାଣିଛ କି ?"

ଶାନ୍ତି ଉତ୍ସାହିତ ହୋଇ କହିଲା - "ହଁ ମୁଁ ପୂର୍ବ ଶ୍ରେଣୀରୁ ଏହା ଜାଣିଛି ।"

ତୁମେ ଉତ୍ତର-ପୂର୍ବର ସାତଟି ରାଜ୍ୟର ନାମ କହିପାରିବ କି ?







## ଲେଖ

୧. ଚିତ୍ରଟି ଦେଖ । ବଜାରରେ ବିକ୍ରି ହେଉଥିବା ତିନୋଟି ଜିନିଷକୁ ଚିହ୍ନଟ କର ।

୨. ଉପରୋକ୍ତ ଚିତ୍ରରୁ ଏହା କେଉଁ ପର୍ବ, ଚିହ୍ନିପାରୁଛ କି ?

୩. ଘରଗୁଡ଼ିକ କାହିଁକି ବାଉଁଶରେ ତିଆରି ହୋଇଛି ବୋଲି ତୁମେ ଭାବୁଛ ?

୪. ଚିତ୍ରରେ ତୁମେ କେଉଁ ପ୍ରାଣୀମାନଙ୍କୁ ଦେଖି ପାରୁଛ ?

୫. ଏହି ଚିତ୍ରରୁ ଭାରତର ଉତ୍ତର ପୂର୍ବରେ ବାସ କରୁଥିବା ଲୋକମାନେ ପ୍ରକୃତି ଉପରେ ନିର୍ଭରଶୀଳ ବୋଲି କିପରି ଜାଣୁଛ ?

ଭାରତର ଉତ୍ତର-ପୂର୍ବାଞ୍ଚଳ ସୌନ୍ଦର୍ଯ୍ୟମୟ, ଜୀବନ୍ତ ଓ ସୃଜନଶୀଳତାରେ ପରିପୂର୍ଣ୍ଣ । ଏଠାକାର ଲୋକମାନଙ୍କର ଜୀବନ ପ୍ରକୃତି ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଏହି ଅଞ୍ଚଳଟି ଘଞ୍ଚ ଜଙ୍ଗଲ, ଚିରସ୍ରୋତା ନଦୀ ଏବଂ ବିସ୍ମୟକର ପଶୁ ଓ ପକ୍ଷୀମାନଙ୍କ ଆବାସସ୍ଥଳ । ବୟନ ଓ କାରିଗରୀ ଠାରୁ ଆରମ୍ଭ କରି ସଂଗୀତ, ନୃତ୍ୟ ଓ ଉତ୍ସବ ପର୍ଯ୍ୟନ୍ତ- ଜୀବନର ପ୍ରତ୍ୟେକ କାର୍ଯ୍ୟ ସେମାନଙ୍କ ଚାରିପାଖରେ ଥିବା ପାହାଡ଼, ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସହିତ ଜଡ଼ିତ । ଏହା ଏପରି ଏକ ସ୍ଥାନ ଯେଉଁଠାରେ ସଂସ୍କୃତି ଏବଂ ପ୍ରକୃତି ପରସ୍ପର ତାଳଦେଇ ଚାଲନ୍ତି ।

**ତୁମେ ଜାଣିଛ କି ?**

ଜଙ୍ଗଲୀ ଲଙ୍କା ବା "ଭୁତ୍ ଜୋଲୋକିଆ" ବିଶ୍ୱର ସବୁଠାରୁ ରାଗ ଲଙ୍କା ମଧ୍ୟରୁ ଗୋଟିଏ । ଏହା ଉତ୍ତର-ପୂର୍ବ ଭାରତରେ ଉତ୍ପାଦନ କରାଯାଏ ଏବଂ ଏହାକୁ ଆଚାର, ଚଟଣି କରିବା ସହିତ ଫସଲକୁ ହାତୀମାନଙ୍କ କବଳରୁ ରକ୍ଷା କରିବାପାଇଁ ବ୍ୟବହାର କରାଯାଏ ।



ଗଛ ମୂଳରେ ବସିଥିବା ଦଳେ ପିଲାଙ୍କୁ ଦେଖି ଶାନ୍ତି ପଚାରିଲା- "ସେମାନେ କ'ଣ କରୁଛନ୍ତି ?" ମାଆ କହିଲେ, "ସେମାନେ "ହାଡ଼ଗିଳା" ପକ୍ଷୀକୁ ସୁରକ୍ଷା ଦେବାରେ ସାହାଯ୍ୟ କରୁଛନ୍ତି । ମହିଳା ଜଣକ ପିଲାମାନଙ୍କୁ ପକ୍ଷୀମାନଙ୍କର ବସାକୁ କିପରି ସୁରକ୍ଷିତ ରଖାଯିବ ସେ ବିଷୟରେ ବୁଝାଉଛନ୍ତି ।"

ଶାନ୍ତି ସେହି ଦଳରେ ଯୋଗ ଦେଲା ଏବଂ ସମସ୍ତଙ୍କ ସାହାଯ୍ୟରେ ହାଡ଼ଗିଳା ପକ୍ଷୀମାନଙ୍କର ସଂଖ୍ୟା କିପରି ବୃଦ୍ଧି ପାଉଛି ସେ ବିଷୟରେ ଜାଣିଲା ।

## ଆଲୋଚନା କର

ଛୋଟ ଛୋଟ ଦଳ ହୋଇ ପରିବେଶରେ ସୁରକ୍ଷା ଆବଶ୍ୟକ କରୁଥିବା ଏକ ପଶୁ କିମ୍ବା ପକ୍ଷୀକୁ ଚିହ୍ନଟ କର । ତୁମେ ତାକୁ କିପରି ସାହାଯ୍ୟ କରିପାରିବ ? ଏକ ସୁରକ୍ଷା ଯୋଜନା ପ୍ରସ୍ତୁତ କର ଏବଂ ଏହାକୁ ଶ୍ରେଣୀରେ ଆଲୋଚନା କର ।

## କାର୍ଯ୍ୟ-୨

ଛୋଟ ଛୋଟ ଦଳରେ ତୁମ ଚାରିପାଖରେ ମିଳୁଥିବା ଡାଳ, ପତ୍ର ଏବଂ ତୁଳା ବା କାଗଜ ଭଳି ନରମ ସାମଗ୍ରୀ ସଂଗ୍ରହ କର ।

ଏହି ସାମଗ୍ରୀ ବ୍ୟବହାର କରି ଏକ ପକ୍ଷୀର ଛୋଟ ବସା ତିଆରି କର । ଏକ ଭଲ ବସାର ବୈଶିଷ୍ଟ୍ୟ କ'ଣ ? ଅଣ୍ଡାଗୁଡ଼ିକୁ ସୁରକ୍ଷିତ ରଖିବାପାଇଁ ବସା କିପରି ହେବା ଆବଶ୍ୟକ ?

"ଏଗୁଡ଼ିକ କ'ଣ ? ଏଗୁଡ଼ିକ କିପରି ତିଆରି ହୁଏ ?" ବୋଲି ଶାନ୍ତି ସେମାନଙ୍କ ନୂଆ ଗାଇଡ୍ 'ଚନ୍ଦନଙ୍କୁ' ପଚାରିଲା ।



ଚନ୍ଦନ କହିଲେ- "ସେଗୁଡ଼ିକ ହେଉଛି ଜୀବନ୍ତ ଚେରରେ ନିର୍ମିତ ସେତୁ । ଝରଣା ପାରି ହେବାପାଇଁ ଏହି ସେତୁ ଯଥେଷ୍ଟ ମଜଭୁତ ହୋଇଥାଏ । ଆମକୁ ଏବେ ସେଗୁଡ଼ିକର ଯତ୍ନ ନେବାକୁ ପଡ଼ିବ ।"

## କାର୍ଯ୍ୟ-୩

'ଚେର ସେତୁ' ଭଳି ଶ୍ରେଣୀଗୃହରେ ଏକ ସେତୁ ତିଆରି କରିବା ପାଇଁ ଚେଷ୍ଟା କର । ସୂତା କିମ୍ବା ବାଡ଼ି ଦ୍ୱାରା ଦୁଇଟି ଚେୟାରକୁ ସଂଯୋଗ କରି ତୁମେ ଏହି ସେତୁ ଉପରେ ଏକ ଛୋଟ ଖେଳଣା ରଖିପାରିବ କି ?

ଦ୍ୱୀପପୁଞ୍ଜ ଓ ଉତ୍ତର-ପୂର୍ବାଞ୍ଚଳ ଅନୁସନ୍ଧାନ କରି, ସେମାନେ ଅନେକ ବିସ୍ମୟକର ଉଦ୍ଭିଦ ଓ ପ୍ରାଣୀ ଦେଖିଲେ । ଶାନ୍ତି ପଚାରିଲା- "ବାପା ! ଏହି ସ୍ଥାନଗୁଡ଼ିକ ଏତେ ସ୍ୱତନ୍ତ୍ର କାହିଁକି ?"

ବାପା ପୁଣି ହସି ହସି କହିଲେ- "ଏଠାରେ ମିଳୁଥିବା ଅନେକ ଗଛଲତା ଏବଂ ପ୍ରାଣୀ ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖାଯାଆନ୍ତି ନାହିଁ ।"

ଏହି କାରଣରୁ ଏହା ପ୍ରକୃତିର ଏକ ସମ୍ବେଦନଶୀଳ ସ୍ଥାନ, ଏବେ ମୁଁ ତୁମକୁ ଆମ ଦେଶର ସେହିଭଳି ଏକ ସ୍ଥାନକୁ ନେଇଯିବି ।

"ତୁମେ ଚତୁର୍ଥ ଶ୍ରେଣୀରେ ଭାରତୀୟ ବିଶାଳ ଗୁଣ୍ଡୁଚିମୂଷା ବିଷୟରେ ପଢ଼ିଥିଲ ବୋଲି ମନେ ଅଛି କି ? ଆମେ ଏବେ ଯେଉଁ ସ୍ଥାନକୁ ଯିବା, ଏହା ସେହିଠାରେ ଦେଖାଯାଏ ।"

## ପଶ୍ଚିମ ଘାଟ ପର୍ବତମାଳା

ବାପା କହିଲେ, "ଆମେ ଏବେ ପଶ୍ଚିମଘାଟ ପର୍ବତମାଳାକୁ ଯାଉଛୁ । ତାହା ଏକ ଘଞ୍ଚ ଜଙ୍ଗଲ ଥିବା ଦୀର୍ଘ ପର୍ବତମାଳା, ଯାହା ବିବିଧ ଉଦ୍ଭିଦ ଓ ପ୍ରାଣୀମାନଙ୍କରେ ପରିପୂର୍ଣ୍ଣ ।

## ଲେଖ

୧. ମାନଚିତ୍ର ଦେଖ । ପଶ୍ଚିମଘାଟ ପର୍ବତମାଳାକୁ ଚିହ୍ନଟ କର ଏବଂ ଏହା ଅନ୍ତର୍ଗତ ଛଅଟି ରାଜ୍ୟର ନାମ ଲେଖ ।

---

୨. ଜଙ୍ଗଲରେ ତୁମେ କେଉଁ ପ୍ରାଣୀମାନଙ୍କୁ ଦେଖି ପାରିବ ?

**ଶିକ୍ଷକଙ୍କ ପାଇଁ ସୂଚନା**

ଶିକ୍ଷକ ଭାରତର ଭୌତିକ ମାନଚିତ୍ରରେ ଶିକ୍ଷାର୍ଥୀଙ୍କୁ ପଶ୍ଚିମଘାଟ ପର୍ବତମାଳା ଦେଖାଇବେ ।

୩. ନିମ୍ନରେ ଦିଆଯାଇଥିବା ଚିତ୍ରରେ ଲୋକମାନେ କ'ଣ କରୁଛନ୍ତି ?

୪. ଦୁର୍ଗଗୁଡ଼ିକ ସମତଳ ଭୂମି ପରିବର୍ତ୍ତେ ପାହାଡ଼ ଶିଖରରେ ନିର୍ମିତ ହୋଇଥିଲା କାହିଁକି ?



"ସିଂହ ଲାଞ୍ଜିଆ" ମାଙ୍କଡ଼ମାନେ କେବଳ ଏହିଠାରେ ଦେଖାଯାଆନ୍ତି ବୋଲି ବାପା କହିଲେ । "ଦ୍ୱୀପପୁଞ୍ଜରେ ଦେଖାଯିବା ଭଳି ଏହି ଅଞ୍ଚଳରେ ମଧ୍ୟ କେତେକ ପଶୁ ଓ ପକ୍ଷୀ ଦେଖାଯାଆନ୍ତି" । ବାପା ପଚାରିଲେ- "ତୁମେ ଜାଣକି ଭାରତର ଅନେକ ନଦୀ ଏହି ପାହାଡ଼ଗୁଡ଼ିକରୁ ଉତ୍ପତ୍ତି ହୋଇଥାଏ ?"



## ଲେଖ

ପଶ୍ଚିମଘାଟ ପର୍ବତମାଳାରୁ ବାହାରିଥିବା ତିନୋଟି ନଦୀର ନାମ ଲେଖ ।

ଏହି ପାହାଡ଼ଗୁଡ଼ିକରେ ଅନେକ ଗଛଲତା ପାରମ୍ପରିକ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୁଏ । ଏହି ଗଛଲତାଗୁଡ଼ିକ ମଧ୍ୟରୁ ଅନେକ କେବଳ ଏହି ଅଞ୍ଚଳରେ ବଢ଼ିଥାନ୍ତି । ଅନେକ ଆଦିବାସୀ ସମ୍ପ୍ରଦାୟ ଏବଂ ଜଙ୍ଗଲରେ ବାସ କରୁଥିବା ଅନ୍ୟାନ୍ୟ ଲୋକମାନେ ପିଢ଼ିପରେ ପିଢ଼ି ଏଠାରେ ବାସ କରିଆସୁଛନ୍ତି । ସେମାନେ ସେମାନଙ୍କର ଖାଦ୍ୟ, ଔଷଧ ଏବଂ ଜୀବିକା ପାଇଁ ଜଙ୍ଗଲର ଗଛଲତା ଉପରେ ନିର୍ଭର କରନ୍ତି ।



ଠିକ୍ ସେହି ସମୟରେ ଶାନ୍ତି ଗୋଟିଏ ଗଛତଳେ ନୋଟ୍ ବୁକ୍ ଓ କ୍ୟାମେରା ଧରିଥିବା ଦଳେ ଶିକ୍ଷାର୍ଥୀଙ୍କୁ ଦେଖିଲା । ସେ ପଚାରିଲା- "ସେମାନେ କ'ଣ କରୁଛନ୍ତି ?"

ଶିକ୍ଷାର୍ଥୀମାନଙ୍କୁ ଗାଇଡ୍ କରୁଥିବା ସତୀଶ କହିଲେ "ଏହି ଶିକ୍ଷାର୍ଥୀମାନେ ଏକ ସର୍ବେକ୍ଷଣ କରୁଛନ୍ତି । ବିଦ୍ୟାଳୟ, ଚାଷୀ ଏବଂ ବିଶେଷଜ୍ଞଙ୍କ ସହାୟତାରେ ଆମେ ପଶ୍ଚିମଘାଟରେ ୨୦୦ରୁ ଅଧିକ ପ୍ରକାରର ଆମ୍ବ ପାଇଲୁ ଏବଂ ଏହାକୁ ଲିପିବଦ୍ଧ କଲୁ । ଏବେ ଆମେ ପଣସ ଓ ଜାମୁକୋଳି ଗଛ ମଧ୍ୟ ଦେଖୁଛୁ ।"

ଶାନ୍ତି ଆଶ୍ଚର୍ଯ୍ୟ ହୋଇ ଭାବିଲା- "ମୁଁ ମୋ ଅଞ୍ଚଳରେ ଥିବା ଗଛ ଓ ଫଳ ପାଇଁ ଏପରି କିଛି କାର୍ଯ୍ୟ କରିପାରିବି କି ?"

## କାର୍ଯ୍ୟ-୪

ତୁମ ରାଜ୍ୟରେ ଫଳୁଥିବା ଏକ ଫଳ କିମ୍ବା ପନିପରିବା ବାଛ । ଏହା ବିଭିନ୍ନ ପ୍ରକାରର ହୋଇପାରେ । ତୁମେ ତୁମ ଶିକ୍ଷକ କିମ୍ବା ବୟସ୍କ ଲୋକଙ୍କ ସାହାଯ୍ୟ ନେଇ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଏକାଧିକ ପ୍ରକାରର ନିର୍ଦ୍ଦିଷ୍ଟ ଫଳ, ପନିପରିବାର ତାଲିକା ପ୍ରସ୍ତୁତ କର ।

ପଶ୍ଚିମ ଘାଟ ଦେଇ ଯାତ୍ରା ଶେଷ ହେବାକୁ ଯାଉଥିଲା । କିନ୍ତୁ ଶାନ୍ତି ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା ।

ବାପା କହିଲେ- "ମୁଁ ତୁମକୁ 'ନୀରବ ଉପତ୍ୟକା' ଜାତୀୟ ଉଦ୍ୟାନ ବିଷୟରେ ମଧ୍ୟ କହିବି । ଏହା କେରଳର ଏକ ସୁନ୍ଦର ବୃକ୍ଷ ବହୁଳ ଅରଣ୍ୟ, ଯାହା ଅନେକ ବିରଳ ଉଦ୍ଭିଦ ଓ ପ୍ରାଣୀମାନଙ୍କର ବାସସ୍ଥଳୀ । ଏଠାରେ ଅନ୍ୟ ବୃକ୍ଷବହୁଳ ଅରଣ୍ୟ ପରି ସାଧାରଣତଃ ଝିଙ୍କାରୀ ଭଳି କୀଟପତଙ୍ଗର ଶବ୍ଦ ଶୁଣାଯାଏ ନାହିଁ । ଏହି ଅରଣ୍ୟରେ କୌଣସି ଶବ୍ଦ ଶୁଣାଯାଉନଥିବାରୁ ଏହାର ଏପରି ନାମକରଣ ହୋଇଛି ।




ବାପା ଆହୁରି କହିଲେ- "ବହୁତ ପୂର୍ବରୁ ଏଠାରେ ଏକ ବନ୍ଧର ନିର୍ମାଣ ଯୋଜନା କରାଯାଇଥିଲା, ଯାହା ଏହି ଜଙ୍ଗଲକୁ ଜଳମଗ୍ନ କରିଦେଇଥାନ୍ତା । କିନ୍ତୁ ସମସ୍ତ ଗ୍ରାମବାସୀ, ଶିକ୍ଷାର୍ଥୀ, ବୈଜ୍ଞାନିକମାନେ ଏକାଠି ହୋଇ 'ନୀରବ ଉପତ୍ୟକା' ବଞ୍ଚାଅ ଅଭିଯାନରେ ସାମିଲ ହୋଇଥିଲେ । ପ୍ରକୃତି ପ୍ରତି ସେମାନଙ୍କର ଭଲ ପାଇବା ଏହି ବନ୍ଧ ନିର୍ମାଣ ଯୋଜନାକୁ ସ୍ଥଗିତ ରଖିବାରେ ସାହାଯ୍ୟ କରିଥିଲା । ଆଜି ନୀରବ ଉପତ୍ୟକା ଏକ ସଂରକ୍ଷିତ ଜଙ୍ଗଲ ହୋଇ ରହିଛି, ଯାହା ଦର୍ଶାଉଛି ଯେ, ଲୋକମାନେ ଏକାଠି ହୋଇ ଯତ୍ନବାନ ହେଲେ ଜଙ୍ଗଲକୁ ରକ୍ଷା କରାଯାଇପାରିବ ।"

ଆମର ପାହାଡ଼ଗୁଡ଼ିକ ବିଭିନ୍ନ ଜୀବ, କାହାଣୀ ଏବଂ ରହସ୍ୟରେ ପରିପୂର୍ଣ୍ଣ । ଏଠାରେ ଛୋଟ ଛୋଟ ଔଷଧୀୟ ଗୁଳ୍ମ ଠାରୁ ଆରମ୍ଭ କରି ବିଶାଳ ନଦୀ ପର୍ଯ୍ୟନ୍ତ ଏବଂ ବିରଳ ପ୍ରାଣୀଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ସବୁକିଛି ସମ୍ପର୍କିତ । ଆମକୁ ଏହି ସ୍ଥାନଗୁଡ଼ିକ ଏବଂ ସେମାନଙ୍କର ସଂପର୍କକୁ ବୁଝିବା ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ଆବଶ୍ୟକ ।

### ତୁମେ ଜାଣିଛ କି ?

ସଂରକ୍ଷିତ ଅଞ୍ଚଳଗୁଡ଼ିକ ହେଉଛି ଜଙ୍ଗଲ, ନଦୀ କିମ୍ବା ପାହାଡ଼ ଭଳି ସ୍ୱତନ୍ତ୍ର ସ୍ଥାନ ଯାହାକୁ ସରକାର ଏହି ଅଞ୍ଚଳର ପ୍ରାଣୀ, ଉଦ୍ଭିଦ ଓ ପ୍ରକୃତିକୁ ସୁରକ୍ଷା ଦେବା ପାଇଁ ଯୋଜନା କରିଛନ୍ତି । ଏହି ଅଞ୍ଚଳଗୁଡ଼ିକରେ ଲୋକଙ୍କୁ ଗଛ କାଟିବାକୁ କିମ୍ବା ପ୍ରାଣୀମାନଙ୍କର କ୍ଷତି କରିବାକୁ ଅନୁମତି ଦିଆଯାଏ ନାହିଁ । ପଶ୍ଚିମ ଘାଟରେ ବନ୍ୟପ୍ରାଣୀ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ଏବଂ ବ୍ୟାଘ୍ର ସଂରକ୍ଷଣ ଭଳି ୫୦ରୁ ଅଧିକ ସଂରକ୍ଷିତ ଅଞ୍ଚଳ ଅଛି । ଏଗୁଡ଼ିକ ସିଂହ ଲାଞ୍ଜିଆ ମାଙ୍କଡ଼, ବାଘ, ହାତୀ ଏବଂ କୋଚିଲାଖାଇ ପରି ବିରଳ ପ୍ରାଣୀଙ୍କୁ ସୁରକ୍ଷା ଦେବାରେ ସାହାଯ୍ୟ କରେ ଏବଂ ଜଙ୍ଗଲ ଓ ନଦୀଗୁଡ଼ିକୁ ସୁରକ୍ଷିତ ରଖେ ।





## ଲେଖ

ପଶ୍ଚିମଘାଟ ପର୍ବତମାଳାରେ ଥିବା ତିନୋଟି ସଂରକ୍ଷିତ ଅଞ୍ଚଳର ତାଲିକା କର ।

---

ଶାନ୍ତି ଏବଂ ତା'ର ପରିବାର ଆଣ୍ଡାମାନ ଦ୍ୱୀପପୁଞ୍ଜରେ ରହିଥିଲେ । ବର୍ତ୍ତମାନ ସେମାନେ ତିନୋଟି ସମୁଦ୍ରର ମିଳନସ୍ଥଳ ଭାରତ ଭୂଖଣ୍ଡର ଦକ୍ଷିଣତମ ପ୍ରାନ୍ତ କନ୍ୟାକୁମାରୀ ଆଡ଼କୁ ବାହାରିଲେ ।



ସମୁଦ୍ରରେ ଥିବା ପ୍ରବାଳଠାରୁ ଆରମ୍ଭ କରି ପାହାଡ଼ରେ ତେର ନିର୍ମିତ ସେତୁ ଏବଂ ପଶ୍ଚିମଘାଟର ମସଲା ଜାତୀୟ ଉଦ୍ଭିଦରେ ପରିପୂର୍ଣ୍ଣ ଜଙ୍ଗଲ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନର ସ୍ୱତନ୍ତ୍ରତା ବିଷୟରେ ଆମେ ଶିଖିଥାଉ । ପ୍ରତ୍ୟେକ ଅଞ୍ଚଳ ନିଜସ୍ୱ ବନ୍ୟପ୍ରାଣୀ, ଉଦ୍ଭିଦ, ମନୁଷ୍ୟ ଏବଂ ପ୍ରକୃତିର ରହସ୍ୟ ଇତ୍ୟାଦିରେ ପରିପୂର୍ଣ୍ଣ । ବିଭିନ୍ନ ଅଞ୍ଚଳରେ ଲୋକମାନେ ଭିନ୍ନ ଭିନ୍ନ ଭାବରେ ବାସ କରନ୍ତି । କିନ୍ତୁ ସବୁଠାରେ ସେମାନେ ପ୍ରକୃତି ଉପରେ ନିର୍ଭର କରନ୍ତି ଏବଂ ନିଜସ୍ୱ ଉପାୟରେ ଏହାର ଯତ୍ନ ନିଅନ୍ତି ।

ସେମାନଙ୍କ ଯାତ୍ରା ଆମକୁ ଦେଖାଇଲା ଯେ, ଆମ ଦେଶ ପ୍ରକୃତରେ କେତେ ସମୃଦ୍ଧ, ସୁନ୍ଦର ଓ ସମ୍ପର୍କିତ । ଏହି ଆଶ୍ଚର୍ଯ୍ୟଜନକ ଧାରାକୁ ଆମେ ଭବିଷ୍ୟତରେ ବଜାୟ ରଖିବାପାଇଁ ସମସ୍ତେ ଶିକ୍ଷା ଗ୍ରହଣ କରି ସମ୍ମାନ ଜଣାଇ ଏବଂ ମାତୃଭୂମିକୁ ସୁରକ୍ଷା ଦେବାରେ ଆମେ ଅଂଶୀଦାର ହୋଇପାରିବା ।

## ତୁମେ ଜାଣିଛ କି ?

**ଚନ୍ଦ୍ରଗିରି ପାହାଡ଼** ଓଡ଼ିଶାର ଗଜପତି ଜିଲ୍ଲାରେ ଅବସ୍ଥିତ ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳ । ଏହା ପ୍ରାକୃତିକ ସୌନ୍ଦର୍ଯ୍ୟ, ହରିତ୍ ପାହାଡ଼, ଝରଣା ଓ ଶୀତଳ ପରିବେଶ ପାଇଁ ପ୍ରସିଦ୍ଧ । ଚନ୍ଦ୍ରଗିରିକୁ "ଲିଟିଲ୍ ତିବ୍ବତ" ବୋଲି ମଧ୍ୟ କୁହାଯାଏ କାରଣ, ଏଠାରେ ତିବ୍ବତୀୟ ଶରଣାର୍ଥୀ କଲୋନୀ ଓ ସୁନ୍ଦର ବୌଦ୍ଧ ମଠ ଅଛି । ପ୍ରକୃତିର ସାନ୍ନିଧ୍ୟ, ସାହିତ୍ୟିକ ଓ ଧାର୍ମିକ ପରିବେଶ ଚନ୍ଦ୍ରଗିରି ପାହାଡ଼କୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନ କରିଥାଏ ।

**ଚିଲିକା ହ୍ରଦ** ଭାରତର ସବୁଠୁ ବଡ଼ ଲୁଣି ପାଣିର ହ୍ରଦ । ଏହା ଓଡ଼ିଶାର ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ପ୍ରସାରିତ । ଚିଲିକା ପ୍ରବାସୀ ପକ୍ଷୀମାନଙ୍କର ପ୍ରିୟ ବିଶ୍ରାମସ୍ଥଳ ଏବଂ ଏଠାରେ ଡଲଫିନ୍, ମାଛ ଓ ବିଭିନ୍ନ ପ୍ରକାରର ଜଳଜୀବ ଦେଖାଯାନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରିଥିବା ଏହି ହ୍ରଦ ପର୍ଯ୍ୟଟକମାନଙ୍କୁ ଖୁବ ଆକର୍ଷିତ କରେ ।

## ଆସ, ଚିନ୍ତା କରିବା

୧. ଭାରତ ଭ୍ରମଣର ଏହି ଯାତ୍ରାରେ ତୁମକୁ କେଉଁଟି ସବୁଠାରୁ ଅଧିକ ଆଶ୍ଚର୍ଯ୍ୟ ଲାଗିଲା ଓ କାହିଁକି ?

୨. ତୁମେ କେଉଁ ସ୍ଥାନକୁ ଯିବାକୁ ସବୁଠାରୁ ଅଧିକ ଇଚ୍ଛା କରୁଛ ? ସେଠାରେ କ'ଣ କରିବ ?

୩. ଏହି କାହାଣୀରେ ବର୍ଣ୍ଣିତ ଅଞ୍ଚଳ ଓ ତୁମ ଅଞ୍ଚଳ ମଧ୍ୟରେ କି କି ସାମଞ୍ଜସ୍ୟ ଓ ପାର୍ଥକ୍ୟ ରହିଛି ?

୪. ନିମ୍ନଲିଖିତ ଜଳଚର ପ୍ରାଣୀମାନଙ୍କୁ ସେମାନଙ୍କର ବୈଶିଷ୍ଟ୍ୟ ସହିତ ମେଳ କର ।

| | |
|---|---|
|  | ଏହାର ମସ୍ତିଷ୍କ ନାହିଁ । କିନ୍ତୁ ଏହାର ବାହୁ ନଷ୍ଟ ହୋଇଗଲେ, ବାହୁର ପୁନଃବୃଦ୍ଧି ଘଟେ । |
|  | ଘୋଡ଼ା ମୁହଁ ପରି ମୁହଁ ଥାଇ ସିଧା ପହଁରି ପାରୁଥିବା ମାଛ । |
|  | ସମୁଦ୍ର ବେଳାଭୂମିକୁ ଆସି ଅଣ୍ଡା ଦେଉଥିବା କଠିନ ଖୋଳପା ଯୁକ୍ତ ପ୍ରାଣୀ । |
|  | ଏହାର ଆଠଟି ହାତ ଅଛି ଓ ଲୁଚିବା ପାଇଁ ଶରୀରର ରଙ୍ଗ ପରିବର୍ତ୍ତନ କରିପାରେ । |
|  | ଶୁଣଥିବା "ସାମୁଦ୍ରିକ ଫୁଲ"ଙ୍କ ଗହଣରେ ନିରାପଦରେ ରହେ । |
|  | ଛୋଟ ଛୋଟ ସାମୁଦ୍ରିକ ପ୍ରାଣୀ ଯାହା ରଙ୍ଗୀନ ପ୍ରବାଳ ଓ ମାଛଙ୍କ ପାଇଁ ଘର ତିଆରି କରେ । |
|  | ଏହାର ଶରୀର ନରମ, ସ୍ୱଚ୍ଛ ଏବଂ ଏହା କର୍ଷିକା ସାହାଯ୍ୟରେ ଦଂଶନ କରେ । |
|  | ବୁଦ୍ଧିମାନ ସ୍ତନ୍ୟପାୟୀ ପ୍ରାଣୀ, ଯେଉଁମାନେ ଦଳରେ ରହନ୍ତି ଓ ବାୟୁରେ ଶ୍ୱାସକ୍ରିୟା କରନ୍ତି । |

୫. ହେନ୍ତାଳ ବଣର କି କି ବିଶେଷତ୍ୱ ରହିଛି ?

୬. ବିଭିନ୍ନ ଅଞ୍ଚଳର ଲୋକମାନେ ପ୍ରକୃତି ସହିତ କିପରି ସମନ୍ୱୟ ରକ୍ଷାକରି ଜୀବନଯାପନ କରନ୍ତି ?

୭. ସମୃଦ୍ଧ ଭାରତର ବିଭିନ୍ନ ଚିତ୍ର ସଂଗ୍ରହ କରି ଏକ କୋଲାଜ ପ୍ରସ୍ତୁତ କର ।

ସିକିମ୍ ହେଉଛି ପ୍ରଥମ ଭାରତୀୟ ଜୈବିକ ରାଜ୍ୟ, ଯେଉଁଠାରେ ଲୋକମାନେ ରାସାୟନିକ କୃଷିକୁ ଗୁରୁତ୍ୱ ନଦେଇ ଜୈବିକ କୃଷିକୁ ଅଧିକ ଗୁରୁତ୍ୱ ଦିଅନ୍ତି ।



ଏକକ-୪

# ଆମ ଚତୁଃପାର୍ଶ୍ୱର ସାମଗ୍ରୀ

## ଏକକ ସମ୍ପର୍କରେ...

ପ୍ରସ୍ତୁତି ପର୍ଯ୍ୟାୟରେ ଏହି ଏକକଟିର ଲକ୍ଷ୍ୟ ହେଉଛି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଚାରିପାଖରେ ଥିବା ବିଭିନ୍ନ ଜିନିଷ ସହିତ ପରିଚିତ କରାଇ ଜିନିଷ ଗୁଡ଼ିକର ପ୍ରସ୍ତୁତି ଓ ସେଗୁଡ଼ିକ କିପରି କାର୍ଯ୍ୟ କରନ୍ତି ସେ ବିଷୟରେ ଅବଗତ କରାଇବା । ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ଶିକ୍ଷାର୍ଥୀମାନେ ନିଜ ଅଞ୍ଚଳରେ ଖେଳଣାଗୁଡ଼ିକ (ଯଥା- କାଗଜ ଚକ୍ରି ଓ କାଗଜ ଡଙ୍ଗା) କିପରି କାମ କରେ ତାହା ବୁଝିଛନ୍ତି । ସେମାନେ ଇଟା, କାଗଜ ଇତ୍ୟାଦିର ପ୍ରସ୍ତୁତି ପ୍ରକ୍ରିୟା ଅନୁସନ୍ଧାନ କରି ସେଗୁଡ଼ିକ କିପରି ତିଆରି ହୁଏ, ସେ ବିଷୟରେ ମଧ୍ୟ ଶିଖିଛନ୍ତି ।

ସ୍ଥାନୀୟ ଭାବରେ ଉପଲବ୍ଧ ସାମଗ୍ରୀରେ ଜିନିଷ ତିଆରି ପଦ୍ଧତିର ନିରନ୍ତର ବିକାଶ ନିମନ୍ତେ 5R : (refuse, reduce, reuse, repurpose and recycle) ବର୍ଜନ କରିବା, ହ୍ରାସ କରିବା, ପୁନଃ ବ୍ୟବହାର, ପୁନଃ ଉପଯୋଗୀ ଏବଂ ପୁନଃଚକ୍ରଣ କରିବା ଇତ୍ୟାଦି କାର୍ଯ୍ୟକୁ ଦୃଷ୍ଟିରେ ରଖି ଶିକ୍ଷାର୍ଥୀମାନେ ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ ।

ଶିକ୍ଷାର୍ଥୀମାନେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ସାମଗ୍ରୀଗୁଡ଼ିକ ନିଜ ହାତରେ ତିଆରି କରି ଗଭୀର ଆତ୍ମସନ୍ତୋଷ ଲାଭ କରନ୍ତି । ସେମାନେ ସେମାନଙ୍କ ପରିବେଶର ଯତ୍ନନେବା ମଧ୍ୟ ଶିଖନ୍ତି ।

ପଞ୍ଚମ ଶ୍ରେଣୀରେ ଏହି ଏକକଟି ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଯଥା- ଶକ୍ତିର ଉତ୍ସ ଓ ବ୍ୟବହାର ବିଷୟରେ ଅନୁସନ୍ଧାନ ପାଇଁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥାଏ । ସରଳ କାର୍ଯ୍ୟ ଓ ସ୍ଥାନୀୟ ଉଦାହରଣ ମାଧ୍ୟମରେ, ଶକ୍ତି କିପରି ଗତିଶୀଳ ଓ ଆଲୋକ ପ୍ରଦାନ କରିବାକୁ ସକ୍ଷମ କରାଏ; ସୂତା କିପରି କପଡ଼ାରେ ପରିଣତ ହୁଏ, ଜିନିଷଗୁଡ଼ିକ କାହିଁକି ପୁନଃ ବ୍ୟବହାର କରାଯାଏ ଏବଂ ସ୍ୱଚ୍ଛ ଶକ୍ତି କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଶିକ୍ଷାର୍ଥୀମାନେ ଅବଗତ ହେବେ । ଏହା ସେମାନଙ୍କୁ ସେମାନଙ୍କ ଘର ଓ ପରିବେଶରେ ପରିଚିତ ଜିନିଷଗୁଡ଼ିକ ପଛରେ ଥିବା ଅଦୃଶ୍ୟ ପ୍ରକ୍ରିୟାଗୁଡ଼ିକୁ ଦେଖିବାରେ ସାହାଯ୍ୟ କରେ ।



## ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକଟି ଦୁଇଟି ପାଠକୁ ନେଇ ଗଠିତ : ପାଠ-୭ "ଶକ୍ତି ଓ କାର୍ଯ୍ୟ" ଏବଂ ପାଠ-୮ "ପୋଷାକ ପ୍ରସ୍ତୁତି" ।

### ପାଠ-୭ : ଶକ୍ତି ଓ କାର୍ଯ୍ୟ

- ଏହି ପାଠଟି ଶିକ୍ଷାର୍ଥୀମାନଙ୍କର ଦୈନନ୍ଦିନ ଅଭିଜ୍ଞତା ସହିତ ଯୋଡ଼ି ସେମାନଙ୍କୁ ଶକ୍ତିର ଧାରଣା ସହିତ ପରିଚିତ କରାଏ । ସେମାନେ ଘରେ ଏବଂ ସମାଜରେ ବ୍ୟବହୃତ ଶକ୍ତିର ବିଭିନ୍ନ ରୂପ ବିଷୟରେ ଶିଖିବେ । ଶିକ୍ଷାର୍ଥୀମାନେ ସରଳ କାର୍ଯ୍ୟ ଓ ଉଦାହରଣ ମାଧ୍ୟମରେ ଶକ୍ତିଦ୍ୱାରା କିପରି କାର୍ଯ୍ୟ କରାଯାଏ ଏବଂ ସ୍ୱଚ୍ଛ ଓ ସ୍ୱଳ୍ପ ଶକ୍ତି ବ୍ୟବହାରରେ ଅଧିକ କାର୍ଯ୍ୟ କରିବାର ଗୁରୁତ୍ୱ ବିଷୟରେ ଅନୁସନ୍ଧାନ କରିବେ । ସରଳ କାର୍ଯ୍ୟ ଦ୍ୱାରା ଶିକ୍ଷାର୍ଥୀମାନେ ଶକ୍ତି ଓ ଏହାର ସମ୍ଭାବ୍ୟ ବ୍ୟବହାର ବିଷୟରେ ଶିକ୍ଷା କରିବାକୁ ସକ୍ଷମ ହେବେ ।

### ପାଠ-୮ : ପୋଷାକ ପ୍ରସ୍ତୁତି

- ପକ୍ଷୀମାନେ ପ୍ରାକୃତିକ ଉପାୟରେ ବସା ତିଆରି କରିବାଠାରୁ ଆରମ୍ଭ କରି ମନୁଷ୍ୟ ସୂତା କାଟିବା, ବୁଣିବା ଏବଂ ସିଲେଇ କାର୍ଯ୍ୟଦ୍ୱାରା ପୋଷାକ ପ୍ରସ୍ତୁତ ହୋଇଥାଏ ବୋଲି ଶିଖିବେ । ସମଗ୍ର ଭାରତର କାରିଗରୀ କାର୍ଯ୍ୟ ଦେଖି ଏବଂ କାହାଣୀ ମାଧ୍ୟମରେ ଶିକ୍ଷାର୍ଥୀମାନେ ସୂତାରୁ କିପରି କପଡ଼ା ହୁଏ, ହସ୍ତତନ୍ତ ଏବଂ କାରୁକାର୍ଯ୍ୟ ଭଳି ସ୍ଥାନୀୟ ପରମ୍ପରା ବିଷୟରେ ଅବଗତ ହେବେ । ଦୈନନ୍ଦିନ ସାମଗ୍ରୀର ପୁନଃ ବ୍ୟବହାର, ପୁନଃଚକ୍ରଣ ଏବଂ ସୃଜନଶୀଳତାର ଉପାୟଗୁଡ଼ିକର ଗୁରୁତ୍ୱକୁ ଜାଣିବେ ।





### ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତା

- ଶିକ୍ଷକମାନେ ଏହି ପାଠ ମାଧ୍ୟମରେ ଦୈନନ୍ଦିନ ଜୀବନରେ ବ୍ୟବହୃତ ସାମଗ୍ରୀ ଯଥା- ପୋଷାକ, ପଙ୍ଖା କିମ୍ବା ଚୁଲା ଇତ୍ୟାଦିର ନିର୍ମାଣ, କାର୍ଯ୍ୟ ଓ ଶକ୍ତି ସମ୍ବନ୍ଧୀୟ ବୃହତ୍ତର ଧାରଣା ସହିତ ସମ୍ପର୍କିତ କରାଇବେ ।
- ଘରେ ବା ସମାଜରେ କିପରି ଲୋକମାନେ ରୋଷେଇ କରନ୍ତି, ଜିନିଷଗୁଡ଼ିକୁ ଗରମ ବା ଥଣ୍ଡା ରଖନ୍ତି, ସିଲେଇ କରି ବସ୍ତ୍ରକୁ ପୁନଃ ବ୍ୟବହାର କରନ୍ତି- ଏସବୁକୁ ନିରୀକ୍ଷଣ କରି ଲିପିବଦ୍ଧ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବେ ।
- ଶିକ୍ଷାର୍ଥୀମାନେ ତାଙ୍କ ପରିବାର, ପଡ଼ୋଶୀ ଏବଂ ନିଜ ଅଞ୍ଚଳର ବସ୍ତ୍ର ବୁଣିବା, ସିଲେଇ କରିବା ଓ ଶକ୍ତି ବ୍ୟବହାର କରିବାର ସ୍ଥାନୀୟ ଜ୍ଞାନ କୌଶଳ ସହିତ ପରିଚିତ ହେବେ ।
- ଭୌଗୋଳିକ ସ୍ଥିତି, ପରମ୍ପରା ଏବଂ ସମ୍ବଳର ଉପଲବ୍ଧତା ଆଧାରରେ ସ୍ଥାନୀୟ ବିବିଧତାକୁ ଦୃଷ୍ଟିରେ ରଖି ବିଭିନ୍ନ ଅଞ୍ଚଳର ଲୋକମାନେ କାହିଁକି ବିଭିନ୍ନ ପୋଷାକ ପିନ୍ଧନ୍ତି ଏବଂ ବିଭିନ୍ନ ପ୍ରକାର ଇନ୍ଧନ ବ୍ୟବହାର କରନ୍ତି ତାହା ଅନୁସନ୍ଧାନ କରାଇବେ ।
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଚତୁଃପାର୍ଶ୍ୱ ଯଥା : ବିଦ୍ୟାଳୟ ଓ ସମାଜରେ ଦୈନନ୍ଦିନ ହେଉଥିବା କାର୍ଯ୍ୟ ଓ କୌଶଳଗୁଡ଼ିକୁ ଭାରତର ପ୍ରେରଣା ଦାୟକ କାହାଣୀର ଏକ ଅଂଶ ବୋଲି ଜାଣିବାକୁ ଉତ୍ସାହିତ କରିବେ ।



# ୭ ଶକ୍ତି ଓ କାର୍ଯ୍ୟ

## 'ଶକ୍ତି' କହିଲେ କ'ଣ ବୁଝ ?

ରୋଷେଇ ଘରେ ଆମେ ବିଭିନ୍ନ ପ୍ରକାରର କାର୍ଯ୍ୟ କଳାପ ଦେଖିପାରିବା ।



ଆସ କିଛି ସମୟ ପାଇଁ ରୋଷେଇ ଘର କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା । ତୁମର ପର୍ଯ୍ୟବେକ୍ଷଣ ଗୁଡ଼ିକୁ ଏବଂ ତୁମ ମନରେ ଆସୁଥିବା ପ୍ରଶ୍ନଗୁଡ଼ିକୁ ନିମ୍ନରେ ଦିଆଯାଇଥିବା ସାରଣୀରେ ଲେଖ ।

| ମୁଁ ଦେଖୁଛି | ମୁଁ ଆଶ୍ଚର୍ଯ୍ୟ ହେଉଛି |
|---|---|
| ଖାଦ୍ୟ ରନ୍ଧା ହୋଇଛି | ଏହା କିପରି ରନ୍ଧା ହୋଇଛି । |
| | |
| | |
| | |

ସେହିପରି ଆମେ ପ୍ରକୃତିରେ ଓ ସମାଜରେ ବିଭିନ୍ନ ପ୍ରକାର କାର୍ଯ୍ୟ ହେଉଥିବାର ଦେଖୁ । ତୁମ ପର୍ଯ୍ୟବେକ୍ଷଣରୁ ଲକ୍ଷ୍ୟ କରିଥିବା ଅତି କମରେ ତିନୋଟି ଜିନିଷ ଲେଖ ।

- ଗତି କରିବା

  ___________________________

- ଆଲୋକ ପ୍ରଦାନ କରିବା

  ___________________________

- ଏକ ଧ୍ୱନି ସୃଷ୍ଟି କରିବା

  ___________________________

- ବସ୍ତୁକୁ ଥଣ୍ଡା କରିବା

  ___________________________

- ବସ୍ତୁକୁ ଗରମ କରିବା

  ___________________________

## ଆଲୋଚନା କର

ବସ୍ତୁଗୁଡ଼ିକୁ ଗତିଶୀଳ, ଆଲୋକିତ, ଶବ୍ଦ ଉତ୍ପନ୍ନ ଏବଂ ଗରମ ବା ଥଣ୍ଡା କରିବାରେ କିଏ ସାହାଯ୍ୟ କରିଥାଏ ?

ତୁମେ ଜାଣ, ସୂର୍ଯ୍ୟ ଆମକୁ ଆଲୋକ ଓ ଉତ୍ତାପ ଦିଅନ୍ତି । ଆମ ଚାରିପାଖେ ବସ୍ତୁଗୁଡ଼ିକ ଗତିଶୀଳ, ଆଲୋକିତ, ଶବ୍ଦ ସୃଷ୍ଟି ଏବଂ ଗରମ ବା ଥଣ୍ଡା ହୋଇଥାଏ । ଏସବୁ କାହାଦ୍ୱାରା ହୋଇଥାଏ ଜାଣିଛ କି ? ଆମେ ଏହାକୁ "ଶକ୍ତି" କହିଥାଉ ।

ଶକ୍ତି ବସ୍ତୁଗୁଡ଼ିକୁ ଗତିଶୀଳ, ଆଲୋକିତ, ଶବ୍ଦ ସୃଷ୍ଟି କରାଇବାରେ ତଥା ଏଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବାରେ ଏବଂ ତାପମାତ୍ରା ପରିବର୍ତ୍ତନ କରାଇବାରେ ସାହାଯ୍ୟ କରାଏ ।

ପ୍ରତିଦିନ ଆମେ ବିଭିନ୍ନ ଉପାୟରେ ଶକ୍ତି ବ୍ୟବହାର କରୁ ଯଥା:– ବସ୍ତୁଗୁଡ଼ିକୁ ଗତିଶୀଳ କରିବା, ଶବ୍ଦ ସୃଷ୍ଟି କରିବା କିମ୍ବା ବେଳେବେଳେ ଅଜଣାତରେ ମଧ୍ୟ କିଛି କାର୍ଯ୍ୟ କରିଥାଉ ।

DRAFT





ସରଳ ଏବଂ ମଜାଦାର କାର୍ଯ୍ୟ ମାଧ୍ୟମରେ ଶକ୍ତି କିପରି କାର୍ଯ୍ୟ କରେ ଆସ ଶିଖିବା ।

## କାର୍ଯ୍ୟ-୧


୧. ଗୋଟିଏ ବେଲୁନ୍‌କୁ ବାୟୁପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଫୁଙ୍କ ।

୨. ଏହାର ମୁହଁକୁ ଜୋର୍‌ରେ ଧରି ରଖ ।

୩. ତା'ପରେ ବେଲୁନ୍‌ର ମୁହଁକୁ ଛାଡ଼ିଦିଅ ଏବଂ କ'ଣ ଘଟୁଛି ତାହା ଦେଖ ।

ଯେତେବେଳେ ବେଲୁନ୍‌ର ବାୟୁ ବାହାରକୁ ବାହାରି ଯାଏ, ଏହା ବେଲୁନ୍‌କୁ ଆଗକୁ ଠେଲିଦିଏ । ଏହିପରି ବାୟୁ ଗତିଶୀଳ ହୋଇ ଶକ୍ତି ସୃଷ୍ଟି କରେ ।

**ଅତିରିକ୍ତ କାର୍ଯ୍ୟ: ବେଲୁନ୍ ରକେଟ୍**



୧. ଏକ ବେଲୁନ୍‌କୁ ଫୁଙ୍କି ବାୟୁପୂର୍ଣ୍ଣ କର । ଏହାର ମୁହଁକୁ ସୂତା ଦ୍ୱାରା ବାନ୍ଧି ଦିଅ ।

୨. ଏହାକୁ ଅଠା ବା ସେଲୋଟେପ୍ ସାହାଯ୍ୟରେ ଏକ ଷ୍ଟ୍ର ସହିତ ଯୋଡ଼ । ଷ୍ଟ୍ର ମଧ୍ୟ ଦେଇ ଏକ ସୂତା ପୁରାଇ ସୂତାର ଦୁଇପାର୍ଶ୍ୱକୁ ଚିତ୍ରରେ ଦର୍ଶାଯାଇଥିବା ପରି ବାନ୍ଧି ଦିଅ । ଏବେ ବେଲୁନ୍ ମୁହଁକୁ ଖୋଲିଦିଅ ଏବଂ ବେଲୁନ୍‌ର ଗତିକୁ ଲକ୍ଷ୍ୟ କର ।


## ଚିନ୍ତା କର

ଖେଳଣାର ଗତି ଦ୍ରୁତ କିମ୍ବା ଧୀର କରିବା ପାଇଁ ତୁମେମାନେ ଏଥିରେ କି ପରିବର୍ତ୍ତନ କରିବ ?



## କାର୍ଯ୍ୟ-୨

### ରବରବ୍ୟାଣ୍ଡ୍ ଗିଟାର



୧. ଏକ କାର୍ଡ୍‌ବୋର୍ଡ୍ ବାକ୍ସ ଉପରେ ଏକ ଛିଦ୍ର କର ।

୨. ବାକ୍ସ ଚାରିପାଖରେ ଏବଂ ଛିଦ୍ର ମଧ୍ୟ ଦେଇ ରବର ବ୍ୟାଣ୍ଡ୍ ଚିତ୍ରରେ ପ୍ରଦର୍ଶିତ ହେଲାଭଳି ବାନ୍ଧି ଦିଅ ।

୩. ରବର ବ୍ୟାଣ୍ଡ୍ ଉଠାଇ ରଖିବା ପାଇଁ ଗୋଟିଏ ପାର୍ଶ୍ୱରେ ରବର ବ୍ୟାଣ୍ଡ୍ ତଳେ ଏକ ପେନ୍‌ସିଲ୍ ରଖ ।

୪. ବ୍ୟାଣ୍ଡଗୁଡ଼ିକୁ ଟାଣି ଛାଡ଼ି ଦିଅ ଏବଂ ସୃଷ୍ଟି ହେଉଥିବା ଶବ୍ଦକୁ ଶୁଣ ।

ରବର ବ୍ୟାଣ୍ଡ୍‌ଗୁଡ଼ିକୁ ଟାଣିକି ଛାଡ଼ିବା ଦ୍ୱାରା କମ୍ପନ ହୁଏ ଏବଂ ଶବ୍ଦ ସୃଷ୍ଟି ହୁଏ । ଏହାକୁ "ଶବ୍ଦ ଶକ୍ତି" କୁହାଯାଏ ।

## ଚିନ୍ତା କର

ଯଦି ପତଳା ବା ମୋଟା ରବର ବ୍ୟାଣ୍ଡ୍ ତୁମେ ବ୍ୟବହାର କର ତେବେ କ'ଣ ହେବ ? ଭିନ୍ନ ଭିନ୍ନ ଶବ୍ଦ ସୃଷ୍ଟି ହେବ କି ?

## କାର୍ଯ୍ୟ-୩

### ସୌର ଶକ୍ତି ଦ୍ୱାରା ଉତପ୍ତ ଜଳ



୧. ଦୁଇଟି କପ୍ ନେଇ ଜଳପୂର୍ଣ୍ଣ କର ।

୨. ଏଥିରୁ ଗୋଟିଏ କପ୍ ସୂର୍ଯ୍ୟାଲୋକରେ ଏବଂ ଅନ୍ୟଟିକୁ ଛାଇରେ ରଖ ।

୩. ୧୫ରୁ ୨୦ ମିନିଟ୍ ଅପେକ୍ଷା କର ଏବଂ ପରେ କପ୍ ଦୁଇଟିରେ ଥିବା ଜଳକୁ ସ୍ପର୍ଶ କର । ତୁମେ କ'ଣ ଅନୁଭବ କରୁଛ ?



ସୂର୍ଯ୍ୟାଲୋକରେ ରହିଥିବା ଜଳ ସୂର୍ଯ୍ୟତାପ ଦ୍ୱାରା ଗରମ ହୋଇଥାଏ । ଏହା ଦର୍ଶାଏ ଯେ, ସୂର୍ଯ୍ୟାଲୋକ କିପରି ତାପଶକ୍ତି ଦିଏ ।

## ତୁମେ ଜାଣିଛ କି ?



ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଲଦାଖର କିଛି ସ୍ଥାନରେ ଲୋକମାନେ ପ୍ରାୟତଃ ସେମାନଙ୍କ ଘରର ତଳ ମହଲାରେ ଗାଇଗୋରୁମାନଙ୍କୁ ରଖନ୍ତି ଏବଂ ଉପର ମହଲାରେ ପରିବାର ସହ ରୁହନ୍ତି ।

ଶୀତଦିନେ ପଶୁମାନଙ୍କ ଶରୀରରୁ ଉତ୍ପନ୍ନ ଉତ୍ତାପ କୋଠରୀଗୁଡ଼ିକୁ ଉଷ୍ମ ରଖିବାରେ ସାହାଯ୍ୟ କରେ ।

ଅତିରିକ୍ତ ଜାଳେଣୀ କିମ୍ବା ବିଦ୍ୟୁତ୍ ବ୍ୟବହାର ନକରି ଥଣ୍ଡା ଅଞ୍ଚଳରେ ଉଷ୍ମ ରହିବାର ଏହା ଏକ ସୁନ୍ଦର ଉପାୟ ।

## ଶକ୍ତିର ଉତ୍ସ

ଶିକ୍ଷକ ଶ୍ରେଣୀରେ ପଚାରିଲେ "ତୁମେ ସମସ୍ତେ ଆଜି ସକାଳେ ଜଳଖିଆ ଖାଇଛ କି ? ସମସ୍ତେ ଉତ୍ତର ଦେଲେ 'ହଁ' ।

ତା'ପରେ ଶିକ୍ଷକ କହିଲେ, "ଆସ ଏକ କାର୍ଯ୍ୟ କରିବା- ଠିଆ ହୁଅ ଏବଂ ତୁମର ହାତ ପ୍ରସାରିତ କର ।" ଏବେ ଡିଆଁ ଓ ଦୌଡ଼ । ତୁମେ କିପରି ଦୌଡ଼ିବାକୁ ସକ୍ଷମ ହେଲ ? - ସେ ପ୍ରଶ୍ନ କଲେ । ସମସ୍ତ ଶିକ୍ଷାର୍ଥୀ ଉତ୍ତର ଦେଲେ, "ଶକ୍ତି ଯୋଗୁ ଆମେ ଦୌଡ଼ିବାକୁ ଓ କାମ କରିବାକୁ ସକ୍ଷମ ହେଲୁ ।

ଶିକ୍ଷକ ପୁଣି ପଚାରିଲେ, "ତୁମେ ଭୋକିଲା ଥିଲାବେଳେ କିପରି ଅନୁଭବ କର ? ଯେତେବେଳେ ଆମେ ଖାଦ୍ୟ ଖାଇ ନ ଥାଉ କ୍ଳାନ୍ତ ଅନୁଭବ କରୁ । ଯେତେବେଳେ ଆମେ ଖାଇଥାଉ, ସକ୍ରିୟ ଅନୁଭବ କରୁ ଏବଂ ଖେଳିବାକୁ ସକ୍ଷମ ହୋଇଥାଉ । ଏହାର କାରଣ କ'ଣ ହୋଇପାରେ ବୋଲି ତୁମେ ଭାବୁଛ ? କାରଣ ଆମେ ଖାଉଥିବା ଖାଦ୍ୟ ଆମକୁ ଆବଶ୍ୟକ ଶକ୍ତି ପ୍ରଦାନ କରେ ।"

## ତୁମେ ଜାଣିଛ କି ?

ଆମେ ବସିବା, ଶୋଇବା କିମ୍ବା ଚିନ୍ତା କରିବା ସମୟରେ ମଧ୍ୟ ଆମ ମସ୍ତିଷ୍କ ଶକ୍ତି ଆବଶ୍ୟକ କରେ ।

ଏବେ, ଆସ ପ୍ରାଣୀମାନଙ୍କ ବିଷୟରେ ଚିନ୍ତା କରିବା । କୁକୁର ଦୌଡ଼େ, ପକ୍ଷୀ ଉଡ଼େ... । ଆମ ପରି ପ୍ରାଣୀମାନେ ମଧ୍ୟ ଗତି କରିବା, ଉଡ଼ିବା, ପହଁରିବା, ଦୌଡ଼ିବା, ଖାଦ୍ୟ ଖୋଜିବା ଏବଂ ନିଜକୁ ସୁରକ୍ଷା ଦେବାପାଇଁ ଶକ୍ତି ଆବଶ୍ୟକ କରନ୍ତି ।

କିନ୍ତୁ ସେମାନେ ଏହି ଶକ୍ତି କେଉଁଠାରୁ ପାଆନ୍ତି ? ସେମାନେ ମଧ୍ୟ ଖାଦ୍ୟରୁ ଶକ୍ତି ପାଆନ୍ତି । ଖାଦ୍ୟ ସମସ୍ତ ଜୀବଙ୍କ ପାଇଁ ଶକ୍ତିର ଉତ୍ସ ।

## ଇନ୍ଧନ ଶକ୍ତି ।

ବ୍ୟସ୍ତବହୁଳ ରାସ୍ତାରେ ଆମେ ଯାନବାହନ ଚଳାଚଳ କରୁଥିବାର ଦେଖୁ ।

### ଚିନ୍ତା କର

କାର୍ ଏବଂ ସ୍କୁଟରଗୁଡ଼ିକ ଗତି କରିବା ପାଇଁ କ'ଣ ଆବଶ୍ୟକ ?



ଆମ ପାଇଁ ଖାଦ୍ୟପରି ଯାନବାହନ ପାଇଁ ପେଟ୍ରୋଲ, ଡିଜେଲ ଭଳି ଇନ୍ଧନ, ଶକ୍ତିର ଉତ୍ସ ।

### ଲେଖ

ତୁମ ଘରେ ଖାଦ୍ୟ କିପରି ରନ୍ଧା ହୁଏ ?

---

କେରଳର କୋଚିନ ଆନ୍ତର୍ଜାତୀୟ ବିମାନ ବନ୍ଦର ହେଉଛି ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସୌରଶକ୍ତି ଦ୍ୱାରା ପରିଚାଳିତ ବିମାନ ବନ୍ଦର ।




ଆମେ ମଧ୍ୟ ଆମ ଘରେ ଇନ୍ଧନ ବ୍ୟବହାର କରୁ । ରୋଷେଇ ପାଇଁ ବ୍ୟବହୃତ ଗ୍ୟାସ୍, ଏକ ଇନ୍ଧନ । କେତେକ ସ୍ଥାନରେ ଲୋକମାନେ ଖାଦ୍ୟ ରାନ୍ଧିବା ପାଇଁ କାଠ କିମ୍ବା କୋଇଲା ବ୍ୟବହାର କରନ୍ତି । କିନ୍ତୁ କାଠ ବା କୋଇଲା ଜାଳିବା ଦ୍ୱାରା ଧୂଆଁ ସୃଷ୍ଟି ହୋଇ ପ୍ରଦୂଷଣ ହୁଏ । ତେଣୁ ଆମେ ସତର୍କତାର ସହିତ ଏହାକୁ ବ୍ୟବହାର କରିବାକୁ ପଡ଼ିବ ।

## ଆଲୋଚନା କର

୧. ଘରେ ରୋଷେଇ ପାଇଁ କେଉଁ ପ୍ରକାର ଇନ୍ଧନ ବ୍ୟବହାର କରାଯାଏ ?

୨. କାଠ ଏବଂ କୋଇଲାର ଅତ୍ୟଧିକ ବ୍ୟବହାର ଯୋଗୁ କେଉଁ ସମସ୍ୟା ଦେଖାଯାଏ ?

## କାର୍ଯ୍ୟ-୪

### ଇନ୍ଧନ କିପରି କାର୍ଯ୍ୟ କରେ ଆସ ବୁଝିବା

୧. ଗୋଟିଏ ସମତଳ ପୃଷ୍ଠରେ ଦୁଇଟି ଦୀପ ରଖ ।

୨. ଗୋଟିଏ ଦୀପରେ ତେଲ ନ ରଖି ତୁଳା ସଳିତାଟିଏ ରଖ, ଅନ୍ୟ ଦୀପଟିରେ ତେଲ ସହିତ ତୁଳା ସଳିତାଟିଏ ରଖ ।

୩. ଉଭୟ ଦୀପର ସଳିତାକୁ ଜଳାଅ । (ବୟସ୍କଙ୍କ ସହାୟତା ନେଇ)

୪. ଜଳୁଥିବା ଦୀପ ଦୁଇଟିରେ କ'ଣ ଘଟୁଛି ଦେଖ ।

(କ) କେଉଁ ଦୀପ ଅଧିକ ସମୟ ଜଳିଲା ? କାହିଁକି ?

(ଖ) ଏଠାରେ କେଉଁଟି ଇନ୍ଧନ ଭାବରେ କାର୍ଯ୍ୟ କରୁଛି ?

DRAFT

ତେଲ ହେଉଛି ଇନ୍ଧନ । ଆମେ ଆମର ଦୈନନ୍ଦିନ ଜୀବନରେ ରୋଷେଇ କରିବା, ଦୀପ ଜାଳିବା ଓ ଯାନବାହନ ଚଳାଇବା ଭଳି ଅନେକ କାର୍ଯ୍ୟ ପାଇଁ ବିଭିନ୍ନ ପ୍ରକାର ଇନ୍ଧନ ବ୍ୟବହାର କରୁ ।

## ବିଦ୍ୟୁତ୍ ଶକ୍ତି

ତୁମ ଘରେ କେଉଁ ଜିନିଷଗୁଡ଼ିକ କାର୍ଯ୍ୟ କରିବାପାଇଁ ବିଦ୍ୟୁତ ଶକ୍ତି ଆବଶ୍ୟକ ହୁଏ ?

ପୂର୍ବେ ଭାରତର ପାରମ୍ପରିକ ଘରଗୁଡ଼ିକରେ ଛୋଟ ଝରକା ଏବଂ ମୋଟା କାନ୍ଥ ଥିଲା । ଏହା ଗ୍ରୀଷ୍ମ ଋତୁରେ ଘରକୁ ଥଣ୍ଡା ଓ ଶୀତ ଋତୁରେ ଉଷ୍ମ ରଖୁଥିଲା ।

### କାର୍ଯ୍ୟ-୫

ତୁମ ଘର କିମ୍ବା ଶ୍ରେଣୀଗୃହ ଚାରିପଟେ ବୁଲି ବିଦ୍ୟୁତ୍ ଶକ୍ତି ଦ୍ୱାରା କାର୍ଯ୍ୟ କରୁଥିବା ପାଞ୍ଚଟି ଉପକରଣ ଚିହ୍ନଟ କର । ନିମ୍ନଲିଖିତ ସାରଣୀ ପୂରଣ କର ।

| କ୍ର.ନଂ. | ଉପକରଣ | ଏହା କ'ଣ କରେ | ଏହା କ'ଣ ଆବଶ୍ୟକ କରେ ?<br>ଆଲୋକ/ଶବ୍ଦ/ତାପ/ଗତି/<br>ଶୀତଳୀକରଣ/ଅନ୍ୟାନ୍ୟ |
|---|---|---|---|
| ୧. | ପଙ୍ଖା | ପବନ ବହେ | ଗତି |
| ୨. | | | |
| ୩. | | | |
| ୪. | | | |
| ୫. | | | |
| ୬. | | | |

DRAFT

ଉପରୋକ୍ତ ଉଦାହରଣଗୁଡ଼ିକରୁ, ତୁମେ ଲକ୍ଷ୍ୟ କରିଛ କି ଗତିକରିବା ଏବଂ ଶବ୍ଦ, ଆଲୋକ ଓ ଉତ୍ତାପ ଉତ୍ପନ୍ନ ପାଇଁ ବିଦ୍ୟୁତ୍ ଶକ୍ତି ବ୍ୟବହାର କରାଯାଇପାରିବ ?

## ଚିନ୍ତା କର

ଯଦି ବିଦ୍ୟୁତଶକ୍ତି ଆଦୌ ନଥାନ୍ତା, ତେବେ ତୁମର ଦିନଗୁଡ଼ିକ କିପରି କଟୁଥାନ୍ତା ? ବିଦ୍ୟୁତ ଶକ୍ତି ଯୋଗୁଁ ଆମର ଜୀବନଶୈଳୀ ବହୁତ ସହଜ ହୋଇଗଲାଣି । କେବଳ ଆମର ଘର ଏବଂ ବିଦ୍ୟାଳୟ ନୁହେଁ ଅନେକ ଶିଳ୍ପ କାରଖାନା ମଧ୍ୟ ଯନ୍ତ୍ରପାତି ଚଳାଇବା ପାଇଁ ବିଦ୍ୟୁତ୍‌ଶକ୍ତି ଆବଶ୍ୟକ କରନ୍ତି । ଏହା ଆମେ ଆବଶ୍ୟକ କରୁଥିବା ଅନେକ ଜିନିଷ ଉତ୍ପାଦନ କରିବାରେ ସାହାଯ୍ୟ କରେ । ଯଥା:- ପୋଷାକ, ଖେଳଣା, ପୁସ୍ତକ, ଖାଦ୍ୟ ଏବଂ ଏପରିକି ସ୍କୁଟର, କାର୍ ଇତ୍ୟାଦି ।

ବିଦ୍ୟୁତ୍ ଶକ୍ତି ବହୁତ ଉପଯୋଗୀ । ଯଦି ଏହାକୁ ସତର୍କତାର ସହ ବ୍ୟବହାର କରା ନଯାଏ ତେବେ ଏହା ମଧ୍ୟ ବିପଦଜନକ ହୋଇପାରେ ।

### ତୁମେ ଜାଣିଛ କି ?

ଶକ୍ତିର ଦକ୍ଷତା ବୃଦ୍ଧି ଅର୍ଥ ହେଉଛି ସମାନ କାମ କରିବାପାଇଁ କମ୍ ଶକ୍ତି ବ୍ୟବହାର କରିବା । ଏହା ସମ୍ବଳ ସଂରକ୍ଷଣ କରିବାରେ ଏବଂ ଅପଚୟ ହ୍ରାସ କରିବାରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ ପୂର୍ବେ ବ୍ୟବହୃତ ହେଉଥିବା ବିଦ୍ୟୁତ୍ ବଲ୍‌ବ ବଦଳରେ ଏଲ.ଇ.ଡି. (LED) ବଲ୍‌ବ୍ ବ୍ୟବହାର କରିବା ଦ୍ୱାରା କମ୍ ବିଦ୍ୟୁତ୍ ଶକ୍ତି ବ୍ୟବହୃତ ହୋଇ ସମାନ ପରିମାଣର ଆଲୋକ ମିଳିଥାଏ ।

ପ୍ରଥମେ ସୁରକ୍ଷା

### ବିଦ୍ୟୁତ୍ ଶକ୍ତିର ନିରାପଦ ବ୍ୟବହାର

- ବିଦ୍ୟୁତ ସଂଯୋଗ ହୋଇଥିବା ସମୟରେ ବୈଦ୍ୟୁତିକ ଉପକରଣଗୁଡ଼ିକର ତାର କିମ୍ବା ଅଂଶଗୁଡ଼ିକୁ ସ୍ପର୍ଶ କର ନାହିଁ ।
- ବୈଦ୍ୟୁତିକ ସକେଟ୍‌ରେ ତୁମ ଆଙ୍ଗୁଠି, କଲମ କିମ୍ବା କାଠି ଭଳି ଅନ୍ୟ ଜିନିଷ ପୂରାଅ ନାହିଁ ।
- ଯଦି ତୁମେ ଛିଣ୍ଡିଯାଇଥିବା ବିଦ୍ୟୁତ ତାର କିମ୍ବା ଉପୁଡ଼ି ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଦେଖ ତେବେ ସେଗୁଡ଼ିକଠାରୁ ଦୂରେଇ ରୁହ ଏବଂ ତୁରନ୍ତ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଏ ବିଷୟରେ ଜଣାଅ ।
- ବୈଦ୍ୟୁତିକ ବାକ୍ସ ଓ ଟ୍ରାନ୍ସଫର୍ମର୍ ପାଖରେ ଖେଳ ନାହିଁ ।
- ଯଦି ବିଦ୍ୟୁତ୍ ସଂଯୋଗରେ କିଛି ତ୍ରୁଟି ବା ବିପଦ ଥିବ, ଏହାକୁ ନିଜେ ନ ସଜାଡ଼ି ସର୍ବଦା ଜଣେ ବୟସ୍କଙ୍କ ସହାୟତା ନିଅ ।

ଆମେ ବ୍ୟବହାର କରୁଥିବା ଅଧିକାଂଶ ବିଦ୍ୟୁତ୍ ଶକ୍ତି କୋଇଲା ଭଳି ଇନ୍ଧନ ଜଳିବାରୁ ମିଳିଥାଏ । କୋଇଲା ଜଳିବା ଦ୍ୱାରା ପ୍ରଚୁର ଧୂଆଁ ଏବଂ କ୍ଷତିକାରକ ଗ୍ୟାସ୍ ସୃଷ୍ଟି ହୋଇ ବାୟୁ ପ୍ରଦୂଷଣ କରାଏ । ଏହି ପ୍ରଦୂଷିତ ବାୟୁ ଆମ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ କ୍ଷତିକାରକ ।

ଆମେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଦୂଷଣ ସୃଷ୍ଟି କରୁନଥିବା ଅନ୍ୟାନ୍ୟ ଉତ୍ସ ମଧ୍ୟ ବ୍ୟବହାର କରିପାରିବା ।

ଏହି ଉତ୍ସଗୁଡ଼ିକର ନାମ କହିପାରିବ କି ?

## ସୂର୍ଯ୍ୟ, ପବନ ଏବଂ ଜଳରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ

ପାହାଡ଼ିଆ ଅଞ୍ଚଳରେ ଶସ୍ୟ ପେଷିବା ପାଇଁ ଘରାଟ ନାମକ ପାଣିକଳ ବ୍ୟବହାର କରାଯାଏ ।

### ଚିନ୍ତା କର

ସୂର୍ଯ୍ୟକିରଣରେ ଗୋଟିଏ ଛୋଟ ଓଦା କପଡ଼ା ରଖ । ଛାଇରେ ଆଉ ଏକ ଓଦା କପଡ଼ା ରଖ । କେଉଁଟି ପ୍ରଥମେ ଶୁଖିଯିବ ବୋଲି ତୁମେ ଭାବୁଛ ? କାହିଁକି ?

ଆସ, ଆଉ କେତେକ ଉଦାହରଣ ଦେଖିବା । ନିମ୍ନଲିଖିତ କାର୍ଯ୍ୟ ପାଇଁ ତୁମେ ତୁମ ଶିକ୍ଷକ ବା ବୟସ୍କଙ୍କ ସାହାଯ୍ୟ ନେଇପାରିବ ।

### କାର୍ଯ୍ୟ-୬

**କାଗଜ ଚକ୍ରି (Pinwheel)**



୧. ଏକ ବର୍ଗାକୃତି କାଗଜ ନିଅ ।

୨. ସ୍କେଲ୍ ସାହାଯ୍ୟରେ ଏହାର ଦୁଇଟି କର୍ଣ୍ଣ ଅଙ୍କନ କର ।

୩. ଏବେ ତୁମେ ଚାରୋଟି ସମାନ ଅଂଶ ପାଇଲ ।

୪. ଚିତ୍ରରେ ଦେଖାଯାଇଥିବା ଭଳି ଚାରିଗାରରେ ଅଧା ଲେଖାଏଁ କାଟ ।

୫. ପ୍ରତି କୋଣକୁ ମୋଡ଼ ଏବଂ ଚିତ୍ରରେ ଦେଖାଯାଇଥିବା ପରି ଏକ କାଠିକୁ ପିନ୍ ଦ୍ୱାରା ଏହାର ମଝି ଅଂଶ ସହ ସଂଯୋଗ କର ।

୬. ଏବେ ତୁମର ଚକ୍ରିକୁ ପବନରେ ଧରି ରଖ । ଯଦି ପବନ ନଥାଏ ତେବେ ତାକୁ ଉପରକୁ ଧରି ଦୌଡ଼ ।

ତୁମ କାଗଜ ଚକ୍ରିର କ'ଣ ପରିବର୍ତ୍ତନ ହେଉଛି ଲକ୍ଷ୍ୟ କର ।

## କାର୍ଯ୍ୟ-୭

### କେନ୍ଦ୍ରୀଭୂତ ସୂର୍ଯ୍ୟକିରଣ

୧. ଗୋଟିଏ କାଗଜ ଓ ଗୋଟିଏ ଅଭିବର୍ଦ୍ଧକ କାଚ (ଯବକାଚ) ନିଅ ।

୨. କାଗଜ ଖଣ୍ଡକୁ ସୂର୍ଯ୍ୟାଲୋକରେ ରଖ ଏବଂ ସୂର୍ଯ୍ୟରଶ୍ମିକୁ ଅଭିବର୍ଦ୍ଧକ କାଚ ମଧ୍ୟ ଦେଇ କାଗଜ ଉପରେ କେନ୍ଦ୍ରୀଭୂତ କରାଅ । (ଏହି କାର୍ଯ୍ୟଟି ବୟସ୍କ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ କରାଯିବ ।)

୩. କିଛି ସମୟ ପରେ କାଗଜରେ କି ପରିବର୍ତ୍ତନ ଘଟୁଛି ଲକ୍ଷ୍ୟ କର ।

## କାର୍ଯ୍ୟ-୮

### ଜଳଚକ୍ରି (Water wheel)

୧. ଗୋଟିଏ ଖାଲି କାଗଜ କପ୍ ଓ ପାଞ୍ଚଟି ଚାମଚ ନିଅ ।

୨. କପ୍ ଚାରିପାଖରେ ପାଞ୍ଚଟି ଛିଦ୍ର କରି ଚାମଚଗୁଡ଼ିକୁ ଭର୍ତ୍ତି କର ।

୩. ତା'ପରେ କପ୍‌ର ତଳ ଭାଗଦେଇ (ଚିତ୍ରରେ ଦର୍ଶାଯାଇଥିବା ପରି) ଏକ ପେନ୍‌ସିଲ୍ କିମ୍ବା ଷ୍ଟ୍ର ଭର୍ତ୍ତି କର ।



୪. ଦେଖ ଯେପରି କପ୍‌ଟି ପେନ୍‌ସିଲ୍ ଚାରିପାଖରେ ଚକ୍ରି ପରି ଘୂରୁଛି ।

୫. ଚିତ୍ରରେ ଦେଖାଯାଉଥିବା ପରି ଏକ ପାତ୍ର ଉପରେ ତୁମ ଚକ୍ରିକୁ ସନ୍ତୁଳିତ କରି ରଖ ।

୬. ଏବେ ତୁମ ଚକ୍ରିରେ ଜଳ ଢାଳ ।

୭. ଜଳ, ଚକ୍ରିକୁ ଘୂରାଉଛି କି ?

## ତୁମେ ଜାଣିଛ କି ?

ପ୍ରାଚୀନ କାଳର ଜାହାଜଗୁଡ଼ିକରେ ବଡ଼ ବଡ଼ ପାଲ ଟଣାଯାଉଥିଲା, ଯାହାଫଳରେ ପବନଶକ୍ତି ଦ୍ୱାରା ଏହି ଜାହାଜ ବିଶାଳ ସମୁଦ୍ର ପାରି ହେଉଥିଲା । ବହୁ ପୂର୍ବରୁ ଗୁଜୁରାଟ ଏବଂ ତାମିଲନାଡୁ ଭଳି ସ୍ଥାନରୁ ବ୍ୟବସାୟୀମାନେ ପବନ ଶକ୍ତି ବ୍ୟବହାର କରି ଜାହାଜରେ ଆଫ୍ରିକା, ଆରବ ଏବଂ ଦକ୍ଷିଣ ପୂର୍ବ ଏସିଆକୁ ଯାତ୍ରା କରୁଥିଲେ ।

କାଗଜ ଚକ୍ରି ଘୂରିବା, ସୂର୍ଯ୍ୟକିରଣରେ କାଗଜ ଜଳିବା ଏବଂ ଜଳଚକ୍ରି ଘୂରିବା- ଏ ସମସ୍ତ କାର୍ଯ୍ୟ ଆମକୁ ଦର୍ଶାଏ ଯେ- ପବନ, ସୂର୍ଯ୍ୟ ଏବଂ ଜଳ ହେଉଛି ଶକ୍ତିର ଉତ୍ସ, ଯାହା ଜିନିଷଗୁଡ଼ିକୁ କାର୍ଯ୍ୟକ୍ଷମ କରାଏ ।



## ଚିନ୍ତା କର

ତୁମେ କେବେ ସୂର୍ଯ୍ୟକିରଣରେ ପାମ୍ପଡ଼ ଶୁଖାଇବା ଏବଂ ଓଦା ପୋଷାକ ଶୁଖାଇବାର ଦେଖିଛ କି ?

## ଲେଖ

ତୁମେ ଆହୁରି କେତେକ ଉଦାହରଣ ଭାବି ପାରୁଛ କି ଯେଉଁ କାର୍ଯ୍ୟ ସୂର୍ଯ୍ୟ, ପବନ ଓ ଗତିଶୀଳ ଜଳ ଦ୍ୱାରା ହୋଇଥାଏ ?

________________________________________

________________________________________

ଏହି ଚିତ୍ରଟି ଦର୍ଶାଉଛି ଯେ, ଆମେ କିପରି ସୂର୍ଯ୍ୟ, ପବନ ଏବଂ ପ୍ରବାହିତ ଜଳରୁ ବିନା ବାଧାରେ ଶକ୍ତିକୁ ଆମର ଦୈନନ୍ଦିନ ଜୀବନରେ ବ୍ୟବହାର କରିପାରିବା ।

ସୂର୍ଯ୍ୟ ହେଉଛି ପୃଥିବୀରେ ଜୀବନ ଧାରଣ ପାଇଁ ଶକ୍ତିର ମୁଖ୍ୟ ଉତ୍ସ ।







ସୌର ପ୍ୟାନେଲଗୁଡ଼ିକ ସୂର୍ଯ୍ୟାଲୋକକୁ ଗ୍ରହଣ କରି ବିଦ୍ୟୁତ୍ ଶକ୍ତିରେ ରୂପାନ୍ତରିତ  କରନ୍ତି । ପବନ କଳଗୁଡ଼ିକ ପବନରେ ଘୂରି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରେ । ଦ୍ରୁତ ଗତିରେ ବହିଯାଉଥିବା ନଦୀର ସ୍ରୋତ କିମ୍ବା ଉପରୁ ପଡୁଥିବା ଜଳଧାର ମଧ୍ୟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ବ୍ୟବହାର କରାଯାଏ ।

ପବନ, ଜଳ କିମ୍ବା ସୌରଶକ୍ତି ଭଳି ପ୍ରାକୃତିକ ଶକ୍ତିର ଉତ୍ସ ବ୍ୟବହାର କରି ଉତ୍ପାଦନ କରାଯାଉଥିବା ବିଦ୍ୟୁତ୍ ଶକ୍ତି, ଧୂଆଁ କିମ୍ବା ଆବର୍ଜନା ଦ୍ୱାରା ଆମ ଗ୍ରହକୁ ପ୍ରଦୂଷିତ କରେ ନାହିଁ । ତେଣୁ ଏହାକୁ ସ୍ୱଚ୍ଛ ଶକ୍ତି କୁହାଯାଏ ।

ତୁମେ ଜାଣ କି, ଆମର ଯାନବାହନ ମଧ୍ୟ ବିଦ୍ୟୁତ୍ ଶକ୍ତି ସାହାଯ୍ୟରେ ଚାଲିପାରେ ।



## ଲେଖ

### ଆମ ଚାରିପାଖର ଶକ୍ତି

ଉପରୋକ୍ତ ଚିତ୍ରରେ ଦେଖୁଥିବା କାର୍ଯ୍ୟଗୁଡ଼ିକର ତାଲିକା କରି ନିମ୍ନଲିଖିତ ସାରଣୀ ପୂରଣ କର ।

| କାର୍ଯ୍ୟ | ଶକ୍ତିର ଉତ୍ସ |
|---|---|
| ସ୍କୁଲ୍‌ବ୍ୟାଗ୍ ଧରିଥିବା ଏକ ପିଲା | ଖାଦ୍ୟ |
| | |
| | |
| | |
| | |

DRAFT

## କାର୍ଯ୍ୟ-୯

### ଶକ୍ତି ପ୍ରବାହ ଖେଳ

- ଶକ୍ତି ଉତ୍ସ ଯଥା: ସୂର୍ଯ୍ୟ, ପବନ, ଜଳ, ଖାଦ୍ୟ, ଇନ୍ଧନ ଏବଂ ବିଦ୍ୟୁତ୍ ଇତ୍ୟାଦିର ନାମ କିମ୍ବା ଚିତ୍ର ଥିବା କାଗଜଚିଟ୍ ପ୍ରସ୍ତୁତ କର ।
- ଶକ୍ତିର ପ୍ରକାର ଯେପରିକି ତାପ, ଆଲୋକ, ଗତି ଏବଂ ଶବ୍ଦ ଇତ୍ୟାଦି ଲେଖି ଅନ୍ୟ ଏକ କାଗଜ ଚିଟ୍ ପ୍ରସ୍ତୁତ କର ।
- ଏହାପରେ ପୋଷାକ ଶୁଖାଇବା, ବିଦ୍ୟୁତ୍ ବଲ୍ବ ଜଳାଇବା, ଟରବାଇନ୍ ଘୂରାଇବା, ରୋଷେଇ କରିବା, ଦୌଡ଼ିବା ଇତ୍ୟାଦି ଶକ୍ତିର ବ୍ୟବହାରର ଉଦାହରଣଗୁଡ଼ିକ ଲେଖାଥିବା କାଗଜ ଚିଟ୍ ପ୍ରସ୍ତୁତ କର ।

### ସୋପାନ-୧ : କାର୍ଯ୍ୟରେ ନିୟୋଜିତ କର ।

ପୂର୍ବରୁ ପ୍ରସ୍ତୁତ ହୋଇଥିବା ଯେକୌଣସି କାଗଜ ଚିଟ୍ ମଧ୍ୟରୁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଗୋଟିଏ ଲେଖାଏଁ ଦିଅ । ଯଥା:-

- ଶକ୍ତିର ଏକ ଉତ୍ସ (ସୂର୍ଯ୍ୟ, ପବନ, ଜଳ... ଇତ୍ୟାଦି)
- ଶକ୍ତିର ପ୍ରକାର (ତାପ, ଆଲୋକ.... ଇତ୍ୟାଦି)
- ଶକ୍ତିର ବ୍ୟବହାର (ଗଛଗୁଡ଼ିକ ବଢ଼ିବାରେ ସାହାଯ୍ୟ, ଗାଡ଼ି ଚଳେଇବା ଇତ୍ୟାଦି)

### ସୋପାନ-୨ : ବୁଲି ବୁଲି ଉପଯୁକ୍ତ ସମ୍ପର୍କକୁ ଖୋଜି ମିଳାଅ ।

ଶିକ୍ଷାର୍ଥୀମାନେ ଶ୍ରେଣୀରେ ବୁଲିବୁଲି ସେମାନଙ୍କର ଶକ୍ତି ଶୃଙ୍ଖଳକୁ ସମ୍ପୂର୍ଣ୍ଣ କରୁଥିବା ଅନ୍ୟ ଦୁଇଜଣଙ୍କୁ ଖୋଜି ବାହାର କରିବେ ।

ଉଦାହରଣ ସ୍ୱରୂପ-

* ସୂର୍ଯ୍ୟ → ଉତ୍ତାପ → ପୋଷାକ ଶୁଖାଇବା ।
* ପବନ → ଗତି → ଟରବାଇନ୍ ଘୂରାଇ ବିଦ୍ୟୁତ୍ ଉତ୍ପାଦନ ।

### ସୋପାନ-୩

### ଶ୍ରେଣୀରେ ପ୍ରଦର୍ଶନ

ଶକ୍ତି ଶୃଙ୍ଖଳ (ଉତ୍ସ-ପ୍ରକାର-ବ୍ୟବହାର ଆଧାରରେ) ପ୍ରସ୍ତୁତ ହେବାପରେ ପ୍ରତ୍ୟେକ ଦଳ ସେମାନଙ୍କ ଶୃଙ୍ଖଳ ସମ୍ପର୍କରେ ଶ୍ରେଣୀରେ ବର୍ଣ୍ଣନା କରିବେ । ଉଦାହରଣ ସ୍ୱରୂପ ଆମେ ହେଉଛୁ ସୂର୍ଯ୍ୟର ଉତ୍ତାପ ଓ ପୋଷାକ ଶୁଖାଇବାରେ ଆମେ ସାହାଯ୍ୟ କରୁ ।

## ତୁମେ ଜାଣିଛ କି ?

ଆମ ଶରୀର ଭବିଷ୍ୟତରେ ବ୍ୟବହାର ପାଇଁ ଶକ୍ତି ସଞ୍ଚୟ କରେ । ଆମେ ଗୋଟିଏ ବେଳା ଖାଦ୍ୟ ନ ଖାଇଲେ ମଧ୍ୟ ଦୌଡ଼ି ପାରିବା ଓ ଚାଲିପାରିବା । କାରଣ ଆମେ ଆମ ଶରୀରରେ ଥିବା ସଞ୍ଚିତ ଶକ୍ତି ବ୍ୟବହାର କରିଥାଉ ।



ତୁମେ କେବେ ବ୍ୟାଟେରୀ ଥିବା ଟର୍ଚ୍ଚ କିମ୍ବା ଖେଳଣା ବ୍ୟବହାର କରିଛ କି ? ବ୍ୟାଟେରୀରେ ସଞ୍ଚିତ ଶକ୍ତି ଥାଏ ।

ଶକ୍ତି ହିଁ ଆମ ବିଶ୍ୱକୁ ସକ୍ରିୟ ଓ ଜୀବନ୍ତ କରିଥାଏ । ମଣିଷଠାରୁ ପଶୁ ପର୍ଯ୍ୟନ୍ତ ଚଳପ୍ରଚଳ ପାଇଁ ଖାଦ୍ୟକୁ ତଥା ଯାନବାହନ ଚାଲିବା ପାଇଁ ଇନ୍ଧନ ଓ ଘର ଆଲୋକିତ କରିବା ପାଇଁ ବିଦ୍ୟୁତ୍‌କୁ ଶକ୍ତିର ଉତ୍ସ ଭାବରେ ବ୍ୟବହାର କରାଯାଏ । ଆମେ ସୂର୍ଯ୍ୟ, ପବନ ଏବଂ ଜଳରୁ ସ୍ୱଚ୍ଛ ଶକ୍ତି ପାଇଥାଉ ଯାହା ପୃଥିବୀର କ୍ଷତି ଓ ପ୍ରଦୂଷଣ କରେ ନାହିଁ ।

ସୂର୍ଯ୍ୟ ପୃଥିବୀକୁ ଏକ ଘଣ୍ଟାରେ ଯେତେ ପରିମାଣର ଶକ୍ତି ଦିଅନ୍ତି, ତାହା ପୃଥିବୀରେ ମାନବ ସମାଜ ବର୍ଷସାରା ବ୍ୟବହାର କରୁଥିବା ଶକ୍ତିଠାରୁ ଅଧିକ ।

## ତୁମେ ଜାଣିଛ କି ?

ବାସ୍ତୁଶାସ୍ତ୍ର ଏକ ପ୍ରାଚୀନ ଭାରତୀୟ ନକ୍ସା ଏବଂ ସ୍ଥାପତ୍ୟ ବ୍ୟବସ୍ଥା ଓ ଏହା ପ୍ରକୃତି ସହିତ ସମନ୍ୱୟ ରଖି କୋଠାବାଡ଼ି ଯୋଜନା ତିଆରି କରିବାରେ ସାହାଯ୍ୟ କରେ । ଏହା ସୂର୍ଯ୍ୟକିରଣ, ପବନ ଏବଂ ଉତାପ ଭଳି ପ୍ରାକୃତିକ ଶକ୍ତିର ସର୍ବୋତ୍ତମ ବ୍ୟବହାର ପାଇଁ କୋଠରୀ, କବାଟ ଏବଂ ଝରକାଗୁଡ଼ିକର ସ୍ଥାନ ନିରୂପଣ କରେ । ଉପଯୁକ୍ତ ଭାବରେ ସ୍ଥାନିତ ଅଗଣା ଭଳି ଖୋଲାସ୍ଥାନ ଏବଂ ଘରର କବାଟ, ଝରକା ଇତ୍ୟାଦି ଘରଗୁଡ଼ିକୁ ଆଲୋକ ତଥା ଉତ୍ତମ ବାୟୁ ଚଳାଚଳ କରିବା ସହ ବିଭିନ୍ନ ଉତ୍ସରେ ଶକ୍ତିର ବ୍ୟବହାରକୁ ହ୍ରାସ କରିବାରେ ସାହାଯ୍ୟ କରେ ।



DRAFT

## ଆସ, ଚିନ୍ତା କରିବା

୧. ଯଦି ତୁମ ଘରେ ଗୋଟିଏ ଦିନ ପାଇଁ ବିଦ୍ୟୁତ ରହିବ ନାହିଁ ତେବେ କ'ଣ ହେବ ?

୨. କୋଇଲା ବଦଳରେ ସୌର ଶକ୍ତି କିମ୍ବା ପବନ ଶକ୍ତି କାହିଁକି ବ୍ୟବହାର କରିବା ଭଲ ?

୩. ଶକ୍ତି ସଂରକ୍ଷଣ ହେଉଥିବା ଦୁଇଟି ଉପକରଣର ଉଦାହରଣ ଲେଖ ।

୪. ଶକ୍ତି ସଂରକ୍ଷଣ କରିବା ପାଇଁ ତୁମେ ଘରେ କେଉଁ କାର୍ଯ୍ୟଟି କରିପାରିବ ?

୫. ଏକ ଲିଟର ପେଟ୍ରୋଲ କିମ୍ବା ଡିଜେଲ ଦ୍ୱାରା ଏକ ଯାନ କେତେ କିଲୋମିଟର ଗତି କରେ ତାହା ପଚାରି ବୁଝ । ଅନ୍ୟ ଯାନଗୁଡ଼ିକ ମଧ୍ୟ କେତେ କିଲୋମିଟର ଯାଏ, ପଚାରି ବୁଝ ତୁମେ ଏହାକୁ କିପରି ତୁଳନା କରିବ ?

୬. ତୁମ ଘର କିମ୍ବା ଶ୍ରେଣୀଗୃହ ଚାରିପାଖକୁ ଲକ୍ଷ୍ୟ କର । ଶକ୍ତି ବ୍ୟବହାର କରୁଥିବା ଯେ କୌଣସି ତିନୋଟି ବସ୍ତୁର ତାଲିକା ପ୍ରସ୍ତୁତ କର ଏବଂ ସେମାନଙ୍କ ଶକ୍ତିର ଉତ୍ସକୁ ଉଲ୍ଲେଖ କର । ଉଦାହରଣ ସ୍ୱରୂପ ବସ୍ତୁ : ପଙ୍ଖା- ଶକ୍ତି ଉତ୍ସ: ବିଦ୍ୟୁତ ଶକ୍ତି ।

୭. ନିଜେ କରି ଆଲୋଚନା କର ।

(କ) ସୌରଶକ୍ତି, ପବନ ଶକ୍ତି କିମ୍ବା ଏପରି ଅନ୍ୟ କୌଣସି ଶକ୍ତି ଉତ୍ସ ବ୍ୟବହାର କରି ଏକ "ସ୍ୱଚ୍ଛ ଶକ୍ତି ଗୃହ"ର ଏକ ସରଳ ନକ୍ସା ଅଙ୍କନ କର ।

(ଖ) ଗୋଟିଏ ଦିନପାଇଁ 'ମୋ ଶକ୍ତି ଡାଇରି' ତିଆରି କର । ତୁମେ କେତେଥର ବିଦ୍ୟୁତ୍ ଶକ୍ତିକୁ ଇନ୍ଧନ ଭାବରେ ବ୍ୟବହାର କରିଛ, ଲେଖି ରଖ ।







# ୮ ପୋଷାକ ପ୍ରସ୍ତୁତି

## ସୂତାର ସଂରଚନା

ତୁମ ଚାରିପାଖକୁ ଭଲ ଭାବରେ ଲକ୍ଷ୍ୟ କର । ପକ୍ଷୀମାନେ ବସା ତିଆରି କରିଥିବାର କିମ୍ବା ବୁଢ଼ିଆଣୀ ଜାଲ ବୁଣୁଥିବାର ତୁମେ ଦେଖିଛ କି ? ପ୍ରକୃତି ହେଉଛି ଲୁକ୍କାୟିତ କଳାକାରଙ୍କର ଗନ୍ତାଘର, ଯଥା- ପଶୁ, ପକ୍ଷୀ ଏବଂ କୀଟ ପତଙ୍ଗ, ଯେଉଁମାନେ ବୁଣନ୍ତି, ସିଲେଇ କରନ୍ତି ଓ ଏପରିକି ଜିନିଷଗୁଡ଼ିକୁ ଯୋଡ଼ି ପାରନ୍ତି ।

ନିମ୍ନରେ ଥିବା ଚିତ୍ରରେ ତୁମେ କ'ଣ ଦେଖୁଛ ?



ତୁମେ ଜାଣକି, ଆମ ଚାରିପାଖରେ ଜଣେ ଲୁକ୍କାୟିତ କଳାକାର ଅଛନ୍ତି, ଯିଏକି ଆମର ବହୁ ପୂର୍ବରୁ ବୁଣାକାର୍ଯ୍ୟ କରିଆସୁଛନ୍ତି ।





ପୁରୁଷ ବାୟା ଚଢ଼େଇ ଏକ ବୁଣାକାର ପକ୍ଷୀ ଯିଏ ଘାସରେ ସୁନ୍ଦର ଝୁଲନ୍ତା ବସା ତିଆରି କରେ । ସେମାନେ ବସାକୁ ମଜଭୁତ କରିବାପାଇଁ ଉପରେ ଏବଂ ତଳେ କାଠିକୁଟା ଦେଇ ବୁଣିଥାନ୍ତି । ବସାଟି ଏକ ଥଳି ଆକୃତିର ଏବଂ ଗଛର ଡାଳରୁ ଝୁଲି ରହିଥାଏ । ଦକ୍ଷ ବୁଣାକାର ପକ୍ଷୀ ବହୁତ ନିପୁଣ ଭାବରେ ବସା ବୁଣନ୍ତି ମାତ୍ର ଶିଖୁଥିବା ଛୁଆପକ୍ଷୀମାନେ ସେପରି ବସା ତିଆରି କରି ପାରନ୍ତି ନାହିଁ ।

ବୁଣାକାର୍ଯ୍ୟରେ ଏକ ନିର୍ଦ୍ଦିଷ୍ଟ ପ୍ରକାର ସୂତାକୁ ବିଭିନ୍ନ ପ୍ରକାରରେ ବୁଣି ଏକ କପଡ଼ା ପ୍ରସ୍ତୁତ କରାଯାଏ । ସୂତାର ଗୋଟିଏ ସେଟ୍ ଲମ୍ବ ଭାବରେ ରଖାଯାଇଥାଏ ଏବଂ ଅନ୍ୟଟି ତା' ଉପରେ ପ୍ରସ୍ଥ ଭାବେ ଯାଇଥାଏ । ଏହି ସୂତା ବା ପଟିଗୁଡ଼ିକୁ ଯତ୍ନର ସହିତ ପରସ୍ପର ଉପରେ ଓ ତଳେ ଛନ୍ଦାଛନ୍ଦି କରି ବୁଣିଲେ ମଶିଣା, ଝୁଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି ହୋଇଥାଏ ।



ବହୁ ଆଗରୁ ଲୋକମାନେ ନଡ଼ିଆକତା, ତାଳପତ୍ର, ବାଉଁଶ, ଘାସ, ଝୋଟ ଓ ରେଶମ ପରି ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ଟୋକେଇ କିମ୍ବା ପଟି ବୁଣି ଆସୁଛନ୍ତି ।

## ଆଲୋଚନା କର

ତୁମ ଘରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ପ୍ରାକୃତିକ ସାମଗ୍ରୀରେ ବୁଣା ହୋଇଥିବା ଜିନିଷ ଦେଖିଛ କି ? ସେଗୁଡ଼ିକ କ'ଣ ?


## କାର୍ଯ୍ୟ-୧

୧. ୫-୬ଟି ନୀଳ ରଙ୍ଗର କାଗଜ ପଟି ନିଅ । ପଟିଗୁଡ଼ିକର ଗୋଟିଏ ମୁଣ୍ଡକୁ ଏକ ପୃଷ୍ଠ ଉପରେ ଅଠାରେ ଯୋଡ଼ି ସମାନ୍ତର ଭାବରେ ରଖ ।

୨. ଆଉ ଏକ ସେଟ୍, ହଳଦିଆ ରଙ୍ଗର କାଗଜ ପଟି ନିଅ । ସେଗୁଡ଼ିକ ଚିତ୍ରରେ ଦେଖାଯାଉଥିବା ଭଳି ନୀଳ ପଟି ସହିତ ଉପର ତଳ, ଉପର ତଳ କରି ବୁଣ ।

୩. ତୁମେ ଏକ ମଶିଣା (Mat) ପାଇବା ପର୍ଯ୍ୟନ୍ତ ଏହିପରି ବୁଣି ଚାଲ ।


୪. ତୁମେ ଏହି ପ୍ରଣାଳୀ ବ୍ୟବହାର କରି ଟୋକେଇ ତିଆରି କରିପାରିବ କି ?



କାଗଜ ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରିବାକୁ ଚେଷ୍ଟା କର ଯେପରିକି ଫିତା, ରଶି କିମ୍ବା ରିବନ୍ ଇତ୍ୟାଦି ।










## ଚିନ୍ତା କର



ତୁମେ ଶ୍ରେଣୀଗୃହରେ ବୁଣା ହୋଇଥିବା କିଛି ଜିନିଷକୁ ଦେଖୁଛକି ? ଯଦି ଆମେ କାଗଜ ପଟି ବଦଳରେ ସୂତାରେ ବୁଣିବା ତେବେ, ତାହା କପଡ଼ାରେ ପରିଣତ ହୁଏ ।

## କାର୍ଯ୍ୟ-୨

ଏକ ଯବକାଚ ମାଧ୍ୟମରେ କିମ୍ବା ମୋବାଇଲ୍ କ୍ୟାମେରାର ଜୁମ୍ ବ୍ୟବହାର କରି ଏକ କପଡ଼ା ଖଣ୍ଡକୁ ଦେଖ, (ତୁମେ ପିନ୍ଧିଥିବା ସାର୍ଟ କିମ୍ବା ଅନ୍ୟ ପୋଷାକକୁ ମଧ୍ୟ ଦେଖିପାର) । ତୁମେ ଏକ ଅଦ୍ଭୁତ ଛନ୍ଦାଛନ୍ଦି ସଂରଚନା ଦେଖିପାରୁଛ କି ?



## ବୁଣାକାର ପରମ୍ପରା



ଭାରତର ଲୋକମାନେ ୪,୦୦୦ ବର୍ଷ ପୂର୍ବେ ମଧ୍ୟ ବୁଣାବୁଣି କାମ ଜାଣିଥିଲେ । ପାରମ୍ପରିକ ବୁଣାକାର୍ଯ୍ୟ ଗୋଟିଏ ଯନ୍ତ୍ର ସାହାଯ୍ୟରେ ହାତରେ କରାଯାଏ, ଯାହାକୁ ତନ୍ତ କୁହାଯାଏ । ଏଥିରେ ତିଆରି କପଡ଼ାକୁ ହସ୍ତତନ୍ତ କପଡ଼ା କୁହାଯାଏ । ଭାରତରେ କେତେକ ଶ୍ରେଷ୍ଠ ହସ୍ତତନ୍ତ ବୁଣାକାର ଅଛନ୍ତି ଯେଉଁମାନେ ସେମାନଙ୍କ କଳାରେ ପାରଙ୍ଗମ ।

## ତୁମେ ଜାଣିଛ କି ?

ଭାରତରେ ଅନେକ ହସ୍ତତନ୍ତ ପରମ୍ପରା ଅଛି । ପ୍ରତ୍ୟେକର ନିଜସ୍ୱ ଅନନ୍ୟ କୌଶଳ ଏବଂ ଢାଞ୍ଚା ଅଛି ଯେପରିକି ତାମିଲନାଡୁର କାଞ୍ଚିଭରମ୍, କାଶ୍ମୀରର ପଶ୍ମିନା ଏବଂ ଓଡ଼ିଶା ଓ ଗୁଜରାଟର ଇକତ ।



ବୁଣାକାର୍ଯ୍ୟ କେବଳ ପୋଷାକ ତିଆରି କରିବା ପାଇଁ ନୁହେଁ ବରଂ ଏହା ଅନେକ ପରିବାରକୁ କାମ ଯୋଗାଇଥାଏ ଏବଂ ଆମର ପାରମ୍ପରିକ କୌଶଳ ଓ ଡିଜାଇନ୍‌କୁ ଜୀବିତ ରଖିଥାଏ । ଏହାର ସଂସ୍କୃତି ଓ ଏହା ଉପରେ ଜୀବିକା ନିର୍ବାହ କରୁଥିବା କାରିଗରମାନଙ୍କର ବୁଣାକାର୍ଯ୍ୟର ଭାରତରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଲୁଗାକଳଗୁଡ଼ିକ ସୂତା ପ୍ରସ୍ତୁତି ଏବଂ ବହୁ ପରିମାଣରେ କପଡ଼ା ବୁଣାପାଇଁ ଆଧୁନିକ ମେସିନ୍ ବ୍ୟବହାର କରନ୍ତି ।

## ସୂତା

ଆମେ ଦେଖିଛୁ ଯେ, ସୂତା ବୁଣାଯାଇ କିପରି କପଡ଼ା ତିଆରି ହୁଏ । କିନ୍ତୁ, ସୂତା କିପରି ତିଆରି ହୁଏ ?

### କାର୍ଯ୍ୟ-୩

- କିଛି ତୁଳା ନିଅ, ଏହାକୁ ଧୀରେ ଟାଣ ଏବଂ ଏକ ଲମ୍ବା ଖିଅ ତିଆରି କର ।
- ଏବେ ଆଙ୍ଗୁଠି ସାହାଯ୍ୟରେ ଖିଅକୁ ଧୀରେ ଧୀରେ ମୋଡ଼ି ଚାଲ । ଦେଖ ଯେତେ ଅଧିକ ଘୂରାଇବ, ତାହା ସେତେ ଅଧିକ ଶକ୍ତ ହେବ ।
- ଏକ ପେନ୍‌ସିଲ୍ ନିଅ । ଏବେ ତୁମର ସୂତା ଖିଅକୁ ପେନ୍‌ସିଲ୍ ଉପରେ ଗୁଡ଼ାଅ । ଏହିପରି ତୁଳାରୁ ଅଧିକା ଲମ୍ବା ସୂତା ପ୍ରସ୍ତୁତ କର ।



ଏହିପରି ମୋଡ଼ି ମୋଡ଼ି ତୁଳାରୁ ସୂତା ପ୍ରସ୍ତୁତ ପ୍ରକ୍ରିୟାକୁ "ସ୍ପିନିଂ" କୁହାଯାଏ । ପେନ୍‌ସିଲ୍ ପରି ଚରଖା କିମ୍ବା ଘୂର୍ଣ୍ଣନ ଚକ୍ର ଦ୍ୱାରା ତୁଳାରୁ ସୂତା ପ୍ରସ୍ତୁତ କରାଯାଏ ।

ସୂତାଖିଅକୁ ଖୋଲିଲେ ତୁମେ କେଶ ପରି ସରୁ ସରୁ ତନ୍ତୁ ପାଇବ ।

**ତୁମେ ଜାଣିଛ କି ?**

ଗାନ୍ଧିଜୀ ଆମକୁ ସ୍ୱାବଲମ୍ବୀ ହେବା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଶିଖାଇଥିଲେ । ତୁଳାରୁ ସୂତା ତିଆରି କରି ଏବଂ ଏହାକୁ ବୁଣି ନିଜେ କପଡ଼ା ତିଆରି କରି ଜାଣିବା ହେଉଛି ସ୍ୱାଧୀନତା ସଂଗ୍ରାମର ପ୍ରତୀକ ଓ ଆତ୍ମନିର୍ଭରଶୀଳ ହେବାର ଏହା ଏକ ମାଧ୍ୟମ । ଏହି ଉପାୟରେ ଖଦି ପ୍ରସ୍ତୁତ କରାଯାଏ ।

ଆମେ କେବଳ ତୁଳାରୁ ତନ୍ତୁ ପାଉନାହୁଁ, ଆହୁରି ଅନେକ ପ୍ରାକୃତିକ ଉତ୍ସ ମଧ୍ୟ ଅଛି ।


**ପ୍ରାକୃତିକ ତନ୍ତୁ**




ରେଶମ ପୋକ ନାମକ ଏକ ଛୋଟ କୀଟର କୋଷାରୁ ରେଶମ ମିଳିଥାଏ । କୋଷାଗୁଡ଼ିକ ଗରମ ଜଳରେ ରଖାଯାଏ । ପରେ ରେଶମ ସୂତାକୁ ଧୀରେ ଧୀରେ ଟାଣି ବାହାର କରାଯାଏ ଏବଂ ରେଶମ କପଡ଼ା ତିଆରି କରିବାପାଇଁ ବ୍ୟବହୃତ ରେଶମ ସୂତାରେ ପରିଣତ କରାଯାଏ ।

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସୂଚନା**

ଶିକ୍ଷକ ଏକ ଲୁଗାକଳ କିମ୍ବା ହସ୍ତତନ୍ତ ତିଆରି ହେଉଥିବା ସ୍ଥାନ ପରିଦର୍ଶନର ବ୍ୟବସ୍ଥା କରିପାରିବେ । ନଚେତ୍ ଶିକ୍ଷକ ଜଣେ ସ୍ଥାନୀୟ ହସ୍ତତନ୍ତ ବୁଣାକାରଙ୍କୁ ବିଦ୍ୟାଳୟକୁ ନିମନ୍ତ୍ରଣ କରିପାରିବେ ।




କୃତ୍ରିମ ସାମଗ୍ରୀ ବ୍ୟବହାର କରି ମଣିଷ ଦ୍ୱାରା କୃତ୍ରିମ ତନ୍ତୁ ତିଆରି କରାଯାଏ । ଆମେ ସମସ୍ତେ ପ୍ରାକୃତିକ ଏବଂ କୃତ୍ରିମ ତନ୍ତୁ ଉଭୟରୁ ପ୍ରସ୍ତୁତ ଜିନିଷ ବ୍ୟବହାର କରୁ ।

## କୃତିମ ତନ୍ତୁ




ନାଇଲନ୍



ରେୟନ୍



ପଲିଷ୍ଟର



ଟେରିଲିନ୍

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସୂଚନା**

ପ୍ରତ୍ୟେକ ଜୀବର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁସବୁ ପରିବର୍ତ୍ତନ ଘଟିଥାଏ, ତାହାକୁ ଶିକ୍ଷକ ଜୀବନଚକ୍ର ମାଧ୍ୟମରେ ପରିଚିତ କରାଇପାରନ୍ତି । ଉଦାହରଣ ସ୍ୱରୂପ – ଏକ ପ୍ରଜାପତି କିମ୍ବା ଉଦ୍ଭିଦର ଜୀବନଚକ୍ର ଚିତ୍ର କିମ୍ବା ଭିଡିଓ ଦେଖାଇବେ ।

## କାର୍ଯ୍ୟ-୪

ପ୍ରତିଦିନ ବ୍ୟବହାର କରୁଥିବା ପୋଷାକ, ବ୍ୟାଗ କିମ୍ବା ଅନ୍ୟାନ୍ୟ ଜିନିଷକୁ ଦେଖ । ତୁମେ ବ୍ୟବହାର କରୁଥିବା କେତେକ ସାମଗ୍ରୀର ତାଲିକା କର । ସେଗୁଡ଼ିକ ପ୍ରାକୃତିକ କିମ୍ବା କୃତ୍ରିମ ତନ୍ତୁରୁ ତିଆରି ଓ ତାହା କାହିଁକି ତୁମର ପସନ୍ଦ ତଳେ ଥିବା ସାରଣୀରେ ଲେଖ ।

| ସାମଗ୍ରୀ | ପ୍ରାକୃତିକ | କୃତ୍ରିମ | ଏହା କାହିଁକି ତୁମର ପସନ୍ଦ ? |
|---|---|---|---|
| | | | |
| | | | |
| | | | |
| | | | |

### ଛୁଞ୍ଚି ଓ ସୂତାରେ କାରୁକାର୍ଯ୍ୟ

ପ୍ରକୃତି ଆଶ୍ଚର୍ଯ୍ୟଜନକ ଜିନିଷରେ ପରିପୂର୍ଣ୍ଣ । ତୁମେ ଜାଣ କି, ଗୋଟିଏ ଅତି ଛୋଟ ସବୁଜ ପକ୍ଷୀ ଅଛି ଯିଏ ନିଜ ବସା ନିଜେ ବୁଣେ, ଏହାକୁ ଦରଜୀ ପକ୍ଷୀ ବା ଟେଲର୍ ବାର୍ଡ୍ କୁହାଯାଏ ।

ଏହାର ଥଣ୍ଟ ସାହାଯ୍ୟରେ ସେ ଉଦ୍ଭିଦ ତନ୍ତୁ କିମ୍ବା ବୁଢ଼ୀଆଣି ସୂତା ବ୍ୟବହାର କରି ଏକ ବଡ଼ ପତ୍ରର ଧାରଗୁଡ଼ିକ ସିଲେଇ କରେ । ସେ ପତ୍ରର ଧାରରେ କଣାକରି ଥଣ୍ଟଦ୍ୱାରା ସୂତାକୁ ଟାଣେ ଓ ଦର୍ଜୀ ଛୁଞ୍ଚି ଓ ସୂତା ସାହାଯ୍ୟରେ କପଡ଼ା ସିଲେଇ କରିବା ପରି ପତ୍ରକୁ ଯୋଡ଼ିଥାଏ । ଅଣ୍ଡା ଦେବା ଏବଂ ପିଲାମାନଙ୍କୁ ଲାଳନ ପାଳନ କରିବା ପାଇଁ ଏହି ପତ୍ରର ମୁଣାକୁ ନରମ ଓ ସୁରକ୍ଷିତ ବସା ଭାବେ ବ୍ୟବହାର କରେ ।



## କାର୍ଯ୍ୟ-୫

ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ପଳାଶ, ଶାଗୁଆନ୍, ପଣସ ବା ସେହିଭଳି ଅନ୍ୟ ଗଛରୁ ଚଉଡ଼ା ପତ୍ର ସଂଗ୍ରହ କର । ଯଦି, ପତ୍ର ଉପଲବ୍ଧ ନାହିଁ ତେବେ କାଗଜ ବ୍ୟବହାର କରି ପାରିବ ।

ଏହା ସହିତ ଦାନ୍ତଖୁଣ୍ଟା ପରି ଛୋଟ ଛୋଟ କାଠି ସଂଗ୍ରହ କର ।

ଏବେ, ପତ୍ର କିମ୍ବା କାଗଜଖଣ୍ଡ ଏବଂ ଦାନ୍ତଖୁଣ୍ଟା ବା ଛୋଟ କାଠି ବ୍ୟବହାର କରି ଏକ ଥାଳି ବା ଚାମଚ ତିଆରି କର ।





ଲଦାଖର ଲେହ ଓ ପାହାଡ଼ିଆ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଚାଙ୍ଗଥାଙ୍ଗି ନାମକ ଛେଳିଠାରୁ ପଶ୍ମିନା ଉଲ୍ ମିଳିଥାଏ । ସେଠାରେ ଲୋକମାନେ ଏହି ଉଲ୍‌କୁ ହାତରେ ବୁଣି ଅତି ନରମ ଶାଲ୍ ତିଆରି କରନ୍ତି ।

## କାର୍ଯ୍ୟ-୬

ତୁମେ କେବେ ସିଲେଇ କରିଛ କି ? ଖଣ୍ଡେ କପଡ଼ାକୁ ଯୋଡ଼ି ସିଲେଇ କରିବାକୁ ଗୋଟିଏ ଛୁଞ୍ଚି ଓ ସୂତା ଦରକାର । ଚିରିଯାଇଥିବା କପଡ଼ାକୁ ସିଲେଇ କରିପାରିବ କିମ୍ବା ଛିଣ୍ଡି ଯାଇଥିବା ବୋତାମ ଲଗାଇ ପାରିବ । ଆସ ଏହି ସହଜ ସିଲେଇ ଶିଖିବା ।


## ଚିନ୍ତା କର

୧. ତୁମେ କେବେ ଘରେ କିମ୍ବା ତୁମ ପଡ଼ିଶାଘରେ ସିଲେଇ ହେଉଥିବାର ଦେଖିଛ କି ? ସେମାନେ କ'ଣ ସିଲେଇ କରୁଥିଲେ ?

୨. ତୁମ ସାର୍ଟ କିମ୍ବା ସ୍କୁଲ୍ ବ୍ୟାଗକୁ ଦେଖ । ସେଥିରେ କେଉଁଠି ସିଲେଇ ହୋଇଛି, ତାହା ଦେଖିପାରୁଛ କି ?

## କାର୍ଯ୍ୟ-୭

ଆସ ସିଲେଇ କାର୍ଯ୍ୟ ଶିଖିବା




୧. ଏକ ଛୁଞ୍ଚିରେ ସୂତା ଭର୍ତ୍ତି କରି ସୂତାର ଗୋଟିଏ ମୁଣ୍ଡରେ ଗଣ୍ଠିଟିଏ ପକାଅ ।
୨. ବିନ୍ଦୁ 'କ'ରେ ଛୁଞ୍ଚିକୁ କପଡ଼ାର ତଳ ପାଖରୁ ଫୋଡ଼ି ଉପରକୁ ଆଣ ।
୩. ବିନ୍ଦୁ 'ଖ'ରେ ଛୁଞ୍ଚିକୁ ତଳକୁ ନିଅ ।
୪. ଏହାକୁ ବିନ୍ଦୁ 'ଗ' ରେ ପୁଣି ଉପରକୁ ଆଣି ବିନ୍ଦୁ 'ଘ'ରେ ତଳକୁ ନିଅ ।
୫. ଏହିପରି ଏକ ସରଳରେଖାରେ ଛୁଞ୍ଚିକୁ ଉପର ତଳ, ଉପର ତଳ କରି ସିଲେଇ କର ।
୬. ଏହାକୁ ସିଧା ସିଲେଇ କୁହାଯାଏ ।

## କାର୍ଯ୍ୟ-୮

**କପଡ଼ା ଯୋଡ଼ିବା ପାଇଁ ସିଲେଇ**

ଆସ ଦୁଇଖଣ୍ଡ କପଡ଼ାକୁ ସିଲେଇ କରି ଏକାଠି କରିବା ।

୧. ଦର୍ଜୀ ଦୋକାନରେ ବଳକାଥିବା ଛୋଟ କପଡ଼ାଖଣ୍ଡ କିମ୍ବା ପୁରୁଣା କପଡ଼ାର କିଛି ଖଣ୍ଡ ସଂଗ୍ରହ କର ।
୨. ଟେବୁଲ ଉପରେ ଗୋଟିଏ କପଡ଼ାକୁ ବିଛାଇ ରଖ, ଦ୍ୱିତୀୟ କପଡ଼ାକୁ ଏହା ଉପରେ ସଜାଇ ରଖ ।


**ଶିକ୍ଷକଙ୍କ ପାଇଁ ସୂଚନା**

ଛୁଞ୍ଚି ଓ ସୂତାରେ ସିଲେଇ କଲାବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବେ । ସୋପାନଗୁଡ଼ିକ ଧୀରେ ଧୀରେ ଦେଖାନ୍ତୁ ଏବଂ ସତର୍କ ନଜର ରଖନ୍ତୁ । ପିଲାମାନେ ଛୁଞ୍ଚି ସହିତ ଖେଳିବା ଉଚିତ ନୁହେଁ । ଆଘାତ ନ ହେବାପାଇଁ ସତର୍କତା ଅବଲମ୍ବନ କରିବେ । କାର୍ଯ୍ୟ ଆରମ୍ଭ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା ଉଚିତ ।

୩. ଏବେ କପଡ଼ା ଦୁଇଟିକୁ ଯୋଡ଼ିବାପାଇଁ ଛୁଞ୍ଚି ଓ ସୂତା ବ୍ୟବହାର କରି ସିଧା ସିଲେଇ କର ।

୪. ତୁମେ ଅଧିକ କପଡ଼ାଖଣ୍ଡ ଯୋଡ଼ି ସିଲେଇ କରି ତୁମ ଇଚ୍ଛା ମୁତାବକ ଟେବୁଲ୍ କ୍ଲଥ୍, ସଫା କରିବା କପଡ଼ା, ପାପୋଛ ଇତ୍ୟାଦି କରି ପାରିବ ।





ଦୈନନ୍ଦିନ ଜୀବନରେ ଆମେ ଆଉ କେଉଁଠି ସିଧା ସିଲେଇ ବ୍ୟବହାର କରିପାରିବା ?



---





ତୁମ ସିଲେଇରେ ଯଦି ଗୋଟିଏ ସୂତା ଛିଣ୍ଡିଯାଏ, ତେବେ ବାକି ସିଲେଇଗୁଡ଼ିକର କ'ଣ ହେବ ବୋଲି ଭାବୁଛ ?

---

## ସିଲେଇ କର ଓ ସଜାଅ ।

ତୁମେ ଜାଣ କି ଭାରତର ବିଭିନ୍ନ ପ୍ରାନ୍ତରରେ ଲୋକମାନେ ବିଭିନ୍ନ ପ୍ରକାରର ସିଲେଇ କରନ୍ତି କେବଳ କପଡ଼ା ଯୋଡ଼ନ୍ତି ନାହିଁ ବରଂ ଏହାକୁ ମଧ୍ୟ ସୁନ୍ଦରଭାବେ ସଜେଇଥାନ୍ତି । ପ୍ରତ୍ୟେକ ସିଲେଇ ଆମକୁ ଏକ ସ୍ଥାନ, ଲୋକ ଏବଂ ସେମାନଙ୍କର ପରମ୍ପରାର କାହାଣୀ କହିଥାଏ ।

| ଭାରତର ପାରମ୍ପରିକ ହାତବୁଣା ସିଲେଇ ଓ ଏହାର ଉତ୍ପତ୍ତି | | | |
|---|---|---|---|
| ୧. |  | ଚିକନ୍ ବା ଚିକନ୍‌କାରୀ | ଉତ୍ତର ପ୍ରଦେଶ ଲକ୍ଷ୍ମୌରୁ ଉତ୍ପତ୍ତି |
| ୨. |  | ବନ୍‌ଜାରା | ରାଜସ୍ଥାନରୁ ଉତ୍ପତ୍ତି |

| | | | |
|---|---|---|---|
| ୩. |  | କାନ୍ଥା | ପୂର୍ବ ଭାରତର ରାଜ୍ୟ ଯଥା- ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ତ୍ରିପୁରା ରାଜ୍ୟରୁ ଉତ୍ପନ୍ନ |
| ୪. |  | ଗୋଟା | ରାଜସ୍ଥାନରୁ ଉତ୍ପନ୍ନ |
| ୫. |  | ଫୁଲକରୀ | ପଞ୍ଜାବରୁ ଉତ୍ପନ୍ନ |
| ୬. |  | ଟୋଡା | ତାମିଲନାଡୁରୁ ଉତ୍ପନ୍ନ |
| ୭. |  | କାଶ୍ମୀରୀ | କାଶ୍ମୀରରୁ ଉତ୍ପନ୍ନ |
| ୮. |  | ଖନେଂଗ ଏମ୍ବ୍ରୋଡୋରୀ | ମେଘାଳୟରୁ ଉତ୍ପନ୍ନ |

## ପୁନଃଚକ୍ରଣ

ଆମ ଦେଶରେ ଲୋକମାନେ କ୍ୱଚିତ ପୋଷାକ ଫିଙ୍ଗି ଦିଅନ୍ତି । ଯଦି ପୋଷାକଗୁଡ଼ିକ ଆମପାଇଁ ଉପଯୁକ୍ତ ନହୁଏ, ତେବେ ଆମେ ସାଧାରଣତଃ ସେଗୁଡ଼ିକୁ ସାନଭାଇ ଭଉଣୀ କିମ୍ବା ବ୍ୟବହାର କରୁଥିବା ଅନ୍ୟ କାହାକୁ ଦେଇଥାଉ । ବେଳେବେଳେ ଜଣେ ବୟସ୍କ ବ୍ୟକ୍ତି ଏଥିରୁ ଅନ୍ୟ କିଛି ତିଆରି କରି ପାରନ୍ତି । ଆମ ଦେଶରେ ଛୋଟ ଛୋଟ ଖଣ୍ଡଗୁଡ଼ିକୁ ଯୋଡ଼ି ସୁନ୍ଦର ଗଦି ବା କନ୍ଥା ତିଆରି କରିବାର ଏକ ପୁରୁଣା ପରମ୍ପରା ମଧ୍ୟ ରହିଛି ।

## ପ୍ରଦର୍ଶନୀ

ତୁମେ କେତେକ ସୁନ୍ଦର ଜିନିଷ ସବୁ ପ୍ରସ୍ତୁତ କରିଛ । ତୁମେ ତିଆରି କରିଥିବା ମଶିଣା, ସିଲେଇ ବସ୍ତ୍ର, ପତ୍ରରେ ନିର୍ମିତ ପାତ୍ର ଇତ୍ୟାଦି ପ୍ରଦର୍ଶନ କର । ସେଗୁଡ଼ିକର ନାମ ଏବଂ ସେଗୁଡ଼ିକ କିପରି ତିଆରି, ତାହାର ବିବରଣୀ ଲେଖାଥିବା କାଗଜ ସେଥିରେ ଲଗାଅ, ତୁମ ସହପାଠୀ ଓ ପିତାମାତାଙ୍କୁ ସେଗୁଡ଼ିକ ପରିଦର୍ଶନ କରିବାକୁ ନିମନ୍ତ୍ରଣ କର ।



ହସ୍ତତନ୍ତ ହଜାର ହଜାର ପରିବାରକୁ ସହାୟତା ଦେଇଥାଏ ଏବଂ ଏଥିରେ ବିଦ୍ୟୁତ୍ ଶକ୍ତି ବ୍ୟବହାର ହୁଏନାହିଁ ଓ ଏହା ଦୀର୍ଘସ୍ଥାୟୀ ।

### ଆସ, ଚିନ୍ତା କରିବା

୧. ତୁମେ କେବେ ପୁରୁଣା କପଡ଼ାକୁ ପୁନଃ ବ୍ୟବହାର କିମ୍ବା ପୁନଃଚକ୍ରଣ କରିଛ କି ? ତୁମେ କିମ୍ବା ତୁମ ପରିବାର ଏଥିରୁ କ'ଣ କ'ଣ ତିଆରି କରିଛ ?

୨. ଯଦି ସିଲେଇ ହୋଇଥିବା କପଡ଼ାରେ କିମ୍ବା ମଶିଣାରେ ଗୋଟିଏ ସୂତା ଛିଣ୍ଡିଯାଏ, ତେବେ କ'ଣ ହୋଇପାରେ ?

୩. ଜଣେ ବୟସ୍କଙ୍କ ସହିତ ଏକ ଦର୍ଜୀ ଦୋକାନ କିମ୍ବା ହସ୍ତତନ୍ତ ଦୋକାନ ପରିଦର୍ଶନ କର । ସେଠାରେ ତୁମେ କେଉଁ ଉପକରଣ ବା ଯନ୍ତ୍ରପାତି ବ୍ୟବହାର ହେଉଥିବାର ଦେଖିଲ ?

୪. ତୁମ ଅଞ୍ଚଳ କିମ୍ବା ରାଜ୍ୟରେ କେଉଁ ପ୍ରକାର ବୁଣାକାର୍ଯ୍ୟ ବା ସିଲେଇକାମ ପ୍ରସିଦ୍ଧ, ତାହା ଜାଣିବାକୁ ଚେଷ୍ଟା କର ଓ ତାହାର ନାମ ଲେଖ ।

୫. ଆମେ ପୁରୁଣା ପୋଷାକ ଫୋପାଡ଼ି ଦେବା ଉଚିତ ନୁହେଁ, କାହିଁକି ?

୬. ନିମ୍ନରେ ରେଶମ ପୋକ ଜୀବନଚକ୍ରର ସୋପାନଗୁଡ଼କ ଅସଜଡ଼ା କରି ଦିଆଯାଇଛି । ସେଗୁଡ଼ିକ ପଢ଼ ଓ ଠିକ୍ କ୍ରମରେ ୧ ରୁ ୬ ପର୍ଯ୍ୟନ୍ତ ସଂଖ୍ୟା ସଜାଡ଼ି ଲେଖ ।

◯ କୋଷାରୁ ପୂର୍ଣ୍ଣାଙ୍ଗ ପୋକ ବାହାରକୁ ଆସେ ।
◯ ଅଣ୍ଡାରୁ ଛୋଟ ଛୋଟ ଲାର୍ଭା ବାହାରି ଥାଏ ।
◯ ରେଶମ ପୋକ ଅଣ୍ଡା ଦେଇଥାଏ ।
◯ ଚକ୍ର ପୁଣି ଆରମ୍ଭ ହୁଏ ।
◯ ଲାର୍ଭା ମାନେ ତୁତ ପତ୍ର ଖାଇ ବଡ଼ ହୁଅନ୍ତି ।
◯ ଲାର୍ଭା ଚାରିପାଖରେ କୋଷା ତିଆରି ହୁଏ ।

୭. ଘରୁ କିମ୍ବା ନିକଟସ୍ଥ ଦର୍ଜୀଙ୍କଠାରୁ ୫-୬ ଖଣ୍ଡ ବିଭିନ୍ନ ପ୍ରକାର ଛୋଟ ବଳକା କପଡ଼ା ଆଣ । ଏହି କପଡ଼ାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରି ସାରଣୀଟି ପୂରଣ କର । ଏହା କପା, ପଶମ, ରେଶମ, ଝୋଟ, ପଲିଷ୍ଟର୍ କିମ୍ବା ନାଇଲନ୍‌ରୁ ତିଆରି କି ନାହିଁ ଜାଣିବା ପାଇଁ ଜଣେ ବୟସ୍କ ବ୍ୟକ୍ତିଙ୍କୁ ପଚାର କିମ୍ବା ନିଜ ପୁସ୍ତକରୁ ଖୋଜ ।

| କପଡ଼ା ଖଣ୍ଡ | ଏହା ହାତକୁ କିପରି ଲାଗୁଛି କୋମଳ/ଖଦଡ଼ିଆ | ମୋଟା / ପତଳା | ଚମକଦାର ହଁ / ନା | ପ୍ରସାରିତ ହୁଏ ହଁ/ନା | ଏହା କେଉଁଥିରୁ ତିଆରି ଭାବୁଛ ? |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |
| | | | | | |



ଏକକ-୫

# ଆମ ବିଚିତ୍ର ଗ୍ରହ

## ଏକକ ସମ୍ପର୍କରେ...

ପ୍ରସ୍ତୁତି ପର୍ଯ୍ୟାୟର ଶେଷରେ ଶିକ୍ଷାର୍ଥୀମାନେ ବିଭିନ୍ନ ଭୂମିରୂପ, ଜୀବନ ଶୈଳୀ ଏବଂ ଚାରିପାଖର ବିସ୍ତୃତ କାର୍ଯ୍ୟକଳାପ ବିଷୟରେ ଶିଖିବେ । ଆହୁରି ମଧ୍ୟ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଏବଂ ସେମାନେ ବାସ କରୁଥିବା ପୃଥିବୀର ଚମତ୍କାରିତା ବିଷୟରେ ଜାଣିବେ । ପ୍ରକୃତି ଓ ଦୈନନ୍ଦିନ ଜୀବନ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ବୁଝିବାରେ ଏହି ଏକକ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବ ।

ପଞ୍ଚମ ଶ୍ରେଣୀର ଏହି ଏକକଟି ଶିକ୍ଷାର୍ଥୀମାନଙ୍କୁ ପ୍ରକୃତିର ଧାରା ଓ ପୃଥିବୀରେ ଜୀବନ ଶୈଳୀର ଗଭୀର ସଂଯୋଗକୁ ଅନୁସନ୍ଧାନ କରିବାରେ ସାହାଯ୍ୟ କରିବ । ଋତୁ ଅନୁଯାୟୀ ଖାଦ୍ୟ, ପକ୍ଷୀମାନଙ୍କର ଯାତ୍ରା ଓ କାହାଣୀ ଏବଂ ଚିନ୍ତାଧାରା ମାଧ୍ୟମରେ ପ୍ରକୃତି, ମନୁଷ୍ୟ ଓ ସଂସ୍କୃତି କିପରି ସମ୍ପର୍କିତ, ତାହା ଅନୁସନ୍ଧାନ କରିବେ । ପତ୍ରିକା ଲିଖନ ଓ ନିଜର କାର୍ଯ୍ୟ ମାଧ୍ୟମରେ ସେମାନେ ଚତୁଃପାର୍ଶ୍ୱ ସହିତ ଯୋଡ଼ି ହୋଇ ପୃଥିବୀ ଆମର ସହଭାଗୀ ବାସସ୍ଥାନ ବୋଲି ହୃଦୟଙ୍ଗମ କରିବେ ।



DRAFT

## ଶିକ୍ଷକଙ୍କ ପାଇଁ ସୂଚନା


ଏହି ଏକକରେ ଦୁଇଟି ପାଠ ରହିଛି । ପାଠ-୯ "ପ୍ରକୃତିର ଧାରା" ଏବଂ ପାଠ-୧୦ "ପୃଥିବୀ– ଆମ ବାସସ୍ଥାନ" ।

### ପାଠ-୯ : ପ୍ରକୃତିର ଧାରା

- ପ୍ରକୃତିର ଧାରା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଚାରିପାଖରେ ଥିବା ବିଶ୍ୱର ପରିବର୍ତ୍ତନର ପ୍ରାକୃତିକ ଧାରାକୁ ବୁଝିବାରେ ଓ ପର୍ଯ୍ୟବେକ୍ଷଣ କରିବାରେ ସାହାଯ୍ୟ କରେ । ଯେପରିକି- ଦିନ, ରାତି ଓ ଋତୁ । ସେହିପରି ଗଛଲତା, ପଶୁପକ୍ଷୀ, ମାନବ ଓ ସ୍ଥାନଗୁଡ଼ିକ ସମୟ ସହିତ ପରିବର୍ତ୍ତନ ହୋଇଥାନ୍ତି । ପତ୍ରିକା ଲିଖନ, ବିଭିନ୍ନ କାର୍ଯ୍ୟକଳାପ ଓ ପରିପ୍ରକାଶ ମାଧ୍ୟମରେ ଏହା ଶିକ୍ଷାର୍ଥୀମାନଙ୍କୁ ସ୍ଥାନୀୟ ପରିବେଶ ସହ ନିବିଡ଼ ଭାବରେ ଯୋଡ଼ିଥାଏ । ଏହାସହ ପ୍ରକୃତିର ପୁନରାବୃତ୍ତିର ଧାରାକୁ ଲକ୍ଷ୍ୟ କରିବାକୁ ଉତ୍ସାହିତ କରିଥାଏ ।

### ପାଠ-୧୦ : ପୃଥିବୀ ଆମ ବାସସ୍ଥାନ

- ଏହି ପାଠ ଶିକ୍ଷାର୍ଥୀମାନଙ୍କୁ ଧାରଣା ଦେଇଥାଏ ଯେ, ପୃଥିବୀ ଏକ ପରସ୍ପର ନିର୍ଭରଶୀଳ ଜୀବନ୍ତ ଗ୍ରହ । ଯେଉଁଠାରେ ମନୁଷ୍ୟ, ପ୍ରାଣୀ, ଉଦ୍ଭିଦ ଏବଂ ସେମାନଙ୍କ ଭାବଧାରା ଏକତ୍ର ମିଳିତ ହୋଇ ବଢ଼ନ୍ତି ଓ ଆଗକୁ ଗତି କରନ୍ତି । ଆମେ ଆମ ପରିସର ଅତିକ୍ରମ କରି ପ୍ରକୃତି ଜ୍ଞାନ ଓ ସଂସ୍କୃତିର ଭାବ ବିନିମୟ କିପରି କରୁ ତାହା କାହାଣୀ ମାଧ୍ୟମରେ ଦର୍ଶାଏ । ଏହା ଆମ ବାସସ୍ଥାନ ପୃଥିବୀରେ ସମସ୍ତଙ୍କୁ ଆପଣାର ଭାବି, ସମ୍ମାନ ଦେଇ, ସମସ୍ତଙ୍କ ପ୍ରତି ଯତ୍ନଶୀଳ ହେବା – 'ବସୁଧୈବ କୁଟୁମ୍ବକମ୍'ର ଧାରଣାକୁ ଜୀବନ୍ତ କରିଥାଏ ।





### ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତା

- ଚତୁଃପାର୍ଶ୍ୱରେ ଘଟୁଥିବା ଋତୁକାଳୀନ ପରିବର୍ତ୍ତନ ପକ୍ଷୀ ଓ ପ୍ରଜାପତିର ଆଗମନ, ଫୁଲ ଓ ପାଣିପାଗ ପରିବର୍ତ୍ତନର ପର୍ଯ୍ୟବେକ୍ଷଣ ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ । ପତ୍ରିକା ଓ ଚାର୍ଟ ମାଧ୍ୟମରେ ପର୍ଯ୍ୟବେକ୍ଷଣଗୁଡ଼ିକ ଅନୁଧ୍ୟାନ କରି ଲିପିବଦ୍ଧ କରିବାରେ ସାହାଯ୍ୟ କରନ୍ତୁ ।
- ପ୍ରକୃତିର ବାସ୍ତବ ଜୀବନର ଧାରାକୁ ଅନୁସନ୍ଧାନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀଗୃହର ବାହାରେ ଥିବା ଖେଳପଡ଼ିଆ, ବଗିଚା ଓ ଜଳାଶୟ ନିକଟକୁ ନିଅନ୍ତୁ ।
- ସେମାନଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରିବା ପାଇଁ ସରଳ ଚିନ୍ତନମୂଳକ ପ୍ରଶ୍ନ ପଚାରନ୍ତୁ । ଯେପରିକି- ଏହା କେଉଁଠାରୁ ଆସିଥିଛି ? କିମ୍ବା ଆମେ ସମସ୍ତେ ଏହାକୁ କାହିଁକି ବ୍ୟବହାର କରୁ ?
- ଚିତ୍ରଣ, ଚିତ୍ରାଙ୍କନ, ପୋଷ୍ଟର ଓ ଗ୍ଲୋବ ଆଧାରିତ କାର୍ଯ୍ୟ ମାଧ୍ୟମରେ ପୃଥିବୀରେ ଜିନିଷଗୁଡ଼ିକ କିପରି ଗତି କରନ୍ତି ତାହା ଜାଣିବାରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରନ୍ତୁ ।
- ସ୍ଥାନୀୟ ବିବିଧତାକୁ ଭଲ ଭାବରେ ବୁଝିବାରେ ଭାରତର ବିଭିନ୍ନ ସ୍ଥାନର ଋତୁକାଳୀନ ଅନୁଭୂତି (କାଶ୍ମୀରରେ ଅନୁଭୂତ ଶୀତ ସହିତ କେରଳର ଅନୁଭୂତ ଶୀତ)କୁ ତୁଳନା କରନ୍ତୁ ।
- ଆମେ ସମସ୍ତେ ପୃଥିବୀରେ ଏକ ବିଶାଳ ପରିବାରର ସଦସ୍ୟ । "ବସୁଧୈବ କୁଟୁମ୍ବକମ୍"ର ଧାରଣାକୁ ଶିକ୍ଷାର୍ଥୀମାନଙ୍କୁ ବୁଝାନ୍ତୁ ।

DRAFT



# ୯ ପ୍ରକୃତିର ଧାରା



ରିଚା ତାର ସାଙ୍ଗ ଅପର୍ଣ୍ଣାକୁ ଆଲିଙ୍ଗନ କରି କହିଲା, "ଓଃ, ବହୁତ ଦିନ ପରେ ତୁମକୁ ଦେଖି ଚକିତ ହେଲି । ତୁମେ ମୋ ଠାରୁ ଡେଙ୍ଗା ! ଓ ତୁମର କେଶ ଏବେ ବି ଛୋଟ ଅଛି ।"

ଅପର୍ଣ୍ଣା ହସିଲା, "ହଁ ! ତୁମେ ଗିଟାର ବଜାଇବା ଶିଖିବା ଆରମ୍ଭ କରିଛ ! ଗତବର୍ଷଠାରୁ ବହୁତ କିଛି ବଦଳି ଯାଇଛି ।"

ଦୁଇ ବନ୍ଧୁ ସେମାନଙ୍କର ପୁରୁଣା ଶ୍ରେଣୀଗୃହ, ପ୍ରିୟ ଖେଳ ଏବଂ ବିଦ୍ୟାଳୟ ଫାଟକ ନିକଟରେ ଲଗାଯାଇଥିବା ନୂଆ ନୂଆ ଗଛ ବିଷୟରେ ଆଲୋଚନା କଲେ ।

## ? ଲେଖ

ତୁମେ, ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳର କଥା ମନେ ପକାଇବାକୁ ଚେଷ୍ଟା କର । ତୁମ ନିଜଠାରେ, ତୁମ ସାଙ୍ଗମାନଙ୍କ ଠାରେ, ତୁମ ବିଦ୍ୟାଳୟରେ ଏବଂ ତୁମ ପରିବେଶରେ ଲକ୍ଷ୍ୟ କରୁଥିବା ପରିବର୍ତ୍ତନଗୁଡ଼ିକ ବିଷୟରେ ଚିନ୍ତା କର ଓ ଲେଖ ।








| | ତୃତୀୟ ଶ୍ରେଣୀ | ଚତୁର୍ଥ ଶ୍ରେଣୀ | ପଞ୍ଚମ ଶ୍ରେଣୀ |
|---|---|---|---|
| ତୁମଠାରେ ଓ ତୁମର ସାଙ୍ଗ ଠାରେ | | | |
| ବିଦ୍ୟାଳୟରେ | | | |
| ଚତୁଃପାର୍ଶ୍ୱସ୍ଥ ଅଞ୍ଚଳରେ | | | |

ଆମ ନିଜର ଓ ଆମ ଚତୁଃପାର୍ଶ୍ୱର ସବୁବେଳେ ପରିବର୍ତ୍ତନ ଘଟୁଛି, କେତେକ ପରିବର୍ତ୍ତନ ବର୍ଷ ବର୍ଷ ଧରି ହେଉଥିବା ସମୟରେ କେତେକ ପରିବର୍ତ୍ତନ କିଛିଦିନରେ କିମ୍ବା କିଛି ମିନିଟ୍‌ରେ ହୋଇଥାଏ । ତୁମ ଚାରିପାଖରେ ଜିନିଷଗୁଡ଼ିକ କିପରି ପରିବର୍ତ୍ତନ ହେଉଛି, ତାହା ତୁମେ ଲକ୍ଷ୍ୟ କରିଛ କି ? ଏହି ବିଷୟରେ ଚିନ୍ତା କର । ପ୍ରତିବର୍ଷ ତୁମର ଉଚ୍ଚତା ବଢୁଛି, ଗଛରୁ ପତ୍ର ଝଡୁଛି ଓ ପୁଣି କଅଁଳୁଛି, ଫୁଲ ଫୁଟୁଛି, ଶୁଖି ଝଡ଼ି ପଡ଼ି ପୁଣି ଫୁଟୁଛି, ଆକାଶର ରଙ୍ଗ ବଦଳୁଛି, ପ୍ରତିଦିନ ସୂର୍ଯ୍ୟ ଉଦୟ ଏବଂ ଅସ୍ତ ହେଉଛନ୍ତି ।



## ଲେଖ

୧. ବାସ୍ତବରେ ବର୍ଷାଧିକ ସମୟ ଲାଗୁଥିବା କେତେକ ପରିବର୍ତ୍ତନ ବିଷୟରେ ତୁମେ ଚିନ୍ତା କରିପାରୁଛ କି ?

୨. ଅଳ୍ପ କିଛି ବର୍ଷ ମଧ୍ୟରେ କ'ଣ କ'ଣ ପରିବର୍ତ୍ତନ ହୁଏ ?

୩. ପ୍ରତିବର୍ଷ ହେଉଥିବା କିଛି ପରିବର୍ତ୍ତନ ବାରମ୍ବାର ହୁଏ କି ?

୪. ଏପରି କିଛି ପରିବର୍ତ୍ତନର ନାମ କହିପାରିବ କି, ଯାହା କିଛି ମିନିଟ୍ କିମ୍ବା ସେକେଣ୍ଡ୍ ମଧ୍ୟରେ ହୋଇଥାଏ ।

ଅରୁଣାଚଳ ପ୍ରଦେଶର 'ଡଙ୍ଗ' ଗ୍ରାମକୁ ଭାରତର ପ୍ରଥମ ସୂର୍ଯ୍ୟୋଦୟର ଗ୍ରାମ ବୋଲି କୁହାଯାଏ । ଭାରତର ଏହି ସ୍ଥାନରେ ସର୍ବପ୍ରଥମେ ସୂର୍ଯ୍ୟକିରଣ ପଡ଼ିଥାଏ ।

## ଗୋଟିଏ ଦିନରେ ଆମ ଚାରିପାଖରେ ହେଉଥିବା ପରିବର୍ତ୍ତନ (ଦିନ ଓ ରାତି)

ଯେପରି ଆମର ବୃଦ୍ଧି ଓ ପରିବର୍ତ୍ତନ ହୁଏ, ସେହିପରି ଆମ ଚାରିପାଖର ଦୁନିଆର ମଧ୍ୟ ପରିବର୍ତ୍ତନ ହୋଇଥାଏ । ଦିନପରେ ରାତି ହୁଏ ଓ ରାତି ପରେ ଦିନ ହୁଏ ।

ଦିନ ରାତି ହେବାର କାରଣ କ'ଣ ?

ସୂର୍ଯ୍ୟ ପୂର୍ବଦିଗରୁ ଉଦୟ ହେବାପରି ମନେ ହୁଏ, ଆକାଶରେ ଗତି କରେ ଏବଂ ପଶ୍ଚିମ ଦିଗରେ ଅସ୍ତ ହୁଏ । ତେବେ କ'ଣ ସୂର୍ଯ୍ୟ ଗତି କରେ କି ?



ଆସ ଏକ ସରଳ ଖେଳ ଖେଳି ବୁଝିବା

## କାର୍ଯ୍ୟ-୧

ଜଣେ ଶିକ୍ଷାର୍ଥୀ 'ସୂର୍ଯ୍ୟ' ହୋଇ ଶ୍ରେଣୀ ମଝିରେ ଛିଡ଼ା ହେଉ ଏବଂ ଅନ୍ୟ ଜଣେ "ପୃଥିବୀ" ହୋଇ କିଛି ଦୂରରେ ଛିଡ଼ା ହେଉ । 'ପୃଥିବୀ' ଭୂମିକାରେ ଥିବା ଶିକ୍ଷାର୍ଥୀ ଗୋଟିଏ ସ୍ଥାନରେ ଛିଡ଼ା ହୋଇ ଧୀରେ ଧୀରେ ନିଜ ଚାରିପଟେ ଘୂର୍ଣ୍ଣନ କରୁ । 'ସୂର୍ଯ୍ୟ' ହୋଇଥିବା ଶିକ୍ଷାର୍ଥୀଙ୍କୁ ଦେଖୁଥିବା ସମୟରେ "ଦିନ.... ଦିନ.... ଦିନ..." କହି ଚାଲିବ ଓ ଯେତେବେଳେ ଶିକ୍ଷାର୍ଥୀ 'ସୂର୍ଯ୍ୟ'ଙ୍କୁ ଦେଖିପାରିବ ନାହିଁ "ରାତି... ରାତି... ରାତି..." କହି ଚାଲିବ ।

ଆସ, ଏକ ଟର୍ଚ୍ଚ ଏବଂ ଗ୍ଲୋବ୍ ବ୍ୟବହାର କରି ଏହି କାର୍ଯ୍ୟ କରିବା ।

ପ୍ରଦର୍ଶନ – ଦିନ ଓ ରାତି

**ସୋପାନ-୧ :** ଟେବୁଲ ଉପରେ ଏକ ଗ୍ଲୋବ୍ ରଖ ଏବଂ ଗ୍ଲୋବର ଏକ ପାର୍ଶ୍ୱରେ ଟର୍ଚ୍ଚଟିକୁ ଜଳାଇ ରଖ । ଟର୍ଚ୍ଚଟି ସୂର୍ଯ୍ୟଙ୍କୁ ପ୍ରତିନିଧିତ୍ୱ କରିବ । ଯେଉଁ ପାର୍ଶ୍ୱରେ ଆଲୋକ ପଡ଼ିବ ତାହା ଦିନ ଏବଂ ଯେଉଁ ପାର୍ଶ୍ୱରେ ଆଲୋକ ପଡ଼ିବ ନାହିଁ ତାହା ରାତି ହେବ ।

**ସୋପାନ-୨ :** ଘୂର୍ଣ୍ଣନ– ଟର୍ଚ୍ଚକୁ ସ୍ଥିର ରଖି ଗ୍ଲୋବ୍‌କୁ ଧୀରେ ଧୀରେ ଘୂରାଅ ।



**ସୋପାନ-୩:** ଗ୍ଲୋବ୍‌କୁ ଘୂର୍ଣ୍ଣନ କଲେ ଏହାର ବିଭିନ୍ନ ଅଂଶ କିପରି ଆଲୋକିତ ହୁଏ ପର୍ଯ୍ୟବେକ୍ଷଣ କର ।

ଟର୍ଚ୍ଚ ପରି ସୂର୍ଯ୍ୟ ଗୋଟିଏ ସ୍ଥାନରେ ରହିଥାଏ ଏବଂ ବାସ୍ତବରେ ପୃଥିବୀ ହିଁ ଘୂର୍ଣ୍ଣନ କରେ ।

ତୁମେ ଲକ୍ଷ୍ୟ କଲ କି ? ଆଲୋକ କିପରି ଗ୍ଲୋବ୍‌ର ଗୋଟିଏ ପାର୍ଶ୍ୱରେ ଦିନ ଏବଂ ଅନ୍ୟ ପାର୍ଶ୍ୱରେ ରାତି କଲା ?

## ତୁମେ ଜାଣିଛ କି ?



ଗ୍ଲୋବ୍ ହେଉଛି ଏକ ମଡେଲ ଯାହା ପୃଥିବୀକୁ ଦର୍ଶାଏ । ବାସ୍ତବ ପୃଥିବୀ ପରି ଏହାର ଆକୃତି ଗୋଟିଏ ବଲ୍ ପରି । ଗ୍ଲୋବ୍‌ର ନୀଳ ଅଂଶ ହେଉଛି ସମୁଦ୍ର ଓ ମହାସାଗର, ଯାହାକି ପୃଥିବୀର ପ୍ରାୟ ତିନି-ଚତୁର୍ଥାଂଶକୁ ଆଚ୍ଛାଦିତ କରିଛି । ସମୁଦ୍ରଗୁଡ଼ିକ ସାଧାରଣତଃ ମହାସାଗର ଅପେକ୍ଷା ଛୋଟ ଓ ଆଂଶିକ ଭାବରେ ସ୍ଥଳଭାଗ ଦ୍ୱାରା ଘେରି ରହିଥାଏ ଅନ୍ୟ ପକ୍ଷରେ ମହାସାଗରଗୁଡ଼ିକ ବିସ୍ତୀର୍ଣ୍ଣ ଜଳଭାଗ । ଅବଶିଷ୍ଟ ସ୍ଥଳଭାଗରେ ଆମର ସମସ୍ତ ଦେଶ ରହିଛି ।

ଓଡ଼ିଶାରେ କୋଇଲି ଗୀତ ଗାଇଲେ କୃଷକମାନେ ବର୍ଷା ହେବାର ସୂଚନା ପାଇ ମଞ୍ଜି ବୁଣିବା ଆରମ୍ଭ କରନ୍ତି ।

## ଖୋଜି ବାହାର କର

ଭାରତରେ ଦିନ ହୋଇଥିବା ସମୟରେ କେଉଁ ଦେଶରେ ରାତି ହୋଇଥାଏ, ଗ୍ଲୋବ୍ ଅଧ୍ୟୟନ କରି ନିମ୍ନରେ ଲେଖ ।


---

## ବର୍ଷକ ମଧ୍ୟରେ ଆମ ଚାରିପାଖରେ ହେଉଥିବା ପରିବର୍ତ୍ତନ ।

### ଋତୁଭିତ୍ତିକ ପତ୍ରିକା

ରିତା ଏବଂ ଅପର୍ଣ୍ଣା,
ବିଦ୍ୟାଳୟ ବଗିଚାରେ ବସି
ସେମାନଙ୍କର ଋତୁଭିତ୍ତିକ
ପତ୍ରିକା ଦେଖୁଛନ୍ତି ।
ତୁମେ ମଧ୍ୟ ବର୍ଷ ସାରା ତୁମ
ଚାରିପାଖର ଦୁନିଆକୁ ଭଲ
ଭାବରେ ଦେଖିଆସୁଛ ଏବଂ
ପର୍ଯ୍ୟବେକ୍ଷଣ କରି
ଋତୁଭିତ୍ତିକ ପତ୍ରିକା ପ୍ରସ୍ତୁତ
କରିଛ ।





ରିତା ଏବଂ ଅପର୍ଣ୍ଣା ପରି ଆସ, ଆମେ ଏବେ ଏକାଠି ହୋଇ ଆମର ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କରିବା ।

## ଶ୍ରେଣୀଗୃହ କାର୍ଯ୍ୟ-

## ଋତୁଭିତ୍ତିକ ଚାର୍ଟ :

ତୁମେ କୌତୂହଳୀ ହୋଇ ବର୍ଷସାରା ପ୍ରକୃତି, ଉଦ୍ଭିଦ, ପ୍ରାଣୀ, ସୂର୍ଯ୍ୟାଲୋକ, ଜଳ ଏବଂ ମାନବର କାର୍ଯ୍ୟକଳାପକୁ ଅନୁସନ୍ଧାନ କରିଆସୁଛ । ଏବେ ତୁମର ଶିକ୍ଷଣକୁ ଉପଯୋଗ କରି ବର୍ଷସାରା ଘଟୁଥିବା ପରିବର୍ତ୍ତନର ଧାରାଗୁଡ଼ିକୁ ବୁଝିବାକୁ ଚେଷ୍ଟା କର ।

**ସୋପାନ-୧ : ଶ୍ରେଣୀଗୃହ ପାଇଁ ଏକ ଚାର୍ଟ ତିଆରି କରିବା ।**

ଆସ ତୁମ ଶ୍ରେଣୀଗୃହ କାନ୍ଥରେ ଏକ ବଡ଼ ଚାର୍ଟ ପ୍ରସ୍ତୁତ କରି ତୁମ ପତ୍ରିକାରେ ଥିବା ପର୍ଯ୍ୟବେକ୍ଷଣଗୁଡ଼ିକୁ ଲିପିବଦ୍ଧ କରିବା । ଏହାଦ୍ୱାରା ସମସ୍ତ ପର୍ଯ୍ୟବେକ୍ଷଣଗୁଡ଼ିକ ଗୋଟିଏ ଚାର୍ଟରେ ଏକାଠି ରହିପାରିବ ଓ ଆମେ ସଂପୂର୍ଣ୍ଣ ତଥ୍ୟ ପାଇପାରିବା ।

ଚାର୍ଟର ସ୍ତମ୍ଭରେ ନିମ୍ନଲିଖିତ ସମୟ ଅବଧି ରହିବ । ଯଥା: ଏପ୍ରିଲ-ଜୁନ, ଜୁଲାଇ-ସେପ୍ଟେମ୍ବର, ଅକ୍ଟୋବର-ଡିସେମ୍ବର ଓ ଜାନୁଆରୀ-ମାର୍ଚ୍ଚ ଓ ସାରଣୀର ଧାଡ଼ିରେ ବିଷୟଗୁଡ଼ିକ ଯଥା: "ଉଦ୍ଭିଦର ଜୀବନଶୈଳୀ", "ପଶୁ ଓ ପକ୍ଷୀ", "ବାୟୁ, ଉତ୍ତାପ ଓ ଆଲୋକ", "ଜଳ ଓ ଜଳାଶୟ" ଏବଂ "ମାନବ କାର୍ଯ୍ୟକଳାପ" ରହିବ ।

## ଚାର୍ଟର ନମୁନା

| ବିଷୟ | ସମୟ-ଅବଧି | | | |
|---|---|---|---|---|
| | ଏପ୍ରିଲ-ଜୁନ | ଜୁଲାଇ-ସେପ୍ଟେମ୍ବର | ଅକ୍ଟୋବର-ଡିସେମ୍ବର | ଜାନୁଆରୀ-ମାର୍ଚ୍ଚ |
| ଉଭିଦର ଜୀବନଶୈଳୀ | | | | |
| ପଶୁ ଓ ପକ୍ଷୀ | | | | |
| ବାୟୁ, ଉତ୍ତାପ ଏବଂ ଆଲୋକ | | | | |
| ଜଳ ଓ ଜଳାଶୟ | | | | |
| ମାନବର କାର୍ଯ୍ୟକଳାପ | | | | |


## ସୋପାନ-୨ : ଚାର୍ଟ ପୂରଣ କର

ଚାର୍ଟର ପ୍ରତି କୋଠରୀ (ଉଦାହରଣସ୍ୱରୂପ, ଏପ୍ରିଲରୁ-ଜୁନ" ଉଦ୍ଭିଦର ଜୀବନଶୈଳୀ) ପୂରଣ କରିବାପାଇଁ ତୁମ ମଧ୍ୟରୁ ଜଣେ ଛିଡ଼ା ହୋଇ ପର୍ଯ୍ୟବେକ୍ଷଣ କରାଯାଇଥିବା ତଥ୍ୟକୁ ଶ୍ରେଣୀରେ ଆଲୋଚନା କରିପାରିବ । ଜଣ ଜଣ କରି ତୁମେ ତୁମର ପତ୍ରିକାରୁ ପର୍ଯ୍ୟବେକ୍ଷଣଗୁଡ଼ିକ ଉପସ୍ଥାପନ କରିବ । ଆଲୋଚନା କରି ମୁଖ୍ୟ ପର୍ଯ୍ୟବେକ୍ଷଣଗୁଡ଼ିକୁ ଚାର୍ଟରେ ଲେଖ ।









ଏହିପରି ପରବର୍ତ୍ତୀ ଶିକ୍ଷାର୍ଥୀ ଛିଡ଼ା ହୋଇ ଆଉ ଏକ କୋଠରୀ ପୂରଣ କରିବ । ଏହି ଉପାୟରେ ତୁମର ସମସ୍ତ ପର୍ଯ୍ୟବେକ୍ଷଣଗୁଡ଼ିକ ଶ୍ରେଣୀରେ ଥିବା ଚାର୍ଟରେ ସ୍ଥାନିତ ହେବ ।

ସମସ୍ତେ ଦେଖିବା ଓ ଶିଖିବା ପାଇଁ ଚାର୍ଟଟି ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ।

## ସୋପାନ-୩: ବର୍ଷକ ମଧ୍ୟରେ ଘଟୁଥିବା ପରିବର୍ତ୍ତନଗୁଡ଼ିକୁ ଅନୁସନ୍ଧାନ କର :

ବର୍ଷସାରା ତୁମେ ଅନୁସନ୍ଧାନ କରିଥିବା ପରିବର୍ତ୍ତନର ଧାରାକୁ ନିରୀକ୍ଷଣ କରିବାର ସମୟ ଆସିଛି । ଆସ ପାଞ୍ଚଟି ଦଳ ଗଠନ କରିବା । ପ୍ରତ୍ୟେକ ଦଳ ଚାର୍ଟରୁ ଗୋଟିଏ ବିଷୟବସ୍ତୁ ବାଛି ପାରିବେ ଏବଂ ବର୍ଷସାରା ବିଭିନ୍ନ ସମୟ ଅବଧିରେ ପରିବର୍ତ୍ତନର ଧାରାକୁ ଅଧ୍ୟୟନ କରିବେ ।

ଦଳ-୧ : ଉଦ୍ଭିଦର ଜୀବନଶୈଳୀ

ଦଳ-୨ : ପଶୁ ଓ ପକ୍ଷୀ

ଦଳ-୩: ବାୟୁ, ଉତ୍ତାପ ଓ ଆଲୋକ

ଦଳ-୪ : ଜଳ ଓ ଜଳାଶୟ

ଦଳ-୫ : ମାନବ କାର୍ଯ୍ୟକଳାପ

ତୁମ ପ୍ରସଙ୍ଗ ଆଧାରରେ ଗୋଟିଏ ପୋଷ୍ଟର ତିଆରି କରି ବର୍ଷକ ଭିତରେ ପ୍ରସଙ୍ଗଗୁଡ଼ିକ କିପରି ବଦଳୁଛି, ତାହାକୁ ଅଭିନବ ଭାବରେ ଉପସ୍ଥାପନ କର ।

**ଉଦାହରଣ ସ୍ୱରୂପ :**

ଦଳ-୧ : ବିଭିନ୍ନ ମାସରେ ଉଦ୍ଭିଦଗୁଡ଼ିକର ପତ୍ର, ଫୁଲ କିମ୍ବା ଫଳରେ କି ପରିବର୍ତ୍ତନ ହୁଏ ଦର୍ଶାଇବେ ।

ଦଳ-୪ : ଭିନ୍ନ ଭିନ୍ନ ମାସରେ ପୋଖରୀ, ଗାଡ଼ିଆ କିମ୍ବା ବର୍ଷାର କି ପରିବର୍ତ୍ତନ ହୁଏ ତାହା ଦେଖାଇପାରିବେ ।

ପୋଷ୍ଟର ପ୍ରସ୍ତୁତି କରିସାରିବା ପରେ ଶ୍ରେଣୀରେ ପ୍ରଦର୍ଶନ କର ।

DRAFT

## ସୋପାନ-୪ : ବର୍ଷସାରା ପରିବର୍ତ୍ତନକୁ ଲକ୍ଷ୍ୟ କରିବା

ସମସ୍ତ ଦଳ ଉପସ୍ଥାପନା କରି ସାରିବା ପରେ, ସମୟ ଅବଧି ଅନୁଯାୟୀ ୪ଟି ନୂତନ ଦଳ ଗଠନ କର ଯେପରି ପ୍ରତି ନୂତନ ଦଳରେ ପ୍ରତ୍ୟେକ ବିଷୟବସ୍ତୁରୁ ଜଣେ ଶିକ୍ଷାର୍ଥୀ ରହିବେ ।

ଦଳ-୧ : ଏପ୍ରିଲ-ଜୁନ୍

ଦଳ-୨ : ଜୁଲାଇ-ସେପ୍ଟେମ୍ବର

ଦଳ-୩: ଅକ୍ଟୋବର - ଡିସେମ୍ବର

ଦଳ-୪: ଜାନୁଆରୀ-ମାର୍ଚ୍ଚ

ବର୍ତ୍ତମାନ ପ୍ରତ୍ୟେକ ଦଳ ସେମାନେ ବାଛିଥିବା ସମୟ ଅବଧି ପାଇଁ ଚାର୍ଟରେ ଥିବା ପାଞ୍ଚଟି ବିଷୟବସ୍ତୁ ଆଧାରିତ ତଥ୍ୟଗୁଡ଼ିକୁ ବିଶ୍ଳେଷଣ କରିବେ ।

ଏହି ପର୍ଯ୍ୟବେକ୍ଷଣ ତଥ୍ୟଗୁଡ଼ିକୁ ବ୍ୟବହାର କରି ତୁମର ସମୟ ଅବଧି (ଉଦାହରଣସ୍ୱରୂପ:- ଜାନୁଆରୀ-ମାର୍ଚ୍ଚ) ପାଇଁ ପ୍ରକୃତିରେ ଘଟୁଥିବା ଘଟଣାକୁ ଲୋକମାନଙ୍କର ଜୀବନଶୈଳୀ ସହ ସଂଯୋଗ କରି ଛୋଟ କାହାଣୀଟିଏ ଲେଖ । ଶ୍ରେଣୀରେ ଏହାକୁ ପଢ଼ ।

## ଋତୁଗୁଡ଼ିକୁ ଜାଣିବା

ବର୍ଷସାରା ଉଦ୍ଭିଦର କିପରି ପରିବର୍ତ୍ତନ ହୁଏ, ପଶୁପକ୍ଷୀମାନେ କିପରି ବ୍ୟବହାର କରନ୍ତି, ବାୟୁ କିପରି ଅନୁଭୂତ ହୁଏ, ଜଳର କି ପରିବର୍ତ୍ତନ ହୁଏ ଏବଂ ମଣିଷର କାର୍ଯ୍ୟକୁ ଆମେ ଦେଖିଛୁ । ତୁମେ ବର୍ତ୍ତମାନ ଜାଣିବ ଯେ, ବର୍ଷସାରା ପ୍ରକୃତିର ଧୀରେ ଧୀରେ ପରିବର୍ତ୍ତନ ହୁଏ । ପାଗ ଉଷ୍ମ ହୁଏ, ଉତ୍ତପ୍ତ ହୁଏ ଏବଂ ପରେ ବର୍ଷା ହୁଏ, ପୁନର୍ବାର ଉଷ୍ମ ହେବା ପୂର୍ବରୁ ଥଣ୍ଡା ହୁଏ । ଆମେ ବର୍ଷସାରା ଏହି ପରିବର୍ତ୍ତନଗୁଡ଼ିକୁ ଅନୁଭବ କରୁ । କିନ୍ତୁ ତୁମେ କ'ଣ ଭାବୁଛ ଯେ, ଗତବର୍ଷ ମଧ୍ୟ ସମାନ ଘଟଣା ଘଟିଥିଲା ? ଆସନ୍ତା ବର୍ଷ ପୁଣି ଏହା ଘଟିବ କି ?

ହଁ, ଏହିସବୁ ପରିବର୍ତ୍ତନ ଏକ ଧାରା ଅନୁସରଣ କରନ୍ତି । ଏକ ପ୍ରାକୃତିକ ଧାରା ଯାହାର ପ୍ରତିବର୍ଷ ପୁନରାବୃତ୍ତି ହୁଏ । ପ୍ରକୃତିର ଏହି ପୁନରାବୃତ୍ତି ଧାରାକୁ ଆମେ "ଋତୁ" ବୋଲି କହିଥାଉ ।

ତୁମ ଅଞ୍ଚଳରେ ଋତୁଗୁଡ଼ିକୁ କ'ଣ କୁହାଯାଏ ?





ତୁମେ ଜାଣିଛ କି ଭାରତରେ କେତୋଟି ଋତୁ ଅନୁଭୂତ ହୁଏ ? ଭାରତରେ ପ୍ରତି ଦୁଇ ମାସରେ ପ୍ରକୃତିର ପରିବର୍ତ୍ତନକୁ ଆଧାର କରି ଆମେ ଛଅଟି ଋତୁ ଅନୁଭବ କରୁ ।



| ଋତୁ | ମାସର ନାମ (ନିଜ ଅଞ୍ଚଳ ପାଇଁ ପୂରଣ କର) |
|---|---|
| ବସନ୍ତ | |
| ଗ୍ରୀଷ୍ମ | |
| ବର୍ଷା | |
| ଶରତ | |
| ହେମନ୍ତ | |
| ଶିଶିର ( ଶୀତ) | |

ବର୍ଷା ଋତୁରେ, ଗାତରେ ଜଳ ପଶିଯାଉଥିବାରୁ ସାପମାନେ ବାହାରକୁ ଆସନ୍ତି- ଏହି କାରଣରୁ ପ୍ରକୃତି ଓ ସରୀସୃପଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ "ନାଗପଞ୍ଚମୀ" ଉତ୍ସବ ପାଳନ କରାଯାଏ ।





## ଲେଖ

ଋତୁ ପରିବର୍ତ୍ତନ ହେଲେ ତୁମେ କିପରି ଅନୁଭବ କର ? ଯଦି ବର୍ଷସାରା ଗୋଟିଏ ଋତୁ ଅନୁଭୂତ ହେବ, ତେବେ ତୁମେ କେଉଁଟିକୁ ପସନ୍ଦ କରିବ ? ତୁମ ଉତ୍ତର ପାଇଁ କାରଣ ଦର୍ଶାଅ

________________________________________

________________________________________

## ଆସ ଆଲୋଚନା କରିବା

କେରଳରେ ଅନୁଭୂତ ହେଉଥିବା ଶୀତଋତୁ, କାଶ୍ମୀର ଉପତ୍ୟକାରେ ଅନୁଭୂତ ହେଉଥିବା ଶୀତ ଋତୁ ଠାରୁ ଭିନ୍ନ । ଆସାମରେ ହେଉଥିବା ବର୍ଷାର ପରିମାଣ, ରାଜସ୍ଥାନରେ ହେଉଥିବା ବର୍ଷାର ପରିମାଣ ଠାରୁ ଭିନ୍ନ । ଏପରି କାହିଁକି ହୁଏ ବୋଲି, ତୁମେ ଭାବୁଛ ?

### ଋତୁଭିତ୍ତିକ ଉତ୍ସବ

ଭାରତରେ ଋତୁକୁ ନେଇ ଅନେକ ଗୀତ ରହିଛି । ତୁମେ କିଛି ଗୀତ ଜାଣିଛ କି ? କେତୋଟି ଗୀତ ଖୋଜି ବାହାର କର ।

କୃଷକମାନେ ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାର ଫସଲ ଉତ୍ପାଦନ କରନ୍ତି । କିଛି ଫସଲ ଶୀତଋତୁରେ ଭଲ ହୁଏ ତ ଆଉ କିଛି ଗ୍ରୀଷ୍ମ ଋତୁରେ ଭଲ ହୋଇଥାଏ । କିଛି ଫସଲ ବର୍ଷା ଋତୁରେ ଲଗାଯାଏ କାରଣ ସେଗୁଡ଼ିକ ବଢ଼ିବାପାଇଁ ଅଧିକ ଜଳ ଆବଶ୍ୟକ କରନ୍ତି ।

ଶିକ୍ଷକ ଓ ବୟସ୍କମାନଙ୍କର ସାହାଯ୍ୟ ନେଇ, ତୁମ ଅଞ୍ଚଳରେ ଗ୍ରୀଷ୍ମ ଋତୁରେ ଓ ଶୀତ ଋତୁରେ ହେଉଥିବା ଫସଲର ନାମ ଲେଖ ।

| ଗ୍ରୀଷ୍ମ ଦିନିଆ ଫସଲ | ଶୀତ ଦିନିଆ ଫସଲ |
|---|---|
| | |
| | |
| | |
| | |
| | |

ଆମର ଅନେକ ପର୍ବ ଋତୁ ସହିତ ଜଡ଼ିତ । ଦେଖ, ନିମ୍ନରେ ପାଳନ କରାଯାଉଥିବା ପର୍ବର ଚିତ୍ର ସହ ପର୍ବ ଓ ଋତୁଗୁଡ଼ିକ ମେଳ କରାଇପାରିବ କି ?









| କ୍ରମିକ ନଂ | ପର୍ବ | | ଋତୁ |
|---|---|---|---|
| ୧ | ମକର ସଂକ୍ରାନ୍ତି | (କ) | ବସନ୍ତର ଆରମ୍ଭ ରବି ଫସଲ ଅମଳ ଉତ୍ସବ |
| ୨. | ନୂଆଖାଇ | (ଖ) | ଗ୍ରୀଷ୍ମ- ଶସ୍ୟ (ଧାନ) ବୁଣା ଆରମ୍ଭ |
| ୩. | ହୋଲି | (ଗ) | ଶୀତ-ଅମଳ ଉତ୍ସବ ସୂର୍ଯ୍ୟଙ୍କର ଉତ୍ତରଦିଗକୁ ଗମନ |
| ୪. | ଅକ୍ଷୟ ତୃତୀୟା | (ଘ) | ବର୍ଷା, ପ୍ରଥମ ଧାନ ଅମଳ ଗଣପର୍ବ |

ପ୍ରତ୍ୟେକ ଋତୁର କେତେକ ସ୍ୱତନ୍ତ୍ରତା ଥାଏ । ଋତୁ କହିଲେ, କେବଳ ପାଗର ପରିବର୍ତ୍ତନକୁ ବୁଝାଏ ନାହିଁ । ଏହା ଆମ ଚାରିପାଖରେ ଥିବା ଘଟଣାଗୁଡ଼ିକୁ ନିୟନ୍ତ୍ରିତ କରିଥାଏ । ଆମେ ଦେଖିଛୁ ଯେ, ଋତୁ ଆମକୁ ଅନେକ କିଛି ଜାଣିବାରେ ସାହାଯ୍ୟ କରେ, ଯେପରିକି ଗଛଲତାଙ୍କ ବୃଦ୍ଧି, ପଶୁମାନଙ୍କର ଚାଲିଚଳଣି, ଲୋକମାନଙ୍କର ଖାଦ୍ୟପେୟ, ବସ୍ତ୍ର ଓ କାର୍ଯ୍ୟ ଇତ୍ୟାଦି । ଅମଳ କରୁଥିବା ଫସଲଠାରୁ ଆରମ୍ଭ କରି ପାଳନ କରୁଥିବା ପର୍ବ ପର୍ଯ୍ୟନ୍ତ ଋତୁ ଆମ ଜୀବନଶୈଳୀକୁ ପ୍ରଭାବିତ କରିଥାଏ ଏବଂ ଉକ୍ତ ପରିବର୍ତ୍ତନ ସ୍ୱାଭାବିକ ଓ ଆବଶ୍ୟକ, ତାହା ଆମକୁ ସୂଚାଇଦିଏ ।

ଏହିପରି ଋତୁଗୁଡ଼ିକ କେବଳ ଆମ କାର୍ଯ୍ୟକୁ ନିୟନ୍ତ୍ରିତ କରେ ନାହିଁ, ବରଂ ଜୀବନଚକ୍ର ସମ୍ପର୍କରେ ଶିକ୍ଷା ଦିଏ । ଋତୁ ଅନୁଯାୟୀ ଆମ ଜୀବନ ଚକ୍ର ମଧ୍ୟ ପ୍ରଭାବିତ ହୋଇଥାଏ । ପ୍ରତ୍ୟେକ ଦିନ ଯେମିତି ତୁମେ ବାହାରକୁ ପାଦ ଦିଅ, ତୁମେ ନିର୍ଦ୍ଦିଷ୍ଟ ଋତୁ ପ୍ରଭାବରେ ପ୍ରକୃତିର ଧାରାକୁ ଅନୁଭବ କରିଥାଅ ।

## ଆସ, ଚିନ୍ତା କରିବା

୧. ଋତୁ ପରିବର୍ତ୍ତନ ବିଷୟରେ ତୁମର ଅଭିଜ୍ଞତା ବର୍ଣ୍ଣନା କର ।

୨. ତୁମ ପରିବାରର ସଦସ୍ୟଙ୍କୁ ପଚାରି ଋତୁଗୁଡ଼ିକ ସମ୍ପର୍କରେ ଲେଖ । ଋତୁର ପରିବର୍ତ୍ତନର ଧାରା ସମ୍ପର୍କରେ ବିଶେଷ କିଛି ପାର୍ଥକ୍ୟ ଲକ୍ଷ୍ୟ କରୁଛ କି ? ଏହି ପାର୍ଥକ୍ୟଗୁଡ଼ିକର ସମ୍ଭାବ୍ୟ କାରଣ କ'ଣ ହୋଇପାରେ ?

୩. ଋତୁଗୁଡ଼ିକର ଆଞ୍ଚଳିକ ନାମ ରହିଛି । ତଳେ ଦିଆଯାଇଥିବା ଋତୁଗୁଡ଼ିକୁ ତୁମ ଅଞ୍ଚଳରେ ଓ ତୁମ ଭାଷାରେ କ'ଣ କୁହାଯାଏ ବୁଝି ଲେଖ ।

(କ) ବସନ୍ତ: ______________________

(ଖ) ଗ୍ରୀଷ୍ମ: ______________________

(ଗ) ବର୍ଷା (ମୌସୁମୀ): ______________________

(ଘ) ଶରତ: ______________________

(ଙ) ହେମନ୍ତ: ______________________

(ଚ) ଶୀତ: ______________________

DRAFT





୪. ତୁମର ପର୍ଯ୍ୟବେକ୍ଷଣ ଓ ଅନୁଭୂତି ଆଧାରରେ ନିମ୍ନରେ ଥିବା ସାରଣୀ ପୂରଣ କର ।

| ଋତୁର ନାମ | ତୁମେ ଖାଉଥିବା ଖାଦ୍ୟ | ତୁମେ ପିନ୍ଧୁଥିବା ପୋଷାକ/ବସ୍ତ୍ର | ତୁମେ ପାଳନ କରୁଥିବା ଉତ୍ସବ | ତୁମ ଚାରିପାଖର ପ୍ରକୃତି |
|---|---|---|---|---|
| ବସନ୍ତ | | | | |
| ଗ୍ରୀଷ୍ମ | | | | |
| ବର୍ଷା/(ମୌସୁମୀ) | | | | |
| ଶରତ | | | | |
| ହେମନ୍ତ | | | | |
| ଶୀତ | | | | |

୫. ଋତୁଭିତ୍ତିକ ପତ୍ରିକା ଲେଖିବାରେ ତୁମର ଅନୁଭୂତି ଆଲୋଚନା କର ।

୬. ତିନୋଟି ମୁଖ୍ୟ ଋତୁ ସମ୍ପର୍କରେ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କର ।

| ଗ୍ରୀଷ୍ମ | ବର୍ଷା | ଶୀତ |
|---|---|---|
| | | |

DRAFT



# ୧୦ ପୃଥିବୀ – ଆମ ବାସସ୍ଥାନ

## ନୀଳଗ୍ରହ

"ପୃଥିବୀକୁ ବାହାରୁ ଦେଖିଲେ ପ୍ରଥମ ଭାବନା ମନକୁ ଆସେ ଯେ, ଏହା ଏକ ଗୋଲାକାର ପିଣ୍ଡ, ଏଥିରେ କୌଣସି ସୀମା ଥିବା ପରି ଜଣାପଡ଼େ ନାହିଁ । ଏଥିରେ କୌଣସି ରାଜ୍ୟ କିମ୍ବା ଦେଶ ଥିବା ପରି ଜଣାପଡ଼େ ନାହିଁ । ଆମେ ସମସ୍ତେ ମାନବ ଜାତିର ଅଂଶ । ପୃଥିବୀ ଆମର ଘର, ଆମେ ସମସ୍ତେ ଏକତ୍ର ସେଥିରେ ବାସ କରୁ ।"

ଏହା ଥିଲା ଆନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିବାପରେ ପ୍ରଥମ ଭାରତୀୟ ଭାବରେ ଦଳର କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତାର କିଛି ପ୍ରେରଣାଦାୟକ ଶବ୍ଦ ।

DRAFT

### ତୁମେ ଜାଣିଛ କି ?

ମହାକାଶରୁ ପୃଥିବୀକୁ ଦେଖିଥିବା ପ୍ରଥମ ଭାରତୀୟ ମହାକାଶଚାରୀ ହେଉଛନ୍ତି ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା । ମହାକାଶରୁ ଭାରତ କିପରି ଦେଖାଯାଉଛି ପଚାରିବାରୁ ସେ କହିଥିଲେ, "ସାରେ ଜହାଁ ସେ ଆଚ୍ଛା" (ସାରା ବିଶ୍ୱରେ ଶ୍ରେଷ୍ଠ) ।





ମହାକାଶର ଅତି ଉଚ୍ଚରୁ ପୃଥିବୀକୁ ଦେଖିଲେ ତାହା ଅତିକ୍ଷୁଦ୍ର ଦେଖାଯାଏ ଏବଂ ସେଥିରେ ଆମର ଗାଁ ଓ ସହର ଭଳି କ୍ଷୁଦ୍ରସ୍ଥାନଗୁଡ଼ିକୁ ଆମେ ଦେଖିପାରିବା ନାହିଁ । ଆମେ କେବଳ ବିସ୍ତୃତ ଭୂମି ଏବଂ ବିଶାଳ ସମୁଦ୍ର ଆମର ନୀଳଗ୍ରହରେ ଦେଖିଥାଉ ।

## କାର୍ଯ୍ୟ-୧



ଆମେ ସମସ୍ତେ ଏହି ଗ୍ରହରେ ରହୁ ଏବଂ ଆମ ପ୍ରତ୍ୟେକଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ଠିକଣା ଅଛି । ତଳେ ତୁମ ଠିକଣା ପୂରଣ କର ।

୧. ମୋର ଠିକଣା

ନାମ : ______________________

ଘର ନମ୍ବର / ଅଟ୍ଟାଳିକା (କୋଠାଘର) ନାମ : ______________________

ଗଳି ନାମ : ______________________

ଗ୍ରାମ/ସହର/ନଗର : ______________________

ଜିଲ୍ଲା : ______________________

ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳ : ______________________

ଦେଶ : ______________________

ଗ୍ରହ : ______________________

୨. ଗ୍ଲୋବ୍ ବ୍ୟବହାର କରି ଖୋଜ ।

(କ) ପୃଥିବୀର ସମସ୍ତ ମହାସାଗର ପରସ୍ପର ସହ ସଂଯୁକ୍ତ କି ?

(ଖ) ଗ୍ଲୋବ୍‌ରେ ଭାରତର ଅବସ୍ଥିତି କେଉଁଠି ?

DRAFT

## ତୁମେ ଜାଣିଛ କି ?

ଡିଜିପିନ (DIGIPIN) ତୁମ ଠିକଣାର ଏକ ଡିଜିଟାଲ୍ ସଂସ୍କରଣ । ଏହା ଭାରତର ପ୍ରତ୍ୟେକ ଛୋଟ ସ୍ଥାନକୁ ତାହାର ୧୦ ଅଙ୍କ ବିଶିଷ୍ଟ ସ୍ୱତନ୍ତ୍ର ଡିଜିଟାଲ କୋଡ୍ ଦିଏ । ଏହା ତୁମ ଘର କିମ୍ବା ବିଦ୍ୟାଳୟର ନାମକୁ ସୂଚିତ କଲାପରି ଏକ ସୂଚକ: ଗାଁ କିମ୍ବା ସହରରେ ଡାକପିଅନ, ଆମ୍ବୁଲାନ୍ସ କିମ୍ବା କୌଣସି ଜିନିଷ ଦେବାକୁ ଆସୁଥିବା ବ୍ୟକ୍ତିଙ୍କୁ ତୁମକୁ ଶୀଘ୍ର ଖୋଜିବାରେ ଏହା ସହାୟକ ହୋଇଥାଏ ।



ଯେତେବେଳେ ପୃଥିବୀକୁ ଆମେ ବହୁତ ଉଚ୍ଚରୁ ଦେଖୁ, ଦେଶ ଦେଶ ମଧ୍ୟରେ କୌଣସି ସୀମା ରେଖା ଦେଖାଯାଏ ନାହିଁ । ସେହିପରି ପ୍ରକୃତିର କୌଣସି ସୀମା ନାହିଁ- ତେଣୁ ବାୟୁ, ଜଳ, ବାଦଲ ଏପରିକି ବୀଜ ଓ ପଶୁପକ୍ଷୀମାନେ ମଧ୍ୟ ମୁକ୍ତ ଭାବରେ ସାରା ପୃଥିବୀରେ ବିଚରଣ କରନ୍ତି ।

ସାରା ବିଶ୍ୱର ଲୋକମାନେ ମଧ୍ୟ ବିଭିନ୍ନ ଉପାୟରେ ପରସ୍ପର ସହ ସଂଯୁକ୍ତ । ଯେପରି ଭାରତର ଲୋକମାନେ ନିଜ ମଧ୍ୟରେ ନଦୀ, ପର୍ବପର୍ବାଣୀ ଓ ଫଳମୂଳକୁ ଆଦାନ ପ୍ରଦାନ କରିଥାନ୍ତି, ସେହିପରି ସାରା ବିଶ୍ୱର ଲୋକମାନେ ବିଭିନ୍ନ ଜିନିଷ ଦିଆନିଆ କରି ନିଜ ନିଜ ମଧ୍ୟରେ ସଂପର୍କ ସ୍ଥାପନ କରିଥାନ୍ତି । ଆମେ ପିନ୍ଧୁଥିବା ପୋଷାକ, ଖାଉଥିବା ଖାଦ୍ୟ ଓ ଖେଳୁଥିବା ଖେଳଣାଗୁଡ଼ିକ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆସିଥାଏ । ଚିନ୍ତାଧାରା, ଖାଦ୍ୟପେୟ, ସଂଗୀତ, କାହାଣୀ ଓ ଉଦ୍ଭାବନଗୁଡ଼ିକର ମଧ୍ୟ ଆଦାନପ୍ରଦାନ ହୁଏ ।

ଆମେ ସମସ୍ତେ ଏକାଠି ମିଶି ପୃଥିବୀର ଯତ୍ନନେବା ସହିତ ପ୍ରକୃତି, ବାଣିଜ୍ୟ ଏବଂ ଯାତାୟାତ ମାଧ୍ୟମରେ ପରସ୍ପର ସହିତ ଜଡ଼ିତ ହୋଇଥାଉ । ତେଣୁ ପୃଥିବୀ ହେଉଛି ଆମ ସମସ୍ତଙ୍କ ବାସସ୍ଥାନ ।

ଆସ, ଆମେ କିଛି କାହାଣୀ ମାଧ୍ୟମରେ ଏହାକୁ ଅନୁସନ୍ଧାନ କରିବା ।

**ଶିକ୍ଷକଙ୍କ ପାଇଁ ସୂଚନା**

ଶିକ୍ଷକ ଗ୍ଲୋବ ବ୍ୟବହାର କରି ମେକ୍ସିକୋ, ପର୍ତ୍ତୁଗାଲ, ଦକ୍ଷିଣ ଆମେରିକା, ବ୍ରାଜିଲ, ରୁଷିଆ, ମଙ୍ଗୋଲିଆ ପରି କିଛି ଦେଶ ସହ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଇପାରିବେ ।

## କାହାଣୀ-୧ : ଭ୍ରମଣକାରୀ ପକ୍ଷୀ



ତୁମେ ଗୋଲାପୀ ଓ କଳା ରଙ୍ଗର ପକ୍ଷୀମାନଙ୍କୁ ବଡ଼ ବଡ଼ ଦଳରେ ଉଡୁଥିବାର ଦେଖିଛ କି ? ସେମାନେ ହେଉଛନ୍ତି ଗୋଲାପୀ ଷ୍ଟାର୍‌ଲିଙ୍ଗ୍ ପକ୍ଷୀ । ପ୍ରତି ଶୀତ ଋତୁରେ ସେମାନେ ହଜାର ହଜାର କିଲୋମିଟର ଦୂରରେ ଥିବା ରୁଷିଆର ଦକ୍ଷିଣ ଭାଗ ମଙ୍ଗୋଲିଆ ଓ ଏହାର ନିକଟବର୍ତ୍ତୀ ଦେଶମାନଙ୍କରୁ ଭାରତକୁ ଉଡ଼ି ଆସନ୍ତି ।



ଏହି ପକ୍ଷୀମାନେ ଭାରତର ଉଷ୍ଣ ଜଳବାୟୁକୁ ଉପଭୋଗ କରନ୍ତି ଓ ପଙ୍ଗପାଳ, ଝିଣ୍ଟିକା ଖାଇ ବଞ୍ଚନ୍ତି । ଏହିପରି ସେମାନେ ଫସଲକୁ ନଷ୍ଟ କରୁଥିବା କୀଟପତଙ୍ଗଙ୍କୁ ଖାଇ କୃଷକମାନଙ୍କୁ ସାହାଯ୍ୟ କରନ୍ତି । ଏତେ ଛୋଟ ଛୋଟ ପକ୍ଷୀ ଅନେକ ଦୂରରୁ ଆସି ଏତେ ସାହାଯ୍ୟ କରିବା ଆଶ୍ଚର୍ଯ୍ୟଜନକ ନୁହେଁ କି ?

ପ୍ରାଣୀମାନେ ମୁକ୍ତ ଓ ସୁରକ୍ଷିତ ଭାବେ ପୃଥିବୀସାରା ବିଚରଣ କରନ୍ତି, ଏଥିରୁ ଜଣାଯାଏ କିପରି ପ୍ରକୃତି ଏବଂ ବିଶ୍ୱ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

### ଲେଖ

୧. ତୁମ ଅଞ୍ଚଳକୁ ଗୋଲାପୀ ଷ୍ଟାର୍‌ଲିଙ୍ଗ୍ ପକ୍ଷୀ ଆସିଥାଏ କି ? ସ୍ଥାନୀୟ ଭାଷାରେ ତୁମେ ଏହାକୁ କ'ଣ କୁହ ?

________________________________________

________________________________________

୨. ଏହି କାହାଣୀଟି ପ୍ରକୃତି ବିଷୟରେ ଆମକୁ କ'ଣ ଜଣାଏ ?

________________________________________

________________________________________

## କାର୍ଯ୍ୟ-୨

୧. ଶୀତଦିନେ ତୁମ ଅଞ୍ଚଳକୁ ଆସୁଥିବା ୫ଟି ପକ୍ଷୀର ପୋଷ୍ଟର ତିଆରି କର । ସେମାନେ କେଉଁଠାରୁ ଆସୁଛନ୍ତି ତାହା ଜାଣିବାକୁ ଚେଷ୍ଟା କର ।

୨. ଗୋଲାପୀ ଷ୍ଟାରଲିଙ୍ଗ ପକ୍ଷୀ ଆସୁଥିବାର ଭ୍ରମଣ ପଥ (ରୁଷିଆ / ମଙ୍ଗୋଲିଆରୁ ଭାରତ)କୁ ସୂତା ବ୍ୟବହାର କରି ଗ୍ଲୋବ୍‌ରେ ସୂଚିତ କର ।

୩. ମନେକର ତୁମେ ଏକ ପକ୍ଷୀ, ବିଶ୍ୱ ଭ୍ରମଣ କରୁଛ । ତୁମକୁ ଯାତ୍ରା କରିବାରେ କିଏ ସହାୟକ ହୁଏ (ପବନ, ସାମୁଦ୍ରିକ ସ୍ରୋତ, ଉଷ୍ମ ଜଳବାୟୁ) ? ତୁମ ଯାତ୍ରାର ଅନୁଭୂତି ବିଷୟରେ ଏକ ବିବରଣୀ ଲେଖ ଓ ତୁମ ସହପାଠୀଙ୍କ ସହିତ ଆଲୋଚନା କର ।

'ଶୂନ'ର ଆବିଷ୍କାର ପ୍ରଥମେ ଭାରତରେ ହୋଇଥିଲା । 'କିଛି ନାହିଁ'ର ଧାରଣା ପାଇଁ ଏହା ସାରା ବିଶ୍ୱର ଲୋକଙ୍କୁ 'ଗଣିତ'କୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିଥିଲା ।

## ଲେଖ

"ପ୍ରକୃତିର କୌଣସି ସୀମା ନାହିଁ" କହିଲେ କ'ଣ ବୁଝ ?

## କାହାଣୀ ୨ : ଯୋଗ : ବିଶ୍ୱକୁ ଭାରତର ଉପହାର !

ପ୍ରାଚୀନ କାଳରୁ ଭାରତରେ ଲୋକମାନେ ନିଜ ଶରୀରକୁ ସୁସ୍ଥ ଏବଂ ମନକୁ ଶାନ୍ତ ରଖିବାପାଇଁ ଯୋଗ ଅଭ୍ୟାସ କରିଆସୁଛନ୍ତି । ପ୍ରକୃତି ସହ ନିଜକୁ ଖାପଖୁଆଇ ଜୀବନ ଧାରଣ କରିବାର ଏହା ଏକ ମାଧ୍ୟମ ଥିଲା । ତୁମେ ଜାଣିଥିଲ କି, ୩୦୦୦ ବର୍ଷରୁ ଅଧିକ ସମୟ ଧରି ଭାରତରେ ଯୋଗ ଅଭ୍ୟାସ ହୋଇଆସୁଛି ?



ସମୟ କ୍ରମେ ଭାରତର ପରିବ୍ରାଜକ, ବିଦ୍ୱାନ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ବିଶ୍ୱରେ ଯୋଗକୁ ପରିଚିତ କରାଇଛନ୍ତି । ଧୀରେ ଧୀରେ ଅନ୍ୟ ଦେଶର ଲୋକମାନେ ଯୋଗ ଶିଖିବା ଓ ଅଭ୍ୟାସ କରିବା ମଧ୍ୟ ଆରମ୍ଭ କଲେଣି । ଆଜିକାଲି ପ୍ରାୟ ପ୍ରତ୍ୟେକ ଦେଶରେ ଯୋଗ ଅଭ୍ୟାସ କରାଯାଉଛି ।

ଭାରତରୁ 'ଗୋଲମରିଚ' ଓ ଗୁଜୁରାତି (ଅଳେଇଚ) ପରି ମସଲା ବିଭିନ୍ନ ଦେଶକୁ ପଠାଯାଏ । ବ୍ୟବସାୟୀମାନେ ଏହାକୁ 'କଳାସୁନା' କହନ୍ତି ଓ ବହୁତ ଦୂରସ୍ଥାନକୁ ଯାତ୍ରା କରି ଏହାକୁ ସଂଗ୍ରହ କରନ୍ତି ।

### ତୁମେ ଜାଣିଛ କି ?

୨୦୧୪ ମସିହାରେ, ମିଳିତ ଜାତିସଂଘ ଜୁନ ୨୧ ତାରିଖକୁ "ଆନ୍ତର୍ଜାତୀୟ ଯୋଗ ଦିବସ" ରୂପେ ଘୋଷଣା କରିବା ପରେ ବିଶ୍ୱର ଲକ୍ଷ ଲକ୍ଷ ଲୋକ ଏକାସଙ୍ଗରେ ଯୋଗ କରୁଛନ୍ତି ।

ଭାରତରେ ଆରମ୍ଭ ହୋଇଥିବା ଏହି ଅଭ୍ୟାସ, ସାରା ବିଶ୍ୱରେ ପ୍ରିୟ ହେବା ଆଶ୍ଚର୍ଯ୍ୟଜନକ ନୁହେଁ କି ?

## ଆସ ଆଲୋଚନା କରିବା

ଯୋଗ ଅନେକ ଦେଶରେ ଲୋକପ୍ରିୟତା ହାସଲ କରିଛି ବୋଲି ତୁମେ କାହିଁକି  ଭାବୁଛ  ?

## ଲେଖ

ତୁମେ ଦେଖିଥିବା କିମ୍ବା ଚେଷ୍ଟା କରିଥିବା ଗୋଟିଏ ଯୋଗ ଆସନର ନାମ କହିପାରିବ କି  ?
ଏହା କିପରି ତୁମକୁ ସାହାଯ୍ୟ କରେ  ?

---

## କାହାଣୀ ୩: ଲଙ୍କା- ଏକ ମସଲା ଯାହା ଆମ ଜୀବନଶୈଳୀକୁ ବଦଳାଇ ଦେଲା ।

ବହୁବର୍ଷ ପୂର୍ବେ ଭାରତଠାରୁ ବହୁତ ଦୂରରେ ଥିବା ଦକ୍ଷିଣ ଆମେରିକାରେ ଲଙ୍କାଗଛ ଦେଖିବାକୁ ମିଳୁଥିଲା । ଭାରତ ଭ୍ରମଣରେ ଆସିଥିବା ପର୍ତ୍ତୁଗୀଜମାନେ (୪୦୦ରୁ ୫୦୦ ବର୍ଷ ପୂର୍ବେ) ଦକ୍ଷିଣ ଆମେରିକାରୁ ଲଙ୍କା ଭାରତକୁ ଆଣିଥିଲେ । ଲଙ୍କା ଭାରତର ନୂତନ ମୃତ୍ତିକା ଓ ନୂତନ ଜଳବାୟୁ ପାଇ ଭାରତୀୟ ରୋଷେଇଘରେ ପ୍ରବେଶ କରିଥିଲା । ତା'ପରେ କ'ଣ ହୋଇଥିବ ଚିନ୍ତା କର । ଭାରତର ଲୋକମାନେ ଏହାକୁ ଏତେ ଭଲ ପାଇଲେ ଯେ, ଏହା ବିନା କୌଣସି ଖାଦ୍ୟ ତିଆରି କଥା ଭାବିପାରିଲେ ନାହିଁ । ଲଙ୍କା ଆସିବା ପୂର୍ବରୁ ଆମେ କଳା ଗୋଲମରିଚକୁ ରାଗ ପାଇଁ ଖାଦ୍ୟରେ ବ୍ୟବହାର କରୁଥିଲୁ ।



'ଚେସ୍' ଖେଳ ଓ 'ସାପସିଢ଼ି' ଖେଳ ଭାରତରେ ଆରମ୍ଭ ହୋଇଥିଲା ।

ଗଛଲତାଗୁଡ଼ିକ କିପରି ଦୂର ଦେଶରୁ ଅଣାଯାଏ ଏବଂ ନୂତନ ସଂସ୍କୃତି ଓ ଖାଦ୍ୟରେ ସ୍ଥାନ ପାଏ ତାହା ଆଶ୍ଚର୍ଯ୍ୟଜନକ । ଏହାର ଏକ ଉତ୍କୃଷ୍ଟ ଉଦାହରଣ ହେଉଛି ଲଙ୍କା ଭାରତକୁ ଆସିବା ।

## ଲେଖ

୧. ଯଦି ଆମ ରୋଷେଇ ଘରେ ଗୋଟିଏ ସପ୍ତାହ ପାଇଁ ଲଙ୍କା ନ ରହେ ତେବେ କ'ଣ ହେବ ?

________________________________________

________________________________________

୨. ଲଙ୍କା ବଦଳରେ ଗୋଲମରିଚ ବ୍ୟବହାର ହୋଇ ପ୍ରସ୍ତୁତ ହେଉଥିବା ଏକ ଖାଦ୍ୟର ନାମ ପିତାମାତାଙ୍କୁ ପଚାରି ଲେଖ ।

________________________________________

________________________________________

## କାର୍ଯ୍ୟ-୩

୧. ରଙ୍ଗୀନ ସୂତା ବ୍ୟବହାର କରି, ଦକ୍ଷିଣ ଆମେରିକାରୁ ଭାରତକୁ ଲଙ୍କାର ଆସିଥିବା ପଥକୁ ଗ୍ଲୋବରେ ଦର୍ଶାଅ ।

୨. ଆଳୁ, ଟମାଟୋ, ଚିନାବାଦାମ, କାଜୁ ଓ ଅନେକ ଖାଦ୍ୟର ଏହିପରି ସମାନ କାହାଣୀ ରହିଛି । ସେଗୁଡ଼ିକ ମଧ୍ୟ ଦୂରଦେଶରୁ ଭାରତକୁ ଆସିଛି ଏବଂ ସେଗୁଡ଼ିକୁ ଆମର ଦୈନନ୍ଦିନ ଖାଦ୍ୟରେ ଆମେ ବ୍ୟବହାର କରୁ । ଉପରୋକ୍ତ ମଧ୍ୟରୁ ଗୋଟିଏର କାହାଣୀ ଖୋଜି ଲେଖ ।

## କାହାଣୀ ୪ : ଚିନିର ମଧୁର କାହାଣୀ

ଯେପରି ଲଙ୍କା ଭାରତକୁ ଆସିଥିଲା, ସେହିପରି ଚିନି ଭାରତରୁ ବିଶ୍ୱର ଅନ୍ୟାନ୍ୟ ଦେଶକୁ ଯାଇଥିଲା ।

ବହୁତ ବର୍ଷ ପୂର୍ବେ ବିଶ୍ୱର ଲୋକମାନେ ଚିନିର ବ୍ୟବହାର ବିଷୟରେ ଜାଣି ନ ଥିଲେ । ସେମାନେ ମହୁ ଓ ଅନ୍ୟ ପ୍ରାକୃତିକ ମିଠା ଜିନିଷ ବ୍ୟବହାର କରି ଖାଦ୍ୟର ମିଠା ଅଂଶ ବଢ଼ାଉଥିଲେ ।



ବାଣିଜ୍ୟ ମାଧ୍ୟମରେ 'କାଗଜ' ଚୀନରୁ ଭାରତକୁ ଆସିଥିଲା । ଏହା ପୂର୍ବରୁ ତାଳପତ୍ର, ଗଛର ବକଳରେ ଲେଖାଯାଉଥିଲା ।

ଆଖୁରସରୁ ଗୁଡ଼ ତିଆରି କରିବା ପଦ୍ଧତି ପ୍ରଥମେ ଭାରତରେ ଆବିଷ୍କୃତ ହୋଇଥିଲା । ସମୟକ୍ରମେ ଆମେ ଗୁଡ଼ରୁ ଚିନି ତିଆରି କରିବା ଉପାୟ ଜାଣିଲୁ ।

ଏହି ଜ୍ଞାନ ଓ କୌଶଳ, ବାଣିଜ୍ୟ ଓ ଭ୍ରମଣ ମାଧ୍ୟମରେ ବିଶ୍ୱର ବିଭିନ୍ନ ସ୍ଥାନରେ ପହଞ୍ଚି ପାରିଥିଲା ।

ତୁମେ ଜାଣିଛ କି, ଭାରତରୁ ଚାଉଳ, ଆମ୍ବ ଓ କଦଳୀ ଅନ୍ୟାନ୍ୟ ଦେଶକୁ ଯାଇଥିଲା । ଆଜି ବିଶ୍ୱର ସମସ୍ତ ଲୋକ ଏହି ସୁନ୍ଦର ଉପହାରଗୁଡ଼ିକୁ ଉପଭୋଗ କରୁଛନ୍ତି । କିନ୍ତୁ ଏହାର ଆରମ୍ଭ ଭାରତରୁ ହିଁ ହୋଇଥିଲା ।

ବିଶ୍ୱଭ୍ରମଣକାରୀଙ୍କ ପରି ଆମ ଖାଦ୍ୟର ସ୍ୱାଦ ସାରାବିଶ୍ୱରେ ପହଞ୍ଚି ପାରିଛି । ଏହା ଦର୍ଶାଏ ଯେ, ଆମେ କିପରି ନିବିଡ଼ ଭାବେ ପରସ୍ପର ସହ ସଂପର୍କିତ ।

## ଆସ ଆଲୋଚନା କରିବା

୧. ଯଦି ତୁମକୁ ସାରା ବିଶ୍ୱରେ ପରିଚିତ କରିବାପାଇଁ ଗୋଟିଏ ଭାରତୀୟ ଖାଦ୍ୟର ନାମ ବାଛିବାକୁ କୁହାଯାଏ, ତେବେ ତୁମେ କେଉଁଟିକୁ ବାଛିବ ?

୨. ଭବିଷ୍ୟତରେ ଭାରତର କେଉଁ ପ୍ରକାର ନୂଆ ଖାଦ୍ୟ ସାରା ବିଶ୍ୱରେ ପରିଚିତ ହେବ ବୋଲି ତୁମେ ଭାବୁଛ ?

DRAFT

## କାହାଣୀ-୫ : ଭାରତରେ ମେକ୍ସିକାନ ଗେଣ୍ଡୁ

ତୁମେ ଜାଣକି, ଗେଣ୍ଡୁଫୁଲ ମେକ୍ସିକୋରୁ ଆସିଛି ? ମେକ୍ସିକୋ ସଂସ୍କୃତିରେ ଗେଣ୍ଡୁଫୁଲ ଏକ ସ୍ୱତନ୍ତ୍ର ଫୁଲ ଯାହା ପର୍ବପର୍ବାଣୀରେ ବ୍ୟବହୃତ ହୁଏ । ସେଠାରୁ ଗେଣ୍ଡୁଫୁଲ ସାରା ବିଶ୍ୱ ଏବଂ ଭାରତକୁ ଆସି ଏକ ନୂତନ ସ୍ଥାନ ପାଇଥିଲା । ଏହାର ଗାଢ଼ କମଳା ଓ ହଳଦିଆ ରଙ୍ଗ ଯୋଗୁଁ ଆମେ ସମସ୍ତେ ଏହାକୁ ପସନ୍ଦ କରୁ । ଏହା ଆମ ମନରେ ଆନନ୍ଦ, ଉତ୍ସବ ପାଳନ ଏବଂ ଆଧ୍ୟାତ୍ମିକତାର ଭାବନାକୁ ଜାଗ୍ରତ କରାଏ । ଆଜିକାଲି ଭାରତର ସବୁସ୍ଥାନରେ ଯଥା- ମନ୍ଦିର, ଘର, ବିବାହ, ଦୀପାବଳୀ ଆଦି ପୂଜାପାର୍ବଣରେ ଗେଣ୍ଡୁଫୁଲ ବ୍ୟବହାର ହୁଏ ।



ଦୂର ଦେଶର ଗୋଟିଏ ଫୁଲ ଆଜି ଆମ ଉତ୍ସବ ପାଳନରେ ବିଶେଷ ସ୍ଥାନ ଗ୍ରହଣ କରିଛି ଏହା କ'ଣ ଆଶ୍ଚର୍ଯ୍ୟର କଥା ନୁହେଁ ?

### ଲେଖ

୧. ଉଭୟ ଭାରତର ଓ ମେକ୍ସିକୋର ସଂସ୍କୃତି, ପର୍ବପର୍ବାଣୀରେ ଗେଣ୍ଡୁଫୁଲର ବ୍ୟବହାର କରାଯାଏ ବୋଲି ତୁମେ କାହିଁକି ଭାବୁଛ ?

୨. ତୁମେ କାହିଁକି ଭାବୁଛ ଯେ ବିଭିନ୍ନ ଦେଶର ଲୋକମାନେ ସେମାନଙ୍କ ଉତ୍ସବ ପାଳନ ସମୟରେ ଫୁଲକୁ ବ୍ୟବହାର କରନ୍ତି ?

## କାହାଣୀ-୬: ବ୍ରାଜିଲକୁ ଯାଇଥିବା ଗାଈ

ବହୁ ପୂର୍ବେ, ପର୍ତ୍ତୁଗୀଜ ବ୍ୟବସାୟୀ କେତେକ ଭାରତୀୟ ଗାଈଙ୍କୁ ବ୍ରାଜିଲ ନେଇଯାଇଥିଲେ । ଏହି ଗାଈଗୁଡ଼ିକ ହୃଷ୍ଟପୁଷ୍ଟ ଥିଲେ, ଭଲ କ୍ଷୀର ଦେଉଥିଲେ ଓ ବ୍ରାଜିଲର ଜଳବାୟୁ ସହ ଖାପଖୁଆଇ ପାରିଥିଲେ ।



ସମୟକ୍ରମେ ଏମାନଙ୍କର ସଂଖ୍ୟା ବଢ଼ିଲା । ବର୍ତ୍ତମାନ ବ୍ରାଜିଲର କ୍ଷୀର ଉତ୍ପାଦନର ତିନି-ଚତୁର୍ଥାଂଶ କ୍ଷୀର ଭାରତର ତିନୋଟି ଗାଈ ପ୍ରଜାତି ଯଥା: ଗିର୍, କାଙ୍କ୍ରେଜ ଓ ଓଙ୍ଗୋଲେରୁ ମିଳିଥାଏ ।

ସେମାନେ ବ୍ରାଜିଲ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ହୋଇଗଲେ ଯେ ଡାକଟିକଟ ଓ ମୁଦ୍ରାରେ ସେମାନଙ୍କର ଚିତ୍ର ସ୍ଥାନ ପାଇଛି ।

### ଲେଖ

ଏହି କାହାଣୀଟି ପଶୁମାନଙ୍କର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ ବିଷୟରେ କ'ଣ ସୂଚାଏ ?

## କାର୍ଯ୍ୟ-୪

୧. ତୁମର ଶିକ୍ଷକ କିମ୍ବା ଜଣେ ବୟସ୍କଙ୍କ ସାହାଯ୍ୟ ନେଇ ଅତି କମ୍‌ରେ ଗାଈର ପାଞ୍ଚଟି ପ୍ରଜାତିର ନାମ ଖୋଜି ଲେଖ ।

୨. ତୁମ ଘର କିମ୍ବା ବିଦ୍ୟାଳୟର କେତେକ ଜିନିଷର ଏକ ତାଲିକା କର, ଯେଉଁଗୁଡ଼ିକ ବିଶ୍ୱର ଅନ୍ୟ ସ୍ଥାନରୁ ଆସିଅଛି । ମୂଳତଃ ସେଗୁଡ଼ିକ କେଉଁଠୁ ଆସିଛି ଖୋଜ ।

| ସାମଗ୍ରୀ | ନାମ | ଉତ୍ପତ୍ତି ଦେଶ |
|---|---|---|
| ପୋଷାକ | ଜିନ୍ସ | ଆମେରିକା |
| ଖାଦ୍ୟ | | |
| କ୍ରୀଡ଼ା | | |
| ବାଦ୍ୟଯନ୍ତ୍ର | | |
| ବୃକ୍ଷ | | |

## ଜୀବନ ଜାଲକ

ଏହି କାହାଣୀଗୁଡ଼ିକ କେବଳ ପଶୁପକ୍ଷୀ, ଉଦ୍ଭିଦ କିମ୍ବା ବସ୍ତୁର ନୁହେଁ, ଏହା ସହିତ ମନୁଷ୍ୟ, ଭ୍ରମଣ, ଆଦାନ ପ୍ରଦାନ ସଂସ୍କୃତିର ମିଶ୍ରଣର କାହାଣୀ । ଆମେ ବିଭିନ୍ନ ଭାଷା କହିପାରୁ ଓ ବିଭିନ୍ନ ଖେଳ ଖେଳିଥାଉ, କିନ୍ତୁ ଆମେ ସମସ୍ତେ ପରସ୍ପରଠାରୁ ଶିଖିଥାଉ ଓ ପରସ୍ପରକୁ ପ୍ରେରଣା ଦେଇଥାଉ ।

ମହାଦେଶ ମଧ୍ୟରେ ଉଡୁଥିବା ଏକ ପକ୍ଷୀ ହେଉ, ଅନ୍ୟ ଦେଶରେ ବଢୁଥିବା ଏକ ବୀଜ ହେଉ କିମ୍ବା ଯୋଗ ଭଳି ଅଭ୍ୟାସ ହେଉ, ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚିବା ଦ୍ୱାରା ଏହା ସତ ଯେ, ଆମେ ସମସ୍ତେ ପରସ୍ପର ସହ ଯୋଡ଼ି ହୋଇଛୁ ।

ଆମର ପୃଥିବୀ କେବଳ ସ୍ଥଳ ଓ ଜଳଭାଗରେ ସୀମିତ ନୁହେଁ, ଏହା ଜୀବନର ଏକ ଜୀବନ୍ତ ଜାଲକ ଯେଉଁଠି ମନୁଷ୍ୟ, ପ୍ରାଣୀ, ଉଦ୍ଭିଦ ଏବଂ ସେମାନଙ୍କ ଭାବନା ଏକତ୍ରିତ ହୋଇ ସ୍ଥାନାନ୍ତରିତ ହୁଏ ଓ ବୃଦ୍ଧି ପାଏ ।

ଆମ ଗ୍ରହ ପୃଥିବୀରେ ଜଣେ ଜଣଙ୍କଠାରୁ ଶିଖିବା, ଭାବ ଆଦାନ ପ୍ରଦାନ କରିବା ଓ ପରସ୍ପର ପ୍ରତି ଯତ୍ନଶୀଳ ହେବା ଦ୍ୱାରା ଆମେ ସଂପର୍କିତ ହୋଇଥାଉ ।

## କାର୍ଯ୍ୟ-୫

୧. ଜେଜେବାପା କିମ୍ବା ପଡ଼ୋଶୀଙ୍କର ଏକ ସାକ୍ଷାତକାର ନିଅ । ସେମାନଙ୍କୁ ଏକ ଖାଦ୍ୟ ପ୍ରଣାଳୀର ଗୀତ କିମ୍ବା ପ୍ରଥା ବିଷୟରେ ପଚାର ଯାହାକି ସେମାନଙ୍କର ପିଲାଦିନେ ନଥିଲା କିନ୍ତୁ ଏବେ ତାହା ସାଧାରଣ । ଏହା କେଉଁଠୁ ଆସିଛି ବୁଝ ।

୨. ତୁମେ ପଢ଼ିଥିବା କାହାଣୀଗୁଡ଼ିକରୁ ଭାରତରୁ ଅନ୍ୟ ଦେଶକୁ ଯାଇଥିବା ଓ ଅନ୍ୟ ଦେଶରୁ ଭାରତକୁ ଆସିଥିବା ଜିନିଷଗୁଡ଼ିକର ତାଲିକା କର ।

ଭିନ୍ନ ଭିନ୍ନ ରଙ୍ଗର ସୂତା ବ୍ୟବହାର କରି ସେମାନଙ୍କର ଗତିପଥକୁ ମାନଚିତ୍ରରେ ସୂଚିତ କର ।



## ଏକ ପୃଥିବୀ, ଏକ ପରିବାର

ପ୍ରାଚୀନ ଭାରତର ଗୋଟିଏ ସୁନ୍ଦର କଥା ଅଛି –

'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ସାରା ବିଶ୍ୱ ଏକ ପରିବାର ।

ସମସ୍ତ ମନୁଷ୍ୟ, ପଶୁପକ୍ଷୀ, ବୃକ୍ଷଲତା, ନଦୀ ଏପରିକି ବାୟୁ ଏବଂ ଆକାଶ ମଧ୍ୟ ଏହି ପରିବାରର ଅନ୍ତର୍ଭୁକ୍ତ । ପରସ୍ପର ଉପରେ ନିର୍ଭର କରି ଆମେ ସମସ୍ତେ ଆମ ଘର ପୃଥିବୀରେ ଏକାଠି ବାସ କରୁ ।


ବିଶ୍ୱକୁ ଆମେ ଗୋଟିଏ ପରିବାର ଭାବରେ ଦେଖିବା ଦ୍ୱାରା ଆମେ ସମ୍ମାନର ସହ ବଞ୍ଚିବା, ଯତ୍ନଶୀଳ ହେବା, ପରସ୍ପରକୁ ଭଲ ପାଇବା ସହ ପୃଥିବୀକୁ ଭଲ ପାଇବା ଶିଖିଥାଉ । ଏହାହିଁ 'ବସୁଧୈବ କୁଟୁମ୍ବକମ୍' ଆମକୁ ଶିଖାଇଥାଏ ।

ପୃଥିବୀ ହେଉଛି ପ୍ରକୃତରେ ସ୍ୱତନ୍ତ୍ର । ଏହା ହେଉଛି ଏକମାତ୍ର ଗ୍ରହ ଯେଉଁଠାରେ ଜୀବ ସତ୍ତା ରହିଛି । ହଜାର ହଜାର ବର୍ଷ ଧରି ଏଥିରେ ମଣିଷ, ପ୍ରାଣୀ ଓ ଉଭିଦ ଜୀବନ ଧାରଣ କରି ଆସୁଛନ୍ତି ।

ପୃଥିବୀ ମଧ୍ୟ ଯତ୍ନ ଆବଶ୍ୟକ କରେ । ଆମେ ଯେତେବେଳେ ପୃଥିବୀ ପ୍ରତି ଯତ୍ନବାନ ହେଉ, ସେତେବେଳେ ଆମେ ନିଜ ନିଜ ପ୍ରତି ଯତ୍ନବାନ ହୋଇଥାଉ । କାରଣ, ଆମେ ସମସ୍ତେ ସେହି ପରିବାରର ଅଂଶବିଶେଷ ।

ପୃଥିବୀ କେବଳ ଆମର ଘର ନୁହେଁ । ଏହା ଏକ ଉପହାର, ଯାହାକୁ ଆମେ ନିଜପାଇଁ, ଅନ୍ୟ ପାଇଁ ଓ ଭବିଷ୍ୟତ ପାଇଁ ନିଶ୍ଚିତ ସୁରକ୍ଷିତ ରଖିବା ।

DRAFT





## ତୁମେ ଜାଣିଛ କି ?

ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (MoEFCC)ର ଲୋଗୋ ପ୍ରକୃତି ଏବଂ ମାନବ ଜୀବନ ମଧ୍ୟରେ ସନ୍ତୁଳନକୁ ପ୍ରତିନିଧିତ୍ୱ କରେ । ଏହା ଆମକୁ ମନେ ପକାଇଦିଏ ଯେ, ମଣିଷ ଏବଂ ପ୍ରକୃତି ପରସ୍ପର ସହିତ ସମ୍ପର୍କିତ ଏବଂ ସମନ୍ୱୟ ରକ୍ଷା କରି ତିଷ୍ଠି ରହନ୍ତି । ଏହି ଲୋଗୋ ଆମକୁ ସୂଚାଇଦିଏ ଯେ ପରିବେଶ ପ୍ରତି ଯତ୍ନ ନେବା ଅର୍ଥ ନିଜର ମଧ୍ୟ ଯତ୍ନ ନେବା ।

## ଲେଖ

୧. 'ବସୁଧୈବ କୁଟୁମ୍ବକମ୍' ଆମକୁ କ'ଣ ଶିକ୍ଷା ଦିଏ ?

୨. 'ବସୁଧୈବ କୁଟୁମ୍ବକମ୍' ର ଅର୍ଥ ନିଜ ଭାଷାରେ ଲେଖ ।

୩. ଆମେ ଭିନ୍ନ ହୋଇଥିଲେ ମଧ୍ୟ ଗୋଟିଏ ବଡ଼ ପରିବାରର ସଦସ୍ୟ କିପରି ହୋଇଥାଉ ?

## ଆସ, ଚିନ୍ତା କରିବା

୧. ଗୋଟିଏ ଧାରଣା ସ୍ଥିର କର । ବହୁ ବର୍ଷ ପୂର୍ବେ କିପରି ଏହି ଧାରଣାଟି ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା, ସେ ବିଷୟରେ ଏକ ଛୋଟ କାହାଣୀ ଲେଖ । ଏହା କିପରି ଲୋକମାନଙ୍କର ଜୀବନଶୈଳୀ ଓ ଚିନ୍ତାଧାରାକୁ ବଦଳାଇବାରେ ସାହାଯ୍ୟ କରିଥିବ ଭାବ ।

୨. ପୃଥିବୀର ଯତ୍ନ ନେବାର ଗୋଟିଏ ଉପାୟ ଲେଖ ।

୩. ଭାରତରୁ ବିଶ୍ୱର ଅନ୍ୟାନ୍ୟ ସ୍ଥାନକୁ ଯାଇଥିବା ଗୋଟିଏ ଜିନିଷ ଚିହ୍ନଟ କର ଏବଂ ଏହା ବିଷୟରେ ଲେଖ ।

## ଋତୁ ଭିତ୍ତିକ ପତ୍ରିକା

ଏହା ତୁମର ନିଜସ୍ୱ ପତ୍ରିକା, ଯାହା ତୁମକୁ ଜଣେ କୁନି ଅନୁସନ୍ଧାନକାରୀ ପରି ବିଶ୍ୱକୁ ଜାଣିବାରେ ସାହାଯ୍ୟ କରିବ ।

ତୁମେ ଗାଁ, ସହର, ନଗର, ଜଙ୍ଗଲ ନିକଟରେ କିମ୍ବା ସମୁଦ୍ର ଉପକୂଳ ପ୍ରଭୃତି ସ୍ଥାନରେ ପ୍ରକୃତିକୁ ନିରୀକ୍ଷଣ କରିପାରିବ । ତୁମ ଚାରିପାଖ ଯଥା- ତୁମର ବାଡ଼ିପଟ, ବିଦ୍ୟାଳୟ, ଖେଳପଡ଼ିଆ, ଗାଁ, କୃଷିକ୍ଷେତ୍ର କିମ୍ବା ଆଖପାଖରେ ଥିବା ଉଦ୍ୟାନକୁ ଭଲ ଭାବରେ ଦେଖ ।



ଗୋଟିଏ ବର୍ଷରେ ପ୍ରତ୍ୟେକ ପର୍ଯ୍ୟାୟରେ ଚାରିଥର ତଥ୍ୟ ପ୍ରଦାନ କର । ପ୍ରତିଥର ସମାନ ସ୍ଥାନକୁ ପର୍ଯ୍ୟବେକ୍ଷଣ କରି ଯାହା ଦେଖିଲ, ଦିଆଯାଇଥିବା ପାଞ୍ଚଟି ବିଷୟରେ ତଥ୍ୟ ଲିପିବଦ୍ଧ କର । ତୁମେ ପୂର୍ଣ୍ଣବାକ୍ୟ ଲେଖିବା ଆବଶ୍ୟକ ନାହିଁ । ସଂକ୍ଷିପ୍ତ ନାମ ବା ଚିତ୍ର ମାଧ୍ୟମରେ କିଛି ସଂଗୃହୀତ ବସ୍ତୁକୁ ଅଠା ସାହାଯ୍ୟରେ ଲଗାଇପାରିବ ।

ଏହା ତୁମର ନିଜସ୍ୱ ପତ୍ରିକା । ଏହାକୁ ରଙ୍ଗୀନ, ସୁନ୍ଦର ଓ ଆକର୍ଷଣୀୟ କର ।





DRAFT

| ବିଷୟ | ମୁଁ ଯାହା ଦେଖିଲି |
| --- | --- |
| ଉଦ୍ଭିଦର ଜୀବନଶୈଳୀ | ତୁମେ କେତେକ ଗଛ କିମ୍ବା ଗୋଟିଏ ଗଛକୁ ବାଛି ପର୍ଯ୍ୟବେକ୍ଷଣ କରିପାରିବ । ଏହା ଫୁଲ ଗଛ କି ଫଳ ଗଛ ? କେବେ ଏହା ପତ୍ରଝଡ଼ା ଦିଏ ? ଏହାର ରଙ୍ଗ ବଦଳେ କି ? ଏହା କେଉଁ ପକ୍ଷୀ, ମହୁମାଛି କିମ୍ବା ପ୍ରଜାପତିକୁ ଆକର୍ଷିତ କରେ ? ଲୋକମାନେ ଏହାର ଫୁଲ, ଫଳ କିମ୍ବା ପତ୍ରଗୁଡ଼ିକୁ ସଂଗ୍ରହ କରନ୍ତି କି ? କୌଣସି ନୂତନ ଗଛ ଏଥିରୁ ସୃଷ୍ଟି ହୁଏ କି ? ପତ୍ର ଶୁଖିଯାଏ କିମ୍ବା ଝାଉଁଳି ପଡ଼େ କି ? |
| ପଶୁ ଓ ପକ୍ଷୀ | ତୁମ ଚାରିପାଖରେ କେଉଁ ପଶୁ, ପକ୍ଷୀ କିମ୍ବା କୀଟପତଙ୍ଗ ଦେଖୁଛ ? ସେମାନେ କ'ଣ କରୁଥିଲେ (ଯଥା: ଉଡୁଥିବା, ବସା ତିଆରି କରୁଥିବା, ଶାବକକୁ ଖୁଆଉଥିବା, ବିଶ୍ରାମ ନେଉଥିବା) ? ତୁମେ କୌଣସି ବସା କିମ୍ବା ପଶୁ ବା ପକ୍ଷୀ ଶାବକ ଦେଖିଛ କି ? ଚାରିପାଖରେ ବହୁତଗୁଡ଼ିଏ କୀଟପତଙ୍ଗ ଥିଲେ କି ? କୌଣସି ପଶୁ ଯାହା ତୁମେ ସାଧାରଣତଃ ଦେଖିନଥାଅ, ଦେଖିଲ କି ? ସେମାନେ ଦଳରେ ଥିଲେ କି ? |
| ବାୟୁ, ଉତ୍ତାପ ଓ ଆଲୋକ | ପାଗ କିପରି ଅଛି ? (ଖରା, ବର୍ଷା, ମେଘୁଆ, କୁହୁଡ଼ି) ତାପମାତ୍ରା କେତେ ଅଛି ? ବାୟୁ କିପରି ଅନୁଭବ କରୁଛ (ଗରମ, ଥଣ୍ଡା, ସତେଜ, ଆର୍ଦ୍ର) ? ସୂର୍ଯ୍ୟ କେଉଁ ସମୟରେ ଉଦୟ ଓ ଅସ୍ତ ହେଉଛନ୍ତି ? ତୁମେ ଆକାଶର କେଉଁ ରଙ୍ଗ ଦେଖୁଛ ? |
| ଜଳ ଓ ଜଳାଶୟ | ଜଳାଶୟର ଜଳ-ସଫା / ଗୋଳିଆ / ପ୍ରବାହିତ କିମ୍ବା ସ୍ଥିର ଥିଲା କି ? ଜଳସ୍ତର ବୃଦ୍ଧି / ହ୍ରାସ ପାଉଥିଲା ? ନିକଟରେ ବର୍ଷା ହୋଇଥିଲା କି ? ସେଠାରେ ଜଳ ଜମି ରହିଥିଲା କି ? ଘରେ ଓ ବିଦ୍ୟାଳୟରେ ପର୍ଯ୍ୟାପ୍ତ ଜଳ ଥିଲା କି ? ଜଳ ଶୁଖିବାର କୌଣସି ଲକ୍ଷଣ ଥିଲା କି ? |
| ମାନବ ଓ କାର୍ଯ୍ୟକଳାପ | ଲୋକମାନେ କ'ଣ ପିନ୍ଧିଛନ୍ତି ? (ପଶମ ପୋଷାକ, ସୂତା ପୋଷାକ, ବର୍ଷାତି) ଲୋକମାନେ ଅଧିକ ସମୟ ଘରେ କିମ୍ବା ବାହାରେ ବିତାଉଛନ୍ତି କି ? ସ୍ୱତନ୍ତ୍ର ଋତୁକାଳୀନ ଖାଦ୍ୟ ପ୍ରସ୍ତୁତି ହେଉଥିଲା କି ? ଫଳ ଖାଉଥିଲେ କିମ୍ବା ପନିପରିବା ରନ୍ଧା ହେଉଥଲା କି ? ସେମାନେ ପର୍ବପର୍ବାଣୀ ପାଳନ କରୁଥିଲେ କି ? କୌଣସି ଫସଲ ଲଗାଯାଇଛି ଓ ଅମଳ କରାଯାଉଛି କି ? |

## ମୋ ଚତୁଃପାର୍ଶ୍ୱର ବିଶ୍ୱ: ଏପ୍ରିଲ-ଜୁନ୍

| ବିଷୟ | ମୁଁ ଯାହା ଦେଖିଲି |
|---|---|
| ଉଦ୍ଭିଦର ଜୀବନଶୈଳୀ | |
| ପଶୁ ଓ ପକ୍ଷୀ | |
| ବାୟୁ, ଉତ୍ତାପ ଓ ଆଲୋକ | |
| ଜଳ ଓ ଜଳାଶୟ | |
| ମାନବ ଓ କାର୍ଯ୍ୟକଳାପ | |

DRAFT

ପ୍ରକୃତି - ମୁଁ ଯାହା ଦେଖିଲି

## ମୋ ଚତୁଃପାର୍ଶ୍ୱର ବିଶ୍ୱ: ଜୁଲାଇ-ସେପ୍ଟେମ୍ବର

| ବିଷୟ | ମୁଁ ଯାହା ଦେଖିଲି |
|---|---|
| ଉଦ୍ଭିଦର ଜୀବନଶୈଳୀ | |
| ପଶୁ ଓ ପକ୍ଷୀ | |
| ବାୟୁ, ଉତ୍ତାପ ଓ ଆଲୋକ | |
| ଜଳ ଓ ଜଳାଶୟ | |
| ମାନବ ଓ କାର୍ଯ୍ୟକଳାପ | |

### ପ୍ରକୃତି – ମୁଁ ଯାହା ଦେଖିଲି

## ମୋ ଚତୁଃପାର୍ଶ୍ୱର ବିଶ୍ୱ: ଅକ୍ଟୋବର-ଡିସେମ୍ବର

| ବିଷୟ | ମୁଁ ଯାହା ଦେଖିଲି |
|---|---|
| ଉଦ୍ଭିଦର ଜୀବନଶୈଳୀ | |
| ପଶୁ ଓ ପକ୍ଷୀ | |
| ବାୟୁ, ଉତ୍ତାପ ଓ ଆଲୋକ | |
| ଜଳ ଓ ଜଳାଶୟ | |
| ମାନବ ଓ କାର୍ଯ୍ୟକଳାପ | |

DRAFT

### ପ୍ରକୃତି – ମୁଁ ଯାହା ଦେଖିଲି

## ମୋ ଚତୁଃପାର୍ଶ୍ୱର ବିଶ୍ୱ: ଜାନୁଆରୀ - ମାର୍ଚ୍ଚ

| ବିଷୟ | ମୁଁ ଯାହା ଦେଖିଲି |
|---|---|
| ଉଦ୍ଭିଦର ଜୀବନଶୈଳୀ | |
| ପଶୁ ଓ ପକ୍ଷୀ | |
| ବାୟୁ, ଉତ୍ତାପ ଓ ଆଲୋକ | |
| ଜଳ ଓ ଜଳାଶୟ | |
| ମାନବ ଓ କାର୍ଯ୍ୟକଳାପ | |

### ପ୍ରକୃତି - ମୁଁ ଯାହା ଦେଖିଲି

## ଟିପ୍ପଣୀ

DRAFT

## ଟିପ୍ପଣୀ

DRAFT

# ଟିପ୍ପଣୀ

DRAFT

# ଟିପ୍ପଣୀ

DRAFT


# ସଡ଼କ ସୁରକ୍ଷା ଜୀବନ ରକ୍ଷା



- ଗାଡ଼ି ଚାଳନା ବେଳେ କର ପରିହାର,
  ମୋବାଇଲ ଫୋନର ବ୍ୟବହାର ।
- ଜନ ସାଧାରଣ ସଚେତନ ହୁଅ,
  ଦୁର୍ଘଟଣାକୁ ଏଡ଼ାଇ ଦିଅ ।
- ହେଲମେଟ୍ ପିନ୍ଧି ଗାଡ଼ିରେ ବସ,
  ନ ହେଲେ ହେବ ସର୍ବନାଶ ।
- ସିଟ୍ ବେଲ୍ଟ ପିନ୍ଧି ଗାଡ଼ି ଚଳାଅ,
  ଦୁର୍ଘଟଣାରୁ ନିଜକୁ ବଞ୍ଚାଅ ।
- ବଡ଼ ନୁହେଁ ବେଗ-ବଡ଼ ନୁହେଁ ଯାନ,
  ଯାତ୍ରାଠାରୁ ବଡ଼ ଯାତ୍ରୀର ଜୀବନ ।
- ଟ୍ରାଫିକ୍ ନିୟମ ମାନି ଚଳିବା,
  ସୁରକ୍ଷିତ ଜୀବନ ଲାଭ କରିବା ।




DRAFT




## ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା

| | |
|---|---|
| ➤ ପରିବେଶ ସୁରକ୍ଷା, ଜୀବନ ରକ୍ଷା । | ➤ ସବୁଜ ସୁନ୍ଦର ବନ ଆମର, ଉତ୍ତରାଧିକାରୀଙ୍କ ଏ ଅଧିକାର । |
| ➤ ପିଲାଟିଏ, ଗଛଟିଏ । | ➤ ଗଛଟିଏ ଲଗାନ୍ତୁ, ପୃଥିବୀ ବଞ୍ଚାନ୍ତୁ । |
| ➤ ବୃକ୍ଷ ହିଁ ଜୀବନ, ଜଳ ହିଁ ଜୀବନ । | ➤ ପ୍ଲାଷ୍ଟିକ ବ୍ୟବହାର କମ କରନ୍ତୁ, ପରିବେଶକୁ ସୁରକ୍ଷିତ ରଖନ୍ତୁ । |



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧